ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, October 1/2022 Page 20 ₹ 7.00 ★★

୧୮ଶ ଭାଗ ୨୮୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 285 ମୂଲ୍ୟ ₹୭/-




PATRA'S
BIG FESTIVAL SALE
SHOP NOW
UPTO 50% off
UPTO 25% Cashback
0 Down Payment
UPTO 36 EMI
Upto ₹10,000/-* Exchange Benefit
EMI STARTS 990/-
Price Starts 11,990/-
FREE Standard Installation *
EMI STARTS 2750/-
Price Starts 29,990/-
EMI STARTS 2490/-
Price Starts 11,990/-
EMI STARTS 1990/-
Price Starts 23,990/-
EMI STARTS 750/-
Price Starts 6,490/-
EMI STARTS 2290/-
Price Starts 21,990/-
EMI STARTS 990/-
0 DOWN PAYMENT
EMI STARTS 2499/-
Price Starts 29,990/-
PRICE STARTS 1899/-
Exclusive Offers at Store
EMI STARTS 3159/-
Price Starts 37,900/-
PRICE STARTS 3990/-
Exclusive Offers at Store
EMI STARTS 1082/-
Price Starts 12,990/-
GRAB YOUR'S
TODAY
up to 24 Months EMI
& Cashbacks*
HIGH UTILITY,
LOW PRICE
GUARANTEED
COMBO DEALS
Buy Refrigerator or Washing Machine & Get Grinder worth Rs.3500/- Absolutely Free
COMBO DEALS
Buy a Microwave Oven & Get a Dinner Set worth Rs. 2000/- Absolutely Free
COMBO DEALS
Buy a Mobile Phone & Get a Power Bank worth Rs.490/- Absolutely Free
COMBO DEALS
Buy 43" LED or Above & Get 3 Seater Sofa Worth Rs. 20,000/- Absolutely Free
COMBO DEALS
Buy 1.5T AC & Get Geyser Worth Rs. 12,800/- Absolutely Free
COMBO DEALS
Buy A Laptop & Get Teak Wood Laptop Stand Worth Rs. 990/- Absolutely Free
UPGRADE YOUR FURNITURE WITH US
UPTO 50% OFF
For Furniture Contact - 9040032644
Available At : Cuttack, Balasore, Dhenkanal, Keonjhar
Jharsuguda, Baragarh, Jajpur Road, Jagatsinghpur
T & C Applied. Indicated offers are brands & models specific
PROTEKT
Secure Your Product with extended Warranty
Additional Cash Back upto Rs.10,500/- for Bajaj EMI Card Holders
BAJAJ FINSERV
HDB FINANCIAL SERVICES
Upto 10000/- Cashback*
IDFC FIRST Bank
GIFT VOUCHER WORTH Upto 2 LAKHS
HDFC BANK
Upto 22.5% Cashback*
kotak
Upto 21 EMI *
Call us : 9040035044, 9853534051,9439638493, 9040015044
PATRA ELECTRONICS
Largest Electronics, Home Appliances, Digital & Furniture Chain Store in Odisha
BHUBANEWSAR:BARAMUNDA,9040026744,BAPUJINAGAR,Ph:9040035444 ,SAHEEDNAGAR,Ph:8984074244, PATIA,Ph:9437020420,KHANDAGIRI,Ph:9438803734, HANSPAL:PH:9778224244,CUTTACK:CDA, Ph:9437061055,CHAULIAGANJ,Ph:9777268111,BADAMBADI,Ph:9437579644,CHOUDWAR,Ph:9777089501,BOLANGIR: PH:9178919222, JALESWAR: PH:9163690709, BARGARH:PH:9777220955, SAMBALPUR: PH:9777362111, JHARSUGUDA:PH:9040075526, ROURKELA: PH: 8260524244,ANGUL: PH:9178128333, DHENKANAL:PH:9777272111, KEONJHAR:PH:9861024244, JAJPURROAD:PH:9692474244, BARIPADA:PH: 8260024244, BALASORE:PH:7853074244, BERHAMPUR:PH:9040075527, KHORDHA:PH:9040014044, JAGATSINGHPUR:PH:9861120454

# ଧରିତ୍ରୀ
DHARITRI

ଶନିବାର, ଅକ୍ଟୋବର ୧/୨୦୨୨ | Saturday, October 1/2022 | ପୃଷ୍ଠା-୧




**ଜାତୀୟ କ୍ରୀଡ଼ାରେ ସ୍ନେହାଙ୍କୁ ବ୍ରୋଞ୍ଜ**

ଗୁଜରାଟର ଗାନ୍ଧୀନଗରଠାରେ ଚାଲିଥିବା ଜାତୀୟ କ୍ରୀଡ଼ାର ଭାରୋତ୍ତୋଳନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ସ୍ନେହା ସୋରେନ।

୧୦ | ୦୬

**ଖାର୍ଗେଙ୍କ ସହ ଥରୁରଙ୍କ ଲଢ଼େଇ**

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଶଶୀ ଥରୁରଙ୍କ ଲଢ଼େଇ ହେବାକୁ ଯାଉଛି।



# ଋଣଗ୍ରହୀତାଙ୍କୁ ଆର୍‌ବିଆଇ ଝଟକା

- **ଆଉ .୫୦% ବଢ଼ିଲା ରେପୋ ରେଟ୍**
- **ଆହୁରି ମହଙ୍ଗା ହେବ ଗାଡ଼ି, ଗୃହଋଣ**
- **ଆର୍ଥିକ ଅଭିବୃଦ୍ଧି ଅନୁମାନ ୭%ରେ ସୀମିତ**

ମୁମ୍ବାଇ,୩୦।୯

ଦେଶରେ ହୁ ହୁ ହୋଇ ବଢ଼ିଚାଲିଥିବା ଦରଦାମ ଉପରେ ଅଙ୍କୁଶ ଲଗାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ପୁଣିଥରେ .୫୦% ରେପୋ ରେଟ୍ ବଢ଼ାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଗର୍ଭନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ୩ ଦିନ ଧରି ଚାଲିଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ କ୍ରମାଗତ ଚତୁର୍ଥ ଥର ପାଇଁ ରେପୋ ରେଟ୍ ବୃଦ୍ଧି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପରେ ସୁଧହାର ୫.୪୦%ରୁ ୫.୯୦%କୁ ବଢ଼ିଛି। ୨୦୧୯ ଏପ୍ରିଲ ପରେ ଏହା ହେଉଛି ସର୍ବୋଚ୍ଚ ସୁଧହାର, ଯାହା ସପକ୍ଷରେ ଏମ୍‌ପିସିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ମତ ଦେଇଥିଲେ। ରେପୋ ରେଟ୍ ବଢ଼ିବା ପରେ ଗାଡ଼ି, ଘର ସମେତ ଅନ୍ୟାନ୍ୟ ଋଣର ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟଲମେଣ୍ଟ (ଇଏମ୍‌ଆଇ) ବା ମାସିକ କିସ୍ତି ଅଧିକ ଦେବାକୁ ପଡ଼ିବ।

କରୋନା ମହାମାରୀ ସମୟରେ ୨ ବର୍ଷ ଧରି ରେପୋ ରେଟ୍ ବଢ଼ି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମହଙ୍ଗା ହାର ବଢ଼ିବାରେ ଲାଗିଥିବାରୁ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ରେପୋ ରେଟ୍ ମଧ୍ୟ ବଢ଼ାଇ ଚାଲିଛି। ବିଗତ ୫ ମାସ ମଧ୍ୟରେ ସାଧାରଣ ଜନତାଙ୍କୁ ଏହା ହେଉଛି ଆର୍‌ବିଆଇର ଚତୁର୍ଥ ଝଟ୍‌କା। ଏହାର ପ୍ରତ୍ୟକ୍ଷ ପ୍ରଭାବ ଲୋକଙ୍କ ପକେଟ ଉପରେ ପଡ଼ିବ। ସୁଧହାର ବଢ଼ିଲେ ସାମଗ୍ରୀଗୁଡ଼ିକର ଚାହିଦା କମିବ। ଲୋକେ ନିଜ ଖର୍ଚ୍ଚ ହ୍ରାସ କରି ବଜେଟକୁ ସଙ୍କୁଚିତ କରିବାକୁ ବାଧ୍ୟହେବେ। କାରଣ ପୂର୍ବରୁ କୌଣସି ଋଣ ବାବଦକୁ ଯେତିକି ପରିମାଣର ସୁଧ ଦେଉଥିଲେ ଏବେ ତହିଁରୁ ଅଧିକ ପଇଠ କରିବାକୁ ପଡ଼ିବ। କେନ୍ଦ୍ରୀୟ ବ୍ୟାଙ୍କ ସ୍ଥାନୀୟ ବ୍ୟାଙ୍କଗୁଡ଼ିକଠାରୁ ନେଉଥିବା ସୁଧ ବଢ଼ାଇଥିବାରୁ ସେଗୁଡ଼ିକ ଋଣଗ୍ରହୀତାମାନଙ୍କଠାରୁ ନେଉଥିବା ସୁଧ ବଢ଼ାଇବା ଥୟ। ସଞ୍ଚୟ ଯୋଜନା ଓ ରିଟେଲ୍ ଲୋନ୍‌କୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏମ୍‌ପିସି ବୈଠକ ପରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପେକ୍ଷୀରେ ଭୂରାଜନୈତିକ ଉତ୍ତେଜନା ଏବଂ ବୈଶ୍ୱିକ ଆର୍ଥିକ ବଜାରରେ ଉଦ୍‌ବିଗ୍ନତାରୁ ସୃଷ୍ଟ ଅନିଶ୍ଚିତତା ଲାଗିରହିଛି। ଏହି ପୃଷ୍ଠଭୂମିରେ ଉଚ୍ଚ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଏମ୍‌ପିସି ବୈଠକରେ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟସ (ବିପିଏସ୍)



ଶକ୍ତିକାନ୍ତ ଦାସ

ବୃଦ୍ଧିର ଆବଶ୍ୟକତା ଅନୁଭୂତ ହୋଇଛି। ଏହି ପଦକ୍ଷେପ ଭାରତୀୟ ଅର୍ଥନୀତିର ମଧ୍ୟମ ଅବଧି ଅଭିବୃଦ୍ଧିରେ ସହାୟକ ହେବ। ଖୁଚୁରା ମୁଦ୍ରାସ୍ଫୀତି ବଢ଼ି ବଢ଼ି ସହିବାର ସର୍ବୋଚ୍ଚ ସୀମାରେ ପହଞ୍ଚିଛି। ସାରା ବିଶ୍ୱରେ କ୍ରୁଡ୍ ଅଏଲ୍ ସମେତ ଅନ୍ୟ କମୋଡିଟିଜ୍ (ସାମଗ୍ରୀ)ର ସଦ୍ୟ ଦର ହ୍ରାସ ବଜାୟ ରହିଲେ ଆସନ୍ତା କିଛି ମାସ ମଧ୍ୟରେ ମୂଲ୍ୟ ବୃଦ୍ଧିଜନିତ ଚାପ ଓ ବୋଝ ଲାଘବ ହୋଇପାରେ ବୋଲି ଶକ୍ତିକାନ୍ତ ଆଶା ବ୍ୟକ୍ତ କରିଛନ୍ତି। କୋଭିଡ୍ ୧୯ ମହାମାରୀ ପରେ ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଛି। କିନ୍ତୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତୀୟ ଅର୍ଥନୀତିର ଆହ୍ୱାନ ମୁକାବିଲା ଦକ୍ଷତା ମାକ୍ରୋଇକୋନୋମିକ୍‌ର ପ୍ରଦର୍ଶନରେ ସ୍ଥିରତା ଆଣିଛି।

ସେହିପରି ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ପୂର୍ବରୁ ୭.୮% ରହିବ ବୋଲି ଆକଳନ କରାଯାଇଥିଲା। ଗତ ଏପ୍ରିଲରେ ଆର୍‌ବିଆଇ ଏହି ଅନୁମାନକୁ ୭.୨%କୁ ଖସାଇ ଦେଇଥିଲା। ବିଶ୍ୱ ବଜାରର ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ଏହାକୁ ବର୍ତ୍ତମାନ ୭%ରେ ସୀମିତ ରଖାଯାଇଛି। ତେବେ ଅଗଷ୍ଟରେ କଞ୍ଜ୍ୟୁମର ପ୍ରାଇସ୍ ଇନ୍‌ଫ୍ଲେଶନ (ସିପିଆଇ)କୁ ବୃଦ୍ଧି ପାଇଥିବାବେଳେ ୨୦୨୨-୨୩ରେ ଖୁଚୁରା ମୁଦ୍ରାସ୍ଫୀତି ୬.୭% ରହିବା ନେଇ ଏମ୍‌ପିସି ଅନୁମାନ କରିଛି। ଅନ୍ୟପକ୍ଷେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଜୁନ୍ ତ୍ରୈମାସିକରେ ୧୩.୫% ରହିଛି, ଯାହାକି ଆର୍‌ବିଆଇର ଅନୁମାନଠାରୁ କମ୍। ଆମେରିକାର ବଣ୍ଡ୍ ଇଲ୍ଡସ୍ ଏବଂ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇଥିବାରୁ ଭାରତର ଫରେନ୍ ଏକ୍ସଚେଞ୍ଜ ରିଜର୍ଭସ୍ (ଫରେକ୍ସ) ରିଜର୍ଭ ୬୭% ହ୍ରାସ ପାଇଛି। ଗତ ୨୩ ତାରିଖରେ ଦେଶର ଫରେକ୍ସ ରିଜର୍ଭ ୫୩୭.୫ ବିଲିୟନ୍ ଡଲାର ରହିଥିଲା। ତେବେ ଅନ୍ୟ ଦେଶଗୁଡ଼ିକର ମୁଦ୍ରା ତୁଳନାରେ ଭାରତୀୟ ଟଙ୍କା ବିଶେଷ ପ୍ରଭାବିତ ହୋଇ ନ ଥିବା ସଦ୍ୟତମ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ଆଧାରରେ ଶକ୍ତିକାନ୍ତ ପ୍ରକାଶ କରିଛନ୍ତି।

# ଓଡ଼ିଆରେ ହେବ ଓସିଏସ୍ ପରୀକ୍ଷା

**କ୍ୟାବିନେଟ ନିଷ୍ପତ୍ତି**

- **୨ହଜାରକୁ ଖସିଲା ପରୀକ୍ଷା ମାର୍କ**
- **୨ ଇଚ୍ଛାଧୀନ ବିଷୟ ଉଚ୍ଛେଦ, ଗୋଟିଏ ବିଷୟ ବାଛିବେ ପ୍ରାର୍ଥୀ**
- **ସାଧାରଣ,ଏସ୍‌ଇବିସି ବର୍ଗଙ୍କ ପରୀକ୍ଷା ଦେବା ସୁଯୋଗ ବଢ଼ିଲା**
- **୮ ପ୍ରସ୍ତାବକୁ ଅନୁମୋଦନ**




ଭୁବନେଶ୍ୱର,୩୦।୯(ବ୍ୟୁରୋ)

ଓଡ଼ିଶା ସିଭିଲ ସର୍ଭିସେସ୍(ଓସିଏସ୍) ପରୀକ୍ଷା ଓଡ଼ିଆ ଭାଷାରେ ଦେଇହେବ। ଯେଉଁ ପ୍ରାର୍ଥୀମାନେ ଚାହିଁବେ ସମସ୍ତ ବିଷୟକୁ ଓଡ଼ିଆରେ ପରୀକ୍ଷା ଦେଇପାରିବେ। ତେବେ ଯେଉଁ ପ୍ରାର୍ଥୀମାନେ ଚାହିଁବେ ସେମାନେ ଇଂଲିଶ ଭାଷାରେ ପରୀକ୍ଷା ଦେଇପାରିବେ। ସାକ୍ଷାତ୍‌କାର ମଧ୍ୟ ଓଡ଼ିଆ ଏବଂ ଇଂଲିଶରେ ହେବ। ଶୁକ୍ରବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ଓଡ଼ିଶା ସିଭିଲ ସର୍ଭିସେସ୍(କମ୍ବାଇନ୍‌ଡ କମ୍ପିଟିଟିଭ ରିକ୍ରୁଟମେଣ୍ଟ ଏକ୍‌ଜାମିନେଶନ) ରୁଲ୍‌ସ-୧୯୯୧କୁ ସଂଶୋଧନ କରି ଓଡ଼ିଶା ସିଭିଲ ସର୍ଭିସେସ୍(ଓଡ଼ିଆ ଭାଷା ମାଧ୍ୟମରେ ପରୀକ୍ଷା ପଦ୍ଧତି) ନିୟମାବଳୀ-୨୦୨୨ କାର୍ଯ୍ୟକାରୀ କରିଛନ୍ତି। ଚଳିତ ପଦ୍ଧତି ଅନୁଯାୟୀ ପ୍ରାର୍ଥୀମାନେ କେବଳ ଇଂଲିଶ ଭାଷାରେ ଉତ୍ତର ଦେଇଥାଆନ୍ତି। ଏହାଛଡ଼ା ସାକ୍ଷାତ୍‌କାର ମଧ୍ୟ ଇଂଲିଶରେ ହୋଇଥାଏ। ଏବେ ଉପରୋକ୍ତ ପରିବର୍ତ୍ତନ ଅଣାଯାଇଛି। ଯେଉଁ ପ୍ରାର୍ଥୀମାନେ ଇଂଲିଶରେ ଉତ୍ତର ଦେବାକୁ କିମ୍ବା ସାକ୍ଷାତ୍‌କାର ଦେବାକୁ ଚାହିଁବେ ସେମାନେ ଆବେଦନ ସମୟରେ ଉଲ୍ଲେଖ କରିପାରିବେ। ଓଡ଼ିଆ ଭାଷାର ବିକାଶ ତଥା ଗ୍ରାମାଞ୍ଚଳ ପିଲାଙ୍କର ସିଭିଲ ସର୍ଭିସେସ୍ ପରୀକ୍ଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏଥିସହିତ ପରୀକ୍ଷା ପାଇଁ ଆଉ ୨ଟି ଇଚ୍ଛାଧୀନ ବିଷୟ(ଅପ୍ସନାଲ ସବ୍‌ଜେକ୍ଟ) ରହିବ ନାହିଁ। ପରୀକ୍ଷାର୍ଥୀମାନେ କେବଳ ଗୋଟିଏ ଇଚ୍ଛାଧୀନ ବିଷୟ ବାଛିବେ। ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ଦିଆଯାଇଥିବା ଏକାଧିକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ପୂର୍ବରୁ ଲିଖିତ ଓ ମୌଖିକ ପରୀକ୍ଷାକୁ ମିଶାଇ ମୋଟ ୨୨୫୦ ମାର୍କର ପରୀକ୍ଷା ହେଉଥିଲା। ଏହାକୁ ସଂଶୋଧନ କରାଯାଇଛି। ଏଣିକି ସାକ୍ଷାତ୍‌କାର(ଇଣ୍ଟରଭ୍ୟୁ)କୁ ମିଶାଇ ମୋଟ ୨୦୦୦ ମାର୍କର ପରୀକ୍ଷା କରାଯିବ। ସେଥିରେ ଲିଖିତ ପରୀକ୍ଷା ୧୭୫୦ ଓ ସାକ୍ଷାତ୍‌କାର ପାଇଁ ୨୫୦ ମାର୍କ ରହିବ। ଏହି ପରୀକ୍ଷାରେ ପୂର୍ବରୁ ଇଂଲିଶ ପ୍ରବନ୍ଧ ଲିଖନ ବାଧ୍ୟତାମୂଳକ ଥିଲା। ଏବେ ଏଥିରେ ସଂଶୋଧନ କରାଯାଇଛି। ପରୀକ୍ଷାର୍ଥୀମାନେ ଇଂଲିଶ କିମ୍ବା ଓଡ଼ିଆରେ ୨୫୦ ମାର୍କର ଗୋଟିଏ ପ୍ରବନ୍ଧ ଲେଖିପାରିବେ। ଏହି ପରୀକ୍ଷା ଦେଉଥିବା ସାଧାରଣ ବର୍ଗ ଏବଂ ସାମାଜିକ ଓ ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି) ପ୍ରାର୍ଥୀଙ୍କ ପାଇଁ ମଧ୍ୟ ଖୁସି ଖବର। ରାଜ୍ୟ ସରକାର ଏହି ଦୁଇ ବର୍ଗର ପ୍ରାର୍ଥୀଙ୍କ ଲାଗି ପରୀକ୍ଷା ଦେବା ସୁଯୋଗକୁ କୋହଳ କରିଛନ୍ତି। ଏହି ବର୍ଗର ଆଶାୟୀ ପ୍ରାର୍ଥୀ କେତେଥର ପରୀକ୍ଷା ଦେଇପାରିବେ ସେନେଇ ମଧ୍ୟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ୟୁପିଏସ୍‌ସି ନାରାଜ**







**ଆଜିର ମନ୍ତବ୍ୟ**
"ରାଷ୍ଟ୍ର ସେବା ସହ ଲୋକଙ୍କ ଉପକାର କରି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସରକାରୀ କର୍ମଚାରୀମାନଙ୍କ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ। -**ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦୟାଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବକଙ୍କୁ ପଥରରେ ଛେଚି ହତ୍ୟା: କାରଣ ଅସ୍ପଷ୍ଟ

**ଲହୁଣୀପଡ଼ା, ୩୦।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଜାମୁଡ଼ିହି ପଞ୍ଚାୟତ କୁଞ୍ଚପାଣି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବିଲିୟମ ମୁଣ୍ଡା (୩୬)। କୁଞ୍ଚପାଣି ଗ୍ରାମରେ ଗୁରୁବାର ଜନୈକ ବୃଦ୍ଧଙ୍କ ସ୍ୱାଭାବିକ ମୃତ୍ୟୁ ଘଟିଥିଲା। ମୃତଦେହ ସତ୍କାର ଲାଗି ଗାଁ ଲୋକଙ୍କ ସହିତ ବିଲିୟମ ଯାଇଥିଲେ। ଲୋକମାନେ ଘରକୁ ଫେରିଥିବାବେଳେ ବିଲିୟମ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ନିର୍ଜନ ରାସ୍ତା କଡରେ ତାଙ୍କ ମୃତଦେହ ପଡିଥିବା କିଛି ଲୋକ ଦେଖି କେ. ବଲାଙ୍ଗ ଥାନାକୁ ସୂଚନା ଦେଇଥିଲେ। ପୋଲିସ ସଦଳବଳ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ବିଲିୟମ ମୁଣ୍ଡାଙ୍କ ଶରୀରର ବିଭିନ୍ନ ସ୍ଥାନରେ କଟାଚିହ୍ନ ଥିବାବେଳେ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହି ହତ୍ୟାର କାରଣ ଜଣାପଡି ନ ଥିବାବେଳେ ହତ୍ୟାକାରୀଙ୍କ ମଧ୍ୟ ପରିଚୟ ମିଳିପାରି ନାହିଁ।


ମହାପ୍ରଭୁଙ୍କ ଦର୍ଶନ ଅବସରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅରୁଣ ସ୍ତମ୍ଭକୁ ପ୍ରଣାମ କରୁଛନ୍ତି।


# classifieds Everyday
0674-2580101, 2549302

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

GA freehold plot 3750sqft. at Bharatpur GA Colony for sale. Owner- 7978214375. D-71657

**ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391.** D-1576

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବା। 9827119799.** D-1651

**Duplex sale at Bhubaneswar @45 lakhs and apartment @63lakhs. 9439206202.** D-74129

ଘରବାରି **boundary plot** ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର **1300** ବର୍ଗ ଫୁଟକୁ **13,00,000/-. 9437306208.** D-74130

ନଖରା **East College Front,** ବାଲିଅନ୍ତାରେ **SC/ General plot** କିଣି ତୁରନ୍ତ ଘର କରନ୍ତୁ। **9776846520.** D-74126

GA freehold plot 2400sqft. at Bharatpur GA Colony for immediate sale. Owner- 7978214375. D-71656

ଭୁବନେଶ୍ୱର ହଂସପାଳ ଛକ ନିକଟରେ **3BHK Duplex Modern Amenities** ସହିତ ମିଳୁଛି। 9658122456, 8327785834. D-74122

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ତୁରନ୍ତ ଘରକରି ରହିବା ପାଇଁ **Nakhara** ପାଖରେ **6,00,000/-, 10,00,000** ଏବଂ **Hanspal** ପାଖରେ ରାସ୍ତା, ପାଚେରି ଥାଇ **electricity** ସହିତ ଘରବାରି **plot** ବିକ୍ରିହେବ। **7008333454, 9439777716.** D-73980

Duplex Apollo Hospital-2.3cr, Duplex Balianta-85lakh, Apartment Rasulgarh-89lakh, Land Kalarahanga-2700, Tankapani-2700, Hanspal-2600, Aiims-2350, Patrapada-2000, Pahala-1800, Padasahi-1600. 8984071303. D-1681

**Bhubaneswar Engineering College front NH** ଠାରୁ **200 mtr.** ଦୂରତାରେ **Boundary** ପ୍ଲଟ୍ ବିକ୍ରି ହେବ । **7008297827, 9692999455.** D-74105

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**Layout approval (30'road)** ସହିତ **Bank Finance** ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି **(100% clean) plot @9,00,000/-**ରେ କିଣନ୍ତୁ। **OD GROUP. 9437033320.** D-74112

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

construction

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

Fullbody relax massage refresh your body with trend therapist. 7008773793. D-73650

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open full body massage ladies and gents. 9040171280. D-73977

education

Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646

business

**Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888.** D-73647

## AFFIDAVIT

By virtue of an affidavit I, Sri Harikrushna Samala S/o Damodar Samala of Damodara bihar, Ward-16, of Paralakhemundi declare that I have lost my interim document bearing No.- 2069 pertaining to schedule land, purchased from Bijaya Chandra Samala S/o- Budhia Samala who alternatively had purchased the same scheduled land from Banchanidhi Das, son of Chandrasekhar Das of place Street is one and same. In speit of all my best effort it could not be recovered. D-1664

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com


# ରତ୍ନଭଣ୍ଡାର ସମ୍ପର୍କରେ ପଚାରିଲେ ନଡ୍ଡା

## ମହାପ୍ରଭୁଙ୍କୁ ଦର୍ଶନ କଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**ପୁରୀ ଅଫିସ,୩୦।୯:**

ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଶୁକ୍ରବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳ ସାଢ଼େ ୭ଟାରେ ନଡ୍ଡା ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଏହି ସମୟରେ ତାଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ଅଧ୍ୟକ୍ଷ ସମୀର ମହାନ୍ତି, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ସେବାୟତମାନେ ତାଙ୍କୁ ଖଣ୍ଡୁଆ ପାଟ ଦେଇ ସ୍ୱାଗତ କରିଥିଲେ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଥିଲା। ନଡ୍ଡା ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା ସାରି ଫେରିଥିଲେ। ଦର୍ଶନ ଅବସରରେ ସେ ରତ୍ନଭଣ୍ଡାର ସମ୍ପର୍କରେ ସେବାୟତମାନଙ୍କୁ ପଚାରିଥିଲେ। ରତ୍ନଭଣ୍ଡାର କେଉଁଠାରେ ଅଛି ଓ ଏହାର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରାୟ ୭ରୁ ୮ ମିନିଟ୍‌ର ଆଲୋଚନା ସାରି ସେ ମୁକ୍ତିମଣ୍ଡପଠାରେ ପହଞ୍ଚିଥିଲେ। ପରେ ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ଦର୍ଶନ ସାରି ୮ଟା ୫ରେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଏହାପରେ ସେ ରହୁଥିବା ହୋଟେଲକୁ ଯାଇଥିଲେ। ସେଠାରେ କିଛି ସମୟ ବିତାଇ ହେଲିକପ୍ଟର ଯୋଗେ ଭଦ୍ରକ ଅଭିମୁଖେ ବାହାରି ଯାଇଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଇଁ ଖଡ଼ା ଭାତକୁ ଅଡୁଆ,**
**ବୁଢ଼ା ବୁଢ଼ୀ ବାଟକୁ ଅଡୁଆ।**

ସାଧାରଣତଃ ଛୁଇଁ ଓ ଖଡ଼ା ତେଢ଼ାମେଢ଼ା ଖାଦ୍ୟ ହୋଇଥିବା ହେତୁ ଭାତ ସଙ୍ଗେ ଖାଇବାକୁ ଅଡୁଆ ତଡୁଆ ଲାଗିଥାଏ। ଠିକ୍ ସେମିତି ବୟସ୍କ ବ୍ୟକ୍ତି ତରୁଣ ପଥଚାରୀଙ୍କ ସଙ୍ଗେ ବାଟରେ ସାମିଲ ହୋଇ ଚାଲିବା ପାଇଁ ସେମାନଙ୍କୁ ଅଡୁଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଛତୁ ଉଠା କାଠ,**
**ନିଶ ଉଠା ପାଠ।**

କାଠ ଖରା ବର୍ଷାରେ ପଡ଼ିରହିଲେ ତାହା ସମୟକ୍ରମେ ଖରାପ ହୋଇଯାଏ। ତେଣୁ ଏଭଳି କାଠ କୌଣସି ଗୃହୋପକରଣ କାର୍ଯ୍ୟରେ ଲାଗିପାରି ନ ଥାଏ। ସେହିପରି ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଲାଞ୍ଚ: ଭିଜିଲାନ୍ସ ଜାଲରେ ଜିଆର୍‌ଏସ୍

**ଝାରସୁଗୁଡ଼ା ଅଫିସ,୩୦।୯**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କନକତୋରା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଜିଆର୍‌ଏସ୍ ମନୋଜ ସାହୁ ଜଣେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ନିକଟରୁ ୧୪ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଟିମ୍ ସାହୁଙ୍କୁ ଗିରଫକରି ଅଧିକ ତଦନ୍ତ ଚଳାଇଛି। ହିତାଧିକାରୀ ସୁବାସ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ଭିଜିଲାନ୍ସ କାର୍ଯ୍ୟାଳୟରେ କେସ୍ ନଂ.୨୧/୨୨ରେ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ୍, ଦେବଗଡ଼ ଭିଜିଲାନ୍ସର ଯୋଗେଶ ପଟେଲ, ଇନ୍ସପେକ୍ଟର ଏସ୍. ରଙ୍ଗୋଲି, କନ୍‌ଷ୍ଟେବଳ ମନୋଜ ସାହୁ ଓ ଗୌରୀଶଙ୍କର ମେହେର ପ୍ରମୁଖ ସାମିଲ ହୋଇଥିଲେ। ଭିଜିଲାନ୍ସ ବିଭାଗ ସୂତ୍ରରୁ ଜଣାପଡିଛି କୁହାକୁଣ୍ଡା ଗ୍ରାମର ହିତାଧିକାରୀ ସୁବାସ ପ୍ରଧାନଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ଆସିଥିଲା। ଏହି ଘର ସମ୍ପୂର୍ଣ୍ଣ ହେଲା ପରେ ଫାଇନାଲ ବିଲ୍ କରାଇଦେବା ପାଇଁ ଜିଆର୍‌ଏସ୍ ସାହୁ ତାଙ୍କୁ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେବା ପ୍ରଧାନଙ୍କ ପକ୍ଷେ ସମ୍ଭବ ନ ଥିଲା । ତେଣୁ ସେ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନ ଜିଆର୍‌ଏସ୍ ସାହୁଙ୍କୁ ୧୪ହଜାର ଟଙ୍କା ଦେଉଥିବାବେଳେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।


ଗିରଫ ଜିଆର୍‌ଏସ୍ ମନୋଜ ସାହୁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମଭାବରୁ ଚନ୍ଦ୍ର ମଙ୍ଗଳଙ୍କୁ ଦେଖୁଥିବାରୁ ସ୍ୱାସ୍ଥ୍ୟ, ଜମିଜମା, ଋଣ ପରିଶୋଧଜନିତ ଚିନ୍ତା ଉଦ୍ରେକ କରାଇବ। କୌଣସି ବନ୍ଧୁଙ୍କ ଆଗମନ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଅବଶ୍ୟ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ ।

**ବୃଷ** ଷଷ୍ଠ ସ୍ଥାନରେ ଦୁର୍ବଳ ଶୁକ୍ର ସ୍ୱାସ୍ଥ୍ୟ ପାଇଁ ଅନ୍ତରାୟ ସୃଷ୍ଟି କରିବ। ଏଣେ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିପାରେ। ଅଭାବ ଥିଲେ ମଧ୍ୟ କେଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଧାର କରିବାକୁ ଚିନ୍ତା କରିବେ। ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା ଠିକ୍ ହେବନାହିଁ ।

**ମିଥୁନ** ଏକାଧିକଗ୍ରହ ଚତୁର୍ଥସ୍ଥ ହେତୁ ଆଜି ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ପ୍ରାପ୍ୟଧନ ଆଜି ଅପରାହ୍ନରେ ପାଇବାର ପ୍ରତିଶ୍ରୁତି ପାଇବେ। ସମ୍ପର୍କୀୟଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** ନୀଚାଂଶରେ ଶୁକ୍ରଙ୍କ କୁପ୍ରଭାବରୁ ପରିବାରରେ ପୁରାତନ ଗୃହ, ଗାଡିମୋଟର କିମ୍ବା ସମ୍ପତ୍ତିକୁ କେନ୍ଦ୍ରକରି କଳହ ଲାଗିପାରେ। ବକେୟା ଅର୍ଥ ଆଦାୟ ବେଳେ ବାକ୍‌ଭିତଣ୍ଡା ଲାଗିପାରେ। ଶିଳ୍ପ, ବ୍ୟବସାୟ, ପରିବହନରେ ଆଶାନୁରୂପ ଫଳ ପ୍ରାପ୍ତି ହୋଇପାରେ। ସମ୍ପର୍କୀୟଙ୍କ ସହ ମତାନ୍ତର, ଭ୍ରାତୃ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି।

**ସିଂହ** ମୁଖଭାବସ୍ଥ ଗ୍ରହ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୋନ୍ମୁଖୀ କରାଇପାରନ୍ତି। କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ସମସ୍ୟାକୁ କେନ୍ଦ୍ର କରି ମନ ଭଲ ରହିବ ନାହିଁ। ସମ୍ପର୍କୀୟଙ୍କ ପରୋକ୍ଷ ବିରୁଦ୍ଧାଚରଣ ମାନସିକ ସ୍ତରରେ ଅଶାନ୍ତି ସୃଷ୍ଟି କରିବ। କର୍ମକ୍ଷେତ୍ରରେ କେତେକ ସମସ୍ୟା ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ।

**କନ୍ୟା** ବଳବାନ୍ ସପ୍ତମକେନ୍ଦ୍ରସ୍ଥ ରାହୁ ସମସ୍ୟା ମଧ୍ୟରେ କାର୍ଯ୍ୟ ହାସଲ ପାଇଁ ଆନୁଷଙ୍ଗିକ ସହଯୋଗ ପ୍ରଦାନ କରିବେ। ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବିଳମ୍ବରେ ହେଉଥିବାରୁ ମାନସିକ ଚାପ ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିପାରେ।

**ତୁଳା** ନୀଚସ୍ଥ ଚନ୍ଦ୍ରଜନିତ ବିଭିନ୍ନ ଅସନ୍ତୁଳିତ ଭାବନା ମନକୁ ଅସ୍ଥିର କରିବ। କର୍ମକ୍ଷେତ୍ରରେ ଆପଣ ପରିସ୍ଥିତିବଶତଃ ଠିକ୍ କଥା ମଧ୍ୟ କହିବାରେ ମଧ୍ୟ ପଛେଇଯିବେ। କେତେକ କ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରି ବାକୁ ପଡିପାରେ। ସ୍ଥାନ ପରିବର୍ତ୍ତନ ହେବା କାରଣରୁ ଦୁଶ୍ଚିନ୍ତା ମଧ୍ୟ ବଢ଼ିଯାଇପାରେ।

**ବିଛା** ବେଳକୁ ବେଳ କାମର ଚାପ ବୃଦ୍ଧି ପାଇବା କାରଣରୁ ମାନସିକ ବ୍ୟତିକ୍ରମ ସୃଷ୍ଟି ହେବ। ଜ୍ୟେଷ୍ଠା ନକ୍ଷତ୍ର ଆଜି ଯେମିତି ଚାହୁଁଛନ୍ତି କିମ୍ବା ଭାବୁଛନ୍ତି ଠିକ୍ ସେପରି ଫଳ ପାଇଯିବେ। ଆର୍ଥିକ ଉନ୍ନତି, ଅଭିଳଷିତ କାର୍ଯ୍ୟରେ ଅଗ୍ରଗତି ଘଟିବା ହେତୁ ସାମୟିକ ମନ ହାଲୁକା ହୋଇଯିବ। ଆଳସ୍ୟ ଓ ଅବହେଳାଜନିତ ସମାଲୋଚିତ ହୋଇପାରନ୍ତି।

**ଧନୁ** ଚନ୍ଦ୍ରଙ୍କ କୋଣଭାବସ୍ଥ ଗୁରୁ ହେତୁ ଆଜି ବନ୍ଧୁ ମେଳରେ ରହିବାର ସୁଯୋଗ ପାଇବେ । ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ କିନ୍ତୁ ଫାଇଦା ହାସଲ ଦୁରୂହ ହୋଇପଡିବ। ଭ୍ରମଣ, ରାଜନୀତି, ସଂଗଠନ, ସଭାସମିତି ପାଇଁ ଦିନଟି ଭଲ। ଘରେ କିମ୍ବା ଅଫିସ୍‌ରେ ହଠାତ୍ କୌଣସି ଖବର ଦୂରସ୍ଥାନ ଯାତ୍ରା ପାଇଁ ବାଧ୍ୟ କରିବ ।

**ମକର** ମଙ୍ଗଳ ଓ ରାହୁଙ୍କ ସ୍ଥାନ ସ୍ଥିତି କାରଣରୁ ବନ୍ଧୁଙ୍କ ସାହାଯ୍ୟର ଅଭାବ ରହିବ ନାହିଁ, କିନ୍ତୁ ବିଳମ୍ବିତ ସମୟ ଧୈର୍ଯ୍ୟଚ୍ୟୁତି ଘଟାଇବ। ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ଅବଶ୍ୟ କ୍ଷତିରେ ପଡିବେ ନାହିଁ । ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ଆର୍ଥିକ ପରିସ୍ଥିତି ମନ୍ଦ ହେବନି କିମ୍ବା ପୂର୍ଣ୍ଣତଃ ଭଲ ମଧ୍ୟ ହେବ ନାହିଁ।

**କୁମ୍ଭ** ରାହୁ ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତିଜନିତ ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ କଳହ ଘଟିପାରେ। ପାରିବାରିକ କ୍ଷେତ୍ରରେ ସୁସମ୍ପର୍କ ସ୍ଥାପିତ ହେବାରେ ପଡୋଶୀଙ୍କ ଭୂମିକାକୁ ଅଣଦେଖା କରାଯାଇ ନ ପାରେ । ଜମିଜମା କାରବାର, ସରକାରୀ ସୂତ୍ରରୁ ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ସଫଳତା ପାଇବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମୀନ** ଦେବଗୁରୁଙ୍କ ଶୁଭ ଦୃଷ୍ଟିରୁ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି ସୁସ୍ଥ ହୋଇଯିବ। କିଛିଦିନ ଧରି ଯାହା ଓ ଯେମିତି ଭାବୁଥିଲେ ଆଜି ଠିକ୍ ତାହାହିଁ ପାଇବେ। କର୍ମକ୍ଷେତ୍ରରେ ହଠାତ୍ ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

# ଓଡ଼ିଆରେ ହେବ ...

**ପ୍ରଥମ ପୃଷ୍ଠାରୁ...**

ନିୟମାବଳୀରେ ସଂଶୋଧନ କରାଯାଇଛି। ପୂର୍ବରୁ ଅଣସଂରକ୍ଷିତ ବର୍ଗ(ୟୁଆର)ର ପ୍ରାର୍ଥୀଙ୍କୁ ପରୀକ୍ଷା ଦେବା ପାଇଁ ୪ଟି ସୁଯୋଗ ମିଳୁଥିଲା। ଏବେ ଏହି ବର୍ଗର ପ୍ରାର୍ଥୀମାନେ ୬ ଥର ପରୀକ୍ଷା ଦେଇପାରିବେ। ସେହିପରି ଏସ୍‌ଇବିସି ପ୍ରାର୍ଥୀ ୭ ଥର ପରୀକ୍ଷା ଦେଉଥିଲେ । ଏବେ ୯ ଥର ଦେଇପାରିବେ। ଏସ୍‌ସି/ଏସ୍‌ଟି ବର୍ଗର ଆଶାୟୀମାନେ ପୂର୍ବଭଳି ଯେତେଥର ଚାହିଁବେ ଏହି ପରୀକ୍ଷା ଦେଇପାରିବେ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୮ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୨୬,୨୭,୩୭୧ | ୬୫,୪୭,୮୭୭ | ୬୦,୨୪,୬୮,୯୦୪ |
| ଭାରତ | ୪,୪୫,୮୭,୩୦୭ | ୫,୨୮,୬୨୯ | ୪,୪୦,୧୯,୦୯୫ |
| ଓଡ଼ିଶା | ୧୩,୩୪,୦୯୦ | ୯୧୯୩(+୫୩) | ୧୩,୨୩,୪୩୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୭୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

## ୨୦୨୨-୨୩ ଖାଦ୍ୟ ସଂଗ୍ରହ ନୀତିକୁ କ୍ୟାବିନେଟ ମଞ୍ଜୁରୀ

୨୦୨୨-୨୩ ଖରିଫ ଓ ରବି ଋତୁରେ ରାଜ୍ୟରୁ ୭୧ ଲକ୍ଷ ମେଟ୍ରିକ ଟନ ଧାନ ଅର୍ଥାତ୍ ୪୮ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରାଯିବ। ଖରିଫରେ ୫୭ ଲକ୍ଷ ଏବଂ ରବି ଋତୁରେ ୧୪ ଲକ୍ଷ ଟନ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଯଦି ଏହାଠାରୁ ଅଧିକ ଧାନ ମଣ୍ଡିକୁ ଆସିବ ସେଗୁଡିକ ମଧ୍ୟ ସରକାର କ୍ରୟ କରିବେ। ଆବଶ୍ୟକ ସ୍ଥଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଧାର୍ଯ୍ୟଲକ୍ଷ୍ୟ ବୃଦ୍ଧି କରିପାରିବେ। ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ ଖାଦ୍ୟ ଓ ସଂଗ୍ରହ ନୀତି ୨୦୨୨-୨୩କୁ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି।

ଖରିଫ ଧାନ ସଂଗ୍ରହ ଅକ୍ଟୋବର ପହିଲାରୁ ଆରମ୍ଭ ହୋଇ ୨୦୨୩ ସେପ୍ଟେମ୍ବର ୩୦ରେ ଶେଷ ହେବ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଖରିଫ ଓ ରବି ଋତୁ ପାଇଁ ପୃଥକ ଭାବେ ଧାନ ସଂଗ୍ରହ କରିବେ। ଚାଷୀଙ୍କଠାରୁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ସାଧାରଣ ଧାନ ପାଇଁ କ୍ୱିଣ୍ଟାଲ ପିଛା ୨୦୪୦ ଓ ଗ୍ରେଡ୍-ଏ ଧାନ ପାଇଁ ୨୦୬୦ ଟଙ୍କା ଦେଇ ଧାନ କ୍ରୟ କରିବେ। ନିଯୁକ୍ତିପ୍ରାପ୍ତ କଷ୍ଟମ୍ ମିଲରମାନଙ୍କ ଦ୍ୱାରା ଏହି ଧାନକୁ ମିଲିଂ କରାଯାଇ ସମତୁଲ୍ୟ ଚାଉଳ ସଂଗ୍ରହ କରାଯିବ। ସଂଗୃହୀତ ଚାଉଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରାଯିବ। ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରାଯିବ। ୨୦୨୩ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ କରାଯିବ। କେବଳ ପଞ୍ଜୀକୃତ ଚାଷୀଙ୍କଠାରୁ ବଳକା ଧାନ ସଂଗ୍ରହ କରାଯିବ।

## ସ୍ୱଚ୍ଛତା କ୍ଷେତ୍ରରେ ବାସୁଦେବପୁର ପୌରପାଳିକା ରାଜ୍ୟରେ ଦ୍ୱିତୀୟ

**ବାସୁଦେବପୁର, ୩୦।୯ (ଡି.ଏନ.ଏ.):** ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ସରକାରଙ୍କ ସହରାଞ୍ଚଳ ସ୍ୱଚ୍ଛତା ମିଶନ ପକ୍ଷରୁ ଏକ ସର୍ଭେ ପୂର୍ବକ ଏହି ପୌରପାଳିକାକୁ ଚୟନ କରାଯାଇଥିବା ବେଳେ ଗାନ୍ଧୀ ଜୟନ୍ତୀରେ ଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପୁରସ୍କାର ଗ୍ରହଣ କରିବା ପାଇଁ ପୌରାଧକ୍ଷା ନିବେଦିତା ବେହେରା, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖ ଗୁରୁବାର ଦିଲ୍ଲୀ ଅଭିମୁଖେ ଯାଇଥିବା ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବର ଜଣାପଡ଼ିବା ପରେ ପୌରାଞ୍ଚଳବାସୀ ଖୁସି ପ୍ରକାଶ କରିଛନ୍ତି।

## ମନୋରଞ୍ଜନ ପାଣିଗ୍ରାହୀ ପାଇବେ କାଳିନ୍ଦୀ ଚରଣ ସମ୍ମାନ

**କଟକ ଅଫିସ, ୩୦।୯:** ସାରସ୍ୱତ ସାଧକ ତଥା ମୁମ୍ବାଇସ୍ଥିତ ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଚଳିତବର୍ଷର ସମ୍ମାନଜନକ 'କାଳିନ୍ଦୀ ଚରଣ ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ କଥାକାର ଓ କବି ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସନ୍ଧ୍ୟା ଶନିବାର କଟକ ସାରଳା ଭବନରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ମନୋରଞ୍ଜନଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ରାସ୍ତାରେ ବୁଲୁଛି ଗଣେଶ



ଫୁର୍ଲିଝରନ ରାସ୍ତାରେ ଗଣେଶ ବୁଲୁଛି।

**ଭବାନୀପାଟଣା,୩୦।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ନିକଟସ୍ଥ ଫୁର୍ଲିଝରନ ରାସ୍ତାରେ ଏବେ ଗଣେଶ ନାମକ ଏକ ହାତୀ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଉତ୍ସାହର ସହ ଏହି ମନୋରମ ଦୃଶ୍ୟକୁ ନିଜ ମୋବାଇଲ କ୍ୟାମେରାରେ ଫଟୋ ଉଠାଉଛନ୍ତି। ଏହି ହାତୀର ଗୋଟିଏ ପଟର ଦାନ୍ତ (କିସା) ରହିଥିବାବେଳେ ଅନ୍ୟ ପଟେ ନାହିଁ। ଗୋଟିଏ ଦାନ୍ତ ଥିବାରୁ ଏହି ହାତୀକୁ ବନ ବିଭାଗ ପ୍ରଭୁ ଗଣେଶଙ୍କ ନାମ ଦେଇଛି। ଏହି ହାତୀ ଜଙ୍ଗଲ ରାସ୍ତାରେ ବୁଲୁଥିବାବେଳେ କାହାର କ୍ଷତି କିମ୍ବା ଆକ୍ରମଣ କରେନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଏମ୍କେସିଜିରେ ଚିକିତ୍ସିତ ରୋଗୀଙ୍କ ମୃତଦେହ ନାଳରୁ ଜବତ

**ବ୍ରହ୍ମପୁର ଅଫିସ,୩୦।୯**

ବ୍ରହ୍ମପୁର ଏମ୍କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ମୃତଦେହ ପିଏମ୍ଆର୍ କୋଠା ପଛପଟେ ଥିବା ନାଳରୁ ଶୁକ୍ରବାର ଜବତ ହୋଇଛି। ସେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ପିତାତଳି ଗ୍ରାମର ଅନନ୍ତ ରାଉତ। ଅନନ୍ତ ଉଚ୍ଚ ରକ୍ତଚାପ ସମସ୍ୟାରେ ପୀଡ଼ିତ ଥିବାରୁ ଗତ ୨୮ତାରିଖରେ ଏମ୍କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପିଏମ୍ଆର୍ କୋଠାରେ ତାଙ୍କ ଚିକିତ୍ସା ଚାଲିଥିଲା। ପାଖରେ ସ୍ତ୍ରୀ ସଙ୍ଗିତା ରାଉତ ଥିଲେ। ଗୁରୁବାର ରାତିରେ ସେ ସ୍ୱାମୀଙ୍କ ବେଡ ପାଖରେ ଶୋଇପଡ଼ିଥିଲେ। ରାତିପ୍ରାୟ ୨ଟାରେ ହଠାତ୍ ଉଠି ଦେଖିବା ବେଳେ ସ୍ୱାମୀ ବେଡ଼ରେ ନ ଥିଲେ। ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନଥିଲା। ପରେ ପିଏମ୍ଆର୍ କୋଠା ପଛପଟ ଏକ ନାଳ କଡ଼ରେ ଅନନ୍ତ ପଡ଼ିଥିବା ଦେଖାଯାଇଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ସେଠାରୁ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ବିଭାଗକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କିଭଳି ଓ କେଉଁ ପରିସ୍ଥିତିରେ ଅନନ୍ତଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।












# ୟୁପିଏସ୍‌ସି ନାରାଜ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରପ୍ରଦେଶ (ୟୁପି)ରେ ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରେ ଅଶାନ୍ତି ବଢ଼ୁଛି । ମାସକ ଭିତରେ ରାଜ୍ୟରେ ଅତି କମ୍‌ରେ ୫ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଚାହିଁଛନ୍ତି । ଏହା ସମ୍ଭବତଃ ବିଜେପି ସରକାର ଏବଂ ସିଭିଲ ସର୍ଭିସ ମଧ୍ୟରେ ଏବକାର ଖରାପ ସମ୍ପର୍କର ଏକ ସୂଚକ । ବହୁ ସମୟରେ ଅନେକ ସରକାରୀ ନିଷ୍ପତ୍ତିରେ ସିଭିଲ୍ ସର୍ଭିସର ବାବୁ ଓ ନେତାମାନଙ୍କ ମଧ୍ୟରେ ଅସହମତି ଦେଖାଯାଉଛି । ଏବେ ଜଣେ ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ପାଇଁ ୟୁପି ସରକାରଙ୍କ ପ୍ରସ୍ତାବକୁ ନେଇ ଏକ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ୁଛି । ଯୋଗୀ ସରକାର ମେ'ରେ ଏହି ପଦବୀରୁ ମୁକୁଲ ଗୋୟେଲଙ୍କୁ ବିଦାକରି ତାଙ୍କ ସ୍ଥାନରେ ଡି.ଏସ୍ ଚୌହାନଙ୍କୁ କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତ କରିଥିଲେ । ସୂତ୍ରରୁ ପ୍ରକାଶ ଯେ, କେନ୍ଦ୍ର ଲୋକସେବା ଆୟୋଗ(ୟୁପିଏସ୍‌ସି) ୟୁପିର ପ୍ରସ୍ତାବରେ ଅସନ୍ତୋଷ ପ୍ରକାଶ କରି ତାହାକୁ ଫେରାଇ ଦେଇଛି ଏବଂ ଏହା ବଦଳରେ ଗୋୟେଲଙ୍କ ପୂର୍ବବର୍ତ୍ତୀ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କାହିଁକି ତାଙ୍କୁ ବିଦା କରାଗଲା ତା' ଉପରେ ସ୍ପଷ୍ଟୀକରଣ ମାଗିଛି । ୨୦୦୬ରେ ପୋଲିସ ସଂସ୍କାର ମାମଲାରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ସ୍ଥାୟୀ ଭାବେ ଦୁଇବର୍ଷର କାର୍ଯ୍ୟକାଳ ଲାଗି ଡିଜିପିମାନଙ୍କୁ ନିଯୁକ୍ତି ଦିଆଯିବ । ଏହାକୁ ଭିତ୍ତି କରି ୟୁପିଏସ୍‌ସି ଚୌହାନଙ୍କ ନିଯୁକ୍ତି ଉପରେ ପ୍ରଶ୍ନ ଉଠାଇଥିଲା ଏବଂ ଡିଜିପି ଭାବେ ନିଯୁକ୍ତି ଲାଗି ସ୍ଥିର କରାଯାଇଥିବା ସମସ୍ତ ଆଇପିଏସ୍ ଅଧିକାରୀମାନଙ୍କ ନାମ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା । ସ୍ପଷ୍ଟତଃ, ୧୯୯୨ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କ ସହ ଏବକାର କାର୍ଯ୍ୟକାରୀ ଡିଜିପି ଚୌହାନ ଓ ଗୋୟେଲଙ୍କୁ ମିଶାଇ ମୋଟ ସରକାର ୪୨ ଜଣଙ୍କ ନାମ ପଠାଇଥିଲେ । ସରକାର ଏହି ଘଟଣାରୁ ପଛକୁ ହଟିବାକୁ ଚାହୁଁ ନାହାନ୍ତି ଏବଂ ଆସନ୍ତା ବର୍ଷ ମାର୍ଚ୍ଚରେ ଚୌହାନ ଅବସର ନେଉଥିବାରୁ ୟୁପିଏସ୍‌ସିକୁ ଏକ ନୂଆ ପ୍ରସ୍ତାବ ପଠାଇବା ପାଇଁ ଯୋଜନା କରୁଛନ୍ତି ।

### ସରକାର ନୀରବ

ଗତବର୍ଷ ଡିସେମ୍ବରରେ ଜେନେରାଲ ବିପିନ ରାୱତଙ୍କ ମୃତ୍ୟୁ ପରେ ଚିଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ପଦବୀ ଦୀର୍ଘ ଦିନ ଖାଲି ପଡ଼ିବା ପରେ ସରକାର ଜେନେରାଲ ଅନିଲ ଚୌହାନଙ୍କୁ ନିଯୁକ୍ତ କରିଛନ୍ତି । ଅପରପକ୍ଷେ ଏକ ନିର୍ବାଚନ କମିଶନର(ଇସି) ପଦବୀ ୪ ମାସ ହେଲା ଖାଲି ରହିଛି । ଚଳିତ ବର୍ଷ ମେ'ରେ ସୁଶୀଲ ଚନ୍ଦ୍ରା ଅବସର ନେବା ପରେ ଏହି ପଦବୀ ପୂରଣ ହୋଇନାହିଁ । ସେବେଠାରୁ ଦୁଇଜଣ ସଦସ୍ୟରେ ପୋଲ୍ ପ୍ୟାନେଲ କାର୍ଯ୍ୟ କରୁଛି । ମୁଖ୍ୟ ନିର୍ବାଚନ କମିଶନ (ସିଇସି)ଭାବେ ରାଜୀବ କୁମାରଙ୍କ ସହ ଅନ୍ୟ ଜଣେ ଇସି ଅନୁପ ଚନ୍ଦ୍ର ପାଣ୍ଡେ ଏହି ପ୍ୟାନେଲରେ ରହିଛନ୍ତି । ନୂଆ ଇସି ନିଯୁକ୍ତିରେ ବିଳମ୍ବ ସେମିତି କିଛି ବିଚିତ୍ର କଥା ନୁହେଁ । କାରଣ ପୂର୍ବରୁ ୨୦୧୫ରେ ପୋଲ ପ୍ୟାନେଲରେ ଆବଶ୍ୟକ ସଦସ୍ୟଙ୍କ ଠାରୁ କମ୍ ଥାଇ ନିର୍ବାଚନ କାର୍ଯ୍ୟ କରାଯାଇଥିଲା । ସେତେବେଳେ ସେଥିରେ କେବଳ ଦୁଇ ଇସି ସଦସ୍ୟ ରହିଥିଲେ । ତେବେ ନିକଟରେ ହିମାଚଳ ପ୍ରଦେଶ ଓ ଗୁଜରାଟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଇସି ନିଯୁକ୍ତିରେ ଅଧିକ ବିଳମ୍ବ ହେଲେ କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ । ଯଦିଓ କମିଶନର ନିଷ୍ପତ୍ତି ମେଜରିଟି ଦ୍ୱାରା, ତେବେ ତୃତୀୟ ଜଣଙ୍କ ଅପ୍ରାସଙ୍ଗିକ ହେବେ । କିନ୍ତୁ ଏବେ କାର୍ଯ୍ୟରତ ଦୁଇଜଣ ଏକମତ ହେଉ ନ ଥିବାରୁ ତୃତୀୟ ଇସିଙ୍କ ମତ ଗୁରୁତ୍ୱପୂର୍ଣ୍ଣ ହୋଇଛି । ଜାନୁୟାରୀ ପୂର୍ବରୁ ହିମାଚଳ ପ୍ରଦେଶ ଏବଂ ଫେବୃୟାରୀ ପୂର୍ବରୁ ଗୁଜରାଟ ନିର୍ବାଚନ ହେବାକୁ ଥିବାରୁ ଏହାକୁ ଏକାଠି କରିବାର ସମ୍ଭାବନା ରହିଛି । ଅବଶ୍ୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ପ୍ରକ୍ରିୟାର ପ୍ରସ୍ତୁତି ସମୀକ୍ଷା କରିବାକୁ ସିଇସି କୁମାର ଏବଂ ଇସି ପାଣ୍ଡେ ନିକଟରେ ଏହି ଦୁଇରାଜ୍ୟ ଗସ୍ତ କରିଛନ୍ତି । କିନ୍ତୁ ମୋଦି ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରୁଛନ୍ତି ।

### ବାବୁଙ୍କ ଅଦଳବଦଳ

ପନ୍ଦରଦିନରୁ କମ୍ ସମୟ ମଧ୍ୟରେ ମୋଦି ସରକାର ବାବୁ ସାମ୍ରାଜ୍ୟର ଉପର ସ୍ତରରେ ଦୁଇଟି ବଡ଼ ଧରଣର ଅଦଳବଦଳ କରିଛନ୍ତି । ତେବେ ସଚିବସ୍ତରୀୟ ଅଦଳବଦଳରେ ମାମୁଲି ପରିବର୍ତ୍ତନ ଏବଂ ସମାୟୋଜନ ହୋଇଥିବା ଜଣାପଡୁଛି । ପ୍ରତିରକ୍ଷା ଉତ୍ପାଦନ ବିଭାଗ, କୋଇଲା, କର୍ପୋରେଟ ବ୍ୟାପାର, ନୂତନ ଓ ଅକ୍ଷୟ ଶକ୍ତି, କପଡ଼ା ଓ ଖାଦ୍ୟ ଏବଂ ସାର୍ବଜନୀନ ବିତରଣ ଆଦି ବିଭାଗୁଡ଼ିକରେ ପ୍ରମୁଖ ପଦବୀଗୁଡ଼ିକୁ ଅଣଦେଖା କରାଯାଇଥିବାରୁ ଏଭଳି ମନେହେଉଛି । ସମ୍ଭବତଃ, ଆଗାମୀ ଦିନରେ ଅଧିକ ପରିବର୍ତ୍ତନର ଏହା ଅୟମାରମ୍ଭ । ଅଦଳବଦଳକୁ ନେଇ ବହୁ ରୋଚକ ବିଷୟ ରହିଛି , ଯାହାକୁ ଖୁବ୍ ନିକଟରୁ ଦେଖାଯାଇପାରେ । ସୁନୀଲ ବର୍ଥୱାଲ ବାଣିଜ୍ୟ ବିଭାଗର ଓଏସ୍‌ଡି ଭାବେ ବି.ଭି.ଆର୍. ସୁବ୍ରମଣ୍ୟନଙ୍କ ସ୍ଥାନରେ ନିଯୁକ୍ତି ପାଇ ବିଭାଗରେ ୩ ବର୍ଷ କାର୍ଯ୍ୟ କରିବେ, ଯାହାକୁ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି । ସୁବ୍ରମଣ୍ୟନ ପଦୋନ୍ନତି ପାଇ ଇଣ୍ଡିଆ ଟ୍ରେଡ୍ ପ୍ରମୋଶନ ଅର୍ଗାନାଇଜେଶନ(ଆଇଟିପିଓ)ର ନୂଆ ସିଏମ୍‌ଡି ହୋଇଛନ୍ତି । ଆସନ୍ତା ବର୍ଷ ସେପ୍ଟେମ୍ବରରେ ଭାରତରେ ହେବାକୁ ଥିବା ଜି୨୦ ସମ୍ମିଳନୀକୁ ଦୃଷ୍ଟିରେ ରଖି ଏହା କରାଯାଇଛି । ଏହି ଅଦଳବଦଳ ମଧ୍ୟରେ ସରକାର ୧୯୮୭-୧୯୯୦ ବ୍ୟାଚ୍ ଅଧିକାରୀଙ୍କୁ ଗୁରୁତ୍ୱ ଦେଇଛନ୍ତି । ଏଣୁ ୧୯୯୧ ବ୍ୟାଚ୍ ବାବୁମାନଙ୍କୁ ପରବର୍ତ୍ତୀ ଅଦଳବଦଳ ଯାଏ ଅପେକ୍ଷା କରିବାକୁ ପଡ଼ିବ । ଏହାସହ କେନ୍ଦ୍ର ସରକାର ମଧ୍ୟ ଅତିରିକ୍ତ ସଚିବସ୍ତରୀୟ ଏକ ମାମୁଲି ଅଦଳବଦଳ କରିଛନ୍ତି ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | 3 | | 2 |
| 1 | | 5 | 4 | | | | | |
| | 9 | | | | | 4 | 8 | |
| | | | | | 3 | | 1 | 9 |
| 3 | | | | | | 7 | | |
| | 8 | | | | | | | |
| | 3 | 8 | | 1 | | | | |
| | 5 | | | | | | | |
| 7 | | 1 | 5 | | 6 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | 4 | 7 | 1 | 8 | 6 | 5 |
| 8 | 7 | 1 | 5 | 9 | 6 | 3 | 4 | 2 |
| 6 | 4 | 5 | 2 | 3 | 8 | 9 | 7 | 1 |
| 9 | 3 | 2 | 6 | 8 | 4 | 1 | 5 | 7 |
| 4 | 8 | 6 | 7 | 1 | 5 | 2 | 3 | 9 |
| 1 | 5 | 7 | 3 | 2 | 9 | 6 | 8 | 4 |
| 7 | 2 | 9 | 8 | 5 | 3 | 4 | 1 | 6 |
| 3 | 1 | 4 | 9 | 6 | 7 | 5 | 2 | 8 |
| 5 | 6 | 8 | 1 | 4 | 2 | 7 | 9 | 3 |

ଗତକାଲିର ଉତ୍ତର

# ବରିଷ୍ଠଙ୍କ ସୁରକ୍ଷା ସଭିଙ୍କ ଦାୟିତ୍ୱ



ଭାରତୀ ଚକ୍ର

୨୦୧୧ ଜନଗଣନା ଅନୁସାରେ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଆମ ଜନସଂଖ୍ୟାର ପାଖାପାଖି ୧୦ଭାଗ । ସେହିଭଳି ଓଡ଼ିଶା ଜନସଂଖ୍ୟାର ପାଖାପାଖି ୧୦ ଭାଗ ହେଉଛନ୍ତି ବରିଷ୍ଠ ନାଗରିକ । ଜନସଂଖ୍ୟାର ଏହି ଅଂଶଟି ଅନେକାଂଶରେ ଅଶୁଣା, ଅଦେଖା ତଥା ଅବହେଳିତ ହୋଇ ରହିଥାନ୍ତି । ହେଲ୍ପଏଜ୍ ଇଣ୍ଡିଆର ଏକ ସର୍ଭେ ଅନୁସାରେ ୭୦ ଭାଗରୁ ଅଧିକ ବରିଷ୍ଠ ନାଗରିକ ନିଜ ଘରେ ଅବହେଳା ତଥା ନିର୍ଯାତନାର ଶିକାର ହେବା କଥା ସ୍ୱୀକାର କରିଛନ୍ତି । ସହର ହେଉ କି ଗାଁ, ସାରା ଜୀବନ ପରିବାର ତଥା ରାଷ୍ଟ୍ର ଗଠନରେ ସହଯୋଗ କରିଥିବା ଉକ୍ତ ଗୋଷ୍ଠୀ ଅନୁଭବ, ଜ୍ଞାନ, ସଂସ୍କୃତି ତଥା ପରମ୍ପରାର ଏକ ସମୃଦ୍ଧ ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଆମେ ସେମାନଙ୍କ ପାଇଁ ଚିନ୍ତିତ କି – ଏହା ଏକ ବିରାଟ ପ୍ରଶ୍ନବାଚୀ ।

ଏଇଠି ମନେପଡ଼େ କୋରାପୁଟର କୋଟିଆ ପାହାଡ଼ ଉପରେ ଥିବା ଗୋଟିଏ ଗାଁରେ ଜଣେ ବୁଢ଼ୀ ମାଉସୀ ମୋତେ କହିଥିବା କଥା, 'ମରବାର ଉଷ ଟିକେ ଦେ, ପିଲା ନାଇଁ, ମରଦ ନାଇଁ, ଘର ନାଇଁ, ଏକଲା ଏକଲା ନାଇଁ ବଁଚେ' । ମାଉସୀଙ୍କ ସହ ଦେଖା ହୋଇଥିଲା, ଯେବେ ସେ ରୋଷେଇ ପାଇଁ କାଠ ହାଣିବା ବେଳେ ତାଙ୍କ ପାଦ ଅଙ୍ଗୁଳିରେ କୁରାଢ଼ି ବାଜି ଖଣ୍ଡିଆ ହୋଇଥିବାରୁ ଔଷଧ ନେବା ପାଇଁ ସ୍ୱାସ୍ଥ୍ୟ ଗାଡି ନିକଟକୁ ଆସିଥିଲେ । ଉତ୍ତର ବୟସରେ, ଖଣ୍ଡେ କୁଡ଼ିଆରେ, ଏକୁଟିଆ ଜୀବନ ବିତାଉଥିବା ଜଣେ ଆଦିବାସୀ ମହିଳାଙ୍କ ଏ କାହାଣୀ, ଯିଏ ଗୋଡ଼ ଖଣ୍ଡିଆ ପାଇଁ ଔଷଧ ନେବା ବେଳେ ମରିଯିବାକୁ ଔଷଧ ମାଗିଥିଲେ । ମନେପଡ଼େ ପୁଣି କେନ୍ଦ୍ରାପଡ଼ାର ଆହାର କେନ୍ଦ୍ରରେ ପୁଅ ଛାଡିଯାଇଥିବା ଅନ୍ଧୁଣୀ ମା'ଙ୍କ କଥା । ମନେପଡ଼େ ରାୟଗଡ଼ାରେ ପୁଅ ଘରର ବନ୍ଦ ଗେଟ ବାହାର ଘରେ ରହିବାକୁ ଅପେକ୍ଷାରତ ବୁଢ଼ୀ ମା'ଙ୍କ କଥା ।

ବରିଷ୍ଠ ନାଗରିକମାନଙ୍କ ପ୍ରତି ହେଉଥିବା ବିଭିନ୍ନ ପ୍ରକାର ଅବହେଳା ତଥା ନିର୍ଯାତନାର ଅଳ୍ପ କିଛି ଖବର ଆମେ ଗଣମାଧ୍ୟମରେ କେବେ କେବେ ଦେଖିବାକୁ ପାଉ । କିଛି ଲୋକ ସେଭଳି ନିର୍ଯାତିତ ହେଉଥିବା ବ୍ୟକ୍ତିଙ୍କ ପିଲାମାନଙ୍କୁ ଦୋଷ ଦେଇ ମନ ଶାନ୍ତି କରିନିଅନ୍ତି । ଆମେ କେବେ ବୁଝିବାକୁ ଚେଷ୍ଟା କରିଛେ କି ଯେ ଏଭଳି ସ୍ଥିତିରେ ସେମାନେ କ'ଣ କରିବେ, କାହା ପାଖକୁ ଯିବେ ? ଆମ କଲ୍ୟାଣକାରୀ ରାଷ୍ଟ୍ରରେ ତାଙ୍କ ପାଇଁ କିଛି ବ୍ୟବସ୍ଥା ରହିଛି କି?

୨୦୦୭ରେ ଭାରତ ସରକାର 'ବରିଷ୍ଠ ନାଗରିକ ଓ ମାତାପିତା ଭରଣପୋଷଣ ଆଇନ–୨୦୦୭' ଆଣିଥିଲେ, ଯାହା ଓଡ଼ିଶାରେ ୨୦୦୯ରେ ରାଜ୍ୟ ନିୟମ ପାରିତ ହୋଇ ଲାଗୁ ହୋଇଛି । ବରିଷ୍ଠ ନାଗରିକଙ୍କ ଭରଣପୋଷଣ, ତାଙ୍କ ପ୍ରତି ଅବହେଳା ତଥା ଦୁର୍ବ୍ୟବହାରକୁ ବନ୍ଦ କରିବା, ସେମାନଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ବିଭିନ୍ନ ବିଷୟ ଏହି ଆଇନର ଅନ୍ତର୍ଭୁକ୍ତ । ଜଣେ ବରିଷ୍ଠ ନାଗରିକ କିପରି ସମ୍ମାନର ସହ ଜୀବନଯାପନ କରିପାରିବେ ସେଥିପାଇଁ ଉକ୍ତ ଆଇନକୁ ସରଳୀକରଣ କରାଯାଇଛି ।

ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ



ଅବହେଳାର ଶିକାର ହେଉଥିବା ବରିଷ୍ଠ ନାଗରିକ ନିଜ ଉତ୍ତରାଧିକାରୀଙ୍କଠାରୁ ଏହି ଆଇନ ବଳରେ ଭରଣପୋଷଣ ସହାୟତା ଦାବି କରିପାରିବେ । ସେଥିପାଇଁ ଏହି ଆଇନର ବ୍ୟବସ୍ଥା ଅନୁସାରେ ତାଙ୍କୁ କୌଣସି ପୋଲିସ ପାଖକୁ ଯିବାକୁ ହେବ ନାହିଁ, କୋର୍ଟରେ କେସ ହେବ ନାହିଁ ବା ଫି' ଦାଖଲ କରିବାକୁ ହେବ ନାହିଁ । ଏହି ଆଇନ ଓକିଲଙ୍କ ଉପସ୍ଥିତିକୁ ମଧ୍ୟ ସ୍ପଷ୍ଟ ଭାବରେ ବନ୍ଦ କରିଛି । ଏଥିରେ ଜଣେ ବରିଷ୍ଠ ନାଗରିକ ନିଜେ ବା ତାଙ୍କ ତରଫରୁ କେହି ଜଣେ ବ୍ୟକ୍ତି, ଅନୁଷ୍ଠାନ ବା ସାମାଜିକ ସୁରକ୍ଷା ଅଧିକାରୀ ନିଜ ସବ୍‌ଡିଭିଜନର ଉପ ଜିଲାପାଳଙ୍କ ଅଫିସରେ ସାଦା କାଗଜରେ ବା ଏକ ଫର୍ମରେ ଆବେଦନ କରିପାରିବେ । ଦୁଇ ପକ୍ଷଙ୍କୁ ଡାକି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଉପଜିଲାପାଳ ବ୍ୟବସ୍ଥା କରିବେ । ଆପୋସ ଆଲୋଚନାରେ ସମାଧାନ ନ ହେଲେ, ଉପଜିଲାପାଳ ନିଜର ରାୟ ପ୍ରଦାନ କରିବେ, ଯେଉଁଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଦେଖାଶୁଣା, ଖାଦ୍ୟ, ସ୍ୱାସ୍ଥ୍ୟ, ବାସସ୍ଥାନ ଓ ଯତ୍ନ ନେବା ପାଇଁ ରାୟ ଦେଇପାରିବେ । ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ଉତ୍ତରାଧିକାରୀ ମାସିକ ଅତି ବେଶିରେ ୧୦,୦୦୦ଟଙ୍କା ଭରଣ ପୋଷଣ ବାବଦକୁ ପ୍ରଦାନ କରିବାକୁ ରାୟ ଦେଇପାରିବେ ତଥା ଏହି ରାୟକୁ ନ ମାନିଲେ ଜେଲ ବା ଜରିମାନାର ବ୍ୟବସ୍ଥା ମଧ୍ୟ ଏହି ଆଇନରେ ରହିଛି ।

କିନ୍ତୁ ଏହି ଆଇନକୁ କାର୍ଯ୍ୟକାରୀ କରିବାରେ ଇଚ୍ଛାଶକ୍ତିର ଅନେକ ଅଭାବ ପରିଲକ୍ଷିତ ହେଉଛି । ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ନିଜ ପରିବାରରେ ଯେତେ କଷ୍ଟ ହେଉପଛେ, ସ୍ନେହବଶତଃ ବା ସାମାଜିକ ପ୍ରତିଷ୍ଠା/ଲୋକଲଜ୍ଜାବଶତଃ ନିଜ ପରିବାର ଲୋକଙ୍କ ବିରୋଧରେ କୌଣସି ଆବେଦନ କରିବାକୁ ଚାହାନ୍ତି ନାହିଁ । ସେ ଦିଗକୁ ବାଦ ଦେଲେ ଏହା ମଧ୍ୟ ଦେଖାଯାଇଛି ଯେ, ଅନେକ ସରକାରୀ କର୍ମକର୍ତ୍ତା ଏହି ଆଇନ ବିଷୟରେ କିଛି ଜାଣନ୍ତି ନାହିଁ । ନିର୍ଯାତିତ ହୋଇ ବୁଢ଼ାବୁଢ଼ୀ କେହି ଥାନାକୁ ଗଲେ, ଥାନାବାବୁ ପୁଅଝିଅଙ୍କୁ ଡାକି ଧମକାଇ ଫେରାଇ ଦେଉଛନ୍ତି । ଥାନାବାବୁ ନିଶ୍ଚୟ ତାଙ୍କର ଭଲ ଚାହୁଁଛନ୍ତି କିନ୍ତୁ ଉପାୟଶୂନ୍ୟ ହୋଇପଡୁଛନ୍ତି । ଏହି ଆଇନ ଅନୁସାରେ, ଓଡ଼ିଶାରେ ଜିଲା ସ୍ତରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ଦାୟୀ ରହିବେ । ତାଙ୍କ ପାଖରେ ଆମେ ସମସ୍ୟା ପହଞ୍ଚାଇ ପାରିବା ବା ସିଧାସଳଖ ଉପଜିଲାପାଳଙ୍କ ଅଫିସରେ ଯାଇ ଦରଖାସ୍ତ ଦେଇପାରିବା ।

ଆହୁରି ମଧ୍ୟ ଏହି ଆଇନ ସରକାରଙ୍କୁ ବାଧ କରେ ଯେ ବରିଷ୍ଠ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ବ୍ୟବସ୍ଥା କରିବେ, ଯାହାର କେହି ନାହାନ୍ତି ବା ଯେ ନିଜର ଭରଣପୋଷଣ ପାଇଁ ଅକ୍ଷମ ସେଭଳି ବ୍ୟକ୍ତିଙ୍କ ପାଇଁ ପ୍ରତି ଜିଲାରେ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବେ, ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସମସ୍ୟା, ସେମାନଙ୍କ ଅବସର ବିନୋଦନ ଇତ୍ୟାଦି ପାଇଁ ଯଥୋଚିତ ବ୍ୟବସ୍ଥା କରିବେ । ପ୍ରତି ଜିଲାରେ ପ୍ରତିଷ୍ଠିତ ଜିଲା ବରିଷ୍ଠ ନାଗରିକ ସମିତି ଜିଲାପାଳ ଯାହାର ମୁଖ୍ୟ , ସେହି ସମିତି ଜିଲାରେ ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ବ୍ୟବସ୍ଥାର ତଦାରଖ କରିବେ ଇତ୍ୟାଦି । ଆମ ରାଜ୍ୟରେ ଏହି ଆଇନ ଲାଗୁ ହୋଇଛି । ଆମ ରାଜ୍ୟରେ ୨୦୧୬ରୁ ରାଜ୍ୟ ବରିଷ୍ଠ ନାଗରିକ ପଲିସି/ ନୀତି ମଧ୍ୟ ରହିଛି ।

୨୦୨୧ ଅକ୍ଟୋବର ୧ରେ ବରିଷ୍ଠ ନାଗରିକ ଦିବସର ବାର୍ତ୍ତା ଥିଲା ବରିଷ୍ଠ ନାଗରିକଙ୍କ ପାଇଁ ଡିଜିଟାଲ ସମାନତା । କୋଭିଡ ମହାମାରୀ ପରବର୍ତ୍ତୀ ସମୟରେ ଏ ଏକ ବଳିଷ୍ଠ ବାର୍ତ୍ତା ନିଶ୍ଚୟ । କିନ୍ତୁ ଯେଉଁଠି ଦୁଇ ମୁଠା ଖାଇ ସମ୍ମାନର ସହିତ ବଞ୍ଚି ରହିବା ହିଁ ଏକ ଆହ୍ୱାନ ସେଠି ଡିଜିଟାଲ ସମାନତା ଏକ ସୁଦୂର ନକ୍ଷତ୍ର ପ୍ରତୀତ ହେଉଛି । ୨୦୨୨ ଅକ୍ଟୋବର ୧ରେ ମିଳିତ ଜାତିସଂଘ ତରଫରୁ ବରିଷ୍ଠ ନାଗରିକ ଦିବସର ଆଲୋଚ୍ୟ ବିଷୟବସ୍ତୁ ହେଉଛି 'ବୟସ୍କା ମହିଳାଙ୍କର ପ୍ରତିକୂଳ ପରିସ୍ଥିତିରେ ସ୍ଥିରତା ତଥା ସେମାନଙ୍କର ଅବଦାନ' । ସତ କହିଲେ, ସେମାନଙ୍କ ନିତିଦିନିଆ ଜୀବନର ସମସ୍ୟା ଓ ସେମାନେ ସାମ୍ନା କରୁଥିବା ପାରିବାରିକ ହିଂସା ବା ଦୁର୍ବ୍ୟବହାର ଆଦି ବିଷୟରେ ଆମେ କେତେ ସଚେତନ ଓ ଚିନ୍ତିତ ?

ସମୟ ଆସିଛି ସେମାନଙ୍କୁ ସାଙ୍ଗରେ ନେଇ ଚାଲିବାର, ସେମାନଙ୍କ ପାଇଁ ଚିନ୍ତା କରିବାର । ବ୍ୟକ୍ତି, ପରିବାର, ସମାଜ ତଥା ରାଷ୍ଟ୍ର – ସଭିଏଁ ମିଳିତ ଭାବରେ ଏ ଦିଗରେ ପ୍ରୟାସ କରିବା ହିଁ ଆମର ଧେୟ ହେବା ଉଚିତ ।

**ଏନ୍–୨/୧୫୭. ଆଇଆର୍‌ସି ଭିଲେଜ, ଭୁବନେଶ୍ୱର**
**ମୋ: ୭୯୭୮୫୦୧୧୫୧**

# ଚିତା ଆସିଲା, ସବୁ ଦୁଃଖ ହଟିଲା



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚିତାବାଘ ଛାଡ଼ିଛନ୍ତି । ପ୍ରୋଜେକ୍ଟ ଚିତା ଅଧୀନରେ ନାମିବ୍ୟାରୁ ଭାରତକୁ ଚିତା ବାଘଗୁଡ଼ିକୁ ଅଣାଯାଇଛି । ଏହା ହେଉଛି ବିଶ୍ୱର ସର୍ବପ୍ରଥମ ଆନ୍ତଃମହାଦେଶୀୟ ବୃହତ୍ ମାଂସାହାରୀ ପ୍ରାଣୀ ସ୍ଥାନାନ୍ତର ପ୍ରକଳ୍ପ । ନାମିବ୍ୟାରୁ ଆସୁଥିବା ୮ଟି ଚିତା ମଧ୍ୟରେ ଅଛନ୍ତି ୩ଟି ବାଘ ଓ ୫ଟି ବାଘୁଣୀ । ଚିତା ବାଘଙ୍କ ବୟସ ୨ରୁ ୫ ବର୍ଷ ରହିଥିବା ବେଳେ ବାଘୁଣୀଙ୍କ ବୟସ ସାଢ଼େ ୪ ବର୍ଷରୁ ସାଢ଼େ ୫ ବର୍ଷ ଭିତରେ ରହିଛି । ପ୍ରାୟ ସାତ ଦଶନ୍ଧି ପରେ ଭାରତ ଜଙ୍ଗଲରେ ଦୌଡ଼ିବ ଚିତା ବାଘ । ଯଦିଓ ୧୯୫୨ରେ ଭାରତରେ ବିଲୁପ୍ତ ହୋଇଥିବା ଏସିଆ ଚିତା ଓ ନାମିବ୍ୟା ଚିତା ବାଘ ସମାନ ନୁହେଁ ତଥାପି ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ । କିନ୍ତୁ ଏହି ପ୍ରସଙ୍ଗକୁ ଗଣମାଧ୍ୟମରେ ବାରମ୍ବାର ଦେଖାଇ ପୂର୍ବ ସରକାରଙ୍କୁ ଦୋଷାରୋପ କରିବା ନିନ୍ଦନୀୟ । ଉପା ସରକାର ଅମଳରେ ୨୦୦୯ ବେଳେ ଏହି ପ୍ରଜାତିକୁ ବିଦେଶରୁ ଆଣିବା ପାଇଁ ଯୋଜନା ହୋଇଥିଲା । କିନ୍ତୁ କାର୍ଯ୍ୟକାରୀ ହୋଇପାରି ନ ଥିଲା । କିନ୍ତୁ ନରେନ୍ଦ୍ର ମୋଦି ସରକାର ଏଥିରେ ସଫଳ ହୋଇଛନ୍ତି ।

ବାସ୍ତବତା ହେଉଛି ୨୦୧୪ରେ କ୍ଷମତାକୁ ଆସିବା ପରେ ଏନ୍‌ଡିଏ ସରକାର ପରିବେଶର ଯତ୍ନ ନେବାରେ ଖରାପ ରେକର୍ଡ ରହିଛି । ବାୟୁ ପ୍ରଦୂଷଣ ହେଉଛି ଭାରତର ମୃତ୍ୟୁର ପ୍ରମୁଖ କାରଣ । ନୂଆଦିଲ୍ଲୀ, କୋଲକାତା ଏବଂ ମୁମ୍ବାଇ ବିଶ୍ୱର ୨୦ଟି ପ୍ରଦୂଷିତ ସହର ମଧ୍ୟରେ ସ୍ଥାନ ପାଇଛି । ସହରଗୁଡ଼ିକର ବାୟୁ ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସର୍ବଶେଷ ଷ୍ଟେଟ ଅଫ ଗ୍ଲୋବାଲ ଏୟାର ରିପୋର୍ଟ ଅନୁଯାୟୀ ନୂଆଦିଲ୍ଲୀ ଏବଂ କୋଲକାତା ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଥିବାବେଳେ ମୁମ୍ବାଇ ଏହି ତାଲିକାରେ ୧୪ତମ ସର୍ବାଧିକ ପ୍ରଦୂଷିତ ସହର ଭାବେ ପରିଗଣିତ ହୋଇଛି । ଏକ ନୂତନ ଲାନ୍‌ସେଟ ଅଧ୍ୟୟନ ଅନୁଯାୟୀ, ୨୦୧୯ରେ ଭାରତରେ ୨୩ ଲକ୍ଷ ଅକାଳ ମୃତ୍ୟୁ ଘଟିଛି । କେବଳ ବାୟୁ ପ୍ରଦୂଷଣ ହେତୁ ପ୍ରାୟ ୧୬ ଲକ୍ଷ ମୃତ୍ୟୁ ଘଟିଥିଲାବେଳେ ଜଳ ପ୍ରଦୂଷଣ ହେତୁ ୭ ଲକ୍ଷ ହୋଇଥିଲା । ୨୦୧୯ରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁ ଏବଂ ଅକ୍ଷମତା ଯୋଗୁ ଭାରତର ଜିଡିପି ୧.୩୬% ବା ୩୬.୮ ବିଲିୟନ ଡଲାର ହ୍ରାସ ଘଟିଛି ।

କେବଳ ପୂର୍ବ ସରକାରଙ୍କୁ ଦୋଷାରୋପ କରୁନାହାନ୍ତି, ଏହି ପ୍ରସଙ୍ଗ ଏପରି ଗଣମାଧ୍ୟମରେ ଆଲୋଚନା ହେଉଛି ଏବଂ ପ୍ରଧାନମନ୍ତ୍ରୀ ଏପରି ମନ୍ତବ୍ୟ ଦେଉଛନ୍ତି ଯେ ଯେପରି ଚିତା ଆସିବା ଯୋଗୁ ଭାରତରୁ ଦାରିଦ୍ର୍ୟ, କ୍ଷୁଧା, ବେକାରି ଓ ବୈଷମ୍ୟ ଆଦି ସମସ୍ୟାର ଅନ୍ତ ଘଟିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଚିତା ପ୍ରକଳ୍ପ ପରିବେଶ ତଥା ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଭାରତ ସରକାରଙ୍କ ଉଦ୍ୟମ ଏବଂ ନିରନ୍ତର ବିକାଶ ପାଇଁ ପ୍ରତିବଦ୍ଧତା ଏବଂ ଏହାର ସହଭାଗିତାର ମନ୍ତ୍ର ଦର୍ଶାଉଛି । ସେ ମଧ୍ୟ କହିଛନ୍ତି ଯେ, ଚିତା ପ୍ରକଳ୍ପ ସୂଚାଉଛି ପ୍ରକୃତି ଓ ପରିବେଶ ଏବଂ ଅର୍ଥନୀତି ପରସ୍ପର ବିରୋଧୀ ନୁହେଁ । ଏଠାରେ ପ୍ରଶ୍ନ ଉଠେ,



ସତରେ କ'ଣ ଭାରତର ନିରନ୍ତର ବିକାଶ ହେଉଛି । କିନ୍ତୁ ମିଳିତ ଜାତିସଂଘର ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାରେ କେଉଁ ଦେଶ କେତେ ଆଗେଇଛି ତାହା ପ୍ରତିଫଳନ କରୁଥିବା ନିରନ୍ତର ବିକାଶ ସୂଚକାଙ୍କ ୨୦୨୨ରେ ୧୬୩ଟି ଦେଶ ମଧ୍ୟରେ ଭାରତ ୧୨୧ ସ୍ଥାନରେ ରହିଛି ଅର୍ଥାତ୍ ୧୨୦ଟି ଦେଶ ତଳେ ।

ସେହିପରି ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (UNDP) ଦ୍ୱାରା ସଦ୍ୟ ପ୍ରକାଶିତ ୨୦୨୨ ରିପୋର୍ଟ ଅନୁସାରେ ୨୦୨୧ର ମାନବ ବିକାଶ ସୂଚକାଙ୍କ (HDP)ରେ ୧୯୧ ଦେଶଙ୍କ ମଧ୍ୟରୁ ଭାରତ ୧୩୨ ସ୍ଥାନରେ ରହିଛି । ଅର୍ଥାତ୍ ମାନବ ବିକାଶ ଦୃଷ୍ଟିରୁ ଭାରତ ୧୩୧ଟି ଦେଶ ତଳେ । ପୁନଶ୍ଚ ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଏବଂ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି । ପ୍ରାୟ ୨୭.୯% ଭାରତୀୟ ବହୁମୁଖୀ ଦାରିଦ୍ର୍ୟ ଦ୍ୱାରା କବଳିତ । ପୁଷ୍ଟିହୀନତା ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ୨୦୨୧ରେ ୨୨.୪୩ କୋଟି ହୋଇଥିଲାବେଳେ ୯୭.୩୩ କୋଟି ବା ୭୦.୫% ଭାରତୀୟ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ । ୨୦୧୧ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୧.୭୭ ନିୟୁତ ବାସହୀନ ଅଛନ୍ତି, ସେଥିମଧ୍ୟରୁ ପ୍ରାୟ ୫୨% ଦେଶର ସହରାଞ୍ଚଳରେ ବାସ କରନ୍ତି । ଭାରତରେ ବିଶ୍ୱର ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୪ କୋଟିରୁ ୧.୮ କୋଟି । ବେକାରି, ମୁଦ୍ରାସ୍ଫୀତି ସମସ୍ୟା ନିୟନ୍ତ୍ରଣ ବାହାରେ । ପରିସ୍ଥିତି ଏତେ ଗମ୍ଭୀର ଯେ ୨୦୨୧ରେ ଦେଶରେ ଦିନକୁ ପ୍ରାୟ ୪୫୦ ଏବଂ ପ୍ରତି ଘଣ୍ଟାରେ ପ୍ରାୟ ୧୮ ଜଣ ଆତ୍ମହତ୍ୟା କରିଛନ୍ତି । ଆଠଟି ଚିତା ଯୋଗୁ କ'ଣ ଏସବୁ ସମସ୍ୟା ସମାଧାନ ହୋଇଯିବ ?

ପୁନଶ୍ଚ ଆର୍ଥିକ ଅଭିବୃଦ୍ଧି ସର୍ବଦା ପ୍ରାକୃତିକ, ଖଣିଜ ସମ୍ପଦର ଦ୍ରୁତ ବିନିଯୋଗ ଓ ଆର୍ଥିକ କାର୍ଯ୍ୟକଳାପ ସହିତ ଜଡ଼ିତ । ଆଜି ଚିତା ବାଘ ହେଉ ବା ଅନେକ ପ୍ରାଣୀ ଧ୍ୱଂସ ପାଇବାର କାରଣ ମଧ୍ୟରୁ ଏକ କାରଣ ହେଲା ପରିବେଶର ଦ୍ରୁତ ଅବକ୍ଷୟ । ବର୍ଦ୍ଧିଷ୍ଣୁ ସହରୀକରଣ, ଶିଳ୍ପାୟନ, ଜଙ୍ଗଲ ଧ୍ୱଂସ ପାଇବା, ଖଣିଜ ସମ୍ପଦ ଅଧିକ ଉତ୍ତୋଳନ ହେବା, କଳକାରଖାନାରୁ ଅଙ୍ଗାରକାମ୍ଳ ନିର୍ଗତ ହେବା ଯୋଗୁ ପରିବେଶର ଦ୍ରୁତ ଅବକ୍ଷୟ ହେଉଛି । ଭୂମଣ୍ଡଳୀୟ ପରିବେଶ ପ୍ରତି ଗଭୀର ସଙ୍କଟ ସୃଷ୍ଟି କରୁଛି । ଜଟିଳ ପରିବେଶୀୟ ସମସ୍ୟା ଯଥା ସବୁଜ ଗୃହ ପ୍ରଭାବ ଓ ବିଶ୍ୱ ତାପନ ବା ଗ୍ଲୋବାଲ ୱାର୍ମିଂ, ଜୈବବିବିଧତା ନଷ୍ଟ, ମରୁଭୂମୀକରଣ, ଓଜୋନ ସ୍ତରର କ୍ଷୟ, ଅମ୍ଳ ବର୍ଷା ଆଦି ଅନେକ ପଶୁପକ୍ଷୀ, ବୃକ୍ଷଲତାର ବିଲୁପ୍ତ କାରଣ ହେବା ସହିତ ମାନବ ସଭ୍ୟତାର ଅସ୍ତିତ୍ୱ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଛି । ଆଠଟି ଚିତା ଆଣିବା ଦ୍ୱାରା କ'ଣ ପରିବେଶ ସୁରକ୍ଷିତ ହୋଇଯିବ ; ବିଲୁପ୍ତ ହୋଇଥିବା ପ୍ରାଣୀ, ବୃକ୍ଷ ଜୀବନ୍ତ ହୋଇଉଠିବେ ; ନଷ୍ଟ ହୋଇଥିବା ଜଙ୍ଗଲ ସୃଷ୍ଟି ହୋଇଯିବ ବା ଆଉ ଜଙ୍ଗଲ ଧ୍ୱଂସ ହେବନି ? ଏପରି କି ଯଦି ପରିବେଶରେ ଉନ୍ନତି ନ ଆସେ, ତେବେ ନାମିବ୍ୟା ଚିତା ମଧ୍ୟ ବଞ୍ଚି ରହିପାରିବେ ନାହିଁ ।

**ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ**
**ମୋ:୯୪୩୭୨୦୮୭୬୨**

## ଏଇ ଭାରତରେ

ରାସ୍ତା କଡ଼ରେ ବସିଥିବା ବେସାହାରା ଜଣେ ବୃଦ୍ଧଙ୍କୁ ଦେଖିଲେ ମାନସିକ ରୋଗୀ ବୋଲି ଭାବି ଅନେକେ ଚାଲିଯାଆନ୍ତି । କିନ୍ତୁ ସେମାନେ ବି ସାମାନ୍ୟ ଜୀବନର ହକ୍‌ଦାର, ସେମାନଙ୍କର ପରିବାର ଥାଇପାରେ ବୋଲି କେହି ଚିନ୍ତା କରନ୍ତି ନାହିଁ । ତଥାପି ସମାନଙ୍କୁ ସମାଜରେ ଭାଗୀଦାରି କରି ଏକ ଭଲ ଜୀବନ ଜିଇବାର ସୁଯୋଗ ଦେଉଥିବା କ୍ୱଚିତ ବ୍ୟକ୍ତିଙ୍କ ମଧ୍ୟରେ ରହିଛନ୍ତି ହରିୟାଣା ମାଧରପୁର ଯମୁନାନଗରର ୩୩ ବର୍ଷୀୟ ସର୍ଦ୍ଦାର ଜସକିରତ ସିଂ । କେବଳ ଜସ୍‌କିରତ ନୁହନ୍ତି, ତାଙ୍କ ଦାଦା ସର୍ଦ୍ଦାର ଯୋଗୀନ୍ଦର ସିଂ ଓ ମାତାପିତା ବଳବିନ୍ଦର କୌର ଓ ସର୍ଦ୍ଦାର ଜିତେନ୍ଦର ସିଂଙ୍କ ସହ ପୂରା ପରିବାର ଅସହାୟ ବୃଦ୍ଧମାନଙ୍କ ସେବାରେ ଲାଗିଛନ୍ତି । ଏମାନେ ମିଶି ଏକ ସେଲ୍‌ଟର ହୋମ୍ ଚଳାଉଛନ୍ତି । ଘରଛାଡ଼ି ଚାଲି ଆସିଥିବା କିମ୍ବା ଅସହାୟ ଅବସ୍ଥାରେ ରାସ୍ତାକଡ଼ରେ ରହୁଥିବା ବୃଦ୍ଧମାନଙ୍କୁ ଉଦ୍ଧାର କରି ଏଠାରେ ଆଶ୍ରୟ ଦେଉଛନ୍ତି । ୨୦୧୭ରେ ଜସ୍‌କିରତ ଏହି ସେଲ୍‌ଟର ହୋମ୍ ଆରମ୍ଭ କରିଥିଲେ । ଆରମ୍ଭରେ ତାଙ୍କ ପାଖରେ ୫ ଜଣ ଥିଲେ ଏବଂ ଏବେ ୧୦୬ ଜଣ ରହୁଛନ୍ତି । ସେମାନଙ୍କ ପାଇଁ ପ୍ରତି ମାସରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଏଥିପାଇଁ ବହୁ ଲୋକ ଦାନ କରୁଛନ୍ତି । ବଡ଼ କଥା ହେଉଛି ବୃଦ୍ଧମାନଙ୍କ ସେବା ଯତ୍ନ ପରେ ଅନେକଙ୍କୁ ସେମାନଙ୍କ ପରିବାର ନିକଟରେ ପହଞ୍ଚାଉଛନ୍ତି ଏହି ପରିବାର । ଏବେ ସୁଦ୍ଧା ସେମାନେ ୧୭୩ ଲୋକଙ୍କୁ ସେମାନଙ୍କ ପରିବାର ସହ ମିଶାଇବାରେ ସଫଳ ହୋଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଅକ୍ଟୋବର ୧୯୯୭

- ପାକିସ୍ତାନୀ ସୈନ୍ୟମାନଙ୍କ ଅପ୍ରତ୍ୟାଶିତ ରକେଟ ଓ ତୋପବର୍ଷଣ ଫଳରେ ଜମ୍ମୁ-କାଶ୍ମୀରର କାରଗିଲ୍ ସହର ନିକଟବର୍ତ୍ତୀ ଅଞ୍ଚଳରେ ୧୫ ସାଧାରଣ ନାଗରିକଙ୍କ ମୃତ୍ୟୁ ।
- ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ଯୋଗେନ୍ଦ୍ର ନାଥ ହାଜାରିକାଙ୍କ ୭୩ ବର୍ଷ ବୟସରେ ପରଲୋକ ।
- କୃଷ୍ଣା ନଦୀ ଜଳବଣ୍ଟନ ମାମଲାରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦାଏର କରାଯାଇଥିବା ଆବେଦନ ଖାରଜ ।

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧ ଦର ଅତ୍ୟଧିକ ବୃଦ୍ଧି

ମହାଶୟ,

ବାତପିତ୍ତ ଓ କଫରେ ଗଢ଼ା ଏ ମଣିଷ ଶରୀର । ଏହାର ଅନୁପାତରେ ବ୍ୟତିକ୍ରମ ହେଲେ ମଣିଷ ଶରୀରରେ ବିଭିନ୍ନ ରୋଗ ଦେଖାଦିଏ । ରୋଗ ଯନ୍ତ୍ରଣାରୁ ଆରୋଗ୍ୟ ଲାଭ ପାଇଁ ଡାକ୍ତରଖାନା ଯିବାକୁ ପଡେ । ମାତ୍ର ସେହି ଡାକ୍ତରଖାନାରେ ସବୁ ରୋଗ ପାଇଁ ଔଷଧ ନ ଥାଏ । ତେଣୁ ଲୋକମାନେ ବାହାରୁ ଔଷଧ କିଣିଥାନ୍ତି । ହେଲେ ଔଷଧ ଦର ଦିନକୁ ଦିନ ଅତ୍ୟଧିକ ବୃଦ୍ଧି ଘଟିବାରେ ଲାଗିଛି । ଔଷଧ ଦର ବୃଦ୍ଧି ପାଇଁ କେତେକ ବିତରକ, ଏଜେଣ୍ଟ ଓ ରିଟେଲ ସେକ୍ଟର ମୁଖ୍ୟତଃ ଦାୟୀ । କେତେକ ଔଷଧ ଦୋକାନୀ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ରିହାତି ଦେଇଥାନ୍ତି । ତନ୍ମଧ୍ୟରୁ କେହି ୫%, ୧୦% ଓ କେବେ ୨୦% ରିହାତି ଔଷଧ ଦାମ ଉପରେ ଦେଇ ଗ୍ରାହକମାନଙ୍କୁ ପ୍ରଲୋଭିତ କରିଥାନ୍ତି । ଏଥିରେ କେତେକ ସାଧାରଣ ଗ୍ରାହକ ଏପରି ସୁବିଧା ପାଇବାରୁ ବଞ୍ଚିତ ମଧ୍ୟ ହୋଇଥାନ୍ତି । ଚଢ଼ାଦରରେ ଔଷଧ କିଣି ରୋଗୀମାନେ ତଳିତଳାନ୍ତ ହୋଇଯାଉଛନ୍ତି । ତେବେ ଔଷଧ ଉତ୍ପାଦକ ଓ ବ୍ୟବସାୟୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲୁଥିବାର ଅନୁମାନ କରାଯାଏ । ଉକ୍ତ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟସେବାକୁ ସରକାର ଗୁରୁତ୍ୱ ଦେବା ଉଚିତ ମନେହୁଏ । ଏଥିସହ ଔଷଧ ଦରଦାମ ପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ । ଚଢ଼ା ଦରରେ ବିକ୍ରୟ କରୁଥିବା ଔଷଧ ବିକ୍ରେତାଙ୍କୁ ଧରି ସେମାନଙ୍କ ବିରୋଧରେ ବିଭାଗୀୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ଏଥିସହ ଔଷଧ ଦୋକାନୀମାନେ ଖୋଲାଖୋଲି ରିହାତି ସମସ୍ତଙ୍କୁ ପ୍ରଦାନ କରିବାର ଆବଶ୍ୟକତା ରହିଛି ଏବଂ ମନଇଚ୍ଛା ଔଷଧ ବଢ଼ାଇବା ଦିଗରେ ଅଙ୍କୁଶ ଲାଗିବା ଦରକାର ।

**– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା**

## ଚିରନ୍ତନୀ

କେଉଁ ପଥେ ଚାଲିଛି ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ !

–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଶନିବାର, ୧ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ପୂର୍ବତନ ଜୁନିୟର ଏମ୍‌ଭିଆଇଙ୍କୁ ୩ ବର୍ଷ ଜେଲ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

**ବାରିପଦା ଅଫିସ, ୩୦।୯:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡ. ପ୍ରସନ୍ନ ପଣ୍ଡା ଶୁକ୍ରବାର ଜଣେ ପୂର୍ବତନ ଜୁନିୟର ଏମ୍‌ଭିଆଇଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ତତ୍ ସହିତ ୧୫ ହଜାର ଟଙ୍କା ଜରିମାନା, ଅନାଦେୟ ଅତିରିକ୍ତ ୩ ମାସ କାରାଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ସିରିପୁରର ଅଭିଯୁକ୍ତ ପୂର୍ବତନ ଜୁନିୟର ଏମ୍‌ଭିଆଇ ରାମଚନ୍ଦ୍ର ଗୁଡୁ ଜାମଶୋଳା ଆନ୍ତଃରାଜ୍ୟ ସୀମା ଶୁଳ୍କ ଫାଟକରେ କାର୍ଯ୍ୟ କରୁଥିଲେ। ୨୦୦୩ରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ମାମଲାରେ ଭିଜିଲାନ୍ସ ବିଭାଗ ତାଙ୍କ କାର୍ଯ୍ୟାଳୟ, ବାରିପଦାସ୍ଥିତ ଭଡ଼ାଘର, ପୈତୃକ ଓ ଶ୍ୱଶୁରଘରେ ଏକକାଳୀନ ଚଢ଼ାଉ କରିଥିଲା। ଘଟଣାରେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ମାମଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାର ଚାଲିଥିଲା। ତଦନ୍ତ ରିପୋର୍ଟ ଓ ୧୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ଶାନ୍ତନୁ ଦାଶ ମାମଲା ପରିଚାଳନା କରୁଥିଲେ।

### ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜବତ ଗଞ୍ଜେଇ ପୋଡ଼ାହେଲା

**ଭୁବନେଶ୍ୱର,୩୦।୯ (ବ୍ୟୁରୋ):** ଓଡିଶା ପୋଲିସ ଦ୍ୱାରା ଜବତ ହୋଇଥିବା ନିଶାଦ୍ରବ୍ୟଗୁଡିକୁ ମାମଲାର ବିଚାର ପୂର୍ବରୁ ନଷ୍ଟ କରିବା ଅଭିଯାନ ଜାରି ରହିଛି। ଏହିକ୍ରମରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ରାଜ୍ୟ ପୋଲିସ ପକ୍ଷରୁ ପୁଣିଥରେ ବିପୁଳ ପରିମାଣର ଗଞ୍ଜେଇକୁ ଶୁକ୍ରବାର ପୋଡି ନଷ୍ଟ କରାଯାଇଛି। ଏସଟିଏଫ୍ ମାମଲା ନଂ.୦୫/୨୦୧୬, ୦୬/୨୦୧୬ ଓ ୦୭/୨୦୧୬ରେ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ୬୧୬ କେଜି ଗଞ୍ଜେଇକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ପୋଡ଼ି ଦିଆଯାଇଛି। ଏହି ସମୟରେ ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଗଠିତ କମିଟିରେ ରହିଥିବା ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପିଙ୍କ ସମେତ ରାଜ୍ୟ ଫୋରେନ୍‌ସିକ୍ ଲାବୋରେଟୋରୀର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ। ତେବେ ଏହାକୁ ମିଶାଇ ରାଜ୍ୟରେ ତୃତୀୟଥର ପାଇଁ ଗଞ୍ଜେଇ ନଷ୍ଟ କରାଯାଇଛି। ଏହା ପୂର୍ବରୁ ଅଗଷ୍ଟ ୩୧ରେ ୯୮୦ କେଜି ଓ ସେପ୍ଟେମ୍ବର ୧୭ରେ ୩୨ କୁଇଣ୍ଟାଲ ୭୦କେଜି ଗଞ୍ଜେଇ ପୋଡ଼ାଯାଇଥିଲା। ସେହିଭଳି ଜୁନ୍ ୧୦ରେ ମଧ ବିଚାର ପୂର୍ବରୁ ସାଢେ ୮ କେଜିର ବ୍ରାଉନ୍‌ସୁଗାର ନଷ୍ଟ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ନିଶା କାରବାର ବନ୍ଦ କରିବା ପାଇଁ ଓଡ଼ିଶା ପୋଲିସ ସ୍ୱତନ୍ତ୍ର ଅଭିଯାନ ଚଳାଇଥିବାବେଳେ ଇତିମଧ୍ୟରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗାର, ହେରୋଇନ ଆଦି ନିଶାଦ୍ରବ୍ୟ ଜବତ କରିବାରେ ସଫଳ ହୋଇଛି। ଏସବୁ ନିଶାଦ୍ରବ୍ୟକୁ ବିଭିନ୍ନ ଥାନା ଓ କୋର୍ଟ ମାଲଖାନାରେ ରଖାଯାଇଥିଲା। ହେଲେ ଏହାର ଶୁଣାଣି ହୋଇପାରୁ ନ ଥିବାରୁ ସେଠାରେ ଏହା ଧିରେ ଧିରେ ନଷ୍ଟ ହେଉଥିଲା। ଏ ସଂକ୍ରାନ୍ତ ମାମଲାରେ ୨୦୨୨ ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଜାନୁୟାରୀ ୩୧ରେ ଏକ ଏସ୍‌ଓପି ଜାରି କରିଥିଲେ।

# ରୋଗୀ ଚିକିତ୍ସା ନେଇ ଡାକ୍ତର-ନର୍ସ ମୁହାଁମୁହିଁ

**ବ୍ରହ୍ମପୁର ଅଫିସ,୩୦।୯**

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ ପୁଣି ଚର୍ଚ୍ଚାକୁ ଆସିଛି। କିଛିଦିନ ପୂର୍ବରୁ ମେଡିକାଲରେ ଅଗ୍ନିକାଣ୍ଡ ଓ ପରେ ସୁପରସ୍ପେଶାଲିଟି ବ୍ଲକ କୋଠାରୁ ଥରକୁ ଥର ସିଲିଂ ଖସିବା ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ଗୁରୁବାର ରାତିରେ ରୋଗୀ ଚିକିତ୍ସାକୁ ନେଇ ଡାକ୍ତର-ନର୍ସ ମୁହାଁମୁହିଁ ହେବା ଓ ଏହାକୁ ନେଇ ଶୁକ୍ରବାର ଦୁଇପକ୍ଷ ହାତାହାତି ହେବା ଭଳି ଅପ୍ରୀତିକର ଘଟଣା ଘଟିଛି। ପରେ ପୋଲିସ, ମେଡିକାଲ ଅଧୀକ୍ଷକଙ୍କ ଉପସ୍ଥିତିରେ ଆଲୋଚନା ଓ ବୁଝାମଣା ପରେ ସ୍ଥିତି ସ୍ୱାଭାବିକ ହୋଇଛି।

ଗୁରୁବାର ରାତିରେ ଏମକେସିଜି କାଜୁଆଲଟିରେ ରୋଗୀ ଚିକିତ୍ସାକୁ ନେଇ ଜଣେ ହାଉସ୍ ସର୍ଜନ(ଡାକ୍ତର) ଓ ନର୍ସଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି କଥା ହାଉସ୍ ସର୍ଜନ ଓ ନର୍ସିଂ ଆସୋସିଏଶନରେ ପହଞ୍ଚିଥିଲା। ହାଉସ୍ ସର୍ଜନ ସଂଘ ନର୍ସଙ୍କ ବିରୋଧରେ ମେଡିକାଲ ଅଧୀକ୍ଷକଙ୍କୁ ଫେରାଦ୍ ହୋଇଥିଲା। ଶୁକ୍ରବାର ସକାଳେ ନର୍ସିଂ ଆସୋସିଏଶନର ଶତାଧିକ କର୍ମକର୍ତ୍ତା ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସେପଟେ ହାଉସ୍ ସର୍ଜନମାନେ ମଧ୍ୟ ସେଠାରେ ପହଞ୍ଚିଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେଉଥିବାରୁ ସମସ୍ତ ବରିଷ୍ଠ ଅଧିକାରୀ ପହଞ୍ଚିଥିଲେ। ଏମ୍‌କେସିଜି ମେଡିକାଲ କଲେଜର ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର, ମେଡିକାଲ ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଉପଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଉଭୟ ସଂଘର ପ୍ରତିନିଧି ଦଳକୁ ନେଇ ଆଲୋଚନା ହୋଇଥିଲା। ଉଭୟ ଗୋଷ୍ଠୀର ଅଭିଯୋଗ ଶୁଣିବା ପରେ ମାମଲା ସମାଧାନ କରାଯାଇଥିଲା। କିନ୍ତୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ବାହାରେ ବସିଥିବା ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇ ହାତାହାତି ହୋଇଥିଲା। ପ୍ରତିନିଧି ଦଳ ମାମଲା ସମାଧାନ କରି ବାହାରିବା ପରେ ପୁଣି ଏକ ବିବାଦ ଦେଖାଦେଲା। ତେଣୁ ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ଟାଉନ୍ ଏସଡିପିଓ ରାଜୀବ ଲୋଚନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଉପସ୍ଥିତିରେ ପୁଣିଥରେ ବୈଠକ ହୋଇଥିଲା। ହାତାହାତି ହୋଇଥିବା ହାଉସ୍ ସର୍ଜନ ଓ ନର୍ସ ବ୍ୟକ୍ତିଗତ ଭାବେ ବୈଠକରେ ଉପସ୍ଥିତ ରହି ନିଜ ଅଭିଯୋଗ ଜଣାଇଥିଲେ। ପୋଲିସ ଓ ଏମକେସିଜି କର୍ତ୍ତୃପକ୍ଷ ଅଭିଯୋଗ ଶୁଣିବା ପରେ ଉଭୟଙ୍କୁ ବୁଝାଶୁଝା କରି ମାମଲା ସମାଧାନ କରିଥିଲେ। ଉଭୟ ଗୋଷ୍ଠୀ ତରଫରୁ ମାମଲା ସମାଧାନ ନେଇ ଲିଖିତ ଦାଖଲ କରାଯାଇଥିବା ଉପଅଧୀକ୍ଷକ ଡା. ପଟ୍ଟନାୟକ କହିଛନ୍ତି। ରୋଗୀ ସେବା ବାଧାପ୍ରାପ୍ତ ହୋଇନାହିଁ, ଯେଉଁମାନଙ୍କର ଡ୍ୟୁଟି ନ ଥିଲା ସେମାନେ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିଲେ ବୋଲି ସେ ସୂଚନା ଦେଇଛନ୍ତି।

**ପୁଣି ଚର୍ଚ୍ଚାରେ ଏମ୍‌କେସିଜି ମେଡିକାଲ**


ମେଡିକାଲରେ ଡାକ୍ତର-ନର୍ସଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

# ଜଳସେଚନ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

**ବୁଗୁଡ଼ା/ଭଞ୍ଜନଗର, ୩୦।୯(ଡି.ଏନ.ଏ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ବୁଗୁଡ଼ା ଜଳସେଚନ ବିଭାଗ (ବାଘୁଆ ପ୍ରକଳ୍ପ)ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନ ଓ କାର୍ଯ୍ୟାଳୟ ଆଦି ୭ଟି ସ୍ଥାନରେ ଶୁକ୍ରବାର ଚଢ଼ାଉ କରାଯାଇଛି। ବାଘୁଆ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁଙ୍କର ଆୟଠାରୁ ଅଧିକ ସମ୍ପତ୍ତି ଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ତେଣୁ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକା ସମୟରେ ସହକାରୀ ନିର୍ବାହୀଯନ୍ତ୍ରୀ ସାହୁଙ୍କ ବ୍ରହ୍ମପୁରସ୍ଥିତ ବାସଭବନ, ବୁଗୁଡ଼ାସ୍ଥିତ ପୈତୃକ ଘର, କାର୍ଯ୍ୟାଳୟ ଏବଂ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ରାତି ସୁଦ୍ଧା ସାହୁଙ୍କ ଘରୁ ୧ଲକ୍ଷ ୩୮ ହଜାର ଟଙ୍କା, ବ୍ରହ୍ମପୁରରେ ଏକ ୩ ମହଲା ବିଶିଷ୍ଟ କୋଠା, ଗୋଟିଏ ୨ ମହଲା ବିଶିଷ୍ଟ କୋଠା, ୨ଟି ପ୍ଲଟ, ବ୍ୟାଙ୍କ, ପୋଷ୍ଟାଲ ଏବଂ ବୀମା ବାବଦକୁ ପ୍ରାୟ ୮୫ଲକ୍ଷ ୩୩ ହଜାର ଟଙ୍କାର ଜମା କାଗଜପତ୍ର, ୮ ଲକ୍ଷ ୩୫ ହଜାର ଟଙ୍କା ମୂଲ୍ୟର ଅଳଙ୍କାର ଓ ୧୧ ଲକ୍ଷ ୪୪ ହଜାର ଟଙ୍କାର ଘରୋଇ ଉପକରଣ ଠାବ କରାଯାଇଛି। ସମସ୍ତ ସମ୍ପତ୍ତି ସାହୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ରହିଛି। ତଦନ୍ତ ଚାଲୁ ରହିଛି। ଜଣେ ଏଏସ୍‌ପି, ୪ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଛନ୍ତି।


ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବ୍ରହ୍ମପୁରସ୍ଥିତ ତାଙ୍କ ବାସଭବନ।


ନେହେରୁ ଯୁବକେନ୍ଦ୍ର ପୁରୀ ଶାଖା ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ଲଟ୍ ଦେବା ନାଁରେ ୩୩ ଲକ୍ଷ ଚଳୁ

**ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ, ଜେଲ ଗଲେ**

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ପ୍ଲଟ୍ କିଣାଇ ଦେବାକୁ କହି ୩୩ ଲକ୍ଷ ଟଙ୍କା ନେଲେ। ହେଲେ ପ୍ଲଟ୍ ଦେଲେ ନାହିଁ। ଟଙ୍କା ଫେରସ୍ତ ପାଇଁ କହିବାରୁ ଦିନ ପରେ ଦିନ ଗଡାଇ ଚାଲିବା ସହ ଧମକ ଦେଇଥିବା ଜଣେ ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ହରେକୃଷ୍ଣ ମହାନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଠକେଇର ଶିକାର ବ୍ୟକ୍ତି ହେଉଛନ୍ତି ଅମୂଲ୍ୟ କୁମାର ଦାସ। ସେ ଭୁବନେଶ୍ୱରରେ ଏକ ପ୍ଲଟ୍ କିଣିବାକୁ ଚାହୁଁଥିଲେ। ଅଭିଯୁକ୍ତ ହରେକୃଷ୍ଣ ତାଙ୍କୁ ପ୍ଲଟ କିଣାଇ ଦେବାକୁ କହି ୩୩ ଲକ୍ଷ ଟଙ୍କା ନେଇ ବାରମ୍ବାର ସମୟ ଗଡ଼ାଇ ଚାଲିଥିଲେ। ଏପରି କି ଅମୂଲ୍ୟ ପ୍ଲଟ୍ ନ ପାଇବାରୁ ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ କହିଥିଲେ। ଜମି ଭଳି ଟଙ୍କା ଫେରାଇବାକୁ ମଧ୍ୟ ଅଭିଯୁକ୍ତ ସମୟ ଗଡ଼ାଇ ଚାଲିବା ପରେ ଶେଷରେ ନୀଳାଦ୍ରିବିହାରରେ ଥିବା ନିଜ ଘରକୁ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିସହ ଉକ୍ତ ଘରର ଦଲିଲ ମଧ୍ୟ ତାଙ୍କୁ ହସ୍ତାନ୍ତର କରିଥିଲେ। ଏହାପରେ ଅମୂଲ୍ୟ ଅଭିଯୁକ୍ତଙ୍କୁ ଘରର ରେଜିଷ୍ଟ୍ରେଶନ କରିବା ପାଇଁ ଯୋଗାଯୋଗ କରିବାରୁ ଅଭିଯୁକ୍ତ ଜଣକ ଧମକ ଦେବା ସହ ଫୋନ୍ ସୁଇଚ୍‌ଅଫ୍ କରିଦେଇ ଧରାଛୁଆଁ ଦେଉ ନ ଥିଲେ। ଠକେଇର ଶିକାର ହେବା ଜାଣିବା ପରେ ଅମୂଲ୍ୟ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ହରେକୃଷ୍ଣଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

# ପାଲଟା ଅଭିଯୋଗ ଆଣିଲେ ଅକ୍ଷୟ ପରିଜା

**କାଷ୍ଟିଂ କାଉଚ୍ ଘଟଣା, ପୁଣି ଚର୍ଚ୍ଚାରେ ଓଲିଉଡ୍**

- ଭାଇରାଲ ହେଉଛି ଯୁବତୀଙ୍କ ସହ ଅଶ୍ଳୀଳ ଫଟୋ
- ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

**ଭୁବନେଶ୍ୱର,୩୦।୯( ବ୍ୟୁରୋ)**

କାଷ୍ଟିଂ କାଉଚ୍‌କୁ ନେଇ ପୁଣି ଚର୍ଚ୍ଚାକୁ ଆସିଛି ଓଲିଉଡ୍ ଇଣ୍ଡଷ୍ଟ୍ରି। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କ ନାମରେ ଜଣେ ଯୁବତୀ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଶୁକ୍ରବାର ଅକ୍ଷୟ ନୟାପଲ୍ଲୀ ଥାନାରେ ସମ୍ପୃକ୍ତ ଯୁବତୀଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, କେତେଜଣଙ୍କ ସହ ମିଶି ଯୁବତୀ ଜଣକ ତାଙ୍କୁ ନିର୍ଯ୍ୟାତନା ଦେବା ସହ ଟଙ୍କା ମାଗୁଛନ୍ତି। ଧମକ ଦେଇ ଭୟଭୀତ କରାଉଛନ୍ତି। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିବା ଅକ୍ଷୟ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଆଇପିସି ଦଫା ୩୮୪, ୩୮୫, ୫୦୬, ୧୨୦(ବି)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଥାନା ପକ୍ଷରୁ ମାମଲା ସମ୍ପର୍କରେ କିଛି ସୂଚନା ଦିଆଯାଇନାହିଁ।

ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବତୀଙ୍କ ସହ ଅକ୍ଷୟଙ୍କର କିଛି ଆପତ୍ତିଜନକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ଓଲିଉଡ୍ ସହ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏଥିସହ ସମ୍ପୃକ୍ତ ଯୁବତୀଙ୍କର ଏକ ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ଯୁବତୀଙ୍କ କହିବା ଅନୁଯାୟୀ, 'ମୁଁ ହରିଜନ ଜାତିର ଝିଅ। ଦୀର୍ଘବର୍ଷ ହେଲା ପ୍ରଯୋଜକ ଅକ୍ଷୟ ପରିଜା ମୋ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖୁଛନ୍ତି। ମୋର ନ୍ୟୁଡ୍ ଫଟୋ ରଖି ବ୍ଲାକ୍‌ମେଲ କରୁଛନ୍ତି। ପ୍ରତିବାଦ କରିବାରୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ମୋ ବାହାଘର ଠିକ୍ ହୋଇଛି। ସେ କହୁଛନ୍ତି, ଯଦି ତୁ ବାହାହେବୁ ତା'ହେଲେ ସେ ପୁଅ ସହ ରଖେଇ ଦେବିନି। ଆଉ ମୋତେ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ମୁଁ ଏବେ ଆଶା ରଖୁଛି, ମୋତେ ଆପଣ ନ୍ୟାୟ ଦିଅନ୍ତୁ'। ହେଲେ ସମ୍ପୃକ୍ତ ଯୁବତୀଙ୍କ ପକ୍ଷରୁ ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରାଯାଇଥିବା ଚର୍ଚ୍ଚା ହେଉଥିବାବେଳେ ସେପରି କୌଣସି ଅଭିଯୋଗ ହୋଇନାହିଁ ବୋଲି ଥାନାଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଥିଲେ। ମିଳିଥିବା ସୂଚନାନୁସାରେ, ଯୁବତୀ ଜଣକ ଅଭିଯୋଗ ଲେଖି ଥାନାକୁ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୋଗ ନ କରି ଥାନାରୁ ପଳାଇ ଆସିଥିଲେ। ଏବେ ଯୁବତୀଙ୍କ ଭିଡିଓ ଓ ପ୍ରଯୋଜକ ଅକ୍ଷୟଙ୍କ ଅଭିଯୋଗକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଅକ୍ଷୟଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଘଟଣା ସଂକ୍ରାନ୍ତରେ ଅକ୍ଷୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଡେଲିଭରି ବୟ, ସହଯୋଗୀ ମିଶି ଚୋରି କରିଥିଲେ

**ପେଟ୍ରୋଲ ପମ୍ପରୁ ଚୋରି ଘଟଣା**

**୭ ଲକ୍ଷ ୪୯ ହଜାର ଟଙ୍କା ଜବତ, ୨ ଗିରଫ**

**ବଳଙ୍ଗା/ପିପିଲି, ୩୦।୯(ଡି.ଏନ୍.ଏ.)**

ବଳଙ୍ଗା-ସାତଶଙ୍ଖ ମୁଖ୍ୟରାସ୍ତାର ରୂପଦେଇପୁର ଛକସ୍ଥିତ ଓମ୍ ଶକ୍ତି ପେଟ୍ରୋଲ ପମ୍ପରୁ ଚୋରି ହୋଇଥିବା ୮ଲକ୍ଷ ୩୧ ହଜାର ୧୯୫ ଟଙ୍କା ମଧ୍ୟରୁ ଗୁରୁବାର ବଳଙ୍ଗା ଥାନା ପୋଲିସ ୭ ଲକ୍ଷ ୪୯ ହଜାର ୭୫ ଟଙ୍କା ଜବତ କରିଛି। ଏହି ଘଟଣାରେ ଗୁରୁବାର ପେଟ୍ରୋଲ ପମ୍ପ ଡେଲିଭରି ବୟ ଶ୍ରବଣ କୁମାର ମଲ୍ଲିକ (ରାଜା) ଓ ତାଙ୍କ ସହଯୋଗୀ ତ୍ରିନାଥ ମଲ୍ଲିକଙ୍କୁ ସେମାନଙ୍କ ଗ୍ରାମ ରୂପଦେଇପୁରରୁ ଗିରଫ କରାଯାଇଛି। ଦୁହେଁ ମିଶି ଯୋଜନାବଦ୍ଧ ଭାବେ ଏହି ଟଙ୍କା ଚୋରି କରିଥିଲେ। ସେମାନେ ପୁରୀ ପେଣ୍ଟକଟା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିବା ଟଙ୍କାକୁ ପୋଲିସ ଜବତ କରିଛି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଏହି ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ସୂଚନା ଦେଉଛନ୍ତି।

ଏସ୍‌ଡିପିଓ ବରାଳ କହିଛନ୍ତି, ଗତ ୨୭ ତାରିଖ ରାତିରେ ଓମ୍ ଶକ୍ତି ପେଟ୍ରୋଲ ପମ୍ପରୁ ୮ଲକ୍ଷ ୩୧ ହଜାର ୧୯୫ ଟଙ୍କା ଚୋରି ହୋଇଥିବା ନେଇ ମ୍ୟାନେଜର ପ୍ରସନ୍ନ କୁମାର ମିଶ୍ର ବଳଙ୍ଗା ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଏସ୍‌ଡିପିଓ ବରାଳଙ୍କ ନେତୃତ୍ୱରେ ବଳଙ୍ଗା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ତଦନ୍ତ ଜାରି ରଖିଥିଲେ। ଥାନାଧିକାରୀ ପ୍ରଥମେ ପେଟ୍ରୋଲ ପମ୍ପ ସିସିଟିଭି ଫୁଟେଜ ଆଧାରରେ ଡେଲିଭରି ବୟ ଶ୍ରବଣଙ୍କୁ ପଚରାଉଚରା କରିଥିଲେ। ପରେ ତାଙ୍କ ତଥ୍ୟ ଭିତ୍ତିରେ ତ୍ରିନାଥଙ୍କୁ ଧରିଥିଲେ। ପମ୍ପର ଚାବି ଶ୍ରବଣଙ୍କ ପାଖେ ରହୁଥିଲା। ଟ୍ରେଜେରି ଚାବି ରହିବା ସ୍ଥାନ ସମ୍ପର୍କରେ ମଧ୍ୟ ସେ ଜାଣିଥିଲେ। ତେଣୁ ଦୁହେଁ ମିଶି ଟ୍ରେଜେରିରୁ ଟଙ୍କା ଚୋରି କରିଥିଲେ ବୋଲି ଜେରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଥିଲେ।

# ଚଢ଼ାଉ, ଗିରଫଦାରି, ଠିକ୍ ତଦନ୍ତକୁ ଗୁରୁତ୍ୱ

**ଅବକାରୀ ତାଲିମ କର୍ମଶାଳା**

**ଭୁବନେଶ୍ୱର,୩୦।୯ (ବ୍ୟୁରୋ)**

ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ଅବକାରୀ ଆଇନ ଏବଂ ବଟଲିଂ ପ୍ଲାଣ୍ଟ ଅପରେଶନ ଉପରେ ଏକ ଦିନିକିଆ କର୍ମଶାଳା ଶୁକ୍ରବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ଅବକାରୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାକୁ ଉଦ୍‌ଘାଟନ କରି ଅବକାରୀ କମିଶନର ଆଶିଷ କୁମାର ସିଂହ ସମସ୍ତଙ୍କୁ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ କହିବା ସହ ଚଢାଉ, ଜବତ ଏବଂ ତଦନ୍ତ ସମୟରେ ଆଇନକୁ ଠିକ୍ ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ହାଇକୋର୍ଟର ସର୍ବଶେଷ ରାୟ ଆଧାରରେ କାର୍ଯ୍ୟ କରିବାକୁ ସେ ସମସ୍ତ ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ବେଆଇନ କାରବାର ରୋକିବା ପାଇଁ ନୂତନ ବୈଷୟିକ ଜ୍ଞାନକୌଶଳର ଦକ୍ଷତା ରହିବା ଆବଶ୍ୟକ। ଏଥିସହ ଆଇନକୁ ପାଳନ କରିବା ତଥା କୋର୍ଟରେ ପ୍ରମାଣ ଉପସ୍ଥାପନ ପାଇଁ ସମସ୍ତେ ଗୁରୁତ୍ୱ ଦେବା ଉଚିତ ବୋଲି ସେ କହିଥିଲେ।

ଅବକାରୀ ଡେପୁଟୀ କମିଶନର ରାମଚନ୍ଦ୍ର ମିଶ୍ର ଯୋଗଦେଇ କହିଲେ, ଆଇନ୍ ଅନୁଯାୟୀ ଚଢାଉ, ଗିରଫଦାରୀ, ତଦନ୍ତ ଓ ସାକ୍ଷ୍ୟପ୍ରଦାନ ତଥା ମାମଲାର ଏକୀକରଣ ଏବଂ ବାଜ୍ୟାପ୍ତି ଉପରେ ତର୍ଜମା କରିବା ଆବଶ୍ୟକ। ଡେପୁଟି କମିଶନର ରଜତ କୁମାର ପ୍ରହରାଜ ବଟଲିଂ ପ୍ଲାଣ୍ଟ ପରିଚାଳନା ପ୍ରଣାଳୀ ଉପସ୍ଥାପନ କରିଥିଲେ। ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ଯୁଗ୍ମ କମିଶନର ଡକ୍ଟର ଦିବ୍ୟ ଲୋଚନ ମହାନ୍ତି, ଡେପୁଟୀ କମିଶନର ଦଣ୍ଡପାଣି ବେହେରା ଓ ଡମ୍ବରୁଧର ଖଣ୍ଡା ନିଜ ମତ କରିଥିଲେ। ଅବକାରୀ ଅଧିକାରୀମାନେ ବରିଷ୍ଠ ଅଧିକାରୀଙ୍କଠାରୁ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ। ଚଢାଉ, ଜବତ, ଅନୁସନ୍ଧାନ ଏବଂ ପ୍ରମାଣ ଯୋଗାଡ କରିବାର କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।



# ଛତିଶଗଡ଼ରେ ବଲାଙ୍ଗୀରର ୪ ଜଣଙ୍କୁ ହତ୍ୟା: ୩ ଗିରଫ

- ଗୋଟିଏ ପରିବାରର ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅଙ୍କୁ ମାରି ଦେଲେ
- ଦାଦନ ଶ୍ରମିକ ଭାବେ ୧୨ ବର୍ଷ ତଳେ କାମ କରିବାକୁ ଯାଇଥିଲେ
- ସାନଭାଇଙ୍କ ସମେତ ୩ ଜଣଙ୍କୁ ଗିରଫ କଲା ଛତିଶଗଡ଼ ପୋଲିସ

**ବଲାଙ୍ଗୀର ଅଫିସ, ୩୦।୯**

ଛତିଶଗଡର ଭିଲାଇ ନିକଟ ଏକ ଫାର୍ମହାଉସରେ ବଲାଙ୍ଗୀର ଜିଲାର ଗୋଟିଏ ଦାଦନ ଶ୍ରମିକ ପରିବାରର ୪ ଜଣ ସଦସ୍ୟଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ଏହି ଘଟଣା ଛତିଶଗଡ଼ ଏବଂ ଓଡ଼ିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଦେଢ଼ଗାଁ ଗ୍ରାମ ପଞ୍ଚାୟତ ଡେଙ୍ଗପଦର ଗ୍ରାମର ଭୋଲାନାଥ ଯାଦବ (୩୫), ସ୍ତ୍ରୀ ନୈନା (୩୦),ପୁଅ ପ୍ରମୋଦ (୧୨) ଓ ଝିଅ ମୁକ୍ତା (୭)। ଛତିଶଗଡ଼ ପୋଲିସ ଏହି ଘଟଣାରେ ମୃତକଙ୍କ ସାନଭାଇ ସମେତ ୩ ଜଣଙ୍କୁ ଗିରଫ କରିଛି। ସାନଭାଇଙ୍କ ପାଖରୁ ପୋଲିସ ୫ ଲକ୍ଷ ଜବତ କରିଥିବାରୁ ଅନୈତିକ କାର୍ଯ୍ୟ ଓ ଟଙ୍କା ନେଣଦେଣ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି।

ମିଳିଥିବା ସୂଚନା ମୁତାବକ, ପ୍ରାୟ ୧୨ ବର୍ଷ ତଳେ ଡେଙ୍ଗପଦର ଗ୍ରାମର ଭୋଲାନାଥ ଯାଦବ କାମ ଅନ୍ୱେଷଣରେ ଛତିଶଗଡ଼ର ଭିଲାଇ ନିକଟ କପସଦା-ଓକୋଲା ରୋଡ୍‌ଠାରେ ଥିବା ଏକ ଫାର୍ମ ହାଉସରେ କାମ କରିବାକୁ ଯାଇଥିଲେ। ପରେ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ସେଠାକୁ ନେଇଥିଲେ। ସେଠାରେ ରହୁଥିବା ଭୋଲାନାଥଙ୍କ ଘରେ ବୁଧବାର କେହି ଦୁର୍ବୃତ୍ତ ପଶି ଭୋଲାନାଥଙ୍କ ସହ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଭୋଲାନାଥ ଓ ସ୍ତ୍ରୀ ନୈନାଙ୍କ ମୃତଦେହ ଗୁରୁବାର ଫାର୍ମହାଉସ ବାହାରେ ପଡ଼ିଥିବା ଦେଖି କୁମ୍ହାରୀ ଥାନା ପୋଲିସକୁ ଖବର ଦିଆଯାଇଥିଲା। କୁମ୍ହାରୀ ଏବଂ ଦୁର୍ଗ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଡଗ୍ ସ୍କ୍ୱାଡ୍ ଏବଂ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି କେହି ଜଣେ ନିଜ ଲୋକ ହତ୍ୟାକାଣ୍ଡ ଘଟାଇଥିବା ସନ୍ଦେହ କରିଥିଲା। ଏହାପରେ ଅଧିକ ତଦନ୍ତ କରିବାରୁ ଘଟଣାଦିନ ଭୋଲାନାଥଙ୍କ ଜଣେ ସାନଭାଇ ସେଠାକୁ ଯାଇଥିବା ଜଣାପଡ଼ିଥିଲା। ପରେ ସେ ଦିଗରେ ତଦନ୍ତ କରାଯାଇଥିଲା। ଛତିଶଗଡ଼ ପୋଲିସର ଏକ ଟିମ୍ ସିନ୍ଧେକେଲା ଥାନା ଅଞ୍ଚଳକୁ ଆସି ତଦନ୍ତ କରିଥିଲେ। ପରେ ଛତିଶଗଡ଼ ପୋଲିସ ଏହି ହତ୍ୟା ଘଟଣାରେ ମୃତ ଭୋଲାନାଥଙ୍କ ଭାଇ ଏବଂ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉକ୍ତ ଫାର୍ମହାଉସଠାରେ ଅନୈତିକ କାର୍ଯ୍ୟ ଚାଲିଥିବା ଏବଂ ସେଠାରେ ଲକ୍ଷାଧିକ ଟଙ୍କା କାରବାର ହେଉଥିବା ପୋଲିସ ଜାଣିବା ପରେ ଛାନବିନ୍ କରିଥିଲା। ଗିରଫ ଭୋଲାନାଥଙ୍କ ଭାଇ ଘରୁ ପୋଲିସ ୫ ଲକ୍ଷ ଟଙ୍କା ଜବତ କରିଥିବା ଜଣାପଡିଛି। ଏତେ ଟଙ୍କା ଜବତ ହେବା ପରେ ଉକ୍ତ ଫାର୍ମହାଉସ ଠାରେ କିଭଳିଆ ଅନୈତିକ କାର୍ଯ୍ୟ ଚାଲିଥିଲା ଏବଂ ଏକ ଦାଦନ ପରିବାର ପାଖକୁ ଏତେ ଟଙ୍କା କିଭଳି ଆସୁଥିଲା ତାହା ପୋଲିସକୁ ବିସ୍ମିତ କରିଛି। ଛତିଶଗଡରେ ମୃତ ଭୋଲାନାଥ, ତାଙ୍କ ସ୍ତ୍ରୀ, ପୁଅ ଓ ଝିଅଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜାଣିବାକୁ ମିଳିଛି।

**ହୋଟେଲରୁ ମଡେଲଙ୍କ ଝୁଲନ୍ତା ମୃତଦେହ ଠାବ**

ମୁମ୍ବାଇର ଅନ୍ଧେରୀ ଅଞ୍ଚଳରେ ଥିବା ଏକ ହୋଟେଲ ପ୍ରକୋଷ୍ଠରୁ ଜଣେ ୪୦ ବର୍ଷୀୟା ମଡେଲ୍‌ଙ୍କ ମୃତଦେହ ଫ୍ୟାନ୍‌ରୁ ଝୁଲୁଥିବା ଅବସ୍ଥାରେ ମିଳିଛି। ମଡେଲ୍ ଜଣକ ବୁଧବାର ରାତି ୮ଟାରେ ଉକ୍ତ ହୋଟେଲକୁ ଆସି ରାତ୍ରଭୋଜନ ପାଇଁ ଅର୍ଡର କରିଥିଲେ। ଗୁରୁବାର ହୋଟେଲ କର୍ମଚାରୀ ବାରମ୍ବାର ଡାକିବା ସତ୍ତ୍ୱେ ସେ କବାଟ ନ ଖୋଲିବାରୁ ପୋଲିସକୁ ଖବର ଦିଆଯାଇଥିଲା। ସେଠାରୁ ମିଳିଥିବା ସୁଇସାଇଡ୍ ନୋଟ୍‌ରେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ମଡେଲ ଜଣକ ଲେଖିଥିବା ଦେଖାଯାଇଛି।





ଦକ୍ଷିଣ କୋରିଆ ଉପକୂଳରେ ଶୁକ୍ରବାର ଜାପାନ, ଦକ୍ଷିଣ କୋରିଆ ଓ ଆମେରିକା ନୌସେନା ପକ୍ଷରୁ ଚାଲିଥିବା ମିଳିତ ସମରାଭ୍ୟାସ।

# ପ୍ରାକୃତିକ ବାଷ୍ପ ୪୦% ମହଙ୍ଗା

**ନୂଆଦିଲ୍ଲୀ,୩୦।୯**

ବିଦ୍ୟୁତ୍ ଉତ୍ପାଦନ, ସାର ପ୍ରସ୍ତୁତି ପାଇଁ ବ୍ୟବହୃତ ତଥା ଅଟୋମୋବାଇଲ୍‌କୁ ଗତି ଦେବା ପାଇଁ ସିଏନ୍‌ଜିରେ ପରିବର୍ତ୍ତିତ ହେଉଥିବା ପ୍ରାକୃତିକ ବାଷ୍ପ (ନାଚୁରାଲ ଗ୍ୟାସ୍) ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ନାଚୁରାଲ ଗ୍ୟାସ୍ ମୂଲ୍ୟ ବୃଦ୍ଧି ହେତୁ ଶୁକ୍ରବାର ଭାରତରେ ଏହା ୪୦% ବଢ଼ିଛି। ଏହାକୁ ପାର୍ବଣ ଋତୁରେ ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ ବୋଲି କୁହାଯାଉଛି। ପୁରୁଣା କ୍ଷେତ୍ରଗୁଡ଼ିକରୁ ଭାରତର ପ୍ରାୟ ଦୁଇ-ତୃତୀୟାଂଶ ଗ୍ୟାସ୍ ଉତ୍ପାଦନ ହୋଇଥାଏ। ଏହି ଉତ୍ପାଦନ ଦର ପୂର୍ବରୁ ପ୍ରତି ନିୟୁତ ବ୍ରିଟିଶ୍ ଥର୍ମାଲ ୟୁନିଟ୍ ୬.୧ ଡଲାର ଥିବାବେଳେ ଏବେ ୮.୫୭ ଡଲାରକୁ ବୃଦ୍ଧି ପାଇଛି। ଏଥିଯୋଗୁ ପ୍ରାକୃତିକ ବାଷ୍ପ ମହଙ୍ଗା ହୋଇଥିବା ତୈଳ ମନ୍ତ୍ରଣାଳୟର ପେଟ୍ରୋଲିୟମ୍ ପ୍ଲାନିଂ ଆଣ୍ଡ ଅନାଲିସିସ୍ ସେଲ୍ (ପିପିଏସି) ପକ୍ଷରୁ ଜାରି ଏକ ଅର୍ଡରରେ କୁହାଯାଇଛି। ନାଚୁରାଲ ଗ୍ୟାସ୍ ଦର ବୃଦ୍ଧି ଫଳରେ ଲିକ୍ୱିଫାଏଡ୍





■ପାର୍ବଣ ଋତୁରେ ମହଙ୍ଗା ମାଡ଼

■ବଢ଼ିବ ସିଏନ୍‌ଜି, ପିଏନ୍‌ଜି ଦର

ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ମୂଲ୍ୟ ମଧ୍ୟ ବଢ଼ିବା ଆଶଙ୍କା କରାଯାଉଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ ଏହାର ସହଯୋଗୀ ସଂସ୍ଥାଗୁଡ଼ିକ ଅପରେଟ୍ କରୁଥିବା ନୂଆ ଗ୍ୟାସ୍ ଫିଲ୍ଡରେ ମଧ୍ୟ ଏହା ୯.୯୨ ଡଲାରରୁ ୧୨.୬ ଡଲାରକୁ ବଢ଼ିଛି। ଅଏଲ୍ ଆଣ୍ଡ ନାଚୁରାଲ ଗ୍ୟାସ୍ (ଓଏନ୍‌ଜିସି)ର ମୁମ୍ବାଇ କୋଷ୍ଟ ଭଳି ବେସିନ୍ ଫିଲ୍ଡ ତଥା କେ.ଜି. ବେସିନ୍ ଭଳି ଫ୍ରି-ମାର୍କେଟ ଏରିଆରେ ଗ୍ୟାସ୍ ଦର ସର୍ବୋଚ୍ଚ ସୀମାରେ ପହଞ୍ଚିଛି। ୨୦୧୯ ଏପ୍ରିଲ ପରେ ଏହା ହେଉଛି ତୃତୀୟ ମୂଲ୍ୟ ବୃଦ୍ଧି। ଗ୍ୟାସ୍ ହେଉଛି ବିଦ୍ୟୁତ୍ ଉତ୍ପାଦନ ଓ ସାର ପ୍ରସ୍ତୁତି ପାଇଁ ଏକ କଞ୍ଚାମାଲ। ଏହାକୁ କମ୍ପ୍ରେସ୍‌ଡ୍ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ରେ ପରିବର୍ତ୍ତିତ କରି ଏବଂ ରୋଷେଇ ପାଇଁ ପାଇପ୍‌ଲାଇନ୍‌ରେ ଘରକୁ ପଠାଯାଇଥାଏ। ଏହି ଦର ବୃଦ୍ଧିର ପ୍ରଭାବ ସିଏନ୍‌ଜି ଏବଂ ପାଇପ୍‌ଡ ନାଚୁରାଲ ଗ୍ୟାସ୍ (ପିଏନ୍‌ଜି) ଉପରେ ପଡ଼ିବ, ଯାହାକି ଗତ ବର୍ଷକ ମଧ୍ୟରେ ୭୦%ରୁ ଅଧିକ ମହଙ୍ଗା ହୋଇସାରିଛି। ପ୍ରକାଶ ଯେ, କେନ୍ଦ୍ର ସରକାର ପ୍ରତି ୬ ମାସରେ ଗ୍ୟାସ୍ ଦର ନିର୍ଦ୍ଧାରଣ କରିଥାଆନ୍ତି। ଗ୍ୟାସ୍ ବଳକା ରାଷ୍ଟ୍ର ଆମେରିକା, କାନାଡା ଓ ଋଷିଆରୁ ଆମଦାନୀ ହେଉଥିବା ପ୍ରାକୃତିକ ବାଷ୍ପର ମୂଲ୍ୟ ଆଧାରରେ ଏପ୍ରିଲ ୧ ଓ ଅକ୍ଟୋବର ପହିଲାରେ ଏହାର ଦର ଧାର୍ଯ୍ୟ ହୋଇଥାଏ। ବିଶ୍ୱ ବଜାରରେ ଏହି ଦର ଆକାଶଛୁଆଁ ହୋଇଛି। ସଦ୍ୟ ମୂଲ୍ୟ ବୃଦ୍ଧି ଭାରତରେ ମୁଦ୍ରାସ୍ଫୀତି ବୃଦ୍ଧିର କାରଣ ହୋଇପାରେ।

## ସଂକ୍ଷେପରେ

### ସାଓମିର ୫,୫୫୧ କୋଟି ଜବତକୁ ଫେରେକ୍ସ ଅନୁମୋଦନ

**ନୂଆଦିଲ୍ଲୀ,୩୦।୯:** ଚାଇନା ଫୋନ୍ ଉତ୍ପାଦନକାରୀ କମ୍ପାନୀ ସାଓମି ଟେକ୍‌ନୋଲୋଜି ଇଣ୍ଡିଆ ପ୍ରା. ଲିଃ ବେଆଇନ ଭାବେ ବିଦେଶକୁ ପଠାଉଥିବା ୫,୫୫୧ କୋଟି ଟଙ୍କାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ଏପ୍ରିଲରେ ଜବତ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହା ଦେଶରେ ସବୁଠୁ ବଡ଼ ଧରଣର ଅର୍ଥ ଜବତ। ଭାରତର ବିଦେଶ ବିନିମୟ କର୍ତ୍ତୃପକ୍ଷ (ଫେରେକ୍ସ) ଏହାକୁ ଅନୁମୋଦନ କରିଛି। ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ବଳରେ ଫେରେକ୍ସ କର୍ତ୍ତୃପକ୍ଷ ଇଡିକୁ ଉକ୍ତ ପାଣ୍ଠି ଜବତ କରିବାର ଅଧିକାର ଦେଇଥିବା ଉକ୍ତ ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଫେମା ଉଲ୍ଲଂଘନ କରି ସାଇମି ଇଣ୍ଡିଆ ଦେଶ ବାହାରେ ଅର୍ଥ ରଖୁଥିବାରୁ ଏହାକୁ ଜବତ କରାଯାଇଥିଲା ବୋଲି ଇଡି କହିଛି।

### ଜିହାଦରେ ସାମିଲ ଲାଗି ସିରିଆ ଯାଉଥିଲେ ପିଏଫ୍‌ଆଇ ସଦସ୍ୟ

**ନୂଆଦିଲ୍ଲୀ,୩୦।୯:** ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସ୍‌ରେ ସାମିଲ ହୋଇଥିବା ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ସଦସ୍ୟମାନେ ଜିହାଦରେ ସାମିଲ ହେବା ଲାଗି ସିରିଆ ଏବଂ ସେମାନଙ୍କ ଆଡ୍ଡାସ୍ଥଳ ଥିବା ଅନ୍ୟ ଦେଶକୁ ଯାଉଥିଲେ। ସୁରକ୍ଷା ବଳ ନଜରରୁ ବର୍ତ୍ତିବା ଲାଗି ସେମାନେ ବିଭିନ୍ନ ଦୀର୍ଘ ରୁଟ୍ ଦେଇ ସେଠାକୁ ଯାଉଥିଲେ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଜଣେ ଅଧିକାରୀ କହିଛନ୍ତି। ଏନ୍‌ଆଇଏ ପ୍ରସ୍ତୁତ କରିଥିବା ଦସ୍ତାବିଜ ଅନୁଯାୟୀ ଭାରତରୁ ଯାଇଥିବା କେତେଜଣ ପିଏଫ୍‌ଆଇ ସଦସ୍ୟ ବିଦେଶ ମାଟିରେ ପ୍ରାଣ ହରାଇଛନ୍ତି କିମ୍ବା ଗିରଫ ହୋଇ ଭାରତ ପ୍ରତ୍ୟର୍ପଣ ହୋଇଛନ୍ତି। କେରଳର କେତେଜଣ ମୁସଲମାନ ଯୁବକ ସିରିଆ ପଳାଇଥିଲେ ଓ ସେମାନଙ୍କ ମଧ୍ୟରୁ କେତେକେ ଆଇଏସ୍‌ରେ ସାମିଲ ହେବାକୁ ଯୋଜନା କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଏଫ୍‌ଆଇ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଥିଲା। ବୈଶ୍ୱିକ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ସମ୍ପର୍କ ରଖି ଦେଶରେ ସାମ୍ପ୍ରଦାୟିକ ଘୃଣା ପ୍ରସାର କରିବାକୁ ଚାହୁଁଥିବା ପିଏଫ୍‌ଆଇକୁ ସରକାର ୫ ବର୍ଷ ପାଇଁ ବେଆଇନ ଘୋଷଣା କରିଛନ୍ତି।

### ବୋମା ଗୁଜବ: ବିମାନ ବିଳମ୍ବିତ

**ନୂଆଦିଲ୍ଲୀ,୩୦।୯ :** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶୁକ୍ରବାର ଦୁଇଜଣ ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ବିମାନରେ ବୋମା ଥିବା ଖବର ପ୍ରଚାରିତ ହୋଇଥିଲା। ଫଳରେ ମାଲେସିଆ ଯିବାକୁ ଥିବା ବିମାନ ଉଡ଼ାଣରେ ବିଳମ୍ବ ହୋଇଛି। ମାଲେସିଆ ଯିବାକୁ ଥିବା ଏମ୍‌ଏଚ୍୧୭୩ ବିମାନରେ ଲଗେଜ ବ୍ୟାଗ୍ ରଖିବାକୁ ନେଇ ଦୁଇଜଣ ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ଉକ୍ତ ବ୍ୟାଗ୍‌ରେ ବୋମା ଥିବା ଜଣେ ଯାତ୍ରୀ କହିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସୁରକ୍ଷା ସଂସ୍ଥାଗୁଡ଼ିକ ସଜାଗ ହୋଇଉଠିଥିଲେ। ଉକ୍ତ ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ବ୍ୟାଗ୍‌ରେ ବୋମା ଥିବା ଖବର ଗୁଜବ ବୋଲି ଜଣାପଡ଼ିବା ପରେ ୨ ଘଣ୍ଟା ୪୦ ମିନିଟ ବିଳମ୍ବରେ ବିମାନଟି କ୍ୱାଲାଲୁମ୍ପୁର ଅଭିମୁଖେ ଛାଡ଼ିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଯାତ୍ରୀଙ୍କୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରାଯାଇଛି।

## କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

# ଖାର୍ଗେ ବନାମ ଥରୁର

**ନୂଆଦିଲ୍ଲୀ,୩୦।୯**

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ପ୍ରବେଶ କରିଥିବାବେଳେ ଶେଷ ମୁହୂର୍ତ୍ତରେ ଦିଗ୍‌ବିଜୟ ସିଂ ଓହରିଯାଇଛନ୍ତି। ଅକ୍ଟୋବର ୧୭ରେ ହେବାକୁ ଥିବା ନିର୍ବାଚନରେ ଖାର୍ଗେଙ୍କ ସହ ଶଶୀ ଥରୁରଙ୍କ ଲଢ଼େଇ ହେବାକୁ ଯାଉଛି। ତେବେ ଖାର୍ଗେଙ୍କ ପଛରେ ଗାନ୍ଧୀ ପରିବାର ଏବଂ ଜି-୨୩ ନେତାଙ୍କ ସମର୍ଥନ ରହିଥିବାରୁ ସେ ଜିତିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିବାବେଳେ ଖାର୍ଗେ, ଥରୁରଙ୍କ ସହ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ କେ.ଏନ୍. ତ୍ରିପାଠୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।



ମଲ୍ଲିକାର୍ଜୁନ ଖାର୍ଗେ



ଶଶୀ ଥରୁର

୮୦ ବର୍ଷୀୟ ଖାର୍ଗେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ସେ କଂଗ୍ରେସର ଜଣେ ବ୍ୟକ୍ତି ଗୋଟିଏ ପଦବୀ ନୀତି ଯୋଗୁ ତାଙ୍କୁ ରାଜ୍ୟ ସଭା ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେବାକୁ ପଡ଼ିପାରେ। ସେ ଦାଖଲ କରିଥିବା ଏକାଧିକ ସେଟ୍ ନାମାଙ୍କନପତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା, ଦିଗ୍‌ବିଜୟ ସିଂ, ପୃଥ୍ୱୀରାଜ ଚଭନ, ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନି, ମୁଖପାତ୍ର ଏ.ଏମ୍. ସିଙ୍ଘଭି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜୟ ମାକେନ୍ ପ୍ରମୁଖ ପ୍ରସ୍ତାବକ ରହିଛନ୍ତି। ଥରୁର ମଧ୍ୟ ୫ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତୃତୀୟ ପ୍ରାର୍ଥୀ ଭାବେ କେ.ଏନ୍. ତ୍ରିପାଠୀ ମଧ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଦିଗ୍‌ବିଜୟ ଗୁରୁବାର ନାମାଙ୍କନ ଫର୍ମ ସଂଗ୍ରହ କରିଥିଲେ ମଧ୍ୟ ଶୁକ୍ରବାର ସକାଳେ ଖାର୍ଗେଙ୍କୁ ଭେଟିବା ପରେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଥିଲେ।

ଗାନ୍ଧୀ ପରିବାର ନିର୍ବାଚନରେ ନିରପେକ୍ଷ ରହିବେ ବୋଲି କହିଥିଲେ ହେଁ ବରିଷ୍ଠ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଗୁରୁବାର ମଧ୍ୟରାତ୍ରରେ ଖାର୍ଗେଙ୍କୁ ଭେଟି ଦଳୀୟ ନେତୃତ୍ୱ ତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହାନ୍ତି ବୋଲି ଜଣାଇଥିଲେ। ତେବେ ଦଳ ପକ୍ଷରୁ କାହାକୁ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ କରାଯାଇ ନାହିଁ। ନିରପେକ୍ଷ ରହିବା ଲାଗି ଗାନ୍ଧୀ ପରିବାର ନିର୍ବାଚନରେ ଭୋଟ ଦେଇ ନ ପାରନ୍ତି ବୋଲି ଏକ ସୂତ୍ରରୁ କୁହାଯାଇଛି। ରାଜସ୍ଥାନରେ ରାଜନୈତିକ ସଙ୍କଟ ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗୁରୁବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି କ୍ଷମା ମାଗିବା ସହ ନିର୍ବାଚନ ଦୌଡ଼ରୁ ଓହରିଯାଇଥିଲେ। ଅଧ୍ୟକ୍ଷ ପଦ ପାଇଁ ଗେହଲଟ୍ ଥିଲେ ଗାନ୍ଧୀ ପରିବାରର ପ୍ରଥମ ପସନ୍ଦ। ତେବେ ସଚିନ ପାଇଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପ୍ରସ୍ତାବକୁ ବିରୋଧ କରି ତାଙ୍କ ଅନୁଗତ ବିଧାୟକମାନେ ବିଦ୍ରୋହ କରିବାରୁ ଗେହଲଟ୍ ଅଧ୍ୟକ୍ଷ ହେବା ସୁଯୋଗ ହରାଇଥିଲେ। ଦୀର୍ଘ ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ହେବାକୁ ଯାଉଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ଗାନ୍ଧୀ ପରିବାର ବାହାରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟ ବରିଷ୍ଠ ନେତାଙ୍କୁ ଦଳର ନେତୃତ୍ୱ ନେବା ଲାଗି ବାଟ ଛାଡ଼ିଦେବାକୁ ଗାନ୍ଧୀ ପରିବାର ନିର୍ବାଚନ ଲଢ଼ିବାକୁ ମନା କରିଦେଇଥିଲେ।

## କାବୁଲ ସ୍କୁଲ୍‌ରେ ଆତ୍ମଘାତୀ ବିସ୍ଫୋରଣ: ୧୯ ମୃତ

**କାବୁଲ,୩୦।୯**

ଆଫଗାନିସ୍ତାନ ରାଜଧାନୀ କାବୁଲ୍‌ର ଏକ ସ୍କୁଲ୍‌ରେ ଶୁକ୍ରବାର ଆତ୍ମଘାତୀ ବିସ୍ଫୋରଣ ଘଟି ୧୯ ଜଣଙ୍କ ମୃତ୍ୟୁ ହେବା ସହ ୨୭ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଛି। କିନ୍ତୁ ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ବହୁତ ଅଧିକ ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ସହରର ଦାସ୍ତ-ଇ-ବାର୍ଚି ଅଞ୍ଚଳରେ ଥିବା କାଜ୍ ଶିକ୍ଷାକେନ୍ଦ୍ରରେ ପିଲାମାନେ ଅଭ୍ୟାସମୂଳକ ପରୀକ୍ଷାରେ ବସିଥିବାବେଳେ ବିସ୍ଫୋରଣ ଘଟିଥିଲା। ଏହି ଆକ୍ରମଣ ଲାଗି କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀ ବୋଲି ପୋଲିସ କହିଛି। ବିସ୍ଫୋରଣ ବେଳେ ସ୍କୁଲ୍‌ରେ ପ୍ରାୟ ୬୦୦ ପିଲା ଥିଲେ। ମୃତ୍ୟୁସଂଖ୍ୟା ୩୦ରୁ ଅଧିକ ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି।

## ଆମ୍ବୁଲାନ୍ସକୁ ବାଟ ଛାଡ଼ିବା ପାଇଁ ଅଟକିଲା ପ୍ରଧାନମନ୍ତ୍ରୀଙ୍କ ଗାଡ଼ି

**ଅହମଦାବାଦ,୩୦।୯ (ପି.ଟି.)**

ଗୁଜରାଟ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅହମଦାବାଦରୁ ଗାନ୍ଧୀନଗର ଯାଉଥିବାବେଳେ ଏକ ଆମ୍ବୁଲାନ୍ସକୁ ବାଟ ଛାଡ଼ିଦେବା ଲାଗି ତାଙ୍କ ଗାଡ଼ି ସମେତ ସାଙ୍ଗରେ ରହିଥିବା ଏକାଧିକ ଯାନ କିଛି ସମୟ ରାସ୍ତାରେ ଅଟକି ରହିଥିଲେ। ଗୁଜରାଟ ଭାଜପା ମିଡିଆ ସେଲ୍ ପକ୍ଷରୁ ଶେୟାର କରାଯାଇଥିବା ଏକ ଭିଡିଓରେ ପ୍ରଧାନମନ୍ତ୍ରୀଙ୍କ କନ୍‌ଭଏରେ ଥିବା ଦୁଇଟି ଏସ୍‌ୟୁଭି ଆମ୍ବୁଲାନ୍ସକୁ ବାଟ ଛାଡ଼ିଦେବା ଲାଗି ରାସ୍ତା ବାମ ପାର୍ଶ୍ୱକୁ ଯାଉଥିବା ଦେଖାଯାଇଛି। ଶୁକ୍ରବାର ଅପରାହ୍ନରେ ଅହମଦାବାଦର ଦୂରଦର୍ଶନ କେନ୍ଦ୍ର ନିକଟରେ ଏକ ସଭାରେ ଉଦ୍‌ବୋଧନ ଦେଇସାରିବା ପରେ ମୋଦି ଗାନ୍ଧୀନଗର ରାଜଭବନ ଅଭିମୁଖେ ଯାଉଥିବାବେଳେ ଏଭଳି ଘଟଣା ଘଟିଥିଲା। ଗୁଜରାଟ ଗସ୍ତର ଦ୍ୱିତୀୟ ଦିନରେ ମୋଦି ଗାନ୍ଧୀନଗର-ମୁମ୍ବାଇ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଉଦ୍‌ଘାଟନ କରିବା ସହ ଅହମଦାବାଦ ମେଟ୍ରୋ ରେଲ୍ ପ୍ରୋଜେକ୍ଟର ପ୍ରଥମ ପର୍ଯ୍ୟାୟକୁ ଶୁଭାରମ୍ଭ କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ମେଟ୍ରୋ ଟ୍ରେନ୍‌ରେ କିଛି ସମୟ ଯାତ୍ରା କରିଥିଲେ।

# ଋଷିଆ ଦଖଲରେ ୟୁକ୍ରେନ୍‌ର ୧୫ ଭାଗ



ଭ୍ଲାଡିମିର ପୁଟିନ୍

**ମସ୍କୋ/କିଭ୍,୩୦।୯**

୭ ମାସର ଯୁଦ୍ଧ ବେଳେ ଋଷିଆ ବେଆଇନ ଭାବେ ଦଖଲ କରିଥିବା ୟୁକ୍ରେନ୍‌ର ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆକୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ସ୍ୱାଧୀନ ଘୋଷଣା କରିଛନ୍ତି। ଅନ୍ତର୍ଜତୀୟ ଆଇନକୁ ଅବଜ୍ଞା କରି ସେ ଏହି ଅଞ୍ଚଳକୁ ନିଜ ଦେଶ ସହ ମିଶ୍ରଣ ନେଇ ସେଣ୍ଟ ଜର୍ଜ ହଲ୍‌ରେ ଏକ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ପୁଟିନ୍‌ଙ୍କ ବିସ୍ତାରବାଦୀ ନୀତିକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଋଷିଆ ଏକ ଆତଙ୍କବାଦୀ ରାଷ୍ଟ୍ରରେ ପରିଣତ ହୋଇଥିବା ଜେଲେନ୍‌ସ୍କି କହିଛନ୍ତି। ଋଷିଆ ଦଖଲରେ ଥିବା ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆରେ ୫ ଦିନ ଧରି ଚାଲିଥିବା ଗଣଭୋଟ ମଙ୍ଗଳବାର ଶେଷ ହେବା ପରେ ୟୁକ୍ରେନ୍‌ର ଏହି ୧୫% ଅଞ୍ଚଳଗୁଡ଼ିକ ଉପରେ ମସ୍କୋର ଆଧିପତ୍ୟ ଆରମ୍ଭ ହୋଇଛି। ପୁଟିନ୍‌ଙ୍କ ଏହି ପଦକ୍ଷେପକୁ ବିଶ୍ୱ ସମୁଦାୟ ବିଶେଷକରି ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସମାଲୋଚନା କରିଛନ୍ତି। କ୍ରେମ୍ଲିନ୍ ପକ୍ଷରୁ ଏହି ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଋଷୀୟ ସୈନ୍ୟମାନେ ଜାପୋରିଝିଆକୁ ଟାର୍ଗେଟ କରି ମିଶାଇଲ, ରକେଟ ଓ ଆତ୍ମଘାତୀ ଡ୍ରୋନ୍ ଜରିଆରେ ଆକ୍ରମଣ କରିଛନ୍ତି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି।



ୟୁକ୍ରେନ୍‌ର ଜାପୋରିଝିଆରେ ଋଷିଆ ମିଶାଇଲ୍ ମାଡ଼ କରିଛି। ଏକ କ୍ଷତିଗ୍ରସ୍ତ କାର୍ ନିକଟରେ ଜଣେ ପୋଲିସ ଅଧିକାରୀ ଛିଡ଼ା ହୋଇଛନ୍ତି।

# ନୂଆ ସିଡିଏସ୍ ଦାୟିତ୍ୱ ନେଲେ

**ନୂଆଦିଲ୍ଲୀ,୩୦।୯(ପି.ଟି.)**

ଭାରତର ନୂଆ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଭାବେ ଜେନେରାଲ ଅନିଲ ଚୌହାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେନାର ୩ ବାହିନୀ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ସହ ଆଗାମୀ ଦିନର ସୁରକ୍ଷାଗତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବା ଲାଗି ସୈନ୍ୟବାହିନୀକୁ ପ୍ରସ୍ତୁତ କରିବା ନିମନ୍ତେ ଥିଏଟର କମାଣ୍ଡ ଯୋଜନା କାର୍ଯ୍ୟକାରୀ କରାଇବା ଉପରେ ସେ ପ୍ରାଥମିକତା ଦେବେ। ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁର ୯ ମାସ ପରେ ପୂର୍ବତନ ଇଷ୍ଟର୍ନ ଆର୍ମି କମାଣ୍ଡର ଜେନେରାଲ ଚୌହାନଙ୍କୁ ଦେଶର ସର୍ବବରିଷ୍ଠ ସେନା କମାଣ୍ଡର ଦାୟିତ୍ୱ ପ୍ରଦାନ କରାଯାଇଛି। ୩ ବାହିନୀର ଆଶା ପୂରଣ କରିବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ୬୧ ବର୍ଷୀୟ ଚୌହାନ ସାମରିକ ବ୍ୟାପାର ବିଭାଗ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିବେ।



ଜେନେରାଲ ଅନିଲ ଚୌହାନ

ଜେନେରାଲ ଚୌହାନ ଇଷ୍ଟର୍ନ ଆର୍ମି କମାଣ୍ଡର ଭାବେ ଗତବର୍ଷ ମେ' ୩୧ରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କ ଅଧୀନରେ ଥିବା ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସିଡିଏସ୍ ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ଜେନେରାଲ ଚୌହାନ ଇଣ୍ଡିଆ ଗେଟ୍ କମ୍ପ୍ଲେକ୍ସକୁ ଯାଇ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଦେଶର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଇଭିଏମ୍ ଆବେଦନ ଖାରଜ

## ଅଦାଲତ ପ୍ରଚାର ସ୍ଥାନ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୯(ପି.ଟି.):** ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ଗୁଡ଼ିକ ନିର୍ବାଚନ କମିଶନଙ୍କ ବଦଳରେ କେତେକ କମ୍ପାନୀ ଦ୍ୱାରା ନିୟନ୍ତ୍ରିତ ହେଉଥିବା ନେଇ ଏକ ରାଜନୈତିକ ଦଳର ଅଭିଯୋଗକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ନିଜର ପ୍ରଚାର ପାଇଁ ଯେକେହି ଚାଲିଆସିବା ସ୍ଥାନ ଅଦାଲତ ନୁହେଁ ବୋଲି ସୁପ୍ରିମକୋର୍ଟ କହିବା ସହ ମୂଲ୍ୟବାନ ସମୟ ବରବାଦ କରୁଥିବା ଆବେଦନକାରୀଙ୍କୁ ୫୦,୦୦୦ ଟଙ୍କା ଜରିମାନା ଦେବାକୁ କହିଛନ୍ତି। ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟା ନିର୍ବାଚନ କମିଶନଙ୍କ ଭଳି ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଛି। ଦେଶରେ ଗତ କିଛି ଦଶନ୍ଧି ହେଲା ଇଭିଏମ୍ ବ୍ୟବହୃତ ହୋଇଆସୁଛି। ଏହାର ବ୍ୟବହାର ବନ୍ଦ କରିବା ଲାଗି ଅନେକ ସମୟରେ ଆବେଦନ ହୋଇଛି। ଭୋଟରଙ୍କ ସ୍ୱୀକୃତି ପାଇ ନ ଥିବା ଦଳ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରି ସ୍ୱୀକୃତି ପାଇବାକୁ ଉଦ୍ୟମ କରୁଥିବା ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ରାୟରେ କହିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଗତବର୍ଷ ଡିସେମ୍ବରର ଏକ ରାୟକୁ ଚ୍ୟାଲେଞ୍ଜ କରି ମଧ୍ୟପ୍ରଦେଶ ଜନବିକାଶ ପାର୍ଟି ପକ୍ଷରୁ ଉପରୋକ୍ତ ପିଟିଶନ ଦାଏର ହୋଇଥିଲା।

# ଗର୍ଭପାତ କରାଉଥିବା ନାବାଳିକାଙ୍କ ପରିଚୟ ଗୋପନ ରଖିବେ ଡାକ୍ତର

**ନୂଆଦିଲ୍ଲୀ,୩୦।୯(ପି.ଟି.)**

ସହମତିରେ ଯୌନ ସମ୍ପର୍କ ରଖିଥିବା ନାବାଳିକା ଗର୍ଭପାତ କରାଇବାକୁ ଚାହୁଁଥିଲେ ଡାକ୍ତରମାନେ ସେମାନଙ୍କ ପରିଚୟ ସ୍ଥାନୀୟ ପୋଲିସକୁ ନ ଦେବା ପାଇଁ ସୁପ୍ରିମକୋର୍ଟ କହିଛନ୍ତି। ଗୁରୁବାର ସର୍ବୋଚ୍ଚ ଅଦାଲତ ଏକ ଐତିହାସିକ ରାୟରେ କହିଥିଲେ, ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍ନାନ୍ସି (ଏମ୍‌ଟିପି) ଆଇନରେ ଅବିବାହିତା ମହିଳା ଗର୍ଭଧାରଣର ୨୦ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରାଇପାରିବେ। ଏହି ସୁବିଧାକୁ କେବଳ ବିବାହିତ ମହିଳାମାନଙ୍କୁ ଦିଆଯିବା ପକ୍ଷପାତ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲ୍ଲଂଘନ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ।



ଉକ୍ତ ଆଇନର ସୁବିଧା ସବୁ ମହିଳା ନେଇପାରିବେ। ୧୮ ବର୍ଷରୁ କମ୍ ବୟସ୍କା ସହମତିରେ ଯୌନକ୍ରିୟାରେ ଲିପ୍ତ ଥିଲେ, ସେମାନଙ୍କ ପାଇଁ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଏବଂ ଏମ୍‌ଟିପି ଆଇନ ଅନୁଯାୟୀ ସୁରକ୍ଷା ମିଳିବା ଉଚିତ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଏ.ଏସ୍. ବୋପାନ୍ନା ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ନାବାଳିକା ଏବଂ ତାଙ୍କ ଅଭିଭାବକଙ୍କ ଅନୁରୋଧକ୍ରମେ ଡାକ୍ତର ଏମ୍‌ଟିପି ଆଇନରେ ଗର୍ଭପାତ କରାଇପାରିବେ। ତେବେ ପୋକ୍ସୋ ଆଇନର ଧାରା ୧୯(୧) ଅନୁଯାୟୀ ନାବାଳିକାଙ୍କ ପରିଚୟ ଏବଂ ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରିବା ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ନିର୍ବାଚନ ସରିଛି, ଏବେ ଲୋକଙ୍କ ଲାଗି କାମ କରନ୍ତୁ: ନବୀନ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ଲୋକଙ୍କ ସେବା ହେଉଛି ମୁଖ୍ୟ । ରାଜନୀତି ଏଥିପାଇଁ ଏକ ମାଧ୍ୟମ ମାତ୍ର। ଏହା ଆମେ ସମସ୍ତେ ମନେରଖିବା ଦରକାର। ପଞ୍ଚାୟତ ଓ ପୌର ନିର୍ବାଚନ ସମୟରେ ରାଜନୀତି ହୋଇଥାଏ। ନିର୍ବାଚନ ସରିବା ପରେ ସମସ୍ତେ ଏକାଠି ହୋଇ ଲୋକଙ୍କ ପାଇଁ କାମ କରନ୍ତୁ। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହେଉଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ସଫଳ କରିବା ନିମନ୍ତେ ବରମୁଣ୍ଡା ପଡ଼ିଆରେ ଆୟୋଜିତ ପ୍ରସ୍ତୁତି ବୈଠକର ଦ୍ୱିତୀୟ ଦିବସରେ ଭର୍ଚୁଆଲ ମାଧ୍ୟମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ଜନ ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଏକ ଆଞ୍ଚଳିକ ଦଳ ଭାବେ ଆମେ ସବୁବେଳେ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନକୁ ପ୍ରାଥମିକତା ଦେଇ ଆସିଛୁ, ଆଗକୁ ମଧ୍ୟ ଦେବୁ। ବିଜେଡି ଲୋକଙ୍କ ସୁଖଦୁଃଖରେ ଏବଂ ସାଥିରେ ରହି ଆସିଛି। ଏହି ଧାରାକୁ ଅନୁସରଣ କରି ରାଜ୍ୟବାସୀଙ୍କ ଆଶୀର୍ବାଦ ଓ ରାଜ୍ୟବାସୀଙ୍କୁ ସାଥିରେ ନେଇ ଲୋକଙ୍କ ପାଖକୁ ଯାଆନ୍ତୁ। ସାରା ରାଜ୍ୟରେ ଏହି ପଦଯାତ୍ରାକୁ ସଫଳ କରାନ୍ତୁ ବୋଲି ସେ କହିଛନ୍ତି। ପ୍ରାରମ୍ଭରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦଳର ବରିଷ୍ଠ ନେତା ଅଶୋକ ପଣ୍ଡା, ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ , ଅରୁଣ ସାହୁ ପ୍ରମୁଖ ଦ୍ୱିତୀୟ ଦିବସର ଏହି କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ପ୍ରଣବ ପ୍ରକାଶ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଓ ସ୍ୱଚ୍ଛ ପ୍ରଶାସନ ଯୋଗୁ ଓଡ଼ିଶା ବର୍ତ୍ତମାନ ପ୍ରତିଟି କ୍ଷେତ୍ରରେ କିପରି ଉନ୍ନତିର ମାର୍ଗରେ ଦ୍ରୁତ ଗତିରେ ଆଗଉଛି, ତାହାର ବାର୍ତ୍ତା ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ବୈଠକରେ ଉପସ୍ଥିତ ଥିବା ଦଳର ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୌର ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଦଳର ଜିଲା ଓ ବ୍ଲକ୍ କର୍ମକର୍ତ୍ତାମାନଙ୍କୁ ମନ୍ତ୍ର ଦେଇଛନ୍ତି। ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓଡ଼ିଶାକୁ ଆମ ହକ୍ ଦେଉନାହିଁ ବୋଲି ବିଭିନ୍ନ ଉଦାହରଣ ସହ କହିଛନ୍ତି, ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାରର ସୀମା ନାହିଁ। ୬୦ ଦଶକରେ ଆରମ୍ଭ ହୋଇଥିବା ଏହି ଅବିଚାର ଏବେ ବି ଜାରି ରହିଛି। ରେଳପଥଠୁ ନେଇ ବିପର୍ଯ୍ୟୟ ସହାୟତା ଓ ଉଷୁନା ଚାଉଳ ଉଠାଣ ପର୍ଯ୍ୟନ୍ତ କେନ୍ଦ୍ର ଓଡ଼ିଶାକୁ ଅବିଚାର ଜାରି ରଖିଛି। ତେଣୁ କେନ୍ଦ୍ରର ଏହି ଅବିଚାର ବିରୋଧରେ ଆମର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଚିନ୍ତାଧାରା ଯୋଗୁ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ଆର୍ଥିକ ସୁପରିଚାଳନା ଯୋଗୁ ଓଡ଼ିଶା କିପରି ଦ୍ରୁତ ଗତିରେ ପ୍ରଗତି କରୁଛି, ତାହାର ଚିତ୍ର ପ୍ରଦାନ କରିଛନ୍ତି। ମହାବାତ୍ୟା ପରର ଦୟନୀୟ ଆର୍ଥିକ ସ୍ଥିତିରୁ ଉଠି ଓଡ଼ିଶାର ଅର୍ଥନୀତି ଆଜି ଉପରମୁହାଁ ହୋଇଛି। ୨୦୦୦ ମସିହାରେ ରାଜ୍ୟର ବଜେଟ ସାଢେ ୧୧ ହଜାର କୋଟିରୁ ବଢି ୨ ଲକ୍ଷ କୋଟିରେ ପହଞ୍ଚିଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି, ଗମନାଗମନ କ୍ଷେତ୍ରକୁ ସରକାର ପ୍ରାଥମିକତା ଦେଇଥିବାରୁ ଓଡ଼ିଶାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇଛି। ୧୭ ହଜାର ଗାଁକୁ ନିତିଦିନିଆ ରାସ୍ତା ନିର୍ମାଣ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ୫ –ଟି ମନ୍ତ୍ରକୁ ଭୂୟସୀ ପ୍ରଶଂସା କରିଛନ୍ତି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜ ଭାଷାଣରେ ଓଡ଼ିଶା କେମିତି ନିଅଣ୍ଟିଆ ଖାଦ୍ୟ ରାଜ୍ୟରୁ ଆଜି ବଳକା ରାଜ୍ୟରେ ପରିଣତ ହୋଇଛି, ତାହାର କାହାଣୀ ବର୍ଣ୍ଣନା କରିଛନ୍ତି। ଜଗନ୍ନାଥଙ୍କ ମାଟି ଓଡ଼ିଶାରେ ଧର୍ମ ଓ ଜାତିକୁ ନେଇ ଘୃଣା ଓ ଅସୂୟାର ରାଜନୀତି ଚଳିବ ନାହିଁ ବୋଲି ଦର୍ଶାଇ ଧର୍ମନିରପେକ୍ଷତାରେ ବିଶ୍ୱାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଓଡ଼ିଶାବାସୀଙ୍କ ଆଶା, ଭରସା ଓ ଆଶୀର୍ବାଦ ଅଛି ବୋଲି ସେ କହିଛନ୍ତି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ନବୀନବାବୁଙ୍କ ଦୃଢ଼ ନେତୃତ୍ୱ ଯୋଗୁ ଓଡ଼ିଶା ସରକାର କିପରି ସମସ୍ତ ପ୍ରତିକୂଳତାକୁ ଅତିକ୍ରମ କରି ପ୍ରତିବଦ୍ଧତାର ସହ ସାଢ଼େ ଚାରି କୋଟି ଓଡ଼ିଆଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରୁଛନ୍ତି, ପଦଯାତ୍ରା ବେଳେ ତାହା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି। ଶେଷରେ ପ୍ରଖ୍ୟାତ ପ୍ରେରଣାଦାୟୀ ବକ୍ତା ଉଜ୍ଜ୍ୱଳ ପଟ୍ନି ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ଲୋକଙ୍କ ଶ୍ରଦ୍ଧାଭାଜନ ହେବାକୁ ଆବଶ୍ୟକ ବିଭିନ୍ନ ପଦକ୍ଷେପ ଓ କୌଶଳ ସମ୍ପର୍କରେ ଅବଗତ କରିଛନ୍ତି।



ଭର୍ଚୁଆଲରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ବରମୁଣ୍ଡା ପଡିଆଠାରେ ଶୁକ୍ରବାର ବିଜେଡି ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକର ଦ୍ୱିତୀୟ ଦିବସରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଏମ୍‌ପି ।

## ୩ ଦାବି ରଖିଲୁ ନ ମାନିଲେ ଆନ୍ଦୋଳନ ଆଗେଇବ: କଂଗ୍ରେସ

### ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ମୃତ୍ୟୁ ପ୍ରସଙ୍ଗ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ନିମାପଡ଼ା ବ୍ଲକର ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ଶୁକ୍ରବାର କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣେଶ୍ୱର କହିଛନ୍ତି, ସତକଥା ପ୍ରକାଶକୁ ଏତେ ଭୟ କାହିଁକି ଲାଗୁଛି। ମୋ ସରକାର ଏବଂ ୫–ଟି ଶାସନରେ ସତ କାହିଁକି ଲୁଚାଯାଉଛି। ଧର୍ମେନ୍ଦ୍ର ସାହୁଙ୍କ ଦୁଃଖଦ ବିୟୋଗରେ ସରକାର ନିରପେକ୍ଷ ତଦନ୍ତ ଜରିଆରେ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବା, ପ୍ରକୃତ ଅପରାଧୀଙ୍କୁ ଚିହ୍ନଟ କରିବା ଏବଂ ଆଇନ ଅନୁସାରେ ଦଣ୍ଡବିଧାନ କରିବା କ୍ଷେତ୍ରରେ ପଛଘୁଞ୍ଚା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସ୍ୱର୍ଗତ ସାହୁ ଛାଡ଼ିଯାଇଥିବା ଅଡିଓ ବିବରଣୀ ସୂଚାଉଛି ତାଙ୍କ ଦୁର୍ବିଷହ ପାରିବାରିକ ଜଞ୍ଜାଳ ପାଇଁ ଯେଉଁମାନଙ୍କ ସମ୍ପୃକ୍ତି ଅଛି ସେମାନଙ୍କ ମଧ୍ୟରେ ନିମାପଡ଼ା ବିଧାୟକ ତଥା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଅଛନ୍ତି। ତେବେ ଆଇନ ତା' ବାଟରେ ଯାଇ ମନ୍ତ୍ରୀଙ୍କ ପାଖରେ ପହଞ୍ଚୁନି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ସରକାରଙ୍କ ନିକଟରେ ୩ଟି ଦାବି କରୁଛୁ, ଯଦି ଏକ୍ଷେତ୍ରରେ ସରକାର ନୀରବ ରୁହନ୍ତି ତା'ହେଲେ ଆନ୍ଦୋଳନକୁ ଆଗେଇନେବା ସହ ତୀବ୍ର କରିବାକୁ କଂଗ୍ରେସ ବାଧ ହେବ ବୋଲି ଗଣେଶ୍ୱର କହିଛନ୍ତି।

---

Government of Odisha "e" Procurement Notice

## WORKS DEPARTMENT

**Bid Identification No. C.C.E.K.C., Keonjhar No. 20 / 2022-23**

e-mail: ccekeonjharpwdcircle@gmail.com /
No.B-652: sekcpwd_keonjhar@yahoo.com

**Letter No. 4373** **dt. 27.09.2022**

1. No. of the work : 2 number Road Works.
2. Estimated cost : Rs. 441.89 Lakhs to Rs. 643.27 Lakhs
3. Period of completion : 9 (Nine) Calendar Months
4. Date and Time of availability of Bid document in the portal : From 11.30 Hours of 13.10.2022 to 16.00 Hours of 28.10.2022
5. Last date / Time for receipt of bids in the portal : 16.00 Hours of 28.10.2022
6. Date of opening of Bid from Portal : 11.30 Hours on 29.10.2022
7. Name and address of the officer inviting Bid : Chief Construction Engineer, Keonjhar (R&B) Circle, Keonjhar-758001.

Further details can be seen from the e-procurement portal **"http://tendersodisha.gov.in"**

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0029/2223

---

e-mail : sernb1.ganjam@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM R&B DIVISION NO.I, BERHAMPUR**

Phone/Fax : (0680) 2233683, e-mail : sernb1.ganjam@yahoo.com

## INVITATIONS FOR BIDS (IFB) (e-Procurement)

**Bid Identification No.S.E.(R&B)-BAM-49/2022-23**
**No.9699//Dated 26.09.2022**

**No.B-654:**The Superintending Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

1. Nature of work : Building Works
2. No. of works : 6 (Six)-Nos.
3. Tender Paper Cost : 10,000/-
4. Class of Contractor : "B" Class
5. Date & Time of sale & receipt of Bids : From 07.10.2022 10.00 AM to 17.10.2022 upto 4.00 PM
6. Date of Opening of Bid : 18.10.2022 at 11.30 A.M.
7. The Bidders have to participate in ONLINE bidding only. Further details can be seen from the website http://tendersodisha.gov.in.

**Sd./- Superintending Engineer**
**Ganjam (R&B) Division No.I, Berhampur**
**OIPR-34109/11/0015/2223**

---

## SAMBALPUR MUNICIPAL CORPORATION, SAMBALPUR

**Email id: sambalpurm.hud@nic.in**

**No. 9080/SMC/Eng.** **Date: 23.09.2022**

### 'e' Procurement NOTICE

**Bid Identification No. 16/SMC_SBP/2022-23**

No. C-1324: The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantites and the set of terms and conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 1 (One) Number
2. Estimated Costs : 12.58 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 26.09.2022 to 05.00 P.M. of 15.10.2022
5. Last date/time for receipt of bids in the portal : 05.00 P.M. of 15.10.2022
6. Bids will be opened on : 11.00 A.M. of Dt.17.10.2022
7. Name and address of the Officer Inviting Bid : Municipal Commissioner, Sambalpur Municipal Corporation, Sambalpur

**Sd./- Commissioner**
**Sambalpur Municipal Corporation**
**OIPR-13122/11/0056/2223**

---

## ODISHA STATE LEGAL SERVICES AUTHORITY

**"AAIN SEVA BHAWAN"**
**SECTOR-1, CDA, CUTTACK**
**Advertisement No.02/2022 dated 29.09.2022**

**For the Posts of Chairperson of Permanent Lok Adalat (Public Utility Services)**

**No.w-58:**Applications are hereby invited from the retired Judicial Officers (on Superannuation) in the rank of District Judge/Addl. District Judge below the age of 63 years as on 01.10.2022 and the Judicial Officers in the rank of District Judge/Addl. District Judge, who are going to retire on superannuation on 30.09.2022 for being appointed as the Chairperson of Permanent Lok Adalat (PUS) or cluster of PLAs(PUS) in different districts of the State.

Last date for submission of the application is 17.10.2022 For further details, please visit our official website-www.oslsa.nic.in

**Sd./-Member Secretary,**
**Odisha State Legal Services Authority, Cuttack**
**OIPR-18008/11/0013/2223**

---

**GOVERNMENT OF ODISHA**

## OFFICE OF THE CHIEF CONSTRUCTION ENGINEER UPPER INDRAVATI PROJECT

**AT/PO:MUKHIGUDA, DIST:KALAHANDI, ODISHA, PIN:766026**
**e-mail address:cceuip1987@gmail.com/louiipbbsr@gmail.com**

**No.A-556:**1. Type of Work : Improvement of Canal roads. 2. Total No. of Works: 03 Nos. 3. Approximate value of work: Rs.8.27 Crore to Rs.2.14 Crore (Excluding GST).4. Tender Paper Cost: Rs.10,000/-. 5. Period of Completion: 11 (Eleven Calendar Months). 6. Class of Contractor: Special Class, 'A' Class & 'B' Class.

| Procurement Officer | e-Procurement Notice No. | Bid Amount | Availability of online viewing of Tender prior to Bidding | | Pre-bid conference as well as last date for seeking clarification | Submission & Availability bid online | Date & Time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Upper Indravati Project, At/Po-Mukhiguda, Dist-Kalahandi, Odisha,Pin-766026 | CCE,UIIP-02 (01-03)/2022-23, Dt.29.09.2022 | Rs.8.27 Crore to Rs.2.14 Crore (Excluding GST) | 07.10.2022 (10.00 AM) | 31.10.2022 (upto 5.00 PM) | 12.10.2022 11.30 AM in the O/O the CCE, UIP, Mukhiguda | 13.10.2022 (10.00 AM) to 31.10.2022 (upto 5.00 PM) | 01.11.2022 at 11.00 AM |

Date of Opening of technical bid: Dt.01.11.2022 at 11.00 AM in the O/O the Chief Construction Engineer, UIP, Mukhiguda, Kalahandi, Odisha, PIN-766026. Date of Opening of Financial Bid: To be decided after finalization of Technical Bid. Further details can be seen from the Govt. Website: www.tendersorissa.gov.in.

**Sd./- Chief Construction Engineer, Upper Indravati Project, Mukhiguda**
**OIPR-32352/11/0011/2223**

---

## OFFICE OF THE ENGINEER-IN-CHIEF RURAL WATER SUPPLY & SANITATION

**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
**Tel: 0674-2395734, FAX: 0674-2394946, e-mail: cerwssodisha@gmail.com**

### NOTICE INVITING BID

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

**No.8303** **Date: 27.09.2022**

**No.O-1072:**The Engineer-in-Chief, RWSS, Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative project cost (Rs. in Crore) | Period for Completion & O&M period | Availability of Bid document for online Bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 04 Nos. Individual Rural Piped Water Supply Project pertaining to **Bolangir, Puintala, Agalapur, Loisingha, Deogaon,Mukandapur & Kuintala Block of Bolangir District** including 5 years O&M on EPC contract under the package. | EIC, RWSS-25/22-23 | **335.58** | 24 (Twenty four months & 60 (Sixty Months) | 17.00 hrs. of 12.10.2022 | 17.00 hrs. of 11.12.2022 |
| Pkg-II | Execution of 02 Nos Individual Rural Piped Water Supply Project pertaining to **Gumma & Raygada Block of Gajapati District** including 5 years O&M on EPC contract under the package. | EIC, RWSS-26/22-23 | **386.91** | 24 (Twenty four months & 60 (Sixty Months) | 17.00 hrs. of 12.10.2022 | 17.00 hrs. of 11.12.2022 |
| Pkg-III | Execution of 04Nos. Individual Rural Piped Water Supply Project pertaining to **Astaranga, Gop, Kakatpur, Delang, Puri Sadar & Satyabadi block of Puri District** including 5 years O&M on EPC contract under the package. | EIC, RWSS-27/22-23 | **548.25** | 24 (Twenty four months & 60 (Sixty Months) | 17.00 hrs. of 12.10.2022 | 17.00 hrs. of 11.12.2022 |
| Pkg-IV | Execution of Rural Piped Water Supply Project pertaining to 11 Blocks in Ganjam District (RWS&S Division, Bhanjanagar) including 5 years O&M on EPC contract under the package. | EIC RWSS-28/22-23 | **1677.68** | 24 (Twenty four months & 60 (Sixty Months) | 17.00 hrs. of 12.10.2022 | 17.00 hrs. of 11.12.2022 |

Name & address of officer inviting Bid: Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar Ph: 0674-2395734/ 0674-2531533 e-mail: cerwssodisha@gmail.com
Further details can be seen from the e-procurement portal **http://tendersodisha.gov.in**

**Sd./- 27.09.2022**
**Engineer-in-Chief, RWSS**
**OIPR-25003/11/0016/2223**

---

## Government of Odisha Higher Education Department

**Deteline for P.G. SPOT Selection and Admission under SAMS for the Academic Session 2022-23 in State Public Universities and Colleges**

No. N-46: Datelines for P.G. SPOT Selection and Admission for the Academic Session 2022-23 for State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any change in the dateline will be published in the newspapers as well as in the website **www.samsodisha.gov.in**.

| SI # | Activities | Timeline |
|---|---|---|
| 1) | Publication of SPOT Merit List | 10 Oct. 2022 (4.00 P.M.) |
| 2) | Reporting of Candidates for Spot Selection at the Institutions | 11 Oct. 2022 to 12 Oct. 2022 (05.00 P.M.) |
| 3) | Data updation of the candidates by the HEIs, reported from the Spot Merit List | 13 Oct. 2022 (07.00 P.M.) |
| 4) | Publication of Provisional Allotment List (Sport Round) | 18 Oct. 2022 (04.00 P.M.) |
| 5) | Reporting at allotted Institutions, Admission and data updation in the University/College e-space (Spot Round) | 19 Oct. 2022 to 20 Oct. 2022 |
| 6) | Data updation in the e-Space of the Students, Admitted from the Spot Merit List by the respective Institutions | 21 Oct. 2022 (05.00 P.M.) |
| 7) | Collection of Admission Fees at the respective HEIs (After Completion of e-Admission Process for the Session 2022-23) | Dates will be notified by the Higher Education Department later |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed P.G. SPOT Guidelines available in P.G. SAMS website **(https://pg.samsodisha.gov.in)**.

**OIPR-11001/11/0034/2223** **Sd./- Deputy Director, PTC Section**

---

## OFFICE OF THE PANCHAYAT SAMITI, SINAPALI, DIST.- NUAPADA

**CORRIGENDUM**

**No.2943 Dtd. 29.09.2022**

No.i-97:- In continuation to this office Tender Call Notification No.3830 Dtd.20.09.2022 for the following Tender Works. The contents shown in the table given at page-I of the DTCN has been modified/revised in accordance with O.M. No.-12586/W, Dtd. 09.09.2022 of Works Deptt., Govt. of Odisha". The last date of submission of Bid and Date of opening of Tender has been revised accordingly. All other terms & Conditions are remaining unchanged in the said DTCN.

| Sl. No. | Name of the Tender Works | Tender Cost of the Works (Rs.) | Cost of Tender Paper (Rs.) | Class of Contractors | Period of Completion |
|---|---|---|---|---|---|
| 1 | Construction of Pindi covered with Profile Sheet at Niljee GP. (BIN-01/2022-23) | 23,83,983.00 + 12% GST | 6000/- | 'C' & 'B' | 04 (Four) Calendar Months |
| 2 | Construction of Pindi covered with Profile Sheet at Hatibandha GP. (BIN-02/2022-23) | 23,83,983.00 + 12% GST | 6000/- | 'C' & 'B' | 04 (Four) Calendar Months |
| 3 | Construction of Pindi covered with Profile Sheet at Shree Jagannath WSHG, Makhapadar GP. (BIN-03/2022-23) | 11,76,983.00 + 12% GST | 6000/- | 'D' & 'C' | 03 (Three) Calendar Months |

| Sl. No. | PARTICULARS | DATE & TIME |
|---|---|---|
| 1 | Date & Time of Sale & Availability Bid Document | From 21.09.2022, 11 AM (Block Office/Dist. Website) to 09.10.2022, 5.00 PM |
| 2 | Date & Time for Submission of Bid document | From 21.09.2022, 11.00 AM to 09.10.2022, 5.00 PM |
| 3 | Date & Time for Opening of Bid document | 10.10.2022 at 11.00 AM at O/o- BDO, Sinapali |

OIPR-19226/11/0002/2223 **Sd./- Block Development Officer, Sinapali PS**

---

## OFFICE OF THE MUNICIPAL COUNCIL, TALCHER

### 'e' Procurement Notice

**Tender Reference No.TCRM-08/2022-23**
**Bid Identification No.2022_ORULB_**
**No.3574/Dt.28.09.2022**

**No.C-1328:**Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in.

1) Name of the Work : Civil Work as mentioned in the website
2) No. of Works : 2 Nos.
3) Estimated Cost : Rs.10.00 lakhs to Rs.18.42 lakhs.
4) Period of Completion : As per DTCN
5) Date & Time of availability of Bid document in the portal : From Dt.29.09.2022 to dt.17.10.2022 upto 5.00 PM
6) Last date & time for receipt of Bid in the portal : upto 5.00 PM of dt.17.10.2022
7) Last date for receipt of financial document : upto 1.00 PM of dt.18.10.2022
8) Bid received online shall be opened on : dt.18.10.2022 at 3.00 PM
9) Name & Address of the Officer Inviting the Bid : Executive Officer, Talcher Municipality

Further details can be seen from the procurement portal i.e. **www.tendersorissa.gov.in.**

**Sd./- Executive Officer, Talcher Municipality**
**OIPR-13077/11/0031/2223**

---

## ODISHA JOINT ENTRANCE EXAMINATION - 2022 (OJEE - 2022)

**No: OJEE/444** **Date: 29.09.2022**

**NOTICE FOR NEET (UG) -2022 QUALIFIED STATE CANDIDATES REGARDING REGISTRATION AND PREPARATION OF STATE MERIT LIST FOR ADMISSION TO MBBS/BDS COURSES IN ACADEMIC SESSION, 2022-23**

**No.h-10:**This is for information of the candidates, who have qualified in NEET(UG) - 2022 and are interested to participate in Odisha State Medical Counselling for the academic session 2022-23, that the online registration process for preparation of state merit list will **start from 30.09.2022.**

For more information about the process and the schedule, candidates are advised to visit OJEE websites **(www.ojee.nic.In, www.odishajee.com).**
Only, the candidates, who are natives of Odisha, are eligible for all the state quota MBBS and BDS seats in Odisha. However, other state candidates may apply for NRI quota seats only. Therefore, candidates must ensure their eligibility before registering.

**Sd/-Chairman, OJEE**
**OIPR-14020/11/0017/2223**

# ଓଡ଼ିଶାରେ ଭାଜପା ଶାସନ ଆସିବ ବୋଲି ଆଶା ସୃଷ୍ଟି କରାଅ



ଭୁବନେଶ୍ୱର ଜନତା ମଇଦାନଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ଗାଁକୁ ଯାଇ ଲୋକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଯାହା ଏଠି ଶୁଣିଲ ସେସବୁ କଥା ବତେଇବାକୁ ପଡ଼ିବ। ଏହାସହ ଲୋକଙ୍କ ମନରେ ଆଶା ସୃଷ୍ଟି କରିବାକୁ ପଡ଼ିବ କି ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ଆସିବା ଦରକାର। ଯଦି କେନ୍ଦ୍ରରେ ମୋଦି ସରକାର ତେବେ ଓଡ଼ିଶାରେ ଭାଜପା ଶାସନ ଆସିବ ବୋଲି ଆଶା ସୃଷ୍ଟିକର, ଆଉ ଏଥିଲାଗି ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ିବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି .ନଡ୍ଡା କହିଛନ୍ତି।

ଜନତା ମଇଦାନଠାରେ ଶୁକ୍ରବାର ଦ୍ୱିତୀୟ ଦିନ ଲାଗି ଆୟୋଜିତ ସଂଯୁକ୍ତ ମୋର୍ଚ୍ଚା କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ଏବଂ ବ୍ରହ୍ମେଶ୍ୱର ମନ୍ଦିରର ଦେବତାଙ୍କୁ ପ୍ରଣାମ ସହ ଭାଷଣ ଆରମ୍ଭ କରି ନଡ୍ଡା କହିଛନ୍ତି, ଦଳର ଫ୍ରଣ୍ଟାଲ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନଙ୍କ କାର୍ଯ୍ୟ ହେଉଛି ଓଡ଼ିଶାରେ ନୂଆ କାର୍ଯ୍ୟକର୍ତ୍ତାଙ୍କୁ ଯୋଡ଼ିବା। କାର୍ଯ୍ୟକର୍ତ୍ତାମାନଙ୍କୁ ବଳ ଦେବା ଏବଂ ସେମାନଙ୍କୁ ଦଳର କାର୍ଯ୍ୟକ୍ରମ ସହିତ ଯୋଡ଼ିବା ଦରକାର। ସେମାନଙ୍କୁ ଦଳର କାର୍ଯ୍ୟକ୍ରମରେ ଯୋଡ଼ି ରଖିବା ହେଉଛି ଆମ ସମସ୍ତଙ୍କ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଗୋଟିଏ କଥା ଆହ୍ୱାନ କରିଛନ୍ତି କି ଆଗକୁ ୨୫ ବର୍ଷ ଆପଣମାନଙ୍କର। ତେଣୁ ଏହି ସମୟରେ ଦେଶକୁ ବିକଶିତ ଭାରତ କରିବାର ଅଛି। ଭାଜପାର ପ୍ରତ୍ୟେକ ସିପାହି ନିଜର ମନ ଓ ପ୍ରାଣ ଲଗାଇ ଏହି କାମ କରିବା ଦରକାର। ଯଦି ରାଜପଥ କର୍ତ୍ତବ୍ୟପଥ ହୋଇପାରିବ ତେବେ ଓଡ଼ିଶା ମଧ୍ୟ ପ୍ରଧାନ କାର୍ଯ୍ୟକର୍ତ୍ତାଙ୍କ ପାଇଁ ସ୍ୱୟଂସେବକ ହୋଇପାରିବ। ଏହା ସଫଳ କରିବାକୁ ହେଲେ ଆମକୁ ଦିନରାତି ପରିଶ୍ରମ କରିବାକୁ ପଡ଼ିବ। ସମାଜରେ ଏକତା ରଖିବା ପାଇଁ ଆମକୁ କାମ କରିବାକୁ ହେବ। ଏହି ୫ କଥାକୁ ଆପଣାଇବାକୁ ପଡିବ। ବିକଶିତ ଭାରତ ଦେଖିବାକୁ ହେଲେ ବିକଶିତ ଓଡ଼ିଶା ମଧ୍ୟ ଦେଖିବାକୁ ପଡ଼ିବ। ଯଦି ବିକଶିତ ଓଡ଼ିଶା ଦେଖିବାର ଅଛି ତେବେ ଆମକୁ ବିଜେଡି ମୁକ୍ତ ରାଜ୍ୟ ଦେଖିବାକୁ ପ୍ରଥମେ ପଡ଼ିବ। ଏଠାରେ ଭ୍ରଷ୍ଟାଚାରକୁ ଶେଷ କରିବାକୁ ପଡିବ। ଏଠି ପଦ୍ମ ଖେଳେଇବାକୁ ପଡ଼ିବ। ଯେତେବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଘରକୁ ବିଜୁ ପକ୍କାଘର ଷ୍ଟାମ୍ପ ଲଗାଇ ପ୍ରଚାର କରାଯାଉଛି ସେଥିରୁ ସବୁ ବୁଝାପଡିଯାଉଛି। ଏକଥା ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଡିବ। ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶା ସରକାର ଲାଗୁ ନ କରି ରାଜ୍ୟର ୬୦ ଲକ୍ଷ ପରିବାର ଏହି ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଏହି ଅନ୍ୟାୟ ବିରୋଧରେ ଲଢ଼ିବାକୁ ପଡ଼ିବ। ଏମ୍‌ଜିଏନ୍‌ଆର୍‌ଜିଏସ୍ ଅର୍ଥକୁ ଏମାନେ ନକଲ ବିଲ୍ କରି ଠକି ଖାଇଯାଉଛନ୍ତି। ମୋର୍ଚ୍ଚାର ସଦସ୍ୟଙ୍କୁ ଏହି ପ୍ରସଙ୍ଗରେ ଆଗକୁ ଯାଇ ଲଢେଇ କରିବାକୁ ପଡିବ ବୋଲି ନଡ୍ଡା କହିଛନ୍ତି।

ନଡ୍ଡା ଆହୁରି କହିଛନ୍ତି, ବିଜେଡି ଗୋଟିଏ ମନ୍ତବ୍ୟ ରଖିଛି କି ତାଙ୍କ ବସ୍ ଦିଲ୍ଲୀରେ ରୁହନ୍ତିନାହିଁ। ଦିଲ୍ଲୀରେ ବସ୍ ନୁହେଁ ଆମ ପ୍ରଧାନ ସେବକ ରହୁଛନ୍ତି। କେବଳ ଓଡ଼ିଶାର ସାଢେ ୪ କୋଟି ଓଡ଼ିଆ ନୁହନ୍ତି, ଦୁନିଆରେ ଯେତେ ଭାରତୀୟ ଅଛନ୍ତି ସମସ୍ତଙ୍କ ବସ୍ ହେଉଛନ୍ତି ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ। ପ୍ରଧାନ ସେବକଙ୍କ ନେତୃତ୍ୱରେ ଭାରତ ଏବଂ ଓଡ଼ିଶା ସୁରକ୍ଷିତ ଅଛି। ଆମେ ବସ୍ କଥା ନୁହେଁ ସେବକ ଭାଷା ବୁଝୁ। ୨୦୨୪ରେ ଏଠି ସରକାର ହେବ ନା ନାହିଁ ବୋଲି ପ୍ରଶ୍ନ କରିବା ସହ ଜୟ ଜଗନ୍ନାଥ କହି ନଡ୍ଡା ତାଙ୍କ ଭାଷଣ ଶେଷ କରିଥିଲେ।

## ୨ଦିନିଆ କାର୍ଯ୍ୟକ୍ରମ ଶେଷକରି ଫେରିଲେ ନଡ୍ଡା

- ବିଜେଡିର ବସ୍ କମେଣ୍ଟକୁ ଟାର୍ଗେଟ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଲେଙ୍କାରୀ ପ୍ରସଙ୍ଗ ଉଠାଇଲେ
- ଦଳୀୟ କାର୍ଯ୍ୟାଳୟ କୋର୍ କମିଟିରେ ଦେଲେ ଗୁରୁମନ୍ତ୍ର

ଏହି କାର୍ଯ୍ୟକ୍ରମ ଶେଷକରି ସେ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଦଳର କୋର୍ କମିଟି ସଦସ୍ୟାମାନଙ୍କୁ ଭେଟି ଗୁରୁମନ୍ତ୍ର ଦେଇଛନ୍ତି। ସେଠାରୁ ଯାଇ ନଡ୍ଡା 'ମୋ ବୁଥ୍, ସବୁଠୁ ମଜଭୁତ' କାର୍ଯ୍ୟକ୍ରମରେ ଯୋଗଦେଲେ। ସେ ଭାଜପା ମଧ୍ୟ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬୪ ନମ୍ବର ବୁଥ୍‌ର ୨୫ ଜଣିଆ କମିଟି ସଦସ୍ୟଙ୍କ ସହ ସାଙ୍ଗଠନିକ ଚର୍ଚ୍ଚା କରିଛନ୍ତି। ସେଠାରୁ ସେ ୨ ଦିନିଆ ଓଡ଼ିଶା କାର୍ଯ୍ୟକ୍ରମ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାଜପା ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, ସହପ୍ରଭାରୀ ବିଜୟପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଅନ୍ୟ ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଥିଲେ।

# ଭୁଲ ମାନଚିତ୍ର ପାଇଁ କ୍ଷମା ମାଗିଲେ ଥରୁର

ନୂଆଦିଲ୍ଲୀ,୩୦।୯

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ବରିଷ୍ଠ ନେତା ଶଶୀ ଥରୁର ଆଣିଥିବା ଇସ୍ତାହାରରେ ଭାରତର ଭୁଲ୍ ମାନଚିତ୍ର ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଇସ୍ତାହାର ପୁସ୍ତିକାର ଭାରତ ମାନଚିତ୍ରରେ ଜମ୍ମୁ-କଶ୍ମୀର ଓ ଲଦାଖ ନ ଥିଲା। ଏହାକୁ ସୋସିଆଲ ମିଡିଆ ବ୍ୟବହାରକାରୀ ବିଶେଷ କରି ଭାଜପା ସମର୍ଥକମାନେ କଡ଼ା ସମାଲୋଚନା କରିଥିଲେ। ଜାଣିଶୁଣି ଥରୁର ଏଭଳି ଭୁଲ୍ କରିଥିବା ଅଭିଯୋଗ ହୋଇଥିଲା। ପରେ କଂଗ୍ରେସ ନେତା ଉକ୍ତ ମାନଚିତ୍ରରେ ସଂଶୋଧନ କରିଛନ୍ତି। କଂଗ୍ରେସ ଏହି ତ୍ରୁଟିଠାରୁ ନିଜକୁ ଦୂରେଇ ରଖିବାକୁ ଉଦ୍ୟମ କରିଛି। କେହି ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରିବ ନାହିଁ। ତାଙ୍କ ଟିମ୍ ଭୁଲ୍ କରିଦେଇଥିବା ଥରୁର ଟୁଇଟ୍ କରିବା ସହ ତୁରନ୍ତ ଏହାକୁ ସୁଧାରିଛନ୍ତି। ଏହି ଭୁଲ୍ ପାଇଁ ସେ ନିଃସର୍ତ୍ତ କ୍ଷମା ମାଗୁଛନ୍ତି ବୋଲି ଟୁଇଟ୍ କରିଛନ୍ତି।

ଶୁକ୍ରବାର ଅପରାହ୍ଣରେ ନାମାଙ୍କନପତ୍ର ଦାଖଲ କରିବା ପରେ ଗଣମାଧ୍ୟମକୁ ଥରୁର କହିଥିଲେ, ସେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେଲେ ଦଳରେ ହାଇକମାଣ୍ଡ ସଂସ୍କୃତିର ପରିବର୍ତ୍ତନ କରିବେ। କଂଗ୍ରେସ ଅଧ୍ୟକ୍ଷ ନିଷ୍ପତ୍ତି ନେବେ, ଏଭଳି ଧାଡ଼ିକିଆ ପ୍ରସ୍ତାବ ଦଳରେ ଗୃହୀତ କରାଯାଇପାରିବ ନାହିଁ ବୋଲି ଥରୁର କହିଥିଲେ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ସ୍ୱ.ତିଳୋତ୍ତମା ସାହାଣୀ
ଜାରକା, ଧର୍ମଶାଳା, ଯାଜପୁର
ଆବିର୍ଭାବ-୦୭।୦୮।୧୯୪୪
ତିରୋଧାନ- ୨୧।୦୯।୨୦୨୨
ତୁମର ଆଶିଷ ଆମର ଏକାନ୍ତ କାମ୍ୟ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: କାର୍ତ୍ତିକ ଚନ୍ଦ୍ର ସାହାଣୀ, ପୁତ୍ର: ପ୍ରଫୁଲ୍ଲ କୁମାର, ପୁତ୍ରବଧୂ, ଦିଅର- ଯାଆ, ଝିଅ-ଜ୍ୱାଇଁ, ପୁତୁରା-ପୁତୁରାବୋହୂ, ନଣନ୍ଦ-ନଣନ୍ଦେଇ, ଭଣଜା-ଭାଣିଜୀ, ଝିଆରୀ-ଝିଆରୀଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୧୬୬୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱ.ରଞ୍ଜନ କୁମାର ସାଇଁ (କୁନା)
ଅଟଳା, ବାଲିଅନ୍ତା
ଆବିର୍ଭାବ: ୨୩.୦୩.୧୯୬୨ | ତିରୋଧାନ: ୨୨.୦୯.୨୦୨୦
ଚାହିଁ ଚାହିଁ ଏ ମଧ୍ୟରେ ଦୁଇବର୍ଷ ବିତିଗଲାଣି। ଆମ ସମସ୍ତଙ୍କୁ ଛାଡ଼ି ତୁମେ ଚାଲିଯାଇଛ ଏକ ଅଫେରନ୍ତା ରାଇଜକୁ। ସଦାସର୍ବଦା ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପିତା-ଜଗନ୍ନାଥ ଖୁଣ୍ଟିଆ, ବୋଉ, ସାନଭାଇ, ପତ୍ନୀ, ପୁଅ, ଝିଅ-ଜ୍ୱାଇଁ, ଭଉଣୀ-ଭିଣେଇ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଡ୍ରାମା କଳକାର ବୃନ୍ଦ, ବନ୍ଧୁ ଓ ପରିବାର ବର୍ଗ।
ଧ-୭୩୮୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱ.ହରପ୍ରିୟା ନାୟକ (ଫୁସ)
ସ୍ୱାମୀ- ଚିତ୍ତରଞ୍ଜନ ନାୟକ
ଗ୍ରାମ: ବାଳିପାଟଣା (ଧାମନଗର), ଜିଲ୍ଲା- ଭଦ୍ରକ
ଏକାଦଶାହ ଉପଲକ୍ଷେ ନାୟକ ପରିବାର ପକ୍ଷରୁ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କ ଆତ୍ମା ଯେଉଁଠି ବି ଥାଉ ଶାନ୍ତି, ସମୃଦ୍ଧି ଓ ନିରାମୟରେ ଥାଉ ଏତିକି ଆମ କାମନା।
ନାୟକ ପରିବାର ପକ୍ଷରୁ ଶାଶୁ: ଚଞ୍ଚଳା, ଜାନକୀ, ଦେଢ଼ଶ୍ୱଶୁର: ସଦାନନ୍ଦ, ହୃଦାନନ୍ଦ, ବିବେକାନନ୍ଦ, ଦିଅର: ଗଜେନ୍ଦ୍ର, ଆଦିତ୍ୟ, ଜୀବନାନନ୍ଦ, ମନୋରଞ୍ଜନ, ଜ୍ଞାନରଞ୍ଜନ, ରଶ୍ମିରଞ୍ଜନ, ଯାଆ: ବିଦ୍ୟୁତଲତା, ରଶ୍ମିତା, ରଶ୍ମିରେଖା, ଭଉଣୀ: ତପସ୍ୱିନୀ, ପୁଅ: ସନ୍ତୋଷ, ଝିଅ: ସୋନିକା, ମୋନିକା, ରୁନିକା।
ଧ-୧୬୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**

ସ୍ୱ.ପ୍ରିୟମ୍ବଦା ପଟ୍ଟନାୟକ
୬୯, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର
ତିରୋଧାନ : ୧୧.୧୦.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ତ୍ୟାଗ, ଦେଶସେବା, ସମାଜ ସେବା ଓ କର୍ତ୍ତବ୍ୟ ପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସତ୍ୟବ୍ରତ,ସାଇଦତ୍ତ,ରଜନୀଗନ୍ଧା, ଅର୍ଚ୍ଚନା, ବିଦିଶା, ବିବସ୍ୱାନ, ସାଇ ଶୁଭ୍ରାଂଶୁ, ସାଇ ଦିବ୍ୟାଂଶୁ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୭୨

**ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା
ଆବିର୍ଭାବ: ୨୦।୦୭।୧୯୬୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୩୧ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ମାତା: ଶ୍ରୀମତୀ ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ।
ଧ-୨୧୯୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ସ୍ୱ.ମାଳତୀ ମଣ୍ଡଳ
ମଢ଼ିଆଳ, କେନ୍ଦ୍ରାପଡ଼ା
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ପରିବାର ପରିଚାଳନାରେ ଦକ୍ଷତା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ବଳଭଦ୍ରଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୧୬୭୧

**ସମ୍ବଲପୁରୀ ବସ୍ତ୍ରାଳୟ**
gg-15
ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0021/2223

GOVERNMENT OF ODISHA
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**INVITATION FOR BIDS (IFB)**
File No-C-IIM-IFB-06/2019 (PT) No.37093 Dtd. 28.09.2022
**1st Corrigendum (Re-tender) Bid Identification No. CE-DPI & R-15/2022-23**

**No.B-656:** The following changes are made to the work invited vide Bid Identification No. CE-DPI & R-15/2022-23 vide letter No.31512 dtd.17.08.2022.
1. The tender for the above work has been re-tendered in the website: www.tendersodisha.gov.in. 2. The Bid documents will be available in the website: www.tendersodisha.gov.in from 10.00 AM of 07.10.2022 to 5.30 PM of 26.10.2022 for online bidding. 3. Bids shall be received only on "on line" on or before 5.30 PM of 26.10.2022.4. Bids received online shall be opened at 11.30 Hours on 27.10.2022 in the office of the Engineer-in-Chief (Civil). Nirmana Saudha, Unit-V, Bhubaneswar. Odisha.

| Sl. No. | Name of Work | Approx. Value of Work (Rs.in Crore) (as per NIT) | Approx. Value of work (Rs. in Crore) (as per Corrigendum) | Class of bidder as per Notice | Modification Class of bidder as per Corrigendum |
|---|---|---|---|---|---|
| 1 | Widening and strengthening of Suakati-Dubuna road from 12/500 km to 31/000 km (Balance work such as construction of H.L. Bridge over Ranima Nallah at 20/450 km) under CRIF | 10.17 | 9.06 | Special Class/ Super Class | A Class/ Special Class |

All other terms and conditions remain unchanged.
OIPR-34111/11/0046/2223 Sd./- Chief Engineer, DPI & Roads, Odisha

# ଭାଜପାରେ ମିଶିଲେ ତେଜେଶ୍ୱର

ଭୁବନେଶ୍ୱର/କେନ୍ଦ୍ରାପଡ଼ା ଅଫିସ,୩୦।୯(ବ୍ୟୁରୋ)


ତେଜେଶ୍ୱର ପରିଡ଼ା

ପୂର୍ବତନ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ଶୁକ୍ରବାର ବିଜେଡି ଛାଡ଼ିଛନ୍ତି। ଏଥିସହ ଭୁବନେଶ୍ୱରରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଛନ୍ତି। ତେଜେଶ୍ୱର ଦିଲ୍ଲୀରେ ଥିବା ଚାକିରି ଛାଡ଼ି ଗତ ୨୦୧୪ରେ ବିଜେଡିରେ ଯୋଗଦେଇଥିଲେ। ଏହି ସମୟରେ ପାଟକୁରାରୁ ବିଧାୟକ ପ୍ରାର୍ଥୀ ହେବେ ବୋଲି ଆଲୋଚନା ହୋଇଥିଲା। ତେବେ ପ୍ରାର୍ଥିତ୍ୱରୁ ବଞ୍ଚିତ ଥିବା ତେଜେଶ୍ୱରଙ୍କୁ ଖଦି ଓ ଗ୍ରାମ୍ୟ ଉଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ପଦବୀରେ ଥଇଥାନ କରାଯାଇଥିଲା। ୨୦୧୯ରେ ମଧ୍ୟ ପ୍ରାର୍ଥିତ୍ୱ ପାଇଁ କେନ୍ଦ୍ରାପଡ଼ା ଜିଲାରେ ଆଲୋଚନା ହୋଇଥିବା ବେଳେ ଦଳରୁ ତାଙ୍କୁ ଅଣଦେଖା କରାଯାଇଥିଲା। ୩ ବର୍ଷ ଧରି ବିଜେଡିରେ ଥିଲେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁ ନ ଥିଲେ। ପୂର୍ବାହ୍ନରେ ସେ ଇମେଲ୍ ଯୋଗେ ବିଜେଡି ସଭାପତିଙ୍କୁ ନିଜର ଇସ୍ତଫାପତ୍ର ପଠାଇଥିବା ବେଳେ ଅପରାହ୍ନରେ ଭାଜପାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ସହ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଜିଲା ପ୍ରଭାରୀ ଯତିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜକନିକାସ୍ଥିତ ଏସ୍‌ଏନ୍ କଲେଜର ପୂର୍ବତନ ଅଧ୍ୟକ୍ଷ ବୈକୁଣ୍ଠନାଥ ପରିଡ଼ା ଭାଜପାରେ ଯୋଗଦେଇଛନ୍ତି।

**ZILLA SWASTHYA SAMITI, PURI**
**DISTRICT PROGRAMME MANAGEMENT UNIT**
**NHM, PURI, ODISHA - 752001**
E-mail: dpmupuri@gmail.com
Advt. Letter No. 3976 Dated: 28.09.2022
**AUCTION CALL NOTICE**
No. E-501: Sealed bidding documents are invited from the interested firms/agneices/organization having GSTIN for AUCTION of condemned cold chain equipment and instrument. For details pelase log in to Puri district website i.e. **www.puri.nic.in**. The documents complete in all respect must reach the Office of CDM & PHO, Puri, DHH, PIN - 752001, through Post/Courier on or before 21.10.2022 at 5 P.M. The authority reserves all the rights to accept or reject any of the documents fully or partially without assigning any reason thereof.
Sd./- Chief District Medical & Public Health Officer, Puri
OIPR-10021/11/0017/2223

**DIRECTORATE OF MEDICAL EDUCATION & TRAINING, ODISHA**
Heads of Department Building, Bhubaneswar - 751001
Tel. No.: 0674-2393847, 2394255
E-mail: dmetbbsr4@gmail.com / www.dmetodisha.gov.in
**ULTRASONOGRAPHY TRAINING (6th Batch)**
No. 11742 Dt.29.09.2022
No. E-500: In obedience to the orders of Hon'ble High Court of Orissa, vide Order No. 06, Dtd.24.09.2022 passed in WPC No. 21669 of 2022, the eligible candidates are invited to apply online for six months training in Ultrasonography in accredited Govt. Medical Colleges of the State and IGH Rourkela. The detail of application, fees, eligibility, etc. is available in the website of DMET, Odisha i.e. **www.dmetodisha.gov.in** under Ultrasonography Training link.
The candidates those who have applied earlier against Advt. No. 9573 Dt.10.08.2022 and verified their documents, need not apply again.
Sd./- Addl. Director of Medical Education & Training, Odisha
OIPR-10016/11/0026/2223

GOVERNMENT OF ODISHA No. B-658
**"e" - PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 19/2022-23
1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of work : Bridge/Road Works
3. No. of Work : 07 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the website : From 10.00 A.M. of 12.10.2022 to 5.00 P.M. of 28.10.2022
7. Date of Opening of Bid : Dt.29.10.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.
Sd./- Chief Engineer
World Bank Project, Odisha
OIPR-34003/11/0042/2223

GOVERNMENT OF ODISHA
**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**
e-mail ID: eerbkbj@rediffmail.com, Tel/Fax No.- 06657-220216
**Bid Identification No. 06/KBJ/2022-2023**
No. B-651: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in **Single System** to be received in online mode only for building works.
1. No. of work : 01 No.
2. Nature of work : Building work
3. Class of Contractor : D & C
4. Approximate value of work : Rs.17.36 lakh
5. Tender Cost : Rs.6,000/-
6. Date and time of availability of Bid documents in online : From 11.00 hours of Dt.01.10.2022 to 17.00 hours of Dt.15.10.2022
7. Date of Opening of Technical Bid (Cover-I) in Online : 11.30 hours on Dt.16.10.2022
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. Any corrigendum/addendum will be displayed in the above e-procurement portal.
Sd./- Superintending Engineer
Kantabanji (R&B) Division
OIPR-34099/11/0008/2223

GOVERNMENT OF ODISHA
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017**
Email: vimsarsuptd@gmail.com
No.13311/VIMSAR Dated, Burla the 29th September, 2022
**TENDER CALL NOTICE**
No. E-505: Sealed tenders are hereby invited by the undersigned from the Authorized dealers/Registered firms for supply of different instruments required for Urology Department of VSS Institute of Medical Sciences & Research, Burla so as to reach the Office of the Superintendent, VSS Institute of Medical Science & Research, Burla on or before Dt.27.10.2022 upto 5.00 P.M. which will be opened in the next day at 12.30 P.M.
The detail list of instruments along with the terms and conditions of this tender call notice can be had from the Office of the Superintendent, VSS Institute of Medical Sciences & Research, Burla or can be downloaded from Dist. website **www.sambalpur.nic.in**.
The undersigned/committee reserves the full right to accept in full or reject any or all the tenders without assigning any reason thereof.
Sd./- Superintendent
VSS Institute of Medical Sc. & Research, Burla
OIPR-11056/11/0024/2223

**BIJU PATNAIK UNIVERSITY OF TECHNOLOGY, ODISHA, ROURKELA**
Tender Notice No.
BPUT/ CS&P/75/2022/5875 Date: 29.09.2022
**TENDER CALL NOTICE FOR SUPPLY OF GOLD MEDALS - 2022**
No. KK-172: Sealed Tenders are invited from the reputed and experienced agencies/ Firms for Supply of Gold Medal for 10th Convocation of the University. The details of the Tender is available in the website i.e **www.bput.ac.in**. The last date and time of receiving of sealed Tender by Speed Post/ Registered Post addressing to the "Registrar, Biju Patnaik University of Technology, Chhend, Rourkela - 769015 is 19.10.2022 up to 5.00 pm. University reserves right to reject any Tender without assigning any reason thereof. The Tender Notice No. BPUT/CS&P/75/2022/5068 dated 03.09.2022 stands cancelled.
Sd./- REGISTRAR
OIPR-44003/11/0010/2223

**BIJU PATNAIK UNIVERSITY OF TECHNOLOGY, ODISHA, ROURKELA**
Date: 29.09.2022
**TENDER CALL NOTICE**
No. KK-171: Sealed tenders are invited from the reputed and experienced Agencies/Firms for providing following services for ensuring 10th Convocation - 2022 of the University.

| Sl. | Tender No. & Date | Name of the Tender |
|---|---|---|
| 1. | BPUT/CS&P/74/2022/5872 | Tender for Catering Services during 10th Convocation |
| 2. | BPUT/CS&P/76/2022/5873 | Tender for Printing & Supply of Materials for 10th Convocation - 2022 |
| 3. | BPUT/CS&P/77/2022/5874 | Tender for Decoration during 10th Convocation |

Interested Agencies/Firms having valid registration, Licence, GST registration may apply in the prescribed tender documents available in the website of the BPUT. For details please visit University website i.e. **www.bput.ac.in**. Last date of receipt of tender through Speed Post/Regd. Post adressing to **"The Registrar, Biju Patnaik University of Technology, Chhend, Rourkela - 769015" is 19.10.2022 by 5.00 P.M.** The BPUT reserves the right to cancel the tender without assigning any reason threrof. All the earlier tenders in this regard stands cancelled.
Sd./- REGISTRAR
OIPR-44003/11/0009/2223

# ପୋଷା କୁକୁର

ଗଳ୍ପ

**ବନମାଳୀ ବେହେରା**

ଅବସର ପରେ ରାଜଧାନୀର ଚାରିପାଖ ପାଚେରିଘେରା ଭଡ଼ାଘର ଭିତରେ ରହି ରହି ବହୁତ ବୋରିଂ ଲାଗେ। ତେଣୁ ମୁଁ ପ୍ରାୟ ପ୍ରତିଦିନ ରାମବାବୁଙ୍କ ଘରକୁ ଯାଇ ବିଭିନ୍ନ ପ୍ରକାର ଆଲୋଚନା ମାଧ୍ୟମରେ କିଛିଟା ସମୟ କଟେଇଦିଏ। ସେ ମଧ୍ୟ ଆମ ଘରକୁ ଆସି ଦୁଃଖସୁଖ ହୁଅନ୍ତି। ଆର୍ଥିକ ଦୃଷ୍ଟିରୁ ଦେଖିଲେ ସେ ମୋ'ଠାରୁ ବହୁତ ଉଚ୍ଚରେ। ତାଙ୍କର ଏଇ ଘରଟି ନିଜର। ସ୍ୱାମୀ-ସ୍ତ୍ରୀ ଉଭୟେ ଚାକିରିଆ। ଘରେ ବିଭିନ୍ନ ପ୍ରକାର ଆଧୁନିକ ଯନ୍ତ୍ରପାତି। ପୁଅ, ଝିଅ ସମସ୍ତେ ସ୍କୁଲ କଲେଜରେ ପାଠ ପଢ଼ନ୍ତି। ଦଶଟା ହେଲେ ସମସ୍ତେ ଅଫିସମୁହାଁ ଓ ପିଲାମାନେ ସ୍କୁଲ କଲେଜମୁହାଁ। ତେଣୁ ଘରେ କେହି ମନୁଷ୍ୟ ଦୃଷ୍ଟିଗୋଚର ହୁଅନ୍ତି ନାହିଁ। କେବଳ ପୋଷା କୁକୁରଟିରେ ଶିକୁଳି ଖୋଲି ଦେଇଥିବାରୁ ସେ ଛାତ ଉପରୁ ତଳ ପର୍ଯ୍ୟନ୍ତ ବୁଲି ପହରା ଦେଉଥାଏ। କେହି ଜଣେ ଗେଟ୍ ପାଖରେ ଠିଆହେଲେ ଘର ଭିତରୁ ଭୁକିବା ଆରମ୍ଭ କରି ଗେଟ୍ ପର୍ଯ୍ୟନ୍ତ ଧାଇଁଯାଏ। ତେଣୁ ଆଗନ୍ତୁକ ଭୟରେ ପଳାଇଯାଆନ୍ତି। ତେଣୁ କୁକୁରଟିରେ ପ୍ରଶଂସାରେ ବନ୍ଧୁ ଓ ବନ୍ଧୁପତ୍ନୀ, ତା' ସହିତ ପିଲାମାନେ ଅନ୍ୟ ପାଖରେ ଭାବବିହ୍ୱଳ ହୋଇ କହୁକହୁ ପନ୍ଦର ମିନିଟ୍ କଟାଇ ଦିଅନ୍ତି।

କ୍ରମଶଃ ବୟସ ଅତିକ୍ରାନ୍ତ ହେବା ସଙ୍ଗେ ସଙ୍ଗେ କୁକୁରଟି ବୃଦ୍ଧ ହୋଇଗଲା। ତା'ର ଲୋମଗୁଡ଼ିକ ଛିଡ଼ିଛିଡ଼ି ସେ ବିବର୍ଣ୍ଣ ହୋଇଗଲା। ମୁନିଆ ଦାନ୍ତଗୁଡ଼ିକ ଟାଣଜିନିଷ ଖାଇବାକୁ ଅକ୍ଷମ ହୋଇଗଲା। ଅପରିଚିତ ବ୍ୟକ୍ତିଙ୍କୁ ଦେଖିଲେ ସେପରି ଧଡ଼ସ୍ ଦେଖାଇ ପାରିଲା ନାହିଁ।

ଏଥର ବନ୍ଧୁପତ୍ନୀ କହିଲେ, ଆମ ବବ୍‌ଲୁ କୁକୁର ଆଉ ବେଶିଦିନ ବଞ୍ଚିବ ନାହିଁ। ତାକୁ ଆଉ ପାରମ୍ପରିକ ଖାଦ୍ୟ ଦେଲେ ନାହିଁ। ଫଳତଃ କୁକୁରଟି କ୍ରମଶଃ ଦୁର୍ବଳ ହୋଇଗଲା।

ଦିନେ ଗେଟ୍ ଖୋଲାଥିବା ସମୟରେ ଦୁର୍ଭାଗ୍ୟକୁ ବବ୍‌ଲୁ ବାହାରକୁ ଚାଲିଯାଇଥିଲା। ଏହି ସମୟରେ ପୂର୍ବରୁ ତା' ରଡ଼ିରେ ଲାଙ୍ଗୁଡ଼ ଜାକି ପଳେଇ ଯାଉଥିବା ବୁଲା କୁକୁରଗୁଡ଼ାକ ଏକାଠି ହୋଇଗଲେ। ସମସ୍ତେ ମିଳିମିଶି ବବ୍‌ଲୁକୁ ଆକ୍ରମଣ କଲେ। ସେତେବେଳକୁ ବବ୍‌ଲୁର ଆଉ ବଳ କିମ୍ବା ସାହସ ନ ଥିଲା। ଫଳରେ ତାକୁ କାମୁଡ଼ା କାମୁଡ଼ି କରି ଭିଣିଭିଣା କରିଦେଲେ। ରାମବାବୁ ଏ ଯୁଦ୍ଧ ଶବ୍ଦ ଶୁଣି ଘର ଭିତରୁ ବାହାରକୁ ଆସି ଦେଖନ୍ତି ତ ବବ୍‌ଲୁ ତଳେ ପଡ଼ି ଅସହାୟ ହୋଇ କେବଳ ଚିତ୍କାର କରିଚାଲିଛି। ରାମବାବୁଙ୍କ ମୁଣ୍ଡକୁ ହଠାତ୍ ବୁଦ୍ଧି ଜୁଟିଲା। ବାଲ୍‌ଟିଏ ପାଣି ଆଣି ବୁଲାକୁକୁରଙ୍କ ଉପରକୁ ଫିଙ୍ଗିଦେଲେ। ଫଳରେ ଆକସ୍ମିକ ଭାବେ ଓଦା ହୋଇଯାଇ ଓ ଘର ମାଲିକଙ୍କ ପ୍ରତିଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ସେମାନେ ଛାଡ଼ି ପଳାଇଲେ। ଏଥର ଦେଖିଲେ ବବ୍‌ଲୁର ଗୋଟିଏ ଗୋଡ଼କୁ କାମୁଡ଼ି ଛୋଟା କରିଦେଇଛନ୍ତି। ଦେହସାରା ଖଣ୍ଡିଆଖାବରା ହୋଇ ରକ୍ତ ବାହାରୁଛି। ଏଥର ବବ୍‌ଲୁ ମାଲିକଙ୍କ ସାହାଯ୍ୟ ପାଇ ଉଠିପଡ଼ି



ଲାଞ୍ଜ ଦୋହଲାଇ କୃତଜ୍ଞତା ଜଣାଇଲା। ରାମବାବୁ ଚଢ଼ା ଗଳାରେ କହିଲେ- ବାହାରକୁ କାହିଁକି ଗଲୁ ଏବେ ଫଳ ପା'।

ଅତୀତରେ ବବ୍‌ଲୁର ଟିକିଏ ଦେହ ଖରାପ ହେଲେ ରାମବାବୁ କାର୍‌ରେ ବସାଇ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ନେଇ ତୁରନ୍ତ ଔଷଧ ଆଣି ସେବାଯତ୍ନରେ ଲାଗିଯା'ନ୍ତି। ହେଲେ ଏଥର ସେପରି କରିବାର ଦେଖାଗଲା ନାହିଁ। ଖଣ୍ଡିଆଖାବରା ସ୍ଥାନରେ ଆଉ ଔଷଧ ଲଗାଇଲେ ନାହିଁ। କ୍ରମଶଃ ଘା'ଗୁଡ଼ିକ ପାଚିଲା। ମାଛି ଭଣଭଣ ହେଲେ ଓ ବବ୍‌ଲୁ ଆଉ ସେପରି ଖାଦ୍ୟ ଖାଇଲା ନାହିଁ। ମୁହଁମାଡ଼ି ଗେଟ୍ ପାଖରେ ଶୋଇ ରହିଲା। ଦେହରୁ ଏକ ପ୍ରକାର ଦୁର୍ଗନ୍ଧ ବାହାରିଲା। ବନ୍ଧୁପତ୍ନୀ ଏଥର ବରାଦ କଲେ କୁକୁରଟାକୁ ଏଥର ବାହାରକୁ ବାହାର କରିଦିଅ। ସେ ତ ଆଉ ବଞ୍ଚିବ ନାହିଁ। ଆମର କିଏ ମଲା କୁକୁରଟାର ଫୋପାଡ଼ିବା ଦାୟିତ୍ୱ ନେବ?

ରାମବାବୁଙ୍କର କୁକୁର ପ୍ରତି ଦୟାଭାବ ଥିଲା। ସେ କହିଲେ, ନା ନା ସେ ଭଲଥିବା ବେଳେ ଆମର ଦରୱାନ ଥିଲା। ଏବେ ଏପରି କରିବା ଉଚିତ ନୁହେଁ। ସେ ଏଇଠାରେ ପଡ଼ିଥାଉ। ଗଣ୍ଡେ ଗଣ୍ଡେ ଖାଲି ଭାତ ଖାଉ ଯେତେଦିନ ବଞ୍ଚିବ। ବବ୍‌ଲୁ କ'ଣ ଜାଣିଲା କେଜାଣି?

ଯାହାହେଉ ଅଳ୍ପଦିନ ପରେ ପ୍ରଭୁଭକ୍ତ କୁକୁରଟି ଆଉ ହଇରାଣ ନ କରି ଗେଟ୍ ଖୋଲା ହେଲା ପରେ ବାହାରିଗଲା ଯେ ଆଉ କେବେ ଫେରିଲା ନାହିଁ। ତା'ର ଆଉ କେହି ତଦାରଖ କଲେ ନାହିଁ। ପ୍ରଥମେ ପୁଅ ଝିଅ ଟିକିଏ ମନଦୁଃଖ କଲେ। ହେଲେ ସେସବୁ ଶୀଘ୍ର ମିଳାଇଗଲା। ଏବେ ରାମବାବୁଙ୍କ ମନରେ ଚିନ୍ତା ପଶିଲା। କୁକୁରଟା ପାଇଁ ଯାହା ଖର୍ଚ୍ଚ ହେଲେ ମଧ୍ୟ ଘରଟାକୁ ସକାଳୁ ରାତି ପର୍ଯ୍ୟନ୍ତ ଜଗି ରହୁଥିଲା। ଏବେ କ'ଣ କରିବା? ଏ ବିଷୟରେ ଆଲୋଚନା ଚାଲିଲା। ଆଉ ଗୋଟିଏ ଛୋଟ କୁକୁର ଆଣି ପାଳିବା। ବଡ଼ହେଲେ ସେ ମଧ୍ୟ ଜଗିବ। ହେଲେ ବଡ଼ ହେବା ପର୍ଯ୍ୟନ୍ତ ସେବାଯତ୍ନ ଆମକୁ ତ କରିବାକୁ ପଡ଼ିବ!

ଶେଷରେ ବନ୍ଧୁପତ୍ନୀ ଉନ୍ନତ ମସ୍ତିଷ୍କରୁ ଗୋଟିଏ ବୁଦ୍ଧି ବାହାର କଲେ। ପୁଣି କୁକୁର ସଉକିକଲେ ଆମକୁ ଅନେକ କାମ କରିବାକୁ ପଡ଼ିବ। ସକାଳୁ ତାକୁ ଧରି ରାସ୍ତାକଡ଼ରେ ଖାଡ଼ା ବସାଇବାକୁ ପଡ଼ିବ। ହଳଦୀଭାତ, ମାଂସ ଆଦି ଖାଇବାକୁ ଦେବାକୁ ପଡ଼ିବ। ରୋଗ ହେଲେ ଡାକ୍ତରଖାନାକୁ ନେବାକୁ ପଡ଼ିବ। ସାବୁନରେ ଗାଧୋଇଦେବାକୁ ପଡ଼ିବ। ଆବଶ୍ୟକ ହେଲେ ପାଉଡ଼ର ଛିଞ୍ଚିବାକୁ ପଡ଼ିବ। ତା' ପାଇଁ ବିଛଣାଟିଏ ରଖିବାକୁ ପଡ଼ିବ। ଏଇପରି ଅନେକ ନକାରାତ୍ମକ କଥା କହିଚାଲିଲେ। ଶେଷରେ କୁକୁର ପାଳିବା ଯୋଜନା ସ୍ଥଗିତ ରହିଲା।

ଏହାପରେ ପୁଣି ଆଲୋଚନା ଚାଲିଲା। ଶେଷରେ ବନ୍ଧୁପତ୍ନୀଙ୍କ ଉନ୍ନତ ମସ୍ତିଷ୍କରୁ ଆହୁରି ଏକ ବୁଦ୍ଧି ବାହାରିଲା। ଏତେଦିନ ଅଣହେଳା କରି ଆସୁଥିବା ଶାଶୁ, ଶ୍ୱଶୁରଙ୍କ କଥା ସେ ଉନ୍ନତ ମସ୍ତିଷ୍କରୁ ବାହାରି ଆସିଲା। ନରମ ଗଳାରେ ବନ୍ଧୁପତ୍ନୀ ଆରମ୍ଭ କଲେ, "ଆଚ୍ଛା ମୋ' ମନକୁ ଗୋଟିଏ ଛୋଟ କଥା ଜୁଟୁଛି। ଶୁଣ।" ରାମବାବୁ ଉତ୍ସାହିତ ହୋଇ ଚାହିଁ ରହିଲେ। ତୁମ ବାପାବୋଉ ଆଉ କେତେଦିନ ରହିଥିବେ? ବୁଢ଼ାବୁଢ଼ୀ ହେଲେଣି। ଦେହପା' ଏଣିକି ଅଧିକ ଖରାପ ହେବ। ଆମର ଟେନ୍‌ସନ୍ ବଢ଼ିବ। ସେ ନିଜେ କେଉଁ ଡାକ୍ତରପାଖକୁ ଯାଇପାରିବେ? ଫଳରେ ଆମକୁ ଥରକୁ ଥର ଦୌଡ଼ିବାକୁ ପଡ଼ିବ। ଏଠିକି ଆଣି ଡାକ୍ତରକୁ ଦେଖାଇ ପୁଣି ଛାଡ଼ିବାକୁ ପଡ଼ିବ। ଔଷଧ ଶେଷ ହୋଇଗଲେ ପୁଣି ଔଷଧ ପହଞ୍ଚାଇବାକୁ ପଡ଼ିବ। ଏତେଥର ତେଲପୋଡ଼ି ଦୌଡ଼ିବା ଅପେକ୍ଷା ସେମାନଙ୍କୁ ଏଠାକୁ ନେଇ ଆସିଲେ ଟେନ୍‌ସନ୍ ଶେଷ। ପାଖରେ ଡାକ୍ତରଖାନା, ଔଷଧ, ସବୁକିଛି। ସେମାନେ ଆସିଲେ ଏ ଘର ବାହାର ଚଳପ୍ରଚଳ ହେବେ। ସବୁ ଘର ଆଉ ଚାବି ପଡ଼ିବା ଦରକାର ହେବନି। ଏକଥା ବାପାଙ୍କୁ ବୁଝାଇ କହିବ। ହଁ! ଅଫିସ୍‌ରେ ମୋ' କାମ ଆହୁରି ବଢ଼ିଯାଇଛି। ତେଣୁ ଫେରୁଫେରୁ ନିଶ୍ଚୟ ଡେରି ହେବ। ଆଉ ଏଣିକି ଗାଁକୁ ଯିବା ସମ୍ଭବ ହେବନି। ବୁଢ଼ାବୁଢ଼ୀଙ୍କୁ କୌଣସିମତେ ଏଠିକି ନେଇ ଆସିବ। ତେଣୁ ବନ୍ଧୁପତ୍ନୀଙ୍କ ବୁଦ୍ଧି ଅତି ଚମତ୍କାର ବୋଲି ମନେକଲେ ରାମବାବୁ। ତେଣୁ କୁକୁର ବଦଳରେ ବାପା ବୋଉଙ୍କୁ ଆଣି ଏଠାରେ ରଖିବା ସ୍ଥିର ହେଲା।

ମୋ: ୯୯୩୮୬୪୭୯୮୭

## କବିତା

### ମା' ଆସିବେ ବୋଲି

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଶରତ ଆଣିଛି ଶେଫାଳି ଚାଦର
ବିଛାଇବ ମା' ପାଇଁ,
ଆସିବେ ବୋଲି ମା' ଧରାବକ୍ଷରେ
କାଶତଣ୍ଡୀ ଅଛି ଚାହିଁ।

ଆର୍ଯ୍ୟାବର୍ତ୍ତ ଭୂମି ଅନ୍ନପୂର୍ଣ୍ଣା ଭୂମି
ଅମୃତ ବରଷି ଯିବ,
ଅନ୍ଧକାର ଚିରି ଧରଣୀ ବକ୍ଷରେ
ଶୁଭ୍ର ମୁକ୍ତାକାଶ ହେବ।

ଅଖଣ୍ଡ ମଣ୍ଡଳେ ଅଧର୍ମ ବିନାଶ
ପାପ ଯିବ କ୍ଷୟ ହୋଇ,
ଦେବୀ କାତ୍ୟାୟନୀ ବିଜେ କରିଛନ୍ତି
ପୁଣ୍ୟଗର୍ଭା ହେବ ମହୀ।

କାଶତଣ୍ଡୀ ସାଜି ଚଅଁର ଦେବୀଙ୍କୁ
ସମୀରଣେ ବିଞ୍ଚୁଥିବ,
ଝରା ଶେଫାଳିର ମହକ ଅତର
ଅଙ୍ଗେ ପାଟ ପିନ୍ଧାଇବ।

ଚାରୁହାସିନୀ ହେ ମଧୁରଭାଷିନୀ
ନାରାୟଣୀ ମୋକ୍ଷଦାତ୍ରୀ,
ସ୍ନେହଦାତ୍ରୀ ମା' ତୁ କ୍ଷମାଦାତ୍ରୀ ଦେବୀ
ଯୋଗମାୟା ଜ୍ଞାନଦାତ୍ରୀ।

ମୋ: ୯୪୩୭୬୪୨୯୪୭

### ସୁନେଲି ରଙ୍ଗରେ ସଜେଇ ହେଉଛି ସହର

**ପ୍ରଦୀପ୍ତ କୁମାର ବେହୁରା**

ସୁନେଲି ରଙ୍ଗରେ
ସଜେଇ ହେଉଛି ସହର।

ସହରର ଚିକ୍‌ଚାକ୍ ରାସ୍ତା
ମଝିରେ ମେଡିଆନ୍
ମେଡିଆନ୍‌ରେ ଜାତିଜାତିକା ଗଛ
ଗଛର ସତେଜ ସବୁଜିଆ ପତ୍ର
ପତ୍ରସନ୍ଧିରୁ ମହକିତ
ଫୁଲର ବାସ୍ନା
ସବୁ ଯେମିତି ହଜିଯାଉଛି
ଏଇ ସୁନେଲି ରଙ୍ଗ ଭିତରେ।

ସୁନା ରଙ୍ଗରେ ରଙ୍ଗାୟିତ
ବତାମୟ ସାରା ସହର,
ଏତେ ବାଉଁଶ ଆସିଲା କେଉଁଠୁ
ତା'ର ସଠିକ୍ ଉତ୍ତର ହୁଏତ
ରଖିଥିବ ସରକାର।

ସୁନା ରଙ୍ଗରେ ସଜେଇ ହେଲେ
ସତରେ କ'ଣ
ସୁନା ହେଇଯାଏ ସହର!
ମିଳେ କ'ଣ ସୋରିଷ କିଆରିର ହସ
ଅଳସୀ କ୍ଷେତର ବାସ!

ସବୁ ମିଛ
ସବୁ ତୁଚ୍ଛ
ବୃଥା ଅହମିକା
ମାୟା ମରୀଚିକା।
ସୁନା ରଙ୍ଗର ଆସ୍ତରଣ ଭିତରେ
ଖାଲି ଯାହା ବୁଡ଼ିଯାଇଛି
ଏ ଅଜବ ସହର
ଭୁବନେଶ୍ୱର...।

ମୋ: ୯୯୩୭୪୭୬୧୭୩

### ମା' ଆଗମନୀ ବେଳ ହେଲାଣି

**ନିମାଇଁ ମିଶ୍ର**

କାଶତଣ୍ଡୀ ଫୁଲ ଜଳର ପଠାରେ
ମୁରୁକି ମୁରୁକି ହସିଲାଣି,
କର୍ଦ୍ଦମ ମଣ୍ଡିତ ରାସ୍ତା ଘାଟ ଏବେ
ନିରିମଳ ରୂପ ଧରିଲାଣି।
କିଆ କେତକୀର ସୁଗନ୍ଧିତ ବାସ
ମହ ମହ ହୋଇ ବାସିଲାଣି,
ଶୁଭ୍ର ଆକାଶର କଳା ମେଘଗୁଡ଼ା
ମୁହଁକୁ ଲୁଚାଇ ଦେଲେଣି।
ଜୋଛନା ରାତିର ଶୀତଳ ଚନ୍ଦନ
ଚନ୍ଦ୍ରମା ଢାଳି ଦେଲେଣି,
ଉଠରେ ଉଠରେ ଜଗତବାସୀ
ମା' ଆଗମନୀ ବେଳ ହେଲାଣି।

ସରଗ ବିନ୍ଧାଣି ନାନା ଉପହାରେ
ପ୍ରକୃତି ସଜେଇ ଦେଲାଣି,
ହଳଦୀ ପାଟରେ କ୍ଷେତରାଜି ମାନ
ସୁନାର ଗହଣା ପିନ୍ଧିଲାଣି।
କୋକିଳର କୁହୁ ତାନରେ ମେଦିନୀ
ଶୁଭ ସ୍ୱାଗତିକା ଗାଇଲାଣି,
ଫୁଲଫଳ ଭରା ପ୍ରକୃତି ବିଭବ
ମନ ବିମୋହିତ କଲାଣି।
ଶାରଦୀୟ ପୂଜା ସମ୍ଭାର ଧରି
ହଳଦୀବସନ୍ତ ଭ୍ରମିଲାଣି,
ଉଠରେ ଉଠରେ ଜଗତବାସୀ
ମା' ଆଗମନୀ ବେଳ ହେଲାଣି।

ବୃକ୍ଷଲତା ମାନ ସବୁଜ ବରନେ
କଟି ମଣ୍ଡି ଶୋଭା ଢାଳିଲେଣି,
ହିମଗିରି ଏବେ ଶୁଭ୍ର ମୁକୁଟେ
ମା'ର ମଥାକୁ ଶୋଭିଲାଣି।
ବକ୍ଷରେ ତା'ର ହୀରାର ପଦକ
କଟିର କିଙ୍କିଣୀ ବାଜିଲାଣି,
ଶତ୍ରୁ ନାଶ ପାଇଁ ଅସ୍ତ୍ର ହସ୍ତେ ତା'ର
ଦଶଭୁଜା ରୂପ ଧରିଲାଣି।
ଚଣ୍ଡୀ ଚାମୁଣ୍ଡା ସଙ୍ଗତେ ବାହନ
ସିଂହର ଗର୍ଜନ ଶୁଭିଲାଣି
ଉଠରେ ଉଠରେ ଜଗତବାସୀ
ମା' ଆଗମନୀ ବେଳ ହେଲାଣି।

ମୋ: ୯୪୩୮୨୭୩୩୪୦

## ପୁସ୍ତକ ପରିଚୟ

### ଅତୁଲ୍ୟ ନୋବେଲ-୨୦୨୧




**ସମ୍ପାଦକ:** ହରିହର ମିଶ୍ର,
ପ୍ରଭାସ ରଞ୍ଜନ ତ୍ରିପାଠୀ, ଗୌରୀ ଶଙ୍କର ସାହୁ
**ପ୍ରକାଶକ:** ମା' ପ୍ରିଣ୍ଟର୍ସ, ପିଲିଗ୍ରିମ୍ ରୋଡ୍, କଟକ-୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

'ଅତୁଲ୍ୟ ନୋବେଲ-୨୦୨୧'ରେ ପ୍ରଦତ୍ତ ନୋବେଲ ପୁରସ୍କାରକୁ ନେଇ ବିଭିନ୍ନ ଲେଖକ ସେମାନଙ୍କର ଯେଉଁ ତର୍ଜମା କରିଛନ୍ତି, ତା'ର ଏକ ସମ୍ମିଳିତ ରୂପ ପ୍ରକଟିତ କରାଇବାର ଉଦ୍ୟମ ହୋଇଛି। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜ, ସାହିତ୍ୟ, ଶାନ୍ତି ଓ ଅର୍ଥନୀତିରେ ୨୦୨୧ ପାଇଁ ନୋବେଲ ପୁରସ୍କାରରେ ମହିମାନ୍ୱିତ ଉଜ୍ଜ୍ୱଳ କୃତବିଦ୍ ସାଧକମାନଙ୍କର କୃତି ଓ ସମାଜକୁ ସେମାନଙ୍କ ଅମୂଲ୍ୟ ଅବଦାନ ସମ୍ପର୍କରେ ଯେଉଁମାନେ ଆଲୋଚନା କରିଛନ୍ତି, ସେମାନେ ହେଲେ ପ୍ର. ଗୌରାଙ୍ଗ ଚରଣ ମହାନ୍ତି, ଡ. ଶରତ ଚନ୍ଦ୍ର ଦାସ, ଡା. ଜିତେନ୍ଦ୍ର ପ୍ରସାଦ ରାୟ, ଡ. ଅନିଲ୍ କୁମାର ମିଶ୍ର, ଜିତେନ୍ଦ୍ର କୁମାର ନାୟକ ଓ ରୁଦ୍ର ପ୍ରସନ୍ନ ମିଶ୍ର। ଅଭିମତ ଦେଇ ଡ. ବିଜୟାନନ୍ଦ ସିଂହ କହିଛନ୍ତି ଯେ, "ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନ ସମ୍ପର୍କରେ ଏହି ଅଭିନବ ପ୍ରୟାସ ଦ୍ୱାରା ଜ୍ଞାନ ଓ ସାହିତ୍ୟର ବିସ୍ତାର ସମ୍ଭବ। ସମ୍ପାଦକମଣ୍ଡଳୀର ଏହି ଯୁଗୋପଯୋଗୀ ପଦକ୍ଷେପ ଅଭିନନ୍ଦନୀୟ।" ସମ୍ପାଦକୀୟରେ କୁହାଯାଇଛି: "ନୋବେଲ ପୁରସ୍କାର କିଏ ପାଇଲେ ଓ କେଉଁ ଗବେଷଣା ପାଇଁ ତାଙ୍କୁ ଏ ସମ୍ମାନରେ ସମ୍ମାନିତ କରାଗଲା, ସେ ସବୁ ଜାଣିବା ପାଇଁ ବିଶ୍ୱର କୋଣଅନୁକୋଣରେ ବାସ କରୁଥିବା ବିଭିନ୍ନ ଭାଷାଭାଷୀ ଲୋକ ଆଗ୍ରହ ପ୍ରକାଶ କରିଥା'ନ୍ତି। ଖବରକାଗଜରେ ଖବର ଓ ସ୍ତମ୍ଭ ରୂପେ ସଂକ୍ଷେପରେ ଏହା ପ୍ରକାଶିତ ହୋଇଥାଏ। ଜ୍ଞାନ ଅନୁରାଗୀ ଶିକ୍ଷକ, ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ପାଖରେ ବିସ୍ତୃତ ଭାବରେ ମାତୃଭାଷାରେ ସେମାନଙ୍କ କଥା ଓ ବ୍ୟଥା ପହଞ୍ଚାଇବା ଉଦ୍ଦେଶ୍ୟ ରଖି ଏହି ପୁସ୍ତକର ପରିକଳ୍ପନା କରାଯାଇଛି।" ଗ୍ରନ୍ଥ ଶେଷରେ ନୋବେଲ ବିଜେତାମାନଙ୍କର ପରିଚୟ ସ୍ଥାନିତ ହେବା ସହିତ 'ନୋବେଲ ପୁରସ୍କାର' ସମ୍ପର୍କୀୟ ସୂଚନା ପ୍ରଦାନ କରାଯାଇଛି, ଯାହା ଜରୁରୀ। ନୋବେଲ ପୁରସ୍କାରକୁ ନେଇ ଏପରି ଏକ ଗ୍ରନ୍ଥ ପ୍ରତିବର୍ଷ ପ୍ରକାଶ ପାଇଁ ସମ୍ପାଦକ ତ୍ରୟ ଯେଉଁ ସଂକଳ୍ପ ନେଇଛନ୍ତି, ତାହା ଅଭିନନ୍ଦନୀୟ।

### ଷାଠିଏରୁ ୭୦




**ସମ୍ପାଦନା:** ଅଶୋକ ମହାନ୍ତି
**ପ୍ରକାଶକ:** କୁସୁମିତା ପବ୍ଲିକେଶନ୍ସ,
ଭୁବନେଶ୍ୱର-୬
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୦୦/-

କୃପାସାଗର ସାହୁଙ୍କ ଜୀବନ ଓ ସୃଜନର ସାକ୍ଷ୍ୟ ପ୍ରଦାନ କରୁଥିବା ଏହି ବହିଟିରେ ଲବ୍ଧପ୍ରତିଷ୍ଠ କଥାକାର କୃପାସାଗରଙ୍କ ସମ୍ପର୍କରେ ଯେଉଁ ଆଲେଖ୍ୟମାନ ସ୍ଥାନିତ ହୋଇଛି, ତାହାକୁ ଲେଖିଛନ୍ତି ଓଡ଼ିଶାର ଜଣାଶୁଣା ବହୁ ଲେଖକ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଅଜୟ କୁମାର ମିଶ୍ର, ବେଣୁଧର ପାଢ଼ୀ, ବାସନ୍ତୀ ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ସତ୍ୟ ଷଡ଼ଙ୍ଗୀ, ରାଧାମୋହନ ମହାପାତ୍ର, ବିନୋଦିନୀ ପାତ୍ର, ଗୋଲାପ ମଞ୍ଜରୀ କର, ରମେଶ ଦାସ, ଉମାକାନ୍ତ ରାଉତ, ଝାନ୍‌ସୀ ସିଂହ ଓ ନିରାକାର ଦାସ ପ୍ରମୁଖ। ବିଭିନ୍ନ ଶିରୋନାମାରେ ଲେଖାଗୁଡ଼ିକର ଗୁଣଧର୍ମକୁ ନେଇ ସମ୍ପାଦକ ସଜେଇଛନ୍ତି, ଯଥା: ସାହିତ୍ୟ, କ୍ଲାସିକ୍, ସମୀକ୍ଷା, ଏଷଣା, ବ୍ୟକ୍ତିତ୍ୱ, ବିଚିତ୍ରା ଓ ଆଳାପ। କୃପାସାଗରଙ୍କ ପ୍ରତିଭାମୁଗ୍ଧ ସମ୍ପାଦକ ଅଶୋକ ଲେଖିଛନ୍ତି: "କୃପାସାଗର ଅନ୍ୟ ବସାର ଚଢ଼େଇ। ତାଙ୍କ କିଚିରିମିଚିରି ଅନ୍ୟ ଆକାଶଚାରୀଙ୍କଠାରୁ ନିଆରା, ତାଙ୍କ କାକଳିରେ ଥାଏ ଆପଣାପଣର ଶ୍ରଦ୍ଧାଶୀଳ ସ୍ୱର।" ସମ୍ପାଦକ ଲେଖକଙ୍କ ସାହିତ୍ୟକୃତି ଓ ଜୀବନବୃତ୍ତ ସମ୍ପର୍କରେ ଯେଉଁ ମତାମତ ରଖିଛନ୍ତି, ତାହା କୃପାସାଗରଙ୍କ ପ୍ରତି ସର୍ବାଦୌ ପ୍ରଯୁଜ୍ୟ। କୃପାସାଗରଙ୍କ ଲେଖନୀ କେବଳ ମାନବ ଚରିତ୍ରକୁ ନେଇ ଗତିଶୀଳ ନୁହେଁ, ଏଥିରେ ଶୁଭେ ଚରାଚରର କାକଳି। ଭୂଗୋଳ ଓ ଇତିହାସ, କାହାଣୀ ଓ କିମ୍ବଦନ୍ତୀ, ମିଥ୍ ଓ ସମାଜତତ୍ତ୍ୱର ମିଶ୍ରରାଗକୁ ନେଇ ତାଙ୍କର ରଚନାଗୁଡ଼ିକ ଗତିଶୀଳ। ଏଭଳି ଜଣେ ବିବିଧକର୍ମା ଲେଖକଙ୍କ ଜୀବନ ଓ ସାହିତ୍ୟକୁ ନେଇ ପ୍ରସ୍ତୁତ ଏହି ଅନୁଶୀଳନଧର୍ମୀ ପୁସ୍ତକଟି ପାଠକଙ୍କ ଶ୍ରଦ୍ଧାଭାଜନ ହେବ ବୋଲି ଆଶା କରାଯାଏ।

## ବନ୍ଧନ

**ମନୀଷା ପଣ୍ଡା**

ଲଘୁ ଗଳ୍ପ

"ଯାହା ଯେତିକି ମନକୁପାଉଛି ଦେଇଦିଅ ଆଉ ତାକୁ ନେଇ ଯାଅ।"

ଦାଣ୍ଡ ବାରଣ୍ଡା ଉପରେ ମୁହଁ ଶୁଖାଇ ବସି ଜେଜେ କହୁଥା'ନ୍ତି। ମୁଁ ଫେରୁଥାଏ ସ୍କୁଲରୁ। ଆମ ଦୁଆରେ ବସିଥାଆନ୍ତି ଦୁଇ ଜଣ ଲୋକ ହାତରେ ପଘା ଖଣ୍ଡେ (ଗାଈବନ୍ଧା ଦଉଡ଼ି) ଆଉ ବାଡ଼ିଟେ ଧରି। କିଛି ସମୟ ଘର ଭିତରକୁ ନ ଯାଇ ସେଇଠି ଠିଆ ହୋଇ ଯାହା ବୁଝିଲି ଆମ ମଙ୍ଗୁଳିକୁ ଜେଜେବାପା ବିକ୍ରି କରିଦେଉଛନ୍ତି। ପାଞ୍ଚ ଦଶମିନିଟ୍ ବେପାରୀ ଦୁହେଁ ଏପାଖ ସେ ପାଖ ଦେଖି, ଲାଞ୍ଜରେ ହାତ ମାରି, ଶିଙ୍ଗ ଧରି କ'ଣ ବୁଝିଲେ କେଜାଣି ମୂଲଚାଲ କଲେ ମଙ୍ଗୁଳିର। ବେପାରୀ ଦୁଇଜଣଙ୍କ ଇଚ୍ଛାମୁତାବକ ଜେଜେ ଦେବା ପାଇଁ ସ୍ଥିର କଲେ ବେଶୀ ଆଉ କିଛି କଥା ନ କହି। ଜଣେ ମଙ୍ଗୁଳିକୁ ଟାଣିନେଉଥାଏ ବେକରେ ପଘା ଲଗେଇ, କିନ୍ତୁ ଇଞ୍ଚେ ହେଲେ ଘୁଞ୍ଚୁ ନଥାଏ ସେ। ଆର ଜଣକ ପଛରୁ ଠେଲୁଥାଏ, ତଥାପି ପାଦେ ଆଗେଇବା ପାଇଁ ଅମଙ୍ଗ ମଙ୍ଗୁଳି।

ସେଦିନକୁ ବାପା ଯିବାର ସତର ଦିନ ହୋଇସାରିଥାଏ। ଦଶାହ କାମ ପରେ ସମ୍ପର୍କୀୟ ଯିଏ ଯାହା ଘରକୁ ଗଲେଣି। ପାଖ ପଡ଼ିଶା ଚିହ୍ନା ପରିଚୟ ଅନେକ ଆଶ୍ୱାସନା ଦେବା ପ୍ରାୟ ଥମି ଗଲାଣି। ପରିସ୍ଥିତି ଆଉ ନିୟତି ସହ ଆମକୁ ଯୁଝିବାକୁ ପଡ଼ିବ ଏଥିପାଇଁ ଆମେ ବି କିଛିଟା ପ୍ରସ୍ତୁତ ହେଲୁଣି, ହେଲେ ମଙ୍ଗୁଳି ବାପାଙ୍କ ବିନା ସେଇଠି ଯୋଉଠି ତାକୁ ଛାଡ଼ିଦେଇ ଯାଇଛନ୍ତି ଅବେଳରେ ବାପା। ବାପାଙ୍କ ଯିବାପରେ ଆଜି ପର୍ଯ୍ୟନ୍ତ ମଙ୍ଗୁଳି ମୁହଁ ପାଖରେ ଯେତେଥର ଖାଇବା ରଖୁଥାଏ ମୁଁ, ସେ ମୁହଁ ଏପାଖ ସେପାଖ କରି ବୁଲେଇ ଦେଉଥାଏ। ଆଖି କୋଣରେ ନେଞ୍ଜେରା ମେଞ୍ଚାଏ ସହ କଳା ଧାରଟିଏ ବୋହି ଆସିଥାଏ। ମଝିରେ ମଝିରେ ଚାପା ହମ୍ବା ରଡ଼ିଟାଏ ଛାଡୁଥାଏ। ବାସ୍ ଘର ଭିତର ଆଡ଼କୁ ମୁହଁ କରି ଚାହିଁ ରହିଥାଏ ଅନବରତ ଯେମିତି ବାପାଙ୍କ ଅପେକ୍ଷାରେ। କୁଣ୍ଡା, ତୋରାଣି,



ନଡ଼ା କୁଟା କିଛି ହେଲେ ମୁହଁରେ ଦେଉନି ଆଉ ଆଗଭଳି। ଚଇତି ଖରାରେ ଦିନ କେଇଟାରେ କଣ୍ଟା ହୋଇଗଲାଣି ସେ। ଏଥିପାଇଁ ଜେଜେ ଗରାଖ ବୁଝି ଦେଇଦେବେ ବୋଲି ଠିକ୍ କରିଛନ୍ତି।

ହେଲେ ବେପାରୀ ଦି'ଟା ଠେଲିଠେଲି ବିରକ୍ତିଭାବ ଦେଖାଇ ଦୁଇ ତିନି ପାହାର ଦେଲେଣି। ତଥାପି ଅଟଳ ମଙ୍ଗୁଳି। ଶେଷକୁ ଗୋଟାଏ ଟାଣୁଆ ଧକ୍କାରେ ତଳେ ପଡ଼ିଗଲା ମଙ୍ଗୁଳି। ମୁଁ ଆଉ ସହି ପାରିଲିନି। ବଡ଼ ପାଟିରେ କହିଲି, 'ସେ ଯିବନି ତ ନଯାଉ, ଜେଜେ ଏମାନଙ୍କ ଟଙ୍କା ଫେରେଇ ବିଦା କର।'

ଜେଜେ ବି ଅମଙ୍ଗ ହେଲେନି। ପ୍ରାୟ ମୋ' କଥା ରହେ ଆମ ଘରେ। ଫେରେଇଦେଲେ ବେପାରୀ ଦୁହିଁଙ୍କୁ। ରହିଲା ଆମ ସହ ବେଶ୍ କିଛି ଦିନ ଆମ ମଙ୍ଗୁଳି। କିନ୍ତୁ ଆମଠୁ ଢେର୍ ବେଶୀ ବାପାଙ୍କୁ ଖୋଜୁଥିଲା। ମୁଁ ଖାଇବା ଦେଇ ପାଖରେ ଠିଆ ହୋଇ ମୁଣ୍ଡ ଆଉଁଶି ଦେଉଥିଲି ଠିକ୍ ବାପାଙ୍କ ଭଙ୍ଗୀରେ। କ'ଣ ଭାବେ କେଜାଣି? ସୁଁ ସୁଁ ହୋଇ ମୁହଁ ଟେକି ଶୁଙ୍ଘି ପକାଏ ମୋତେ। ତା'ପରେ ପିଇ ଦେ... କି ଖାଇ ଦେ... କହିବାରୁ ଆରମ୍ଭ କରେ।

ଆମେ ସମସ୍ତେ ବାପାଙ୍କ ବିନା ଛାତିରେ ପଥର ଲଦି କର୍ମପଥରେ ଆଗେଇ ଚାଲିଲୁ, ହେଲେ ମଙ୍ଗୁଳି ତା' ବୟସ ସହ ଆୟୁଷ ଅନୁପାତରେ ଖୁବ୍ କମ୍ ଦିନ ବଞ୍ଚିଲା। ବାପାଙ୍କୁ ଝୁରିଝୁରି ଆଖି ବୁଜିଲା ଆମରି ଗୁହାଳରେ। ମୃତଦେହ ଉଠିବାବେଳେ ଗୁହାଳରୁ ଆମେ ସମସ୍ତେ ବାପା ଆଉ ମଙ୍ଗୁଳିର ବନ୍ଧନକୁ ତଉଲୁଥିଲୁ ଆଖିର ଲୁହରେ। ସେଇ ଦିନଠାରୁ ଗୁହାଳ ଖାଲି। ଝୁଲୁଛି ଗୋଟାଏ ମୋବାଜ କଳଙ୍କିଲଗା ତାଲା ଆଜିକୁ ପ୍ରାୟ ୧୫ ବର୍ଷ ହେବ। କେବେକେବେ ସ୍ମୃତିକୁ ସାଉଁଟି ଗୁହାଳଘର ଖୋଲି ପଶିଗଲେ ଭିତରକୁ, ଗୋବରିଆ ଗନ୍ଧ ଭିତରୁ ବାହାରେ ବାପା ଆଉ ମଙ୍ଗୁଳିର ନିବିଡ଼ ଆତ୍ମୀୟତାର ମହକ। ଅନୁଭବ ହୁଏ କିଛିଟା ଉଷୁମପଣ ଗୋଟେ ସମ୍ପର୍କର।

ମୋ: ୮୨୪୯୬୮୬୦୯୩

## କାଳକାଳକୁ

"ସ୍ୱପ୍ନଠୁ ବଳି ବାସ୍ତବ ଆଉ କିଛି ନାହିଁ। ତମ ଚାରିପାଖର ପୃଥିବୀ ବଦଳି ଯାଇପାରେ, କିନ୍ତୁ ତମ ସ୍ୱପ୍ନ ନୁହେଁ।"

– ଟମ୍ କ୍ଲାନ୍ସୀ



ଟମ୍ କ୍ଲାନ୍ସୀଙ୍କ ଜନ୍ମ ୧୨ ଏପ୍ରିଲ ୧୯୪୭ରେ ଓ ପରଲୋକ ୧ ଅକ୍ଟୋବର ୨୦୧୩ରେ। ଜନଚେତନାକୁ ଉଦ୍‌ବେଳିତ କଲାଭଳି ବହୁ ଉପନ୍ୟାସର ସେ ସ୍ରଷ୍ଟା। ଶୀତଳ ଯୁଦ୍ଧକୁ ପ୍ରସଙ୍ଗ କରି ସେ ଲେଖିଥିବା ଉପନ୍ୟାସଗୁଡ଼ିକ ବିଶ୍ୱବ୍ୟାପୀ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ପ୍ରସିଦ୍ଧ ରଚନାଗୁଡ଼ିକ ମଧ୍ୟରେ 'ଦ ହଣ୍ଟ ଫର୍ ରେଡ୍ ଅକ୍ଟୋବର', 'ରେଡ୍ ଷ୍ଟର୍ମ ରାଇଜିଂ', 'ପାଟ୍ରିଅଟ୍ ଗେମ୍ସ' ଓ 'ଦ ସମ୍ ଅଫ୍ ଅଲ୍ ଫିଅର୍ସ' ପ୍ରଭୃତି। ତାଙ୍କର ଅନେକ ଉପନ୍ୟାସର ଚଳଚ୍ଚିତ୍ର ଓ ଟେଲିଭିଜନ ନାଟ୍ୟରୂପ ପ୍ରସାରିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ସେ କୁହନ୍ତି: "ତମେ ଚାହୁଁଥିବା କାମସବୁକୁ ଯଦି କରିବାକୁ ଚାହୁଁଥାଅ, ତେବେ ତା'ର ଗୋଟିଏ ବାଟ ଅଧ୍ୟୟନ।"

# କରୋନାକାଳୀନ ଜୀବନର ଏକ ମାର୍ମିକ ଜଳଛବି



**ଡ. ମୃଣାଳ ଚାଟାର୍ଜୀ**

**ବହି :** ଦି ବ୍ଲାଇଣ୍ଡ ମାଟ୍ରିଆର୍କ
**ଲେଖକ :** ନମିତା ଗୋଖଲେ
**ପ୍ରକାଶକ :** ପେଙ୍ଗୁଇନ୍ ଭାଇକିଙ୍ଗ,
**ମୂଲ୍ୟ:** ଟ. ୫୯୯/-
**ପ୍ରଥମ ପ୍ରକାଶ:** ୨୦୨୧ ସେପ୍ଟେମ୍ବର




ମହାମାରୀକୁ ନେଇ ବିଶ୍ୱର ବିଭିନ୍ନ ଦେଶରେ, ବିଭିନ୍ନ ଭାଷାରେ, ବିଭିନ୍ନ ସମୟରେ ଅନେକ ଗଳ୍ପ ଉପନ୍ୟାସ କବିତା ଲେଖା ହୋଇଛି।

ଗତ ଦୁଇ ବର୍ଷ ଧରି ସାରା ପୃଥିବୀ କରୋନା ମହାମାରୀ ଭୋଗିଛି। କରୋନାକାଳରେ ଜୀବନକୁ ନେଇ ଭାରତରେ ବେଶ୍ କିଛି କବିତା ଓ କାହାଣୀ ଲେଖାଯାଇଛି। ସେଇ ଧାରାରେ ଏକ ଉଜ୍ଜ୍ୱଳ ସଂଯୋଜନ ହେଉଛି ନିକଟରେ ପ୍ରକାଶିତ ଇଂଲିଶ୍ ଭାଷାରେ ଲିଖିତ ଉପନ୍ୟାସ- 'ଦି ବ୍ଲାଇଣ୍ଡ ମାଟ୍ରିଆର୍କ'।

କରୋନା ମହାମାରୀ ସମୟର ପ୍ରେକ୍ଷାପଟରେ ଲିଖିତ ଏ ଉପନ୍ୟାସର କେନ୍ଦ୍ରରେ ରହିଛି ଦିଲ୍ଲୀର ଏକ ସମ୍ଭ୍ରାନ୍ତ ଅଞ୍ଚଳରେ ଅବସ୍ଥିତ ଗୋଟେ ଚାରି ମହଲା ଘର: ସି-୧୦୦। ଏ ଘରେ ଅଛନ୍ତି ଜଣେ ବୃଦ୍ଧା, ତାଙ୍କ ନାଁ ମାଟଙ୍ଗୀ ମା'। ସେ କ୍ରମଶଃ ଅନ୍ଧୁଣୀ ହେଇଯାଉଛନ୍ତି। ଘରର ସବା ଉପର ମହଲାରେ ରହନ୍ତି ସେ। ସାଙ୍ଗରେ ତାଙ୍କ ପରିଚାରିକା। ତଳ ମହଲାଗୁଡ଼ିକରେ ତାଙ୍କ ପରିବାରର ଅନ୍ୟମାନେ ରହନ୍ତି। କରୋନାକାଳରେ ସମସ୍ତେ ଦୀର୍ଘକାଳ ପ୍ରାୟ ଗୃହବନ୍ଦୀ ହୋଇ ରହିବା ପାଇଁ ବାଧ୍ୟ ହେଲେ। ପରିବାରର ସମସ୍ତେ ଗୋଟିଏ କୋଠାରେ ଭିନ୍ନଭିନ୍ନ ଘରେ ବନ୍ଦୀ ହୋଇ ରହିଲେ। ପ୍ରତ୍ୟେକ ପରିବାରର ନିଜସ୍ୱ କାହାଣୀ, ଗୋଟିଏ ପରିବାର ସହିତ ଅନ୍ୟ ପରିବାରର ସମ୍ପର୍କର କାହାଣୀ ଏବଂ କରୋନା ମହାମାରୀ ପ୍ରେକ୍ଷାପଟରେ ସେମାନଙ୍କ ଜୀବନ ଓ ସମ୍ପର୍କର ଜୁଆର ଭଟ୍ଟାର କଥା ହେଉଛି ଏ ଉପନ୍ୟାସ।

ଏ ଉପନ୍ୟାସର ଲେଖିକା ନମିତା ଗୋଖଲେ (ଜନ୍ମ: ୧୯୫୬) ସାମ୍ପ୍ରତିକ ଭାରତୀୟ ସାହିତ୍ୟ ଜଗତରେ ଏକ ପରିଚିତ ନାଁ। ୧୯୮୪ରେ ତାଙ୍କର ପ୍ରଥମ ଉପନ୍ୟାସିକା ପ୍ରକାଶିତ ହୁଏ: 'ପାରୋ: ଡ୍ରିମ୍ସ ଅଫ୍ ପ୍ୟାଶନ୍'। ତା' ପରଠୁଁ ସେ ନିରବଚ୍ଛିନ୍ନ




ଭାବେ ଲେଖିଚାଲିଛନ୍ତି। ଉପନ୍ୟାସ ଛଡ଼ା ସେ ନାଟକ ଏବଂ ଅନ୍ୟାନ୍ୟ ଧରଣର ଲେଖା ମଧ୍ୟ ଲେଖନ୍ତି। ଆସାମ ସାହିତ୍ୟ ସଭା ଏବଂ ଅନ୍ୟାନ୍ୟ ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତା ହୋଇଛନ୍ତି।

ତାଙ୍କର ସଦ୍ୟତମ ଉପନ୍ୟାସ 'ଦି ବ୍ଲାଇଣ୍ଡ ମାଟ୍ରିଆର୍କ' ଉପନ୍ୟାସରେ ସମାଜର କଥା ରହିଛି। ବ୍ୟକ୍ତିର କଥା ମଧ୍ୟ ରହିଛି। କରୋନା ସମୟରେ ସାଧାରଣ ଜୀବନ କେମିତି ବ୍ୟାହତ ହୋଇଛି, ସମ୍ପୂର୍ଣ୍ଣ ତାଲାବନ୍ଦ ସମୟରେ କେମିତି ଲୋକେ ହଇରାଣହରକତ ହୋଇଛନ୍ତି, ପ୍ରବାସୀ ଶ୍ରମିକମାନେ କେମିତି ରୋଜଗାର ହରାଇଛନ୍ତି ତାହା କାହାଣୀ ଭିତରେ ବର୍ଣ୍ଣନା କରାଯାଇଛି। ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ପାଇଁ ହାହାକାର, ଶ୍ମଶାନରେ ଶବଦାହ ପାଇଁ ଭିଡ଼- ଏ ସବୁର ମର୍ମସ୍ପର୍ଶୀ ବର୍ଣ୍ଣନା ରହିଛି ଏ ଉପନ୍ୟାସରେ। ଏ ଉପନ୍ୟାସରେ ରାଜନୀତି କଥା ଅଛି। ଅର୍ଥନୀତି କଥା ବି ରହିଛି।

ଉପନ୍ୟାସଟିକୁ ଗତ ଦୁଇବର୍ଷ ସମୟର ଦସ୍ତାବିଜ୍ ବୋଲି କହିହେବ, ଏହି କାଳଖଣ୍ଡରେ ଲୋକେ ଜିଇଥିବା ଜୀବନର ଜଳଛବି ମଧ୍ୟ କହିହେବ। ମହାମାରୀକୁ ନେଇ ପୃଥିବୀର ସାହିତ୍ୟ ଇତିହାସରେ ଅନେକ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇଛି। ଏ ଉପନ୍ୟାସ ସେହି ଉଚ୍ଚାଙ୍ଗ ସାହିତ୍ୟଧାରାରେ ଏକ ଉଜ୍ଜ୍ୱଳ ସଂଯୋଜନା।

ମୋ: ୯୪୩୭୦୨୬୧୯୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅକ୍ଟୋବର ୧/୨୦୨୨ Sambalpur, Saturday, October 1/ 2022

# ଓଡ଼ିଶା ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ ପଦକ



ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ରଗ୍‌ବୀ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୯ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ବିଭିନ୍ନ ସହରରେ ଚାଲିଥିବା ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣରେ ଓଡ଼ିଶା ମହିଳା ରଗ୍‌ବୀ ଦଳ ଗୌରବ ଆଣିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨୨-୦ରେ ମହାରାଷ୍ଟ୍ରକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେମିଫାଇନାଲରେ ବିହାରକୁ ୧୨-୧୦ରେ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା। ଚାମ୍ପିୟନ ଓଡ଼ିଶା ମହିଳା ରଗବୀ ଦଳରେ ଭାଗ୍ୟଲକ୍ଷ୍ମୀ ବାରିକ, ରଜନୀ ସବର, ମଞ୍ଜୁଲତା ପ୍ରଧାନ, ହୁପି ମାଝି, ତିଳୋତ୍ତମା ସାହୁ, ପାର୍ବତୀ କିସ୍କୁ, ଡୁମୁନି ମାର୍ଣ୍ଡି, ସଂଯୁକ୍ତା ମୁଣ୍ଡା, ଶୁଭଲକ୍ଷ୍ମୀ ବାରିକ, ପାର୍ବତୀ ହାଁସଦା, ତରୁଲତା ନାଏକ ଓ ନିର୍ମାଲ୍ୟା ରାଉତ ସାମିଲ ଥିଲେ। ମାନସ ରଞ୍ଜନ ଜେନା କୋଚ୍, ଉପେନ୍ଦ୍ର କୁମାର ମହାନ୍ତି ମ୍ୟାନେଜର ଓ ସୌମ୍ୟଶ୍ରୀ ମିଶ୍ର ଫିଜିଓ ଦାୟିତ୍ୱ ନିର୍ବାହ

## ଜାତୀୟ କ୍ରୀଡ଼ା

କରିଥିଲେ। ମହିଳା ବିଭାଗ ବ୍ରୋଞ୍ଜ ପଦକ ମୁକାବିଲାରେ ବିହାର ୧୪-୫ରେ ଦିଲ୍ଲୀକୁ ପରାସ୍ତ କରିଛି। ପୁରୁଷ ବିଭାଗ ଫାଇନାଲରେ ହରିୟାଣା ୧୯-୭ରେ ମହାରାଷ୍ଟ୍ରକୁ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ପଶ୍ଚିମବଙ୍ଗକୁ ୨୯-୨୪ରେ ପରାସ୍ତ କରି ଦିଲ୍ଲୀ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ପୁରୁଷ ରଗ୍‌ବୀ ଦଳ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଛି। ୭-୮ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଓଡ଼ିଶା ୨୯-୧୨ରେ ଗୁଜରାଟକୁ ପରାସ୍ତ କରିଥିଲା।

# ରାଜ୍ୟପାଳଙ୍କ ଦ୍ୱାରା ଆରାଧା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୩୦।୯ (କ୍ରୀଡ଼ା ପ୍ରତିନିଧି)**

ଗତ ଜୁନ୍‌ରେ ୬ ଦିନ ମଧ୍ୟରେ ୬ଟି ଗିରିଶୃଙ୍ଗ ଆରୋହଣ କରିଥିବା ରାଜ୍ୟର ଶିଶୁ ପର୍ବତାରୋହୀ ଆରାଧାଙ୍କୁ ଗୁରୁବାର ରାଜ୍ୟପାଳ ଗଣେଶୀ ଲାଲ ରାଜଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟପାଳ ତାଙ୍କୁ ଆଶୀର୍ବାଦ କରିବା ସହ ମହାତ୍ମା ଗାନ୍ଧୀଙ୍କର ଏକ ଫଟୋଚିତ୍ର ପ୍ରଦାନ କରିଥିଲେ ଏବଂ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ୯ ବର୍ଷୀୟା ଆରାଧା ହେଉଛନ୍ତି ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ କନ୍ୟା। ସମ୍ବର୍ଦ୍ଧିତ ହେବା ଅବସରରେ ଆରାଧାଙ୍କ ସହ ତାଙ୍କ ବାପା ଗଣେଶ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ହରେଶ ମିଶ୍ର ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଭୁବନେଶ୍ୱରର ଆରାଧା ୧୭ ତାରିଖରେ ହିମାଚଳ ପ୍ରଦେଶର ଜିସ୍‌ପା (୩,୭୫୬ ମିଟର/୧୨୩୨୨ ଫୁଟ), ୧୮ରେ ବରାଲାଚଲା (୪୯୫୩ ମିଟର/୧୬୨୫୦ ଫୁଟ), ୧୯ରେ ଭରତପୁର ବେସ୍ କ୍ୟାମ୍ପ (୪୬୮୭ ମିଟର/୧୫୩୭୭ ଫୁଟ), ୨୦ରେ ୟୁନୁମ ଆଡ୍‌ଭାନ୍ସ ବେସ୍ କ୍ୟାମ୍ପ (୫୩୮୫ ମିଟର/୧୭୬୬୭ ଫୁଟ), ୨୧ରେ ଲଦାଖର ସରଚୁ (୪୨୩୬ ମିଟର/୧୩୮୯୭ ଫୁଟ) ଏବଂ ୨୨ ତାରିଖରେ ହିମାଚଳ ପ୍ରଦେଶର ବାରାଲାଥଲା (୪୯୮୬ ମିଟର/୧୬୩୫୮ ଫୁଟ) ଆରୋହଣ କରିଥିଲେ।



ଆରାଧାଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ସମ୍ବର୍ଦ୍ଧିତ କରୁଛନ୍ତି।

# ସ୍ନେହା, ପ୍ରମିଳାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି),ବେତନଟୀ(ସ୍ୱ.ପ୍ର.),୩୦।୯ :** ଗୁଜରାଟର ଗାନ୍ଧୀନଗରଠାରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି ସ୍ନେହା ସୋରେନ ଓ ପ୍ରମିଳା କିର୍ସାନୀ। ମହିଳା ୪୯ କେଜି ଭାରୋତ୍ତୋଳନରେ ସ୍ନେହା ଓ ୫୫ କେଜିରେ ପ୍ରମିଳା ଏହି ସଫଳତା ପାଇଛନ୍ତି। ସ୍ନେହା ସ୍ନାଚ୍‌ରେ ୭୩ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୯୬ ଏହିପରି ମୋଟ ୧୬୯ କେଜି ଏବଂ ପ୍ରମିଳା ସ୍ନାଚ୍‌ରେ ୭୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୭ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଲିମ୍ପିକ୍ ସିଲଭର ମେଡାଲିଷ୍ଟ ମୀରାବାଈ ଚାନୁ ଆଶାନୁରୂପ ପ୍ରଦର୍ଶନ କରି ୪୯ କେଜି ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ଅଗଷ୍ଟରେ ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମୀରାବାଈ ଏଠାରେ ସ୍ନାଚ୍‌ରେ ୮୪ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୭ କେଜି ଭାର ଉଠାଇ ପ୍ରଥମ ସ୍ଥାନରେ ରହିଥିଲେ। କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଜାତୀୟ କ୍ରୀଡ଼ାରେ ଭାଗ ନେଇଥିବା ମୀରାବାଈ ବାମ କଟିରେ ଆଘାତ ପାଇଥିବାରୁ ଉଭୟ ବିଭାଗରେ ତୃତୀୟ ଉଦ୍ୟମରୁ ବିରତ ରହିଥିଲେ। ସଞ୍ଜିତା ଚାନୁ ସ୍ନାଚ୍‌ରେ ୮୨ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୫ କେଜି ଉତ୍ତୋଳନ କରି ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସ୍ନେହା ହେଉଛନ୍ତି ବେତନଟୀ ଥାନା ଅଧୀନ ଶକ୍ତିମାନ ଜିମ୍ନାସିୟମର ପ୍ରଶିକ୍ଷାର୍ଥୀ। ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିବା ସ୍ନେହାଙ୍କର ଏହି ସଫଳତା ପରେ ତାଙ୍କ ସମେତ ପ୍ରଶିକ୍ଷକ ତଥା ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶଚନ୍ଦ୍ର ମହାନ୍ତଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ସେହିଭଳି ସ୍ନେହାଙ୍କ ପୈତୃକ ଗାଁ ବେତନଟୀ ଥାନା ଦାନ୍ତିଆମୁହାଁ ପଞ୍ଚାୟତ ଅଧୀନ ଶିଖରଘାଟି ଗ୍ରାମରେ ମଧ୍ୟ ଆନନ୍ଦ ଉଲ୍ଲାସର ମାହୋଲ ଦେଖିବାକୁ ମିଳିଛି । ତେବେ ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଇଲାକାରୁ ଜଣେ ଆଦିବାସୀ ବାଳିକା ଜାତୀୟସ୍ତରୀୟ ପ୍ରତିଯୋଗିତା ତଥା ଅଲିମ୍ପିକ ବିଜେତାଙ୍କ ସହିତ ମୁକାବିଲା କରି ବ୍ରୋଞ୍ଜପଦକ ହାସଲ କରିବା ସମଗ୍ର ମୟୂରଭଞ୍ଜ ଜିଲା ସମେତ ଓଡ଼ିଶା ପାଇଁ ସୁନାମ ଆଣିଦେଇଛନ୍ତି ।



# ଜାତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ କ୍ୟାମ୍ପରେ ଓଡ଼ିଶାର ପଦ୍ମିନୀ ଟୁଡୁ

**ଭୁବନେଶ୍ୱର, ୩୦।୯ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ଦୃଷ୍ଟିବାଧିତ ଫୁଟବଲ ସଂଘ (ଆଇବିଏଫ୍‌ଏଫ୍) ମହିଳା ଶାଖା ଦ୍ୱାରା ପୁଣେରେ ଆୟୋଜିତ କ୍ୟାମ୍ପ ପାଇଁ ଓଡ଼ିଶାର ପଦ୍ମିନୀ ଟୁଡୁ ମନୋନୀତ ହୋଇଛନ୍ତି। ଗତ ଜୁଲାଇରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଦେଶର ୯ଟି ରାଜ୍ୟ ଅଂଶଗ୍ରହଣ କରିଥିଲେ। ସେଥିରେ ଭାଗନେଇ ଓଡ଼ିଶାର ଏକମାତ୍ର ଖେଳାଳିଭାବେ ପଦ୍ମିନୀ ଚୟନ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳସ୍ୱରୂପ ଗତ ଅଗଷ୍ଟରେ କେରଳର କୋଚିଠାରେ ଅନୁଷ୍ଠିତ ତାଲିମ କ୍ୟାମ୍ପକୁ ଆମନ୍ତ୍ରିତ ହୋଇଥିଲେ। ସେଠାରେ ତାଙ୍କ କ୍ରୀଡ଼ା ନୈପୁଣ୍ୟରେ ପ୍ରଭାବିତ ହୋଇଥିବାରୁ ଚୟନ କମିଟି ଏବେ ପୁଣେ କ୍ୟାମ୍ପ ପାଇଁ ଆମନ୍ତ୍ରଣ କରିଛନ୍ତି। ପଦ୍ମିନୀ ଜଣେ ପ୍ରତିଭା ସମ୍ପନ୍ନ ଫୁଟବଲ ଖେଳାଳି ସହ କ୍ରିକେଟ, ନାଚ ଓ ଗୀତରେ ମଧ୍ୟ ରୁଚି ରଖିଛନ୍ତି। ସମ୍ପ୍ରତି ସେ ବାଲେଶ୍ୱରସ୍ଥିତ ରାଣୀ ପାଟନା ଦୃଷ୍ଟିବାଧିତ ବିଦ୍ୟାଳୟରେ ୫ମ ଶ୍ରେଣୀର ଛାତ୍ରୀ। କ୍ୟାମ୍ପ ପାଇଁ ମନୋନୀତ ହୋଇଥିବାରୁ ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ, ଓଡ଼ିଶା ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



**ଭାରତୀୟ ଟି୨୦ ଦଳରେ ସିରାଜ**

ଦକ୍ଷିଣ ଆଫ୍ରିକା ବିପକ୍ଷ ଅବଶିଷ୍ଟ ଟି୨୦ ମ୍ୟାଚ ପାଇଁ ଯଶପ୍ରୀତ୍ ବୁମ୍ରାଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

୦୭

୦୬

**ହିଟ୍ ଗର୍ଲଙ୍କୁ ଦାଦା ସାହେବ ଫାଲ୍‌କେ**

ବଲିଉଡ୍‌ର ଖ୍ୟାତନାମା ଅଭିନେତ୍ରୀ ଆଶା ପାରେଖଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି।





ଦାରିଙ୍ଗବାଡ଼ି ୫୯ନଂ ଜାତୀୟ ରାଜପଥରେ ଶୁକ୍ରବାର ପଡ଼ିଥିବା ଘନକୁହୁଡ଼ି।

# ଏଚ୍ଏସ୍ଆର୍‌ପି ଅବଧି ମାସେ ବଢ଼ିଲା

**ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ,୩୦।୯**

ଜନ ଅସନ୍ତୋଷକୁ ଦେଖି ରାଜ୍ୟ ସରକାର ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚଏସ୍ଆରପି) ଲଗାଇବା ଅବଧି ଆଉ ୧ ମାସ ବୃଦ୍ଧି କରିଛନ୍ତି। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ଯେଉଁ ଗାଡ଼ି ଗୁଡ଼ିକର ନମ୍ବରର ଶେଷ ଅଙ୍କ ୧,୨,୩ ଓ ୪ ରହିଛି, ସଗୁଡିକରେ ଏଚଏସ୍ଆରପି ଲଗାଇବା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଯାଏ ବୃଦ୍ଧି କରାଯାଇଛି। ସେହିପରି ଯେଉଁମାନଙ୍କ ଗାଡ଼ି ନମ୍ବରର ଶେଷ ଅଙ୍କ ୫ ଓ ୬ ରହିଛି, ସେମାନଙ୍କ ପାଇଁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାର ସମୟସୀମା ୩୦ ନଭେମ୍ବର, ଶେଷ ଅଙ୍କ ୭ ଓ ୮ ଥିବା ଗାଡ଼ିଗୁଡ଼ିକରେ ପ୍ଲେଟ୍ ଲଗାଇବା ପାଇଁ ଶେଷ ତାରିଖ ଡିସେମ୍ବର ୩୧ ରଖାଯାଇଛି। ଯେଉଁ ଗାଡ଼ି ଗୁଡ଼ିକର ନମ୍ବରର ଶେଷ ଅଙ୍କ ୯ ଓ '୦'ଥିବ, ସେଗୁଡ଼ିକରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ପାଇଁ ସମୟସୀମାକୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ବଢାଯାଇଛି।

ପୂର୍ବ ଘୋଷଣା ଅନୁଯାୟୀ ଅକ୍ଟୋବର ପହିଲାରୁ ଏସ୍ଏଚ୍ଆର୍‌ପି ଲଗାଇ ନ ଥିବା ଗାଡିଗୁଡିକୁ ଜରିମାନା ଗଣିବାକୁ ପଡ଼ିଥାଆନ୍ତା। ଅବଶ୍ୟ ଯେଉଁମାନେ ନମ୍ବର ପ୍ଲେଟ୍ ପାଇଁ ସ୍ଲଟ୍ ବୁକ୍ କରିଥିବେ, ସେମାନଙ୍କୁ ଫାଇନ୍ ଦେବାକୁ ପଡ଼ିବନି ବୋଲି ଏସଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।

ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଶୁକ୍ରବାର ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏଥିସହ ସ୍ଲଟ୍ ବୁକିଂ ପାଇଁ ଜନସେବା କେନ୍ଦ୍ର ଓ ପୋଷ୍ଟ ଅଫିସକୁ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ସରକାର କହିଛନ୍ତି। ଏନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଆସନ୍ତା ଅକ୍ଟୋବର ୨୬ ତାରିଖକୁ ଉକ୍ତ ମାମଲାର ପରବର୍ତ୍ତି ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ସରକାର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟର ସ୍ଲଟ ବୁକିଂ ନିମନ୍ତେ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଜଣାଇବାକୁ ସେପ୍ଟେମ୍ବର ୨୮ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଦାରିଙ୍ଗବାଡ଼ିରେ ପହିଲି ଶୀତ

**ଦାରିଙ୍ଗବାଡି,୩୦।୯(ଡି.ଏନ୍.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ସମେତ ଆଖପାଖ ଅଞ୍ଚଳରେ ଘନ କୁହୁଡ଼ି ସହ ପହିଲି ଶୀତ ଅନୁଭୂତ ହୋଇଛି। ସକାଳୁଆ ଶୀତ ହେବା ସହ ସନ୍ଧ୍ୟା ହେଲେ ବାହାରେ ଥିବା ଗାଡ଼ି, ଟିଣ ଘର ଉପରେ କାକର ପାଣି ପଡ଼ୁଛି। ଶୁକ୍ରବାର ସକାଳ ୮ଟା ବେଳେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। କୁହୁଡ଼ି ଆଚ୍ଛାଦିତ ହୋଇଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଯାଇଛି। ଅଞ୍ଚଳରେ ଶୀତ ଆରମ୍ଭ ହୋଇଯାଇଥିବାରୁ ଏବେ ଏକାଧିକ ଲୋକ ଶୀତବସ୍ତ୍ର ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

## ଯଶଓ୍ୱନ୍ତ ସିଂହ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି

**କଟକ ଅଫିସ,୩୦।୯**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଯଶଓ୍ୱନ୍ତ ସିଂହଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ସୁପ୍ରିମକୋର୍ଟ କଲିଜିୟମ ସୁପାରିସ କରିଥିବା ଜଣାଯାଇଛି। ସେ ଏବେ ଓଡ଼ିଶା ହାଇକୋର୍ଟରେ ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ୧୯୬୧ ଫେବୃୟାରୀ ୨୩ରେ ହରିୟାଣାର ରୋହତକଠାରେ ବିଚାରପତି ସିଂହ ଜନ୍ମଗ୍ରହଣ କରିଥିଲେ। ପରେ ସେ ଝରିପାଣିର ଓକଗ୍ରୋଭ ସ୍କୁଲ ଓ ରୋହତକ ମଡେଲ ସ୍କୁଲରୁ ଶିକ୍ଷା ଲାଭ କରିଥିଲେ। ୧୯୮୦ରେ କଳାରେ



ଯଶଓ୍ୱନ୍ତ ସିଂହ

ସ୍ନାତକ ଶିକ୍ଷା ପରେ ସେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନ ଡିଗ୍ରୀ ଓ ମାଷ୍ଟର ଅଫ୍ ବିଜିନେସ ଆଡ୍‌ମିନିଷ୍ଟ୍ରେଶନ ହାସଲ କରିଥିଲେ। ୧୯୮୬ରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇ ସିର୍‌ସା ଜିଲା କୋର୍ଟରେ ପ୍ରାକ୍ଟିସ ଆରମ୍ଭ କରିଥିଲେ। ସେ ୧୯୮୭ରେ ଚଣ୍ଡିଗଡ଼ ଯାଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଆଇନ ପ୍ରାକ୍ଟିସ ଜାରି ରଖିଥିଲେ। ୧୯୯୧୦ାରୁ ବିଚାରପତି ହେବା ପର୍ଯ୍ୟନ୍ତ ସେ ହରିୟାଣାର ଆସିଷ୍ଟାଣ୍ଟ ଆଡ୍‌ଭୋକେଟ ଜେନେରାଲ, ଡେପୁଟି ଆଡ୍‌ଭୋକେଟ ଜେନେରାଲ, ସିନିୟର ଡେପୁଟି ଆଡ୍‌ଭୋକେଟ ଜେନେରାଲ, ଆଡିଶନାଲ ଆଡ୍‌ଭୋକେଟ ଜେନେରାଲ ପଦବୀରେ କାର୍ଯ୍ୟ

☞ପୃଷ୍ଠା-୭

## ଆଜିଠୁ ୫ଜି

**ନୂଆଦିଲ୍ଲୀ,୩୦।୯**

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଦେଶରେ ବହୁପ୍ରତୀକ୍ଷିତ ୫ଜି ସେବା ଶନିବାର ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେକ ନିର୍ଦ୍ଦିଷ୍ଟ ସହରରେ ଏହାର ଶୁଭାରମ୍ଭ କରିବେ। ଆସନ୍ତା ୨ ବର୍ଷ ମଧ୍ୟରେ ସାରା ଦେଶରେ ୫ଜି ସର୍ଭିସ୍ ଉପଲବ୍ଧ ହେବ। ୨୦୩୫ ସୁଦ୍ଧା ଦେଶରେ ଏହାର ସାମଗ୍ରିକ ଆର୍ଥିକ ପ୍ରଭାବ ୪୫୦ ବିଲିୟନ୍ ଡଲାର ରହିବା ଅନୁମାନ

☞ପୃଷ୍ଠା-୭






## ଚୋରି ଅଭିଯୋଗରେ ଜଣେ ଗିରଫ, ସ୍କୁଟି ଜବତ

**ନୂଆପଡ଼ା ଅଫିସ:** ନୂଆପଡ଼ା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ଶୁକ୍ରବାର ଚୋରି ଏକ ସ୍କୁଟି ଜବତ କରିବା ସହ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣଙ୍କ ହେଲେ ଲଖନା ଥାନା ସିଙ୍ଗଲପଡାର ସିରାକ ଖାନ (ଛୋଟୁ)। ଗତ ୨୮ ତାରିଖ ରାତିରେ ଖରିଆର ରୋଡ ଡାଗା ଚୌକଠାର କରୁଥିବା ରମେଶ ଅଗ୍ରୱାଲଙ୍କ ଘର ଭିରୁ ଜଣେ ଦୁର୍ବୃତ୍ତ ସ୍କୁଟି ଚୋରି କରି ନେଇ ଯାଇଥିଲେ। ରମେଶଙ୍କ ପୁଅ ରିଶିରାଜ ୨୯ ତାରିଖରେ ଜୋଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଜାରି ଲଖନା ଥାନା ସିଙ୍ଗଲପଡାର ସିରାକଙ୍କୁ ଗିରଫ କରି ସ୍କୁଟି ଜବତ କରିଛି।

# ନିମ୍ନମାନର ପିଡିଏସ ଚାଉଳ ବଣ୍ଟନ ଅଭିଯୋଗ

**ଲାଠୋର,୩୦।୯(ଡି.ଏନ.ଏ.)**

■ରୋଷେଇ କଲେ ପଚା ଗନ୍ଧ ବାହାରୁଛି

■ଚାଉଳକୁ ଖାଇବା ପରିବର୍ତ୍ତେ ଦୋକାନୀଙ୍କୁ ବିକୁଛନ୍ତି ହିତାଧିକାରୀ

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ମୁଣ୍ଡ ପିଛା ସୁଲଭ ମୂଲ୍ୟରେ ମାସକୁ ୫ କେଜି ଲେଖାଏ ଚାଉଳ ଯୋଗାଇ ଦେଉଛନ୍ତି। ତେବେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଝର ପଞ୍ଚାୟତରେ ନିମ୍ନମାନର ପିଡ଼ିଏସ ଚାଉଳ ବଣ୍ଟନ କରାଯାଉଥିବା ନେଇ ସାନଗୁର୍ଜିଭଟା ଗ୍ରାମର କେତେଜଣ ହିତାଧିକାରୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ ଅଧୀନ କରୁଆଝର, ଚାଉଲଡ଼ିଆ, ସାନଗୁର୍ଜିଭଟା, ମସିଣା ଏବଂ ଝଲିଆଲିଟି ଗ୍ରାମରେ ସର୍ବମୋଟ ୧୩୦୬ କାର୍ଡ଼ଧାରୀ ରହିଛନ୍ତି। ସେମାନଙ୍କୁ ମାସିକ ୨୩୫ କୁଇଣ୍ଟାଲ ପିଡ଼ିଏସ ଚାଉଳ ବଣ୍ଟନ କରାଯାଉଛି। କରୁଆଝର ପଞ୍ଚାୟତରେ ଏହି କିଛି ଦିନ ପୂର୍ବରୁ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସର ପିଡ଼ିଏସ ଚାଉଳ ବଣ୍ଟନ କରାଯାଇଥିଲା। ହେଲେ ହିତାଧିକାରୀଙ୍କୁ ଯେଉଁ ଚାଉଳ ବଣ୍ଟନ କରାଯାଇଛି ତାହା ନିମ୍ନମାନର ହୋଇଥିବାରୁ ଖାଇବା ଉପଯୋଗୀ ହେଉନାହିଁ। ଚାଉଳ ଦେଖିବାକୁ ସଫା ଦେଖାଯାଉ ଥିବା ବେଳେ ରୋଷେଇ କଲେ ପଚା ଗନ୍ଧ ବାହାରୁଛି। ରୋଷେଇ କରି ଭାତକୁ ଥଣ୍ଡା ହେବା ପାଇଁ କିଛି ସମୟ ରଖିଦେଲେ ଖାଇବାକୁ ସୁଆଦ ଲାଗୁନାହିଁ। ଫଳରେ ଅଧିକାଂଶ ଲୋକ ଚାଉଳକୁ ଖାଇବା ପରିବର୍ତ୍ତେ ଦୋକାନୀଙ୍କୁ ବିକ୍ରୟ କରି ଦେଉଥିବା ଦେଖାଯାଉଛି। ଗତ ମାସରେ ମଧ୍ୟ ଏପରି ଚାଉଳ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଫଳରେ କେତେଜଣ ହିତାଧିକାରୀ ଯୋଗାଣ ସହାୟକଙ୍କୁ ଚାଉଳ ଫେରସ୍ତ କରିଥିଲେ। ଖରାପ ଚାଉଳକୁ ପଞ୍ଚାୟତ ଫେରସ୍ତ ନେଇ ପରବର୍ତ୍ତୀ ସମୟରେ ହିତାଧିକାରୀଙ୍କୁ ଭଲ ଚାଉଳ ବଣ୍ଟନ କରିଥିଲେ। ଏନେଇ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲାଙ୍କୁ ପଚାରିବାରେ ସେ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ।

## ମଧ୍ୟାହ୍ନଭୋଜନ ଖାଇ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

**ସୋହେଲା,୩୦।୯(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲା ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡିହି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ଭୋଜନ ଖାଇ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଇଛି। ସମସ୍ତ ଅସୁସ୍ଥ ବିପଦମୁକ୍ତ ରହିଥିବା ସୋହେଲା ଡାକ୍ତରଖାନାର ଡା. ସ୍ୱସ୍ତିକ ସାହୁ ସୂଚନା ଦେଇଛନ୍ତି। ଶୁକ୍ରବାର ବ୍ରାହ୍ମଣୀଡିହି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ରୁଟିନ ମୁତାବକ ଭାତ ଓ ସୋୟାବଡ଼ି ତରକାରୀ ଦିଆଯାଇଥିଲା। ଏହାକୁ ଖାଇବା ପରେ ପିଲାଙ୍କର ବାନ୍ତି ସହ ପେଟ ଓ ମୁଣ୍ଡବ୍ୟଥା ହୋଇଥିଲା। ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ପଧାନ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଡାକି ଅସୁସ୍ଥମାନଙ୍କୁ ଗାଡ଼ି ଯୋଗେ ସୋହେଲା ଡାକ୍ତରଖାନାକୁ ନେଇଥିଲେ। ଖବର ପାଇ ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋଲାପ ମିଶ୍ର, ବିଡିଓ ବିଶ୍ୱରଞ୍ଜନ କର ଡାକ୍ତରଖାନା ଆସି ଅସୁସ୍ଥମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ମଧ୍ୟାହ୍ନ ଭୋଜନକୁ ପ୍ରଥମେ ରୋଷେଇଆ, ଜଣେ ଶିକ୍ଷକ, ଜଣେ ଖାଦ୍ୟ କମିଟି ସଦସ୍ୟ ଖାଇବା ପରେ ଛାତ୍ରୀଛାତ୍ରଙ୍କୁ ପରସିବା ନିୟମ ଥିଲେ ସୁଦ୍ଧା ତାହା ନିୟମ ପାଳନ ହେଉନାହିଁ। ତେଣୁ ଆଜିର ଘଟଣା ଘଟିଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରଧାନଶିକ୍ଷକ ପଧାନଙ୍କୁ ପଚାରିବାରୁ ସେ କହିଲେ, ଆମେ ରୁଟିନ ମୁତାବକ ପିଲାଙ୍କୁ ଖାଦ୍ୟ ଦେଇଥିଲୁ। ତେବେ କେଉଁଥି ପାଇଁ ଏହି ଘଟଣା ଘଟିଲା ତଦନ୍ତ କଲେ ଜଣାପଡିବ।



ବରଗଡ଼ର ମା' ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ।



ସୋନପୁରର ମା' ସୁରେଶ୍ୱରୀଙ୍କ ଧୂମାବତୀ ବେଶ।

# ବେଆଇନ ବନ୍ଧୁକ ଜବତ: ଯୁବକ ଗିରଫ

**ଦେବଗଡ଼, ୩୦।୯(ଡି.ଏନ୍.ଏ.)**



ପାର୍ବଣ ଉପଲକ୍ଷେ ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି । ଏହି କ୍ରମରେ ଜିଲାର ବାରକୋଟ ଥାନା ପୋଲିସ ପକ୍ଷରୁ ଗୁରୁବାର ପାଟ୍ରୋଲିଂ ବେଳେ ଜୟପିଛୁଳା ଗ୍ରାମର ମହାନ୍ତି ମୁଣ୍ଡା ନାମକ ଜଣେ ଯୁବକଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମହାନ୍ତିଙ୍କୁ ବାରକୋଟ ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ଜିଲା ପୋଲିସ ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରମୋଦ କୁମାର ରଥ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇବି ଡିଏସ୍‌ପି ପ୍ରଦୀପ କେରକେଟ୍ଟା ଓ ବାରକୋଟ ଥାନା ଅଧିକାରୀ କନକ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୩୦।୯(ସ୍ୱ.ପ୍ର.)**

**ଗଞ୍ଜେଇ ଚୋରା ଚାଲାଣ ମାମଲାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା କୋକସରା ପୋଲିସ ୨୦୨୧ ଅଗଷ୍ଟ ୮ ତାରିଖ ସନ୍ଧ୍ୟାରେ ଅଇଁଲାଗୁ ଛକ ନିକଟରେ ଯାନବାହନ ଯାଞ୍ଚ ବେଳେ ୨ଟି କାର୍‌ରୁ ୩ କୁଇଣ୍ଟାଲ ୧୧ କେଜି ୭୧୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୪ ଜଣ ଯୁବକଙ୍କୁ ଗିରଫ କରିଥିଲା। ଏକ ମାମଲା ରୁଜୁ କରି ସୁରଜ ସିଂ (୨୫), ଅନୀଲ କୁମାର ବିନ୍ଧ (୨୫), ରବି ଶଙ୍କର ଚୌହାନ(୨୨) ଓ କୁଳଦୀପ ଗୁପ୍ତା (୨୦)ଙ୍କୁ କୋର୍ଟ ଚାଲାଣ କରିଥିଲା। ଗୁରୁବାର ଏହି ମାମଲାର ଶୁଣାଣି କରି ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ତଥା ସ୍ୱତନ୍ତ୍ର ଜଜ୍ ବନ୍ଦନା କର ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡାଦେଶ ପାଇଁ ରାୟ ଶୁଣାଇଛନ୍ତି। ଅତିରିକ୍ତ ସ୍ୱତନ୍ତ୍ର ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର ମାମଲା ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିଶ୍ୱଜିତ୍ ଡାଙ୍ଗ



@ କିରନ ପ୍ରଧାନ



@ ନରସିଂହ କୁମାର କର



@ ସଚିନ ନନ୍ଦ ଭୋଇ



@ ରମେଶ ମେହେର

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ପଠାନ୍ତୁ

## କପର ତାର ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୩୦।୯:** ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ବ୍ରିଟାନିଆ କଲୋନୀ ଛକରେ କପର ତାର ବୋଝେଇ କରି ଯାଉଥିବା ବେଳେ ଏକ ବୋଲେରୋକୁ ପୋଲିସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମୁ ରାଓ(୩୫)। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗୁରବାର ବିଳମ୍ବିତ ରାତିରେ ରାମୁ ଏକ ବୋଲେରୋ (ନଂ.ଓଡି୩୪ଏଫ/ ୬୯୦୪) ଯୋଗେ ୪୯୦ କେ.ଜି କପର ତାର ହନୁମାନ ବାଟିକା ଛକରୁ ଟାଙ୍ଗରପାଲି ଅଭିମୁଖେ ଯାଉଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଟିମ୍ ଉକ୍ତ ଗାଡିକୁ ଅଟକାଇଥିଲା। ଯାଞ୍ଚ ବେଳେ ଉକ୍ତ ତାର ବେଆଇନ ଭାବେ ଚାଲାଣ ହେଉଥିବା ଜଣାପଡିବାରୁ ପୋଲିସ ରାମୁଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୯।୨୨) ରୁଜୁ କରିଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ମିଳିଲା

**ବରଗଡ଼ ଅଫିସ, ୩୦।୯:** ବରଗଡ଼ ଜିଲା ଭଟଲି ସ୍ଥିତ ଲିମ୍ବବନ୍ଧରେ ବୁଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଟଲି ଥାନା ଅନ୍ତର୍ଗତ ନିଲଜୀ ଗ୍ରାମର ସୁରେନ୍ଦ୍ର ବାଙ୍କ(୨୪)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଭଟଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନ.୪୫।୨୨) ରୁଜୁ କରି ତଦନ୍ତ କରୁଛି। ସୁରେନ୍ଦ୍ର ଭଟଲିକୁ ଗଙ୍ଗାଶ୍ରାଦ୍ଧ ଭୋଜି କାର୍ଯ୍ୟକ୍ରମରେ ରୋଷେଇ କରିବା ପାଇଁ ଯାଇଥିଲେ। ରୋଷେଇ କାମ ସରିବା ପରେ ସେ ଉକ୍ତ ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯାଇଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ଦେବଗଡ଼,୩୦।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କେନ୍ଦେଇଜୁରୀ ସ୍ଥିତ ବରଘାଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ୨୦୨୧-୨୨ କୋଭିଡ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ଟଙ୍କା ହଡପ ହୋଇଥିବା ଜଣାପଡିଛି । ଏକଥାକୁ ଖୋଦ ପ୍ରଧାନ ଶିକ୍ଷକ ସ୍ୱୀକାର କରିବା ସହ ଫେରସ୍ତ ପାଇଁ ପ୍ରତିଶ୍ରୁତି ଦେଇ ସେ ଏହା ପାଳନ ନ କରିବାରୁ ତାଙ୍କ ବିରୋଧରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସମେତ ଗ୍ରାମବାସୀ ଓ ଅଭିଭାବକ ଜିଲାପାଳଙ୍କ ନିକଟରେ ଫେରାଦ ହେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗ୍ରାମବାସୀ ଜିଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗ ଅନୁଯାୟୀ ବରଘାଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭିନ୍ନ ଅନିୟମିତତା ଏବଂ ପରିଚାଳନା ଗତ ବିଶୃଙ୍ଖଳାରେ ଲିପ୍ତ ରହିଛନ୍ତି। ସେହିପରି ସେ ଗତ ୨୦୨୧-୨୨ ମସିହା କୋଭିଡ-୧୯ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ଟଙ୍କାକୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ ନ କରି ପ୍ରଧାନ ଶିକ୍ଷକ ନିଜେ ହଡପ କରିଛନ୍ତି। ଏପରିକି ସେ ବିଦ୍ୟାଳୟ ପରିଚାଳନା କମିଟି ସମ୍ମୁଖରେ ଏନେଇ ସ୍ୱୀକୃତି ନାମାରେ ସ୍ୱୀକାର କରିଛନ୍ତି। ପ୍ରଧାନ ଶିକ୍ଷକ ହଡପ କରିଥିବା ଟଙ୍କାକୁ ସେପ୍ଟେମ୍ବର ୨୮ ଓ ୨୯ ତାରିଖ ସୁଦ୍ଧା ଅଭିଭାବକମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଅର୍ଥ ହଡପ**

ଅଥଚ ଧାର୍ଯ୍ୟ ତାରିଖ ସେପ୍ଟେମ୍ବର ୨୮ ଓ ୨୯ ତାରିଖ ବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ଛାତ୍ରୀଛାତ୍ର ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେବାସହ ଗ୍ରାମବାସୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ସମ୍ପୃକ୍ତ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ଗ୍ରାମବାସୀ ତଥା ଅଭିଭାବକ ଅଭିଭାବିକା ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ଏହାର ନକଲ ଜିଲା ଶିକ୍ଷା ଅଧିକାରୀ ଏବଂ ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁଞ୍ଜବିହାରୀ ନାୟକ, ଶିବ ଶଙ୍କର ନାୟକ, ଗଣେଶ୍ୱର ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ବାସୁଦେବ କିସାନ ଓ ରେବତୀ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ହିନ୍ଦୀ ପଖୱାଡା ପାଳିତ

## ହାସ୍ୟକବି ସମ୍ମେଳନ ଆୟୋଜିତ

ସୁନ୍ଦରଗଡ଼,୩୦।୯(ଡି.ଏନ୍.ଏ.)

ଏନଟିପିସି ଦର୍ଲିପାଲି ପକ୍ଷରୁ ହିନ୍ଦୀ ପଖୱାଡା(ପକ୍ଷ)ପାଳିତ ହୋଇଯାଇଛି। ଏକ ପକ୍ଷ ବ୍ୟାପୀ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିସରେ ଏନଟିପିସି ଦର୍ଲିପାଲି ଟାଉନଶିପସ୍ଥିତ ଉତ୍କର୍ଷ ଭବନ ଠାରେ ଏକ ହାସ୍ୟକବି ସମ୍ମେଳନ ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ କର୍ମଚାରୀ, ଅଧିକାରୀ, ସିଆଇଏସ୍‌ଏଫ୍ ଏବଂ ଅନ୍ୟସମସ୍ତଙ୍କ ସକାଶେ ହିନ୍ଦୀ ପଖ ୱାଡେ ଅବସରରେ ହିନ୍ଦୀ ନିବନ୍ଧ ଲିଖନ, ନାରା ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଏନ୍‌ଟିପିସିର କ୍ଷେତ୍ରିୟ କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଆର-୨) ଅସୀମ କୁମାର ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାସ୍ୟକବି ସମ୍ମେଳନରେ ଯୋଗଦେଇଥିବା ପ୍ରତିଷ୍ଠିତ ହାସ୍ୟକବିଙ୍କୁ ସ୍ୱାଗତ କରିଥିଲେ। ଏହି ହାସ୍ୟକବି ସମ୍ମିଳନୀରେ ଦୀନେଶ ବାବରା, ରୋହିତ ଶର୍ମା, ଡା:ଅନୀଲ ଚୌବେ, ଡା. ରଜନୀକାନ୍ତ ମିଶ୍ରା ଓ ପଦ୍ମିନୀ ଶର୍ମା ପ୍ରମୁଖ କବି କବୟିତ୍ରୀମାନେ ଯୋଗ ଦେଇଥିଲେ। ଏହି ହାସ୍ୟକବି ସମ୍ମିଳନୀରେ କବିତା, ହାସ୍ୟ, ବ୍ୟଙ୍ଗର ସ୍ୱତନ୍ତ୍ରତା ଥିଲା। ଏନଟିପିସି ଦର୍ଲିପାଲି ଓ ତୁଲଙ୍ଗା କର୍ମଚାରୀମାନେ ଏହି ମନୋରଞ୍ଜନ କାବ୍ୟ ସନ୍ଧ୍ୟାର ଆନନ୍ଦ ନେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଟିପିସି ଦର୍ଲିପାଲିର ମୁଖ୍ୟ ମହାପ୍ରବନ୍ଧକ ଅଜୟ କୁମାର ଟଣ୍ଡନ, ଅଭିଲାଷା ଲେଡିଜ କ୍ଲବର ଅଧ୍ୟକ୍ଷ ସ୍ୱାତୀ ଟଣ୍ଡନ, ଇଡି ଇରାକାନ୍ତ ସୁରେନ୍ଦ୍ର ସିଂହଙ୍କ ସମେତ ଏନଟିପିସି ଦର୍ଲିପାଲିର ଜିଏମ, ଅଭିଲାଷା କ୍ଲବର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ।

# ଅସହାୟ ବୃଦ୍ଧାଙ୍କ ଶବକୁ ଦାହକଲେ କାଉନସିଲର

ଦେବଗଡ଼,୩୦।୯



(ଡି.ଏନ୍.ଏ.):ଦେବଗଡ ପୌରାଞ୍ଚଳ ୫ନମ୍ବର ୱାର୍ଡ ଅଧିନସ୍ଥ ଜଗତିପାଲି ସାହିର ବାସନ୍ତୀ ଶବର ନାମ୍ନୀ ଜଣେ ଅସହାୟ ବିଧବା ବୃଦ୍ଧାଙ୍କର ମୃତ୍ୟୁଘଟିଥିବା ବେଳେ ତାଙ୍କର କେହି ନ ଥିବାରୁ ମୃତଦେହ ଘରେ ପଡ଼ିରହିଥିଲା। ତେବେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଏନେଇ ସୂଚନା ପାଇବା ପରେ ୫ନମ୍ବର ୱାର୍ଡର କାଉନସିଲର ଜତିନ କୁମାର ନାୟକ, ସ୍ୱେଚ୍ଛାସେବୀ ସଙ୍ଗଠନ 'ହାପି ଟୁ ହେଲ୍ପ ଫାଉଣ୍ଡେସନ'ର କର୍ମକର୍ତ୍ତାମାନେ ବୃଦ୍ଧାଙ୍କ ମୃତଦେହକୁ ଆମ୍ବୁଲାନ୍ସ ଦ୍ୱାରା ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରକୁ ନେଇ ଦାହ କରିଥିଲେ ।




# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ବକ୍ତୃତା, ଗୀତ ପ୍ରତିଯୋଗିତା

ଲହୁଣୀପଡ଼ା, ୩୦।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଲହୁଣୀପଡ଼ା ପଞ୍ଚାୟତ ଶୁଖାବନ୍ଧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ସାଧୀନତାର ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଏକ ବକ୍ତୃତା ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ମାହାନ୍ତ, ସମ୍ମାନିତ ଅତିଥି ଭାବେ ସିଆରସିସି ଶମ୍ଭୁନାଥ ମହାନ୍ତି ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ ଅଧ୍ୟକ୍ଷତା କରିଥିଲେ। ଗୁଣନିଧି ପାଇକରାୟ ମଞ୍ଚ ପରିଚାଳନା କରିଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀ ଧର୍ତ୍ତିଆବା ବୀର ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିବାବେଳେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବକ୍ତୃତା ପ୍ରତିଯୋଗିତାରେ ସୁପ୍ରିୟା ମାହାନ୍ତ ପ୍ରଥମ,ଗାୟତ୍ରୀ ଓରାମ ଦ୍ୱିତୀୟ, ଦୀପିକା ମାହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପହାର ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଜଳେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କମଳା ମାହାନ୍ତ, ସନ୍ତୋସୀ ଗଞ୍ଜୁ, ଜ୍ୟୋସ୍ନାରାଣୀ ମାହାନ୍ତ, ଗଣେଶ ଚନ୍ଦ୍ର ବିଶ୍ୱାଳ, ପ୍ରମୋଦ ଚନ୍ଦ୍ର ମାହାନ୍ତ, ଅନନ୍ତ କେଶରୀ ବାରିକ, ରୁକ୍ମଣୀ ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଫୁଟ୍‌ବଲ ପ୍ରତିଯୋଗିତା


ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ,୩୦।୯(ଡି.ଏନ.ଏ.)

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ଲେଡ଼ିମଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକର ୧୪ଟି ହାଇସ୍କୁଲର ବାଳକ ଦଳ ଓ ୪ଟି ବାଳିକା ଦଳ ମଧ୍ୟରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ ହୋତା, ସରପଞ୍ଚ ଅନିରୁଦ୍ଧ ଠେମରିଆ, ସମିତି ମେମ୍ବର ମନୋଜ ଅଗସ୍ତି, ବରିଷ୍ଠ ଶିକ୍ଷାବିତ ଅଶୋକ କୁମାର ସାଏ, ଭିଷ୍ମଦେବ କାଲୋ, ଶ୍ରୀବତ୍ସ ଚୌଧୁରୀ, ପ୍ରଧାନ ଶିକ୍ଷକ ଗୋପୀନାଥ ନାଏକ ଓ ପ୍ରଫୁଲ୍ଲ ଧୃଆ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମର ଆୟୋଜକ ସେକ୍ରେଟାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ରଜନୀକାନ୍ତ ପଟେଲ, ହେମସାଗର ପଟେଲ, ସୁନିଲ କୁମାର ପଟେଲ, ଜନ ପିଙ୍ଗ, ସୁନିଲ କୁମାର ଭୋଇ ଓ ଅନୁପ କୁମାର ମହାପାତ୍ର ଖେଳ ପରିଚାଳନା କରିଥିଲେ। ବାଳକ ବର୍ଗରେ ମଝାପଡା ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ କୁଣ୍ଡୁକେଲା ହାଇସ୍କୁଲ ରନର୍ସ ହୋଇଥିଲେ । ବାଳିକା ବର୍ଗରେ ଭବାନୀ ଶଙ୍କର ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ସେଣ୍ଟମେରୀ ହାଇସ୍କୁଲ ରନର୍ସ ଅପ୍ ହୋଇଥିଲେ। ମଝାପଡା ବ୍ରଜଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିପକ ଗୋଖର ସଭା ସଂଯୋଜନା କରିଥିଲେ। ଶିକ୍ଷକ ଶ୍ରୀରାମ ପଣ୍ଡା ଧନ୍ୟବାଦ ଦେଇଥିଲେ । ଶେଷରେ ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରଞ୍ଜିତା ନାଏକ, ଶିଳା ପଟେଲ, ସ୍ୱର୍ଣ୍ଣପ୍ରଭା ନାୟକ, ସୁଚିତ୍ରା ନାଏକ, ମାନସ ରଞ୍ଜନ ମହାନ୍ତୋ ପ୍ରମୁଖ ସହଯୋଗ କରିଥିଲେ ।



## ସଂକ୍ଷେପରେ

### କୋଇଲା ସଚିବଙ୍କୁ ସମସ୍ୟା ଜଣାଇଲେ ଲୋକପ୍ରତିନିଧି

ସମ୍ବଲପୁର/ରେଙ୍ଗାଲି,୩୦।୯ (ବ୍ୟୁରୋ/ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଞ୍ଚଳରେ ଏନ୍ଏଲ୍ସି ପକ୍ଷରୁ ଉତ୍ତୋଳନ ହେଉଥିବା ତଲାବିରା ୨ ଓ ୩ ନମ୍ବର କୋଇଲା ଖଣିରେ ବିଭିନ୍ନ ସମସ୍ୟା ଲାଗିରହିଛି। ଶୁକ୍ରବାର କେନ୍ଦ୍ର କୋଇଲା ସଚିବ ଅନୀଲ କୁମାର ଜୈନ ଏହି କୋଇଲା ଖଣି ପରିଦର୍ଶନ କରିବାକୁ ଆସିଥିବା ବେଳେ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ପ୍ରଧାନ, ସମିତି ସଭ୍ୟା ଅନୀତା ସିଂ ଓ ଅଞ୍ଚଳବାସୀ ତାଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଥିଲେ ଯେ, ତଲାବିରା ଖୋଇଲା ଖଣିରେ ଖିଣ୍ଡା ପଞ୍ଚାୟତ ଓ ନିକଟସ୍ଥ କେତେକ ପଞ୍ଚାୟତର କେତେକ ଗ୍ରାମ ବିସ୍ଥାପିତ ହେଉଛି। ଆରମ୍ଭରୁ ଏହାକୁ ବିରୋଧ କରାଯାଇଥିଲେ ମଧ ବଳପୂର୍ବକ ଖଣି ଖନନ ଆରମ୍ଭ କରାଯାଇଛି। ବିସ୍ଥାପିତଙ୍କୁ ଆଇନ ଅନୁସାରେ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। କୋଇଲା ଉତ୍ପାଦନ ପରେ ମଧ ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବାରେ କମ୍ପାନୀ ବିଫଳ ହୋଇଛି। ଏହାକୁ ନେଇ ବାରମ୍ବାର ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ନାହିଁ। କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଶୀଘ୍ର ସମସ୍ୟା ଦୂର କରିବା ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି କହିଥିଲେ। ବାବଲୁ ରାଉତ, ଲାଲ ବିରେନ୍ଦ୍ର ସାଏ, ରୁଦ୍ର ପ୍ରଧାନ, ରହିତ ରାଉତ, ଦୁର୍ଗା ଭୋଇ, ସୁବ୍ରତ ବୁଧିଆ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

### 'ଫସଲ ବୀମା ଦେବାରେ ସରକାରଙ୍କ ଆନ୍ତରିକତା ନାହିଁ'

**କୁଚିଣ୍ଡା,୩୦।୯(ଡି.ଏନ.ଏ.):** ୨୦୨୨ ଖରିଫ ଫସଲ ବୀମା ପାଇଁ କୁଚିଣ୍ଡା ଉପଖଣ୍ଡ ଅଞ୍ଚଳର ଚାଷୀ ଦୀର୍ଘ ୮ମାସ ଧରି ଆନ୍ଦୋଳନ କରିଆସୁଥିଲେ ହେଁ ରାଜ୍ୟ ସରକାରଙ୍କ ଏଥିପ୍ରତି ଆନ୍ତରିକତା ନାହିଁ। ଶୁକ୍ରବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କୁମାର କର ରାଜ୍ୟ ସରକାରଙ୍କ ଭୂମିକା ଓ ଚାଷୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ସରକାରୀ ବିଧି ମୁତାବକ ଫସଲ ହାନି ତଥା କ୍ରପ କଟିଂର ୪୫ଦିନ ପରେ ବୀମା କମ୍ପାନୀ ଚାଷୀଙ୍କୁ ଫସଲବୀମା ପ୍ରଦାନ କରିବାର ନିୟମ ରହିଛି। ମାତ୍ର କୁଚିଣ୍ଡା ଉପଖଣ୍ଡର ୩ଟି ବ୍ଲକରେ ମାତ୍ର ୪ଗୋଟି ପଞ୍ଚାୟତକୁ ଫସଲ ବୀମା ପ୍ରଦାନ କରି କମ୍ପାନୀ ଚୁପ ହୋଇ ବସିଛି। କୃଷି ବିଭାଗ ଅଧକ୍ଷ ସଚିବ ଅରବିନ୍ଦ ପାଢ଼ୀ ବିଭିନ୍ନ ସମୟରେ ଚାଷୀ ନେତାଙ୍କୁ ବିବାଦୀୟ ମନ୍ତବ୍ୟ ଦେଇ ଚାଷୀଙ୍କୁ ଭୁଆଁ ବୁଲାଉଥିବା କର ଅଭିଯୋଗ କରିଛନ୍ତି। ୨୦୨୨ ଖରିଫ ଫସଲରେ ମରୁଡି ଦେଖାଦେବା ଓ ମିଳିତ କ୍ରପ୍ କଟିଂ ହେବା ପରେ ମଧ ଚାଷୀଙ୍କୁ ବୀମାରାଶି ନ ମିଳିବା ଦୁର୍ଭାଗ୍ୟର ବିଷୟ ବୋଲି ଖବରଦାତା ସମ୍ମିଳନୀରେ ଉଲ୍ଲେଖ କରାଯାଇଛି। ସରକାର ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି ଚାଷୀଙ୍କୁ ବୀମାରାଶି ଦେବା ବ୍ୟବସ୍ଥା କରିବାକୁ କର୍ମକର୍ତ୍ତା ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ନଗର ସଭାପତି କାହ୍ନୁଚରଣ ନାୟକ, ଚକ୍ଷତ୍ରା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ଉପସ୍ଥିତ ଥିଲେ।

# ସହାୟତାର ହାତ ବଢ଼ାଇଲା ଉତ୍ସବ ପରିବାର


ଝୁଝୁମୁରା ବ୍ଲକର ଆର୍ଚେରୀ ଖେଳାଳି।

**ସମ୍ବଲପୁର,୩୦।୯(ବ୍ୟୁରୋ)**

ବଲାଙ୍ଗୀର ଜିଲାରେ ଶନିବାର ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଝୁଝୁମୁରା ବ୍ଲକର ୧୭ ତୀରନ୍ଦାଜ ଖେଳାଳି ଭାଗ ନେବେ। ଏମାନଙ୍କୁ କୌଣସି ସହାୟତା ନ କରି ପ୍ରଶାସନ ହାତ ଟେକିଦେଇଥିଲା। ହେଲେ ଝୁଝୁମୁରା ବ୍ଲକ ଡଙ୍ଗାପାଳ ଗ୍ରାମର ଉତ୍ସବ ପରିବାର ସହାୟତାର ହାତ ବଢ଼ାଇଛି। ଆର୍ଥିକ ଅନଟନକୁ ନେଇ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଉତ୍ସବ ଅନୁଷ୍ଠାନର ସଦସ୍ୟମାନେ ଖେଳାଳିମାନଙ୍କୁ ଝୁଝୁମୁରା ଖେଳପଡ଼ିଆରେ ଭେଟି ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସମସ୍ତ ଖେଳାଳିଙ୍କୁ ସେମାନେ ଜର୍ସି ଓ ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ଏହି ଅବସରରେ କୋଚ ମିତ୍ରଭାନୁ ମହାପାତ୍ର, ଉତ୍ସବ ଅନୁଷ୍ଠାନର ସଦସ୍ୟ ଜୟନ୍ତ ପ୍ରଧାନ, ନୀତୁ ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ।

କୋଚ ମହାପାତ୍ର କହିଛନ୍ତି, କ୍ରୀଡ଼ା ଓ କ୍ରୀଡ଼ାବିତ୍ଙ୍କ ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରି ସହଯୋଗ ଦିଆଯାଉଛି। ହେଲେ ତୀରନ୍ଦାଜ ଖେଳାଳିମାନଙ୍କ ପାଇଁ କୌଣସି ପ୍ରୋତ୍ସାହନ ଦିଆଯାଉନାହିଁ। ବଲାଙ୍ଗୀରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଖର୍ଚ୍ଚ ବହନ କରିବା ସମ୍ଭବ ନୁହେଁ। ସହଯୋଗ ପାଇଁ ସ୍ଥାନୀୟ ସମିତି ସଭ୍ୟ ଜୟନ୍ତ ପ୍ରଧାନ ଓ କୋଚ ମହାପାତ୍ର ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଅନନ୍ୟା ଦାସ ମଧ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଯଥା ସମ୍ଭବ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମିତି ସଭ୍ୟ ପ୍ରଧାନ ଜିଲା କ୍ରୀଡ଼ା ବିଭାଗ ସହିତ ଯୋଗାଯୋଗ କରିଥିଲେ। ହେଲେ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଏତେ କମ ଟଙ୍କା ଖର୍ଚ୍ଚ ହେବ, ତେଣୁ ସହଯୋଗ

#### ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଆଜି ଗସ୍ତ କରିବେ ଖେଳାଳି

କରାଯାଇପାରିବ ନାହିଁ। ଆମ ବିଭାଗରେ ଏଭଳି କୌଣସି ଅନୁଦାନ ନାହିଁ ଓ ସହାୟତା କରାଯାଇ ପାରିବ ନାହିଁ ବୋଲି କହିଥିବା ସମିତିସଭ୍ୟ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ବିଡିଓ ନୀଳାମ୍ବର ପ୍ରଧାନ କହିଛନ୍ତି, ତୀରନ୍ଦାଜ ତାଲିମ ପାଇଁ ଜିଲାପାଳ ଦାସଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଭିତ୍ତିଭୂମିର ବିକାଶ ଲାଗି ଯୋଜନା ଆରମ୍ଭ ହୋଇଛି। ଡ୍ରେସିଂ ରୁମ୍, ଅଫିସ କୋଠରି, ଖେଳପଡ଼ିଆର ଉନ୍ନତୀକରଣ ପାଇଁ୭ଲକ୍ଷ ୫୦ହଜାର ଟଙ୍କାର ବ୍ୟୟ ଅଟକଳ କରି ଅନୁମୋଦନ ପାଇଁ ଜିଲା ପ୍ରଶାସନ ପାଖକୁ ପଠାଯାଇଛି। ଖୁବ୍ଶୀଘ୍ର କାମ ଆରମ୍ଭ ହେବ। ଖେଳାଳିମାନଙ୍କ ପାଇଁ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ସହାୟତା କରାଯାଇଥାଏ ବୋଲି ସେ କହିଥିଲେ।

# ରାଷ୍ଟ୍ରୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ଏକ୍ସପୋ ଉଦ୍ଘାଟିତ

**ସମ୍ବଲପୁର,୩୦।୯(ବ୍ୟୁରୋ)**

ରାଷ୍ଟ୍ରୀୟ ଆର୍ଟ ଆଣ୍ଡ କ୍ରାଫ୍ଟ କଟନ, ସିଲ୍କ ଏକ୍ସପୋ -୨୦୨୨ ଶୁକ୍ରବାର ସମ୍ବଲପୁର ଅଇଁଠାପାଲି ପିଏଚ୍ଡି ପଡ଼ିଆରେ ଉଦ୍ଘାଟିତ ହୋଇଛି। ଏଥିରେ ଏକଲକ୍ଷରୁ ଅଧିକ ପ୍ରକାର ସାମଗ୍ରୀ ଉପଲବ୍ଧ ରହିଛି। ଏହି ବିକ୍ରୟ ପ୍ରଦର୍ଶନୀରେ ସମ୍ବଲପୁର ଜନସାଧାରଣ ଉଚ୍ଚ ଗୁଣବତ୍ତା ଓ ମନଲୋଭା ସାମଗ୍ରୀ ସୁଲଭ ମୂଲ୍ୟରେ ପାଇପାରିବେ। ପ୍ରଦର୍ଶନୀରେ ଉତ୍ତରପ୍ରଦେଶ, ଗୁଜରାଟ, ଜମ୍ମୁ କଶ୍ମୀର, ହରିୟାଣା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ନାଗାଲାଣ୍ଡ, କେରଳ, ଆସାମ, ଓଡ଼ିଶା, ଦିଲ୍ଲୀ, ମହାରାଷ୍ଟ୍ର ଓ ଛତିଶଗଡ଼ ରାଜ୍ୟର ବ୍ୟବସାୟୀଙ୍କ ସାମଗ୍ରୀ ସ୍ଥାନ ପାଇଛି। ଏକ୍ସପୋରେ ପାଶ୍ମିନା ଶାଲ, ଜାମୱାର ଶାଲ, କଶ୍ମୀରୀ ଶାଢ଼ି, ହସ୍ତତନ୍ତ୍ର ଶାଢ଼ି, ଜୟପୁର ବେଡ୍ସିଟ, ପାନିପଥ ବେଡସିଟ, ବନାରସୀ ଶାଢ଼ୀ, ପୋଷାକ ସାମଗ୍ରୀରେ ଖଦି ଶାର୍ଟ, କୁର୍ତ୍ତା, କର୍ଟନ ରେଶମ ଶାଢ଼ି, କୋଲକାତା କର୍ଟନ ଶାଢ଼ୀ ଓ ଟପ୍ସ, କୋଲକାତା ଜୁଟ ବ୍ୟାଗ, ଜୋତା, ବମ୍ବେ ରେଶମ ଶାଢ଼ି, ହାଇଦ୍ରାବାଦ ଶାଢ଼ି, ହାଇଦ୍ରାବାଦ ପର୍ସ ଓ ଅଳଙ୍କାର, ବମ୍ବେ ଫ୍ୟାନ୍ସି ଟପ୍ସ, ଜୟପୁରୀ ଫ୍ୟାନ୍ସି ଟପ୍ସ, ଫ୍ୟାନ୍ସି ଅଳଙ୍କାର, ସୁନା ଅଳଙ୍କାର, କାନପୁର ଚମଡ଼ା ବ୍ୟାଗ ଓ ବେଲ୍ଟ, ପର୍ସ, ମହିସୁର ଆୟୁର୍ବେଦିକ ତୈଳ, ପଞ୍ଜାବୀ ଫୁଲକାରୀ ଶୁଟ କୁରେଶିମା, ବେବି ସୁଟ, ହରିୟାଣା ହ୍ୟାଣ୍ଡଲୁମ ଟିସାର୍ଟ, ସାହାରନପୁର ଆସବାବପତ୍ର, କୋଲକାତା ଟେରାକୋଟା, ରାଜସ୍ଥାନୀ ଆଚାର, କର୍ଣ୍ଣାଟକ କାଠ ଖେଳନା, ଫିରୋଜାବାଦର କାଚ ଚୁଡ଼ି ପ୍ରଭୃତି ଆକର୍ଷଣୀୟ ସାମଗ୍ରୀ ରହିଛି। ଗ୍ରାହକମାନେ ସମସ୍ତ ପ୍ରକାରର ଡେବିଟ ଓ କ୍ରେଡିଟ କାର୍ଡ ବ୍ୟବହାର କରି ସାମଗ୍ରୀ କିଣିପାରିବେ।


ଏକ୍ସପୋରେ ଗ୍ରାହକଙ୍କ ଭିଡ଼ ।

# ଜେଏସ୍ଡବ୍ଲ୍ୟୁ ଉଡାନ ଛାତ୍ରବୃତ୍ତି ଶୁଭାରମ୍ଭ

**ସମ୍ବଲପୁର,୩୦।୯(ବ୍ୟୁରୋ)**

ଜେଏସ୍ଡବ୍ଲ୍ୟୁ ଫାଉଣ୍ଡେଶନ୍ ପକ୍ଷରୁ ଜେଏସ୍ଡବ୍ଲ୍ୟୁ ଉଡାନ ଛାତ୍ରବୃତ୍ତି ୨୦୨୨-୨୩ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭା ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଯେଉଁମାନେ ଆଇଟିଆଇ, ଡିପ୍ଲୋମା, ବିଏସ୍ସି, ଏମ୍ଏସ୍ସି, ବିସିଏ, ଏମ୍ସିଏ, ବି ଟେକ୍, ଏମ୍ଟେକ୍, ଏମ୍ବିଏ ପ୍ରଭୃତି ବୈଷୟିକ ପାଠ୍ୟକ୍ରମ ଅନୁସରଣ କରୁଥିବା ଛାତ୍ରୀଛାତ୍ର ଏଥିସକାଶେ ଆବେଦନ କରିଛନ୍ତି। ସମ୍ବଲପୁର ଓ ଝାରସୁଗୁଡା ଜିଲାର ୧୨ ମହାବିଦ୍ୟାଳୟରୁ୧୫୦ରୁ ଅଧିକ ଛାତ୍ରୀଛାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଆବେଦନ କରିଛନ୍ତି। ଜେଏସ୍ଡବ୍ଲ୍ୟୁ ବିପିଏସ୍ଏଲ୍ ସିଏସ୍ଆର ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ଶାସନ ସିଲିକନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ଦେବେଇପାଲି ବଦ୍ରିପ୍ରସାଦ ଇନ୍ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ରେଙ୍ଗାଲି ଭିଏସ୍ଏସ୍ ଆଇଟି କଲେଜ, ଦେବର ନୂଆଁପାଲି ସମ୍ବଲପୁର ନର୍ସିଂ କଲେଜ, ରେଙ୍ଗାଲି ସରକାରୀ ପଲିଟେକ୍ନିକ କଲେଜ ଏବଂ ଝାରସୁଗୁଡା ଜିଲାର ସରକାରୀ ଆଇଆଇଟି, ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲରେ ଛାତ୍ରବୃତ୍ତି ଶିବିର ହୋଇଥିଲା। ଠେଲକୋଲୋଇ, ଲପଙ୍ଗା, ଖିଣ୍ଡା, ଶ୍ରୀପୁରା ଓ ଘିଚାମୁରା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ୫୪୫ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜେଏସ୍ଡବ୍ଲ୍ୟୁ ବିପିଏସ୍ଏଲ୍ ସିଏସ୍ଆର୍ ମୁଖ୍ୟ ବିଶାଲ ରାଜ ଓ ଏନ୍ଏସ୍ଡିଲ ଇ-ଗଭର୍ନାନ୍ସରୁ ଆକାଶ ଶର୍ମା ଛାତ୍ରମାନଙ୍କୁ ଉଚ୍ଚ ଅଧ୍ୟୟନ ଜାରି ରଖିବା ପାଇଁ ବିଷୟରେ ସଚେତନ କରିଥିଲେ।



ବଦ୍ରିପ୍ରସାଦ ଇନ୍ଷ୍ଟିଚ୍ୟୁଟରେ ଜେଏସ୍ଡବ୍ଲ୍ୟୁ ଉଡାନ ଛାତ୍ରବୃତ୍ତି କାର୍ଯ୍ୟକ୍ରମ।

## ରେଳବାଇ ନିରାପତ୍ତା ଆୟୁକ୍ତଙ୍କ କାର୍ଯ୍ୟ ନିରୀକ୍ଷଣ

**ସମ୍ବଲପୁର,୩୦।୯(ବ୍ୟୁରୋ)**

ଦକ୍ଷିଣ ପୂର୍ବ ସର୍କଲର ରେଳବାଇ ନିରାପତ୍ତା ଆୟୁକ୍ତ ଏଏମ୍ ଚୌଧୁରୀ ଶୁକ୍ରବାର ଦେବାହାଲ-ବରଗଡ଼, ରୋଡ-ବରପାଲି ସେକ୍ସନର ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଓଭରହେଡ୍ ଉପକରଣ, ପୋଲ, ମାନବଯୁକ୍ତ ରେଳବାଇ ଫାଟକ, ସଙ୍କେତ ଓ ଦୂରସଞ୍ଚାର ଉପକରଣ, ରେଳଧାରଣା ପ୍ରଭୃତି କାର୍ଯ୍ୟ ନିରୀକ୍ଷଣ କରିବା ସହ ସ୍ପିଡ୍ ଟ୍ରାଏଲ କରିଥିଲେ। ମଣ୍ଡଳର ଦେବାହାଲ-ବରଗଡ଼, ରୋଡ-ବରପାଲି ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ପରେ ଟ୍ରେନ ପରିଚାଳନା ସୁଗମ ହୋଇପାରିବ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଅମର ପ୍ରକାଶ ଦ୍ୱିବେଦୀ, ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ସମ୍ବଲପୁର ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୀବନ ବୀମା ଅଭିକର୍ତ୍ତା ସଂଘର ଧାରଣା


ଏଲଆଇସି ମଣ୍ଡଳ କାର୍ଯ୍ୟାଳୟରେ ଅଭିକର୍ତ୍ତା ସଂଘର ଧାରଣା।

**ସମ୍ବଲପୁର,୩୦।୯(ବ୍ୟୁରୋ)**

ଜୀବନ ବୀମା ଅଭିକର୍ତ୍ତା ମହାସଂଘ ଯୁଗ୍ମ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଶୁକ୍ରବାର ସମ୍ବଲପୁର ଅଇଁଠାପାଲି ନିକଟ ଏଲ୍ଆଇସି ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଥିଲା। ବୀମାଧାରୀ ଓ ଅଭିକର୍ତ୍ତାଙ୍କ ବିଭିନ୍ନ ଦାବି ପୂରଣ କରିବାକୁ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ଅଭିକର୍ତ୍ତା ସଂଘ ସମ୍ବଲପୁର ଶାଖା-୧ ସଭାପତି ଭାସ୍କର ପାଣ୍ଡେଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣା ଚାଲିଥିଲା। ରାଷ୍ଟ୍ରୀୟ ପଲିଟିକାଲ କମିଟି ସଦସ୍ୟ ଦାମୋଦର କର, ପ୍ରଫୁଲ୍ଲ କୁମାର ବେହେରା, ସମ୍ପାଦକ ବ୍ରଜ ସାମଲ, ଯଯାତି ମହାପାତ୍ର, ଗିରୀଧାରି ଯୋଶୀ, ଅଭିଜିତ ରାଏ, ରଜନୀ ମିଶ୍ର, ପ୍ରମୋଦ ତ୍ରିପାଠୀ, ଦୁଃଖିଶ୍ୟାମ ବାବୁ, କାଳିଦାସ ପଣ୍ଡା, ଦେବ କଲାରି ଯୋଗଦେଇ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବୀମାଧାରୀଙ୍କ ପଲିସିର ବୋନସ ବୃଦ୍ଧି, ଗ୍ରୁପ ଇନସ୍ୟୁରାନ୍ସ ବୃଦ୍ଧି, ଅଭିକର୍ତ୍ତାମାନଙ୍କ ପୁଅଝିଅଙ୍କ ପାଇଁ ଶିକ୍ଷାଋଣ ପ୍ରଭୃତି ଦାବି କରିଥିଲେ।

# କୋଇଲା ଉତ୍ତୋଳନର ସମୀକ୍ଷା କଲେ ସଚିବ


କୋଇଲା ସଚିବ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୩୦।୯**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସଚିବ ଡ. ଅନିଲ କୁମାର ଜୈନ ଗୁରୁବାର ଏମ୍ସିଏଲ୍ ମୁଖ୍ୟାଳୟ ବୁର୍ଲାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଯୁଗ୍ମ ସଚିବ ବିସ୍ମିତା ତେଜ, ଏମ୍ସିଏଲ୍ ସିଏମ୍ଡି ଓମ ପ୍ରକାଶ ସିଂହ, ନିର୍ଦ୍ଦେଶକ (ପର୍ଶନାଲ) କେଶବ ରାଓ ପ୍ରମୁଖ ଉପସ୍ଥିତଥିଲେ। ବୈଠକରେ ଅଧିକ କୋଇଲା ଉତ୍ତୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଦିନରେ ସଚିବ ଝାରସୁଗୁଡା ଜିଲାର ଲଖନପୁର କୋଇଲା କ୍ଷେତ୍ରର ବିଭିନ୍ନ ଖଣି ଓ ରେଲୱେ ସାଇଡିଂ ପରିଦର୍ଶନ କରିଥିଲେ। ଲଖନପୁର ଖୋଲାମୁହଁ କୋଇଲା ଖଣି କାର୍ଯ୍ୟ ତଦାରଖ କରିଥିଲେ। ଏହାପରେ କୋଇଲା ପରିବହନ କରୁଥିବା ରେଲୱେର ବରିଷ୍ଠ ଅଧିକାରୀଙ୍କ ସହିତ ବନ୍ଧବାହାଲସ୍ଥିତ ତ୍ରିବେଣୀ ଅତିଥି ଭବନରେ ଆଲୋଚନା କରିଥିଲେ। ଏଥିରେ ସଚିବଜୈନଙ୍କ ସମେତ ଏମ୍ସିଏଲ୍ ସିଏମ୍ଡି ସିଂହ, ଲଖନପୁର କ୍ଷେତ୍ର ପ୍ରବନ୍ଧକ ସଞ୍ଜୟ କୁମାର ଝା,ଏଲ୍ଓସିପି ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର କୁମାର ସିଂହ, ବିଓସିଏମ୍ ପ୍ରକଳ୍ପ ଅଧିକାରୀ ସତ୍ୟଭୂଷଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ସଚିବ ଜୈନ ଖବରଦାତାଙ୍କୁ ଭେଟି କହିଥିଲେ, ବର୍ଷାଋତୁରେ ବିଭିନ୍ନ କାରଣରୁ କୋଇଲା ରପ୍ତାନୀ କମିଯାଇଥାଏ । ଫଳରେ ଦେଶର ବିଶେଷକରି ଉତ୍ତର ଓ ପଶ୍ଚିମ ଭାରତରେ ବିଦ୍ୟୁତ୍ ଚାହିଦା ବଢିଯାଇଥାଏ । ଗତବର୍ଷ ସେପ୍ଟେମ୍ବର ଓ ଅକ୍ଟୋବରରେ ଦେଖାଦେଇଥିବା ସମସ୍ୟା ଚଳିତବର୍ଷ ଯେମିତି ନ ହେବ ଏ ନେଇ ଏମ୍ସିଏଲ୍ କର୍ତ୍ତୃପକ୍ଷ ଯତ୍ନବାନ ହୋଇ କୋଇଲା ଉତ୍ତୋଳନ ଜାରି ରଖିଛନ୍ତି। ଏଥିପାଇଁ ସେ ଏମ୍ସିଏଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି।


## ଜିଲ୍ଲା ପରିଷଦ, ପୁରୀ

ପତ୍ର ସଂଖ୍ୟା: 1263, ତା.23.09.2022

**ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ସର୍ବସାଧାରଣ ସୂଚନା**

ଏତଦ୍ୱାରା ପୁରୀ ଜିଲ୍ଲାର ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ନିମ୍ନ କାର୍ଯ୍ୟସୂଚୀ ମତେ ୧୧ (ଏଗାର) ଗୋଟି ପଞ୍ଚାୟତସମିତି ପରିସରଠାରେ ଅନୁଷ୍ଠିତ ହେବ । ଏଥିରେ ବହୁଳ ପରିମାଣରେ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ନିବେଦନ ।

| କ୍ର.ସଂଖ୍ୟା | ତାରିଖ ଓ ସମୟ | ବ୍ଲକର ନାମ | ସ୍ଥାନ |
|---|---|---|---|
| 1 | 11.10.2022/10.30 AM | ଡେଲାଙ୍ଗ,ଗୋପ,କଣାସ | ପଞ୍ଚାୟତ ସମିତି ପରିସର |
| 2 | 13.10.2022/10.30 AM | ଅସ୍ତରଙ୍ଗ,ପିପିଲି,ପୁରୀ ସଦର | |
| 3 | 15.10.2022/10.30 AM | ବ୍ରହ୍ମଗିରି,କାକଟପୁର,ସତ୍ୟବାଦୀ | |
| 4 | 18.10.2022/10.30 AM | କୃଷ୍ଣ ପ୍ରସାଦ, ନିମାପଡା | |

ଏହି ଜନଶୁଣାଣି ବୈଠକରେ ନିମ୍ନଲିଖିତ ବିଷୟମାନ ଆଲୋଚନା ହେବ ।
ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଯୋଜନାର କାର୍ଯ୍ୟକାରିତା ତଥା ଫଳାଫଳ, ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷାର ଫଳାଫଳ, ଅନ୍ୟାନ୍ୟ ବିଭାଗ (Line Dept) ର କାର୍ଯ୍ୟକଳାପ, ଜନଶୁଣାଣି କମିଟି ଓ ସରକାରୀ କର୍ମକର୍ତ୍ତାମାନଙ୍କର ମନ୍ତବ୍ୟ ଓ ଏହି ମନ୍ତବ୍ୟ ଉପରେ ଆବଶ୍ୟକୀୟ ଉତ୍ତର/ମତାମତ ପ୍ରଦାନ ।

ଆପଣଙ୍କ ବିଶ୍ୱସ୍ତ
ଶ୍ରୀଯୁକ୍ତ ସମର୍ଥ ବର୍ମା
ଜିଲ୍ଲାପାଳ, ପୁରୀ



## ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS)**

No. n-52: ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଆସନ୍ତା ୦୪।୧୨।୨୦୨୨ରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଚଳିତ ଶିକ୍ଷାବର୍ଷରେ (୨୦୨୨-୨୦୨୩) ଅଷ୍ଟମ ଶ୍ରେଣୀରେ ପଢୁଥିବା ସମସ୍ତ ଉଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS) ନିମନ୍ତେ ଆବେଦନ କରିପାରିବେ।
ଏଥିପାଇଁ ଛାତ୍ରଛାତ୍ରୀମାନେ ତା୨୨।୧୦।୨୦୨୨ରିଖ ସୁଦ୍ଧା ଅନଲାଇନ (Online) ଆବେଦନ କରିପାରିବେ। ବିଜ୍ଞାପନ ଓ ସବିଶେଷ ବିବରଣୀ TE & SCERT ୱେବସାଇଟ୍ **www.ntse.scertodisha.nic.in**ରେ ଉପଲବ୍ଧ ହୋଇଅଛି।

ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
OIPR-27006/11/0004/2223



## GOVERNMENT OF ODISHA
## OFFICE OF THE SUPERINTENDING ENGINEER PANIKOILI (R&B)DIVISION, PANIKOILI

**INVITATION FOR BIDS (IFB)**

Email ID:- eepwd.pkl@rediffmail.com
**1st Corrigendum to e-Procurement**
Notice No. SE PKL (R&B) 16/2022-23
Letter No.4684, Dt.29.09.2022

**No.B-665:** The last date of availability of tender and receipt online extended to 5:00 P:M of dt.17.10.2022 and date of opening shifted to dt.18.10.2022 at 11:30 A:M due to unavoidable circumstances.
All other terms and conditions remain unchanged.

Sd./- Superintending Engineer
Panikoili (R&B) Division
OIPR-34067/11/0011/2223



## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ଢେଙ୍କାନାଳ ଉପଖଣ୍ଡ
## OFFICE OF THE DIVISIONAL FOREST OFFICER DHENKANAL FOREST DIVISION

Tele Fax No-06762226717, e-mail ld-dfo.dhenkanal@odisha.gov.in

**SHORT TENDER CALL NOTICE**

**No.MM-193:** Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Firms/Supplier/Individual having valid GSTIN and PAN Registration No. for making meeting arrangements in different Villages in different scheme of Dhenkanal Forest Division . The arrangements include supply of Tent, Chairs, Mikes and Snacks etc. for 50 to 200 persons in the villages as mentioned in the tender paper during the year, 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs. 100/- (One Hundred) only in shape cash in person during office hours from 01.10.2022 to 06.10.2022. The Tender documents will be received though person/Post till 12Noon of 07.10.2022 and the date of opening of the tender is fixed to 07.10.2022 at 4.00PM in the Office.

Sd./- Divisional Forest Officer,
Dhenkanal Division
OIPR-08037/11/0015/2223



## WORKS DEPARTMENT
## OFFICE OF THE CHIEF CONSTRUCTION ENGINEER EASTERN CIRCLE (R&B), BALASORE

e-mail: - seec_bls@rediffmail.com

**Government of Odisha "e" Procurement Notice**

No.B-660: Bid Identification No.CCEEC-13/2022-23
No.4756/Dt.22.09.2022

| | |
|---|---|
| Nature of work:- | Building & Road Works |
| Number of works: | 1 (One) No.Building & 2 (Two) Nos.Road Work |
| Amount put to Tender:- | Rs.166.24 Lakh to Rs. 822.18 Lakh |
| Class of Contractor:- | "B" Class / "A" Class / "Special" Class |
| Date & Time of availability:- of bid document in the portal | Dt.01. 10.2022 at 10:00 AM |
| Last Date / Time of receipt:- of bid in the portal | Dt.15.10.2022 up to 05:00 PM |
| Date of opening of bid:- | Dt.17.10.2022 at 11:00 AM |
| Name & address of the:- Office inviting bid | Chief Construction Engineer Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B), Balasore
OIPR-34026/11/0016/2223



## GOVERNMENT OF ODISHA
## OFFICE OF THE SUPERINTENDING ENGINEER SONEPUR (R&B) DIVISION, SONEPUR

**E-Procurement Notice**

**BID IDENTIFICATION No: SE/R&B/SNPR/ 15 / 2022-23**
E-mail - eepwdsnpr@gmail.com, Phone -06654-221081
No.3938//Dt.22.9.22

**No.B-662:** 1.The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single & Double Cover System in Online Mode for construction of Road & Building works detailed in the DTCN from the eligible Class of Contractors. 2. No. of work : **07 (Seven)**. 3. Tender Cost : **Rs.10,000/-** for Serial No.1, **Rs.6,000/- for Serial No.2 to 7**. 4. Class of Contractor : "B" Class Contractor for Serial No.1 to 5, "C" & "B" Class Contractor for Serial No.6 & 7. 5. Date and time Available in Website & receipt of Bids: From 10.00 A.M. of 01.10.2022 to 5.00 P.M. of 14.10.2022. 6. Date of Opening of Tender: 15.10.2022 at 11.30 A.M. 7. The Bidders have to participate in Online bidding only. Further details can be seen from the Website. 8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0006/2223



## OFFICE OF THE ENGINEER-IN-CHIEF (CIVIL), ODISHA, NIRMAN SOUDHA, UNIT-V, BHUBANESWAR

**INVITATIONS FOR BIDS (IFB)**

File No-B-I-Tourism-Puri-07/2021 Lr. No.37448/ Bhubaneswar, dtd.30th Sept.2021
E-mail ID: cebuildings_orissa@yahoo.co.in, cebuildings@rediffmail.com,
Tel:(0674) 2391523

**Invitation for Bids 2nd Corrigendum**

Tender Reference No. OSD-C.E. (B) - 23/2022-23

**No.B-667:Name of the Work -** Development of Puri-Konark Beachfront Chandrabhaga Beach, Konark on Turnkey Basis in the state of Odisha. The following changes have been made in Bid Identification No. OSD-C.E. (B) - 23 / 2022-23. Bid documents can be seen / downloaded from the Govt. Website i.e. www.tendersorissa.gov.in, during the period dt. 17.10.2022 to 17.30 hours of dt.30.11.2022 instead of dt.28.09.2022 to 17.30 Hours of dt.11.11.2022 for ONLINE BIDDING respectively. 1.A pre-bid meeting shall be held on dt.09.11.2022 at 11:00 AM at the Conference Hall of Office of the E.I.C. (Buildings), Odisha, Nirman Soudh, Unit-V, Bhubaneswar instead of dt.18.10.2022. 2.Online bids shall be received till 17.30 Hours of dt.30.11.2022 instead of dt.11.11.2022. 3. Hardcopy shall be received on or before dt.07.12.2022 up to 17.30 Hours by this office instead of dt.18.11.2022. 4. The technical bids will be opened at 11.30 A.M. of dt.08.12.2022 instead of dt.19.11.2022. All other terms and conditions remain unchanged.

Sd./-OSD-Chief Engineer (Buildings),Odisha,Bhubaneswar
OIPR-34117/11/0057/2223

# ‘ଓଡ଼ିଶାରେ ୨.୫ଲକ୍ଷ କୋଟି ଟଙ୍କାର ହେବ ପୁଞ୍ଜିନିବେଶ

ଭୁବନେଶ୍ୱର,୩୦।୯



ଗତ କିଛି ବର୍ଷ ହେବ ଯୁବବର୍ଗ ଆଉ ବିଦେଶ କିମ୍ବା ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରିବା ବଦଳରେ ନିଜ ଅଞ୍ଚଳରେ କିଛି କରିବା ସହ ସ୍ଥାନୀୟ ଉତ୍ସାହୀ ଯୁବକଙ୍କୁ ନିଯୁକ୍ତି ଯୋଗାଇବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସହାୟତାରେ ଛୋଟ ଛୋଟ ଷ୍ଟାର୍ଟଅପ୍ କରିବାକୁ ଉତ୍ସାହୀ ଅଛନ୍ତି। ଏପରିକି ଖାଦ୍ୟଶସ୍ୟର ଉପଯୁକ୍ତ ପ୍ରକ୍ରିୟାକରଣ ପାଇଁ ମଧ୍ୟ ଅନେକେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଖାଦ୍ୟଶସ୍ୟର ଉପଯୁକ୍ତ ପ୍ରକ୍ରିୟାକରଣ ଅଧିକ ଲାଭଦାୟୀ ହୋଇପାରିବ ବୋଲି କ୍ରେତା-ବିକ୍ରେତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମତପ୍ରକାଶ କରିଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବିଭାଗ, କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ଶିଳ୍ପ ଓ ଆଭ୍ୟନ୍ତରୀଣ ବ୍ୟାପାର ସମ୍ବର୍ଦ୍ଧନ ବିଭାଗ ଓ ଇନ୍‌ଭେଷ୍ଟ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା କ୍ରେତା-ବିକ୍ରେତା ସମ୍ମିଳନୀକୁ ଉଦ୍‌ଘାଟନକରି ତ୍ରିପାଠୀ କହିଛନ୍ତି, ଆମ ରାଜ୍ୟର ଉତ୍ପାଦଗୁଡ଼ିକର ମାନ ଉଚ୍ଚକୋଟୀର। ତେବେ ସେଗୁଡ଼ିକର ପ୍ରକ୍ରିୟାକରଣ କରାଗଲେ ଉତ୍ପାଦକମାନଙ୍କ ପାଇଁ ଅଧିକ ଲାଭପ୍ରଦ ହେବ। ସେହିଭଳି ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଜି ରାଜ୍ୟର ପ୍ରାୟ ସମସ୍ତ ଜିଲାରୁ ୬୫ଜଣ ଉତ୍ପାଦକ ବା ବିକ୍ରେତା ଏବଂ ୨୦ଜଣ କ୍ରେତା ଉକ୍ତ ସମ୍ମିଳନୀରେ ଯୋଗଦେବା ଅତ୍ୟନ୍ତ ଖୁସିର ବିଷୟ। ରାଜ୍ୟର ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକୁ ଜିଆଇ ଟ୍ୟାଗ୍ ଦେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଜିର ସମ୍ମିଳନୀ ଯୋଗୁ କୃଷିଜାତ ଦ୍ରବ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ଉତ୍ପାଦ, ତାରକସି କାମ, ପଟ୍ଟଚିତ୍ର ଆଦିର କ୍ରେତା ମିଳିବା ସମ୍ଭବ ହେବ। ଓଡ଼ିଶା ବାହାରେ ଓ ବିଶ୍ୱର ବିଭିନ୍ନ ଦେଶରେ ରାଜ୍ୟର ଉତ୍ପାଦ ପହଞ୍ଚିପାରିଲେ ବିଭାଗର ଉଦ୍ୟମ ସଫଳ ହେବ ବୋଲି ଚୋପ୍ରା ମତ ପ୍ରକାଶ କରିଥିଲେ। ସେହିପରି ଏମ୍ଏସ୍ଏମ୍ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ, କୋଭିଡ୍-୧୯ ପରବର୍ତ୍ତୀ ସମୟରେ ଆମ ରାଜ୍ୟର ଅର୍ଥନୀତିରେ ଦ୍ରୁତ ସୁଧାର ଘଟିଛି। ୨୦୨୧-୨୨ରେ ଜାତୀୟ ଜିଏସ୍‌ଡିପି ବୃଦ୍ଧି ହାର ୮.୮% ଥିବାବେଳେ ଓଡ଼ିଶାର ଜିଏସ୍‌ଡିପି ବୃଦ୍ଧି ହାର ୧୦.୧% ହୋଇପାରିଛି। ୨୦୨୫ ସୁଦ୍ଧା ଓଡ଼ିଶା ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶକୁ ଆକର୍ଷିତ କରିବ ଓ ୩ ନିୟୁତ ଚାକିରି ସୁଯୋଗ ସୃଷ୍ଟି ହେବ। ୨୦୧୫ରୁ ୨୨ମଧ୍ୟରେ ମୁଣ୍ଡ ପିଛା ଆୟ ବୃଦ୍ଧି ଜାତୀୟ ସ୍ତରରେ ୮% ଥିବାବେଳେ ରାଜ୍ୟସ୍ତରରେ ଏହା ୧୧.୬% ହୋଇପାରିଛି। ପରିଶେଷରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ତ୍ରିପାଠୀ ଏବଂ ଚୋପ୍ରା ଉକ୍ତ କାର୍ଯ୍ୟକ୍ରମ (କ୍ରେତା-ବିକ୍ରେତା ସମ୍ମିଳନୀ)ର ଉଦ୍ଦେଶ୍ୟ ଓ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇଥିଲେ ।

## ସେନ୍‌ସେକ୍ସ ୧୦୧୭ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୩୦।୯

ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ୟୁଏସ୍ ଫେଡ୍‌ର କ୍ରମାଗତ ସୁଧ ବୃଦ୍ଧି ଭଳି ଘଟଣା ଯୋଗୁ କ୍ରମାଗତ ଭାବେ ଭାରତୀୟ ଶେୟାର ବଜାରର କାରବାର ମାନ୍ଦା ସାଙ୍ଗକୁ ଫଳାଫଳ ମଧ୍ୟ ଖରାପ ରହିଥିଲା। ହେଲେ ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ନିବେଶକଙ୍କ ମନରେ କିଛି ପରିମାଣର ଉତ୍ସାହ ଫେରାଇ ଆଣିଛି। ଏପରିକି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍ଇ)ର ସେନ୍‌ସେକ୍ସ ପ୍ରାୟ ୧୦୧୭ (୧୦୧୬.୯୬) ପଏଣ୍ଟ ବା ୧.୮% ବୃଦ୍ଧି ପାଇ ୫୭,୪୨୭ (୫୭,୪୨୬.୯୨) ଅଙ୍କରେ କାରବାର କରିଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୨୭୬ (୨୭୬.୨୫) ପଏଣ୍ଟ ବା ୧.୬% ବଢ଼ି ୧୭,୦୯୪ (୧୭,୦୯୪.୩୫) ଅଙ୍କରେ ବନ୍ଦ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ରେପୋ ରେଟ୍ ବୃଦ୍ଧି ଯୋଗୁ ଏଭଳି ଘଟିଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଭଦ୍ରକ ସହରରେ ‘ଦି ମ୍ୟାନ୍ ଷ୍ଟୋର’




ଭଦ୍ରକ,୩୦।୯

ରାଜ୍ୟର ପ୍ରମୁଖ ପୋଷାକ ବ୍ୟବସାୟ ପ୍ରତିଷ୍ଠାନ ‘ଦି ମ୍ୟାନ୍ ଷ୍ଟୋର’ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଶୁକ୍ରବାର ଭଦ୍ରକ ସହରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଦି ମ୍ୟାନ୍ ଷ୍ଟୋରର ପ୍ରତିଷ୍ଠାତା ଦୀପକ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ଅଗ୍ରୱାଲ ଏବଂ ରାଜେଶ ଅଗ୍ରୱାଲଙ୍କ ସମେତ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ୨୧୦୦ ବର୍ଗ ଫୁଟ ପରିମିତ ଜମିରେ ଗଢି ଉଠିଥିବା ଏହି ଅତ୍ୟାଧୁଡ଼ିକ ତଥା ମଲ୍ଟିବ୍ରାଣ୍ଡ ଗାର୍ମେଣ୍ଟସ ଷ୍ଟୋରରେ ୧୮ରୁ ୫୦ବର୍ଷ ବୟସର ଗ୍ରାହକଙ୍କ ପାଇଁ ଡେନିମ ଶାର୍ଟ, ଟି-ଶର୍ଟ, ଟ୍ରାଉଜର, ବରମୁଣ୍ଡା ସର୍ଟ ଭଳି ପୋଷାକ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି ବୋଲି ଦୀପକ ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି।

ଉଲେଖଯୋଗ୍ୟ, ବ୍ରାଣ୍ଡର ଭଦ୍ରକ ଷ୍ଟୋର ଫ୍ରାଞ୍ଚାଇଜ୍‌ର ତଥା ଯୁବ ଉଦ୍ୟୋଗୀ ଗୌରବ ଓ ପ୍ରୀତି ଅଗ୍ରୱାଲଙ୍କ ପୌରୋହିତରେ ଏହି ଅତ୍ୟାଧୁନିକ ଆଉଟ୍‌ଲେଟ୍‌ର ଶୁଭାରମ୍ଭ ସହ ଗ୍ରାହକମାନଙ୍କୁ ସେମାନଙ୍କର ମନପସନ୍ଦର ପୋଷାକ ଯୋଗାଇଦେବାର ପ୍ରତିବଦ୍ଧତାକୁ ଦୀପକ ପ୍ରଶଂସା କରିଛନ୍ତି।




ଭୁବନେଶ୍ୱର ଏଲ୍‌ଭିପିଆଇ ଓ ଇନ୍‌ଫୋସିସ୍‌ର ମିଳିତ ସହଯୋଗରେ ସହରାଞ୍ଚଳରେ ଚକ୍ଷୁ ପରୀକ୍ଷା ପାଇଁ ଏକ ଅତ୍ୟାଧୁନିକ ସ୍ୱତନ୍ତ୍ର ମେଡିକାଲ ସେବା ‘ହୋମ୍ କେୟାର’ ଅଭିଯାନକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରୁଛନ୍ତି। ମୁଖ୍ୟମନ୍ତ୍ରୀ ପତକା ଦେଖାଇ ଉକ୍ତ ସେବାର ଶୁଭାରମ୍ଭ କରୁଥିବା ଅବସରରେ ଉଭୟ ଏଲ୍‌ଭିପିଆଇ ଓ ଇନ୍‌ଫୋସିସ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆସୋଚାମ ପକ୍ଷରୁ ଦିନକିଆ ଶିଳ୍ପ ସମ୍ମିଳନୀ

ଭୁବନେଶ୍ୱର,୩୦।୯



ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ମିଳିତ ସହଯୋଗରେ ଆସୋସିଏଟେଡ୍ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଆସୋଚାମ) ଏବଂ ଓଡ଼ିଶା ସରକାର ଇଣ୍ଡଷ୍ଟ୍ରିଆଲ ଡିକାର୍ବୋନାଇଜେଶନ ସମ୍ମିଳନୀ-୨୦୨୨ ନେଟ୍ ଜିରୋ ପାଇଁ ରୋଡ୍ ମ୍ୟାପ୍ ଆୟୋଜନ କରିଥିଲେ। ଉକ୍ତ ସମ୍ମିଳନୀ ସମଗ୍ର ବିଶ୍ୱରେ ଡିକାର୍ବୋନାଇଜେଶନ ଭବିଷ୍ୟତ ପାଇଁ ପରିବର୍ତ୍ତନକୁ ପ୍ରେରଣା ଦେବ ଓ ଶୂନ୍ୟ କାର୍ବନ ପ୍ରତିଶ୍ରୁତିକୁ ପୂରଣ କରିବାରେ ସହାୟକ ହେବ। ଏପରିକି ଇଣ୍ଡଷ୍ଟ୍ରିଆଲ ଡିକାର୍ବୋନାଇଜେଶନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ମଧ୍ୟ ବିଭିନ୍ନ ଘରୋଇ ସଂସ୍ଥା ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲୋଟୋରି ଅଥରିଟିର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଏବଂ ସତ୍ୟବ୍ରତ ସାହୁ ପ୍ରିନ୍ସିପାଲ ସେକ୍ରେଟାରି (ଇନ୍‌ଚାର୍ଜ) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଉପସ୍ଥିତ ରହି ଉକ୍ତ ସମ୍ମିଳନୀରେ ନିଜ ନିଜର ଅଭିଭାଷଣ ସାଙ୍ଗକୁ ଏ ଦିଗରେ ବଳିଷ୍ଠ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏ ସମ୍ପର୍କରେ ଆସୋଚାମ (ପୂର୍ବ ଓ ଉତ୍ତର ପୂର୍ବ) ର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦରଜିତ କାଉର କହିଛନ୍ତି, ଏହି ଡିକାର୍ବୋନାଇଜେଶନ ସମ୍ମିଳନୀ ଜରିଆରେ ବିଭିନ୍ନ କ୍ଷେତ୍ର ମଧ୍ୟରେ ଜଳବାୟୁ, ଶକ୍ତି ଓ ସ୍ଥିରତା ବୃତ୍ତିଧାରୀଙ୍କ ସହ ନେଟ୍‌ୱାର୍କିଂ ଓ ଶିକ୍ଷା ପାଇଁ ଆମେ ଏକ ଅନନ୍ୟ ପ୍ଲାଟ୍‌ଫର୍ମ ପ୍ରଦାନ କରିବାକୁ ଅପେକ୍ଷା କରୁଛୁ।

## ‘୬ବର୍ଷରେ ୬ଲକ୍ଷରୁ ଅଧିକ ଲୋକ ଉପକୃତ’

ନୂଆଦିଲ୍ଲୀ,୩୦।୯

ଭାରତକୁ ଏକ ସୁସ୍ଥକର ଦେଶରେ ପରିଣତ କରିବା ଲାଗି ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଜରିଆରେ ୬ ବର୍ଷ ଭିତରେ ୬ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇପାରିଛି ବୋଲି ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଏବଂ ତା’ର ଗୁରୁତ୍ୱକୁ ବୁଝିପାରି ହୋଣ୍ଡା ପକ୍ଷରୁ ୨୦୧୬ରେ ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍‌ର ଶୁଭାରମ୍ଭ କରାଯାଇଥିଲା।

ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ ଆତସୁସି ଓଗାଟା କହିଛନ୍ତି, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ହାସଲ କରିବା ବିଷୟକୁ ଏକ ମୌଳିକ ସମସ୍ୟା ଭାବେ ହୃଦୟଙ୍ଗମ କରି ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନ ସମସ୍ତଙ୍କ ପାଖରେ ସାର୍ବଜନିକ ଭାବେ ପହଞ୍ଚପାରୁଥିବା ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଏହି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ଜରିଆରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ପ୍ରଦାନ କରୁଛି। ନିଜ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସମୟୋପଯୋଗୀ ସମାଧାନ ପାଇବାରେ ଆମର ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଲୋକଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଆମର ସମାଜକୁ ସୁସ୍ଥକର, ଅଧିକ ଅନ୍ତର୍ଭୁକ୍ତୀକରଣ କରିବା ଏବଂ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ନେଇ ବିଶ୍ୱସ୍ତରରେ ଧାର୍ଯ୍ୟ ଲକ୍ଷ୍ୟ ପାଖରେ ପହଞ୍ଚିବା ଲାଗି ଦୀର୍ଘମିଆଦୀ ନିରନ୍ତର ପ୍ରଭାବ ଦିଗରେ ଆମେ ଉଦ୍ୟମ ଜାରି ରଖିବୁ।

ଫୁର୍‌ସତ୍

# ଅଜୟ୍- ସୂର୍ଯ୍ୟା ଶ୍ରେଷ୍ଠ ଅଭିନେତା



ନୂଆଦିଲ୍ଲୀ

ରାଷ୍ଟ୍ରପତି ଭବନରେ ଶୁକ୍ରବାର ଚଳିତବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବଲିଉଡ୍ ଫିଲ୍ମ ‘ତାନ୍‌ହା ଜୀ: ଦ ଅନ୍‌ସଙ୍ଗ ୱାରିୟର୍’ ପାଇଁ ଅଜୟ ଦେବଗନ୍ ଓ ସାଉଥ୍ ଫିଲ୍ମ ‘ସୂରାରି ପୋଟ୍ଟୁ’ ପାଇଁ ସୂର୍ଯ୍ୟାଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଖ୍ୟାତନାମା ଅଭିନେତ୍ରୀ ଆଶା ପାରେଖଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦ୍ୱାରା ପୁରସ୍କୃତ କରାଯାଇଛି। ଏହି ଅବସରରେ ଆଶା କହିଛନ୍ତି, ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିବାରୁ ସେ ବେଶ୍ ଉତ୍ସାହିତ। ୮୦ତମ ଜନ୍ମ ଦିନର ଗୋଟିଏ ଦିନ ପୂର୍ବରୁ ଦାଦା ସାହେବ୍ ଫାଲ୍‌କେ ପୁରସ୍କାର ତାଙ୍କ ପାଇଁ ବିରାଟ ଉପହାର ବୋଲି ସେ କହିଛନ୍ତି। ବଲିଉଡ୍‌ର ହିଟ୍ ଗର୍ଲ ଭାବେ ଜଣାଯାଉଥିବା ଆଶା ନିଜ ଫିଲ୍ମ କ୍ୟାରିୟର୍‌ରେ ଶତାଧିକ ଫିଲ୍ମରେ କାମ କରିଛନ୍ତି। ତାଙ୍କର ଅଧିକାଂଶ ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିଥିବାବେଳେ ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଛି। ସୂରାରି ପୋଟ୍ଟୁ ଚଳଚ୍ଚିତ୍ରକୁ ବେଷ୍ଟ ଫିଚର ଫିଲ୍ମ କାଟେଗୋରିରେ ସମ୍ମାନିତ କରାଯାଇଛି। ସେହିପରି ଏହି ଚଳଚ୍ଚିତ୍ରରେ ଫିମେଲ୍ ଲିଡ୍‌ରେ ଅଭିନୟ କରିଥିବା ଅପର୍ଣ୍ଣା ବାଲାମୁରଲୀଙ୍କୁ ଚଳିତ ବର୍ଷର ବେଷ୍ଟ ଆକ୍ଟ୍ରେସ୍ ପୁରସ୍କାର ପ୍ରଦାନ କରାଯାଇଛି। ‘ଆୟାପ୍ପାନମ କୋଶିୟୁମ’ ସଙ୍ଗୀତ ପାଇଁ ଗାୟିକା ନାନ୍‌ଚମ୍ମାଙ୍କୁ ବେଷ୍ଟ ପ୍ଲେବ୍ୟାକ୍ ସିଙ୍ଗର ଫିମେଲ ଓ ମରାଠୀ ଫିଲ୍ମ ‘ଆଇ ଆମ୍ ବସନ୍ତରାଓ’ ପାଇଁ ରାହୁଲ ଦେଶପାଣ୍ଡେଙ୍କୁ ପୁରୁଷ ଶ୍ରେଣୀରେ ଶ୍ରେଷ୍ଠ ଗାୟକ ସମ୍ମାନ ପ୍ରଦାନ କରାଯାଇଛି।

### ହିଟ୍ ଗର୍ଲଙ୍କୁ ଦାଦା ସାହେବ ଫାଲ୍‌କେ




ଜାତୀୟ ଚଳଚ୍ଚିତ୍ର ପୁରସ୍କାର



## ‘କାଲି ପାଇଁ କାଲିର ସିନେମା’ ପୁରସ୍କୃତ

ଓଡ଼ିଶାର ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କ ପୁସ୍ତକ ‘କାଲି ପାଇଁ କାଲିର ସିନେମା’କୁ ପୁରସ୍କୃତ କରାଯାଇଛି। ଚଳଚ୍ଚିତ୍ରର ସ୍ୱତନ୍ତ୍ର ବର୍ଗରେ ଏହି ପୁସ୍ତକ ମନୋନୀତ ହୋଇଥିଲା। ଏଥିରେ ୧୯୪୮ରୁ ୧୯୮୬ମଧ୍ୟରେ ରିଲିଜ ହୋଇଥିବା ୨୧ଟି ଚଳଚ୍ଚିତ୍ର ସମ୍ପର୍କିତ ତଥ୍ୟ ଉଲ୍ଲେଖ ରହିଛି। ଚଳିତବର୍ଷ ଓଡ଼ିଆର କୌଣସି ଚଳଚ୍ଚିତ୍ର, ଅଭିନେତା କି ଅଭିନେତ୍ରୀ ଚୟନ ହୋଇନଥିବା ବେଳେ ସୂର୍ଯ୍ୟ ଦେଓ ଏଥର ଓଡ଼ିଶା ପାଇଁ ଗର୍ବ ଆଣି ଦେଇଛନ୍ତି। ଗତକାଲିର ସିନେମା କିଭଳି ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ହୋଇ ରହି ପାରିବ ତାହା ଏହି ପୁସ୍ତକର ମୂଳ ଲକ୍ଷ୍ୟ। ତାଙ୍କ ସହ ପୁସ୍ତକର ପ୍ରକାଶକ ତଥା ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି।

## ଷଷ୍ଠ ମହାସାଗର ଠାବ

### ପୃଥିବୀର ମଣ୍ଟଲ୍ ରିଜିୟନ୍‌ରେ ଅବସ୍ଥିତ

**କେପ୍‌ଟାଉନ୍:** ପୃଥିବୀରେ ଆଉ ଏକ ମହାସାଗର ବୈଜ୍ଞାନିକମାନେ ଠାବ କରିଛନ୍ତି। କିନ୍ତୁ ଏହା ଭୂ-ପୃଷ୍ଠରେ ନୁହେଁ ବରଂ ପୃଥିବୀର ମଣ୍ଟଲ୍ (ପୃଥିବୀର ବାହାର ପ୍ରସ୍ତ ଓ କେନ୍ଦ୍ରାଞ୍ଚଳ ମଝିରେ ଥିବା ଭାଗ)ରେ ଅବସ୍ଥିତ। ଭାରତ ମହାସାଗର, ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର, ଆର୍କଟିକ୍ ଏବଂ ଦକ୍ଷିଣ ମହାସାଗର ରହିଛି। କିନ୍ତୁ ଏହି ୫ ମହାସାଗର ବ୍ୟତୀତ ପୃଥିବୀରେ ଆଉ ଏକ ବିଶାଳ ସାଗର ବୈଜ୍ଞାନିକଙ୍କ ଦ୍ୱାରା ଠାବ କରାଯାଇଛି। ସାଉଥ୍ ଆଫ୍ରିକାର ବୋତୋସ୍ୱାନାରେ ଏକ ବିରଳ ହୀରା ଅନୁସନ୍ଧାନରେ ବାହାରିଥିବା ବୈଜ୍ଞାନିକ ଦଳ ମଣ୍ଟଲ୍‌ରେ ଏହି ମାହାସାଗର ଥିବା କହିଛନ୍ତି। ପୃଥିବୀ ପୃଷ୍ଠର ୬୬୦ କିଲୋମିଟର ତଳେ ଏହି ବିରଳ ହୀରା ମିଳିଥାଏ। ହୀରା ଅନୁସନ୍ଧାନ ବେଳେ ବୈଜ୍ଞାନିକମାନେ ଭୂପୃଷ୍ଠ ତଳେ ଏକ ସ୍ଲାବ୍ ପାଇଥିଲେ ଯାହା ଟ୍ରାଞ୍ଜିଶନ୍ ଜୋନ୍ (ପୃଥିବୀର ବାହାର ପ୍ରସ୍ତ ଓ କେନ୍ଦ୍ରାଞ୍ଚଳ ମଝିରେ ଥିବା ପରିବର୍ତ୍ତନଶୀଳ କ୍ଷେତ୍ର)ରେ ପରିବର୍ତ୍ତିତ ହେଉଥିବା ବୈଜ୍ଞାନିକମାନେ ଦେଖିଥିଲେ। ଏହି ଟ୍ରାଞ୍ଜିଶନ୍ ଜୋନ୍‌ରେ ଜଳ ଥିବା ଜଣାପଡ଼ିଛି। ଭୂପୃଷ୍ଠରେ ୪୧୦ ରୁ ୬୬୦ କିଲୋମିଟର ପରିବ୍ୟାପ୍ତ ସ୍ଥାନରେ ୨୩,୦୦୦ ବାର୍ ଚାପ ସୃଷ୍ଟି ହୁଏ ଯାହା ଓଲିଭ ଗ୍ରୀନ୍ ମିନେରାଲ୍ ଓଲିଭନ୍‌କୁ କ୍ରିଷ୍ଟାଲରେ ପରିଣତ କରିଥାଏ। ପୃଥିବୀର ଟ୍ରାଞ୍ଜିଶନ୍ ଜୋନ୍‌ରେ ପ୍ରଚୁର ପରିମାଣର ଜଳ ଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି।

## ପ୍ରାୟଶ୍ଚିତ୍ତ ପାଇଁ ଶରୀରକୁ ଦଣ୍ଡ



**ବ୍ୟାଙ୍କକ୍:** ଥାଇଲାଣ୍ଡରେ ଆରମ୍ଭ ହୋଇଯାଇଛି ଫୁକେଟ ଭେଜିଟେରିଆନ୍ ଫେଷ୍ଟିଭାଲ। ଚାଇନା କ୍ୟାଲେଣ୍ଡର ଅନୁସାରେ ପ୍ରତିବର୍ଷ ୯ମ ଲୁନାର ମାସରେ ଅର୍ଥାତ୍ ପ୍ରତିବର୍ଷ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଏହି ପର୍ବ ପାଳନ କରାଯାଏ। ବେଶ୍ ଧୁମ୍‌ଧାମରେ ଥାଇଲାଣ୍ଡବାସୀ ଏହି ପର୍ବକୁ ପାଳନ କରନ୍ତି। ଆମିଷ ଭକ୍ଷଣ ସାଙ୍ଗକୁ ଜୀବନରେ କରିଥିବା ସମସ୍ତ ପାପର ପ୍ରାୟଶ୍ଚିତ୍ତ କରିବା ପାଇଁ ଲୋକେ ଏହି ପର୍ବ ପାଳନ କରିଥାନ୍ତି। ଚାଇନାର ଏକ ଅପେରା ଗ୍ରୁପ୍ ମ୍ୟାଲେରିଆରେ ପୀଡ଼ିତ ହେବା ପରେ ଏହାର ପ୍ରତିକାର ପାଇଁ ଗ୍ରୁପର ଜଣେ ସଦସ୍ୟ ଚାଇନା ଯାଇ ନାଇନ୍ ଏମ୍ପେରିୟର୍ ଗଡ୍‌ଙ୍କୁ ନିମନ୍ତ୍ରଣ କରି ଫୁକେଟ ଆଣିଥିଲେ। ତା’ ପରଠାରୁ ଅପେରା ଗ୍ରୁପ୍ ଏହି ପର୍ବ ପାଳନ କରିବା ଆରମ୍ଭ କରିଥିଲେ। ଏହି ପର୍ବ ଦେଖିବା ପାଇଁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଥାଇଲାଣ୍ଡ ଆସିଥାନ୍ତି। ଏଥିରେ ଅଂଶଗ୍ରହଣ କରୁଥିବା ଲୋକେ ଧରୁଆ ଛୁରି, ଖଣ୍ଡାରେ ନିଜ ଗାଲରେ ଛିଦ୍ର କରିଥାନ୍ତି। କେହି କେହି ଏକାଧିକ ଅସ୍ତ୍ରକୁ ଜିଭ ଏବଂ ଓଠରେ ମଧ୍ୟ ଖଞ୍ଜନ୍ତି। ଏପରି କରିବା ଦ୍ୱାରା ଠାକୁର ତାଙ୍କୁ ବିପଦରୁ ରକ୍ଷା କରିବେ ବୋଲି ତାଙ୍କର ବିଶ୍ୱାସ ରହିଛି। ପାଖାପାଖି ୬ଟି ମନ୍ଦିରରେ ଏହି ପର୍ବ ପାଳନ କରାଯାଏ। ଚଳିତ ବର୍ଷ ସେପ୍ଟେମ୍ବର ୨୫ରୁ ଆରମ୍ଭ ହୋଇଥିବା ଏହି ପର୍ବ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରକ୍ତଦାନ ମହତ୍ ଦାନ

### ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ରକ୍ତଦାନ ହେଉଛି ମହତ ଦାନ। ରକ୍ତଦାନ ପାଇ ସଭିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧କୁ ଭାରତରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଇଥାଏ। ଭାରତରେ ଟ୍ରାନ୍ସଫ୍ୟୁଜନ ମେଡିସିନର ପିତା ଭାବରେ ପରିଗଣିତ ଡାକ୍ତର ଜେ.ଜି ଜୋଲିଙ୍କ ଜନ୍ମ ଦିବସକୁ ସ୍ମରଣ କରି ଏହି ଦିବସ ପାଳନ କରାଯାଇଥାଏ। ଜୋଲି ୧୯୨୬ ଅକ୍ଟୋବର ୧ରେ ଜନ୍ମ ଗ୍ରହଣ କରିଥିଲେ। ୨୦୧୩ ଅକ୍ଟୋବର ୫ରେ ତାଙ୍କର ପରଲୋକ ଘଟିଥିଲା। ସେ ଚଣ୍ଡିଗଡ଼ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ।

## ଅଭିଜ୍ଞତା ଜ୍ଞାନଠାରୁ ଗୁରୁତ୍ୱପୂର୍ଣ୍ଣ

### ଅନ୍ତର୍ଜାତୀୟ ବୃଦ୍ଧାବୃଦ୍ଧ ଦିବସ

ସମାଜର ଅମୂଲ୍ୟ ସମ୍ପଦ ହେଉଛନ୍ତି ବୃଦ୍ଧାବୃଦ୍ଧ। ଜଣେ ହୁଏତ ପାଠପଢ଼ି ଜ୍ଞାନ ହାସଲ କରିପାରନ୍ତି। କିନ୍ତୁ ବୟସ ବଢ଼ିବା ସହିତ ଜଣଙ୍କର ଅଭିଜ୍ଞତା ବଢ଼ି ଚାଲିଥାଏ। ଅର୍ଥାତ୍ ବୃଦ୍ଧାବୃଦ୍ଧ ଜୀବନରେ ଅଧିକ ଅଭିଜ୍ଞତା ଲାଭ କରିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ୧ ତାରିଖରେ ଅନ୍ତର୍ଜାତୀୟ ବୃଦ୍ଧାବୃଦ୍ଧ ଦିବସ ପାଳନ କରାଯାଇଥାଏ। ୧୪ ଡିସେମ୍ବର ୧୯୯୦ ରେ ମିଳିତ ଜାତିସଂଘର ସାଧାରଣ ସଭା ଅକ୍ଟୋବର ୧ କୁ ଅନ୍ତର୍ଜାତୀୟ ବୃଦ୍ଧାବୃଦ୍ଧ ଦିବସ ଭାବରେ ପାଳନ କରିବା ଲାଗି ଆଗତ ହୋଇଥିବା ଏକ ପ୍ରସ୍ତାବକୁ ଅନୁମୋଦିତ କରିଥିଲା। ଏହାପରେ ୧ ଅକ୍ଟୋବର ୧୯୯୧ ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ବୃଦ୍ଧାବୃଦ୍ଧଙ୍କୁ ପ୍ରଭାବିତ କରୁଥିବା ସମସ୍ୟା, ଯେପରିକି ବୃଦ୍ଧାବସ୍ଥା ଏବଂ ବୟସ୍କଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଏ। ଏହି ଅବସରରେ ସମାଜ ପ୍ରତି ସେମାନଙ୍କର ଅବଦାନକୁ ସ୍ମରଣ କରାଯାଇଥାଏ।

# ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକଙ୍କ ପରଲୋକ

**ବ୍ରହ୍ମପୁର ଅଫିସ,୩୦।୯**

ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର କେ.ଭେଙ୍କଟ ରମଣ ଚାରୀଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ଚାରୀ ୨୦୧୭ ଅକ୍ଟୋବର ୧୦ ତାରିଖରୁ ଆଇଜରରେ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିଛିଦିନ ହେଲା ସେ ଶିକ୍ଷାନୁଷ୍ଠାନର କୌଣସି ଏକ କାର୍ଯ୍ୟରେ ଆମେରିକା ଯାଇଥିଲେ। ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ଚାରୀଙ୍କ ବିୟୋଗରେ ବ୍ରହ୍ମପୁର ଆଇଜରରେ ସନ୍ଧ୍ୟାରେ ଶୋକସଭା ଅନୁଷ୍ଠିତ ହୋଇଥିଲା।



ପ୍ରଫେସର କେ. ଭେଙ୍କଟ ରମଣ ଚାରୀ

# ପୁଅ ମାଡ଼ରେ ବାପା ମୃତ

**ଧରାକୋଟ,୩୦।୯(ଡି.ଏନ୍‌.ଏ.)**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଘାଂସିବିଲି ଗ୍ରାମରେ ଶୁକ୍ରବାର ପାରିବାରିକ କହଳରୁ ପୁଅର ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଭାକର ସାହୁ (୭୨)। ପ୍ରଭାକର ଓ ତାଙ୍କ ପୁଅ ଅନ୍ତର୍ଯ୍ୟାମୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଅନ୍ତର୍ଯ୍ୟାମୀ ରାଗିଯାଇ ବାପା ପ୍ରଭାକରଙ୍କୁ ପିଟିଥିଲେ। ଫଳରେ ପ୍ରଭାକରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଧରାକୋଟ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏ ନେଇ ପୋଲିସ ନଂ.୨୪୭/୨୨ରେ ମାମଲା ରୁଜୁ କରି ଅନ୍ତର୍ଯ୍ୟାମୀଙ୍କୁ ଅଟକ ରଖିଛି। ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଆଇଆଇସି ମମତା ସାମନ୍ତରା କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED

| Sr. No. | Post | Qualification | Sex | Experience | Salary | Nos |
|---|---|---|---|---|---|---|
| 1 | Electrician | ITI | M | 1 Year | 14,000 | 4 |
| 2 | Captain (Supervisor) | | M | 1 Year | 15,000 | 8 |
| 3 | Steward | | F | 1 Year | 15,000 | 20 |
| 4 | Store Keeper | | M | | 8,000 | 3 |
| 5 | Office Staff (Stock) | PGDCA & Tally | M/F | 1 Year | 10,000 | 1 |

Cont. Details: KM Convention (Wedding Hall), Bhubaneswar
Send your Resume by mail
Mail Id: khatamitha717@gmail.com
Cont. No.9556924496 (Cont. between 10.30 AM to 4 PM)

We are DEPL
Hiring
Project Coordinators (B.Tech/Diploma) (Having more than 7 years Exp. in utility business)
Circle Coordinators (B.Tech/Diploma) (Having more than 5 years Exp. in utility business)
DET/GET (Diploma/B.Tech.(Electrical) (Experience-0-1)
Divisional Coordinators (B.Tech/Diploma) (Having more than 3 years Exp. in utility business)
Data Analytics (Graduation and Above with Good command over Excel)
Technician (ITI,Electrician with Apprentice) (Experience 0-1)
For The Areas of (TPNODL, TPSODL, TPWODL)
Darubrahma Energy And Power Private Limited
Business Associate of TPNODL,TPSODL,TPWODL
(A TATA Power and Govt. of Odisha Joint Venture)
finance@darubrahmaenergy.co.in
ceo@darubrahmaenergy.co.in
70 08 122 008
91 78 700 880




# ‘ବିଷ୍ଣୁଙ୍କ ଆଦର୍ଶକୁ ଯୁବପିଢ଼ି ଅନୁସରଣ କରନ୍ତୁ’

## ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା



ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ ପତ୍ରିକା ‘ବିଷ୍ଣୁପଥ’ ଉନ୍ମୋଚନ କରୁଛନ୍ତି।

**ଭଦ୍ରକ ଅଫିସ, ୩୦।୯**

ଦିବଂଗତ ବିରୋଧୀ ଦଳ ଉପନେତା ତଥା ଭଦ୍ରକ ଜିଲା ଧାମନଗର ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀ ଜଣେ ସମ୍ବେଦନଶୀଳ ବ୍ୟକ୍ତିତ୍ୱ, ରାଜନେତା, ସାହିତ୍ୟିକ, ସଂସ୍କୃତିପ୍ରେମୀ, ଦରଦୀ ମଣିଷ ଥିଲେ। ତାଙ୍କ ନିଧନରେ ପାର୍ଟି ଓ ପ୍ରଦେଶର ବିରାଟ କ୍ଷତି ହୋଇଛି। ତାଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ି ସମାଜସେବାରେ ନିଜକୁ ନିୟୋଜିତ କରିପାରିଲେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସ୍ୱର୍ଗତ ସେଠୀଙ୍କ ଦ୍ୱାଦଶାହରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ହେଲିକପ୍ଟରରେ ଆସି ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଚିହିଡ଼ି ବଜାର ନିକଟସ୍ଥ କାଳୀପଡ଼ିଆରେ ପ୍ରସ୍ତୁତ ହେଲିପ୍ୟାଡ଼୍‌ରେ ପହଞ୍ଚିବା ପରେ ଭାଜପା ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସେ କାର୍‌ରେ ମଙ୍ଗରାଜପୁର ଗାଁକୁ ଯାଇ ବିଷ୍ଣୁଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହାପରେ ଚିହିଡ଼ି କଲେଜ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନଡ୍ଡାଙ୍କ ସମେତ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗ ଦେଇଥିଲେ। ବିଷ୍ଣୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ବିଧାନସଭାରେ କବିତା ମାଧ୍ୟମରେ ସ୍ୱର ଉଠାଉଥିଲେ। ସେ ଜଣେ ସୃଜନଶୀଳ ବ୍ୟକ୍ତିତ୍ୱ ଥିଲେ ବୋଲି ସେମାନେ କହିବା ସହ ତାଙ୍କ ରାଜନୈତିକ ଜୀବନୀ ଓ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ତାଙ୍କ ଜୀବନୀ ଉପରେ ଆଧାରିତ ପତ୍ରିକା ‘ବିଷ୍ଣୁପଥ’ ଉନ୍ମୋଚନ କରାଯାଇଥିଲା। ପରେ ବିଷ୍ଣୁଙ୍କ ସ୍ମୃତିରେ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା। ଏକ ଘଣ୍ଟାର କାର୍ଯ୍ୟକ୍ରମ ସାରି ନଡ୍ଡା ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

# ଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ, ଚାକିରିରୁ ନିଲମ୍ବିତ

**ଲେଫ୍ରିପଡା,୩୦।୯(ଡି.ଏନ୍‌.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସୁର୍ଗୁଡା କ୍ଲଷ୍ଟରର କୁଲାବିରା କିଶାନପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ପ୍ରଦୀପ ପଟେଲ ନିଶାସକ୍ତ ଅବସ୍ଥାରେ ଉନ୍ମତ୍ତକାଣ୍ଡ କରିଥିବାରୁ ସରକାରୀ ଚାକିରିର ଅପବ୍ୟବହାର ନେଇ ଲେଫ୍ରିପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୦୭/୩୦।୯।୨୦୨୨ ଦ୍ୱାରା ନିଲମ୍ବିତ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ, ସହକାରୀ ଶିକ୍ଷକ ପ୍ରଦୀପ ବିଦ୍ୟାଳୟକୁ ନିଶାସକ୍ତ ଅବସ୍ଥାରେ ଆସି ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଅତ୍ୟଧିକ ସୀମା ଟପି ଉନ୍ମତ୍ତକାଣ୍ଡ କରିଥିଲେ। ବିଦ୍ୟାଳୟକୁ ନିଶାସକ୍ତ ଅବସ୍ଥାରେ ଆସି ଛାତ୍ରୀଛାତ୍ରଙ୍କୁ ମାଡ଼ ମାରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିଦ୍ୟାଳୟରେ ଶୋଇଥିଲେ। ଖବରପାଇ ସହକାରୀ ଶିକ୍ଷକଙ୍କ ପୁଅ ବିଦ୍ୟାଳୟକୁ ଆସି ନିଜ ବାପାଙ୍କୁ ମାଡ଼ ମାରିଥିଲେ। ବିଦ୍ୟାଳୟରେ ଉତ୍ତେଜନା ହେବାରୁ ଅଭିଭାବକ ଏବଂ ଗ୍ରାମବାସୀ ପହଞ୍ଚି ନିଜର ପିଲାଙ୍କୁ ନେଇ ବିଦ୍ୟାଳୟରେ ତାଲା ପକାଇଥିଲେ। ଘଟଣା ସମ୍ପର୍କରେ ଜାଣି କ୍ଲଷ୍ଟର ସିଆର୍‌ସିସି ପହଞ୍ଚି ବୁଝାଶୁଝା କରି ତାଲା ଖୋଲିବାକୁ ଅନୁରୋଧ କରିଥିଲେ ମଧ୍ୟ ଗ୍ରାମବାସୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ପାଇଁ ଜିଦରେ ଅଟଳ ରହିଥିଲେ। ପରେ ସିଆରସିସି ଲେଫ୍ରିପଡା ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ବିଦ୍ୟାଳୟରେ ଅଟକ ରଖିଥିବା ଶିକ୍ଷକଙ୍କୁ ଛାଡିଥିଲେ। ଉକ୍ତ ଘଟଣା ସମ୍ପର୍କରେ ସିଆରସିସି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପୂର୍ବରୁ ବିଦ୍ୟାଳୟରେ ସହକାରୀ ଶିକ୍ଷକ ପ୍ରଦୀପଙ୍କ କାର୍ଯ୍ୟକଳାପ ନେଇ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଶିକ୍ଷକଙ୍କ ବିରୋଧରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଶେଷରେ ବ୍ଲକ ଶିକ୍ଷା ଅଧିକାରୀ ତାଙ୍କୁ ନିଲମ୍ବିତ କରିଛନ୍ତି। ଅପରପକ୍ଷରେ ଲେଫ୍ରିପଡା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ସ୍ଥାୟୀ ବିଇଓ ନ ଥିବାରୁ ଅନେକ ବ୍ୟତିକ୍ରମ ଦେଖାଯାଉଥିବା ବେଳେ ବର୍ତ୍ତମାନ ଟାଙ୍ଗରପାଲି ବ୍ଲକର ଶିକ୍ଷା ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ସ୍ଥାୟୀ ବିଇଓ ନିଯୁକ୍ତି ସକାଶେ ଦାବି କରିଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ।

# ଜମି ଜାଲିଆତି ଅଭିଯୋଗରେ ୭ ଗିରଫ

## କମ୍ପ୍ୟୁଟର, ପ୍ରିଣ୍ଟର ଓ ଜାଲିଆତି ଦସ୍ତାବିଜ ଜବତ

**ରାଜଗାଙ୍ଗପୁର, ୩୦।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ ଏକ ଜମି ଜାଲିଆତି ରାକେଟର ପର୍ଦ୍ଦାଫାଶ କରିଛି ରାଜଗାଙ୍ଗପୁର ପୋଲିସ। ଏହି ଘଟଣାରେ ୭ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ରାଜଗାଙ୍ଗପୁର ତହସିଲ/ସବରେଜିଷ୍ଟ୍ରି ଅଧୀନସ୍ଥ ହାତୀଧର୍ଷା କଲୋନୀରେ ବନମାଳୀ ସାହୁଙ୍କ ନାମରେ ୧ଏକର ୫୬ ଡେସିମିଲ ଜମିର ପଟ୍ଟା ରହିଛି। ବନମାଳୀ ରାଉରକେଲା ଜଲଦା ସି ବ୍ଲକର ବାସିନ୍ଦା କିନ୍ତୁ ସେ ମୃତ୍ୟୁବରଣ କରିଛନ୍ତି। ଏହାର ସୁଯୋଗ ନେଇ ରାଜଗାଙ୍ଗପୁରର କେତେଜଣ ଜମି ବେପାରୀ ଓ ସମ୍ବଲପୁର ଜିଲାର କିଛି ଜମି ବେପାରୀ ଓ ଠକ ମିଶି ମୃତ୍ୟୁବରଣ କରିଥିବା ବନମାଳୀ ସାହୁଙ୍କର ଏକ ଜାଲ୍ ଆଧାରକାର୍ଡ କରିଥିଲେ। ସମ୍ବଲପୁର ଜିଲା ବାମରା ଅଞ୍ଚଳର ଗୋବିନ୍ଦଚନ୍ଦ୍ର ବାଗଙ୍କୁ ଆଣି ରାଜଗାଙ୍ଗପୁରରେ ତାଙ୍କୁ ବନମାଳୀ ସାହୁ ଭାବେ ଏକ ଆଧାରକାର୍ଡ କରିଥିଲେ। ସେ ପ୍ରକୃତ ବନମାଳୀ ସାହୁ ବୋଲି କହି ଜମି ବେପାରୀମାନେ ଗ୍ରାହକ ଖୋଜାଖୋଜି କରିବା ପରେ ରାଉରକେଲାର ନିତୁ ବଜାଜ ଓ ରାଜଲକ୍ଷ୍ମୀ ରାଉତଙ୍କୁ ସମସ୍ତ ଜମି ୪ ଲକ୍ଷ ୮୦ ହଜାର ଟଙ୍କାରେ ରାଜଗାଙ୍ଗପୁର ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ହୋଇଥିଲା ଓ ପରେ ଉକ୍ତ ଜମିର ପଟ୍ଟା ମଧ୍ୟ ହୋଇଥିଲା। ମୃତ ବନମାଳୀ ସାହୁଙ୍କର ପୁଅ ଭୋଳାନାଥ ସାହୁ ଏହି ଘଟଣା କିଛି ଦିନ ପରେ ଜାଣିପାରି ରାଜଗାଙ୍ଗପୁର କୋର୍ଟରେ ଏକ କମ୍ପ୍ଲେନ କେସ କରିଥିଲେ। କୋର୍ଟରୁ ନୋଟିସ ଉକ୍ତ ଜମି କିଣିଥିବା ବ୍ୟକ୍ତି ବିଶେଷଙ୍କୁ ଯାଇଥିଲା। ନୋଟିସ ପାଇବା ପରେ କ୍ରେତାମାନେ ବ୍ୟତିବ୍ୟସ୍ତ ହୋଇ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ରାଜଗାଙ୍ଗପୁର ଥାନା ଅଧିକାରୀ ବୀଭସ ପ୍ରଧାନ ଘଟଣାର ତଦନ୍ତ କରି ଏହି ଜମି ଜାଲିଆତି ଓ ଠକାମିର ପର୍ଦ୍ଦାଫାଶ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ବ୍ୟବସାୟୀ ରଞ୍ଜିତ କିଶୋର ମଙ୍ଗରାଜ କାଂଶବାହାଲ, ସୁଶାନ୍ତ ଜଜରିଆ ମାଣ୍ଡିଆକୁଦର, ସୂରଜ ମହାନନ୍ଦିଆ ଓରଫ ବୁଲେଟ ରାଜଗାଙ୍ଗପୁର, ଗୋବିନ୍ଦଚନ୍ଦ୍ର ବାଗ, ବଣ୍ଟି ନାଏକ, ଡାମୁ ମୁଣ୍ଡା, ରାଜେନ୍ଦ୍ର ସିଂ ପ୍ରମୁଖଙ୍କୁ ଗିରଫ କରିଥିଲେ। କମ୍ପ୍ୟୁଟର, ପ୍ରିଣ୍ଟର ଓ ଜାଲ୍ ଦସ୍ତାବିଜ ଜବତ କରାଯାଇଛି। ଥାନାରେ ଏକ ମାମଲା (ନଂ. ୪୧୭/୨୦୨୨) ରୁଜୁ ହୋଇଛି। ଏସଡିପିଓ ଅଭିଷେକ ପାଣିଗ୍ରାହୀ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେବା ସହ ତଦନ୍ତ ଜାରି ରହିଛି, ଆଉ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଥିବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଜମି ଜାଲିଆତି ରାକେଟର ଗିରଫ ଅଭିଯୁକ୍ତମାନେ ଓ ପୋଲିସ ଅଧିକାରୀ।

ପ୍ରଥମ ପୃଷ୍ଠାରୁ...

### ଯଶୱନ୍ତ ସିଂହ ଓଡ଼ିଶା..

କରିଥିଲେ। ଲନ୍ ଟେନିସ, କ୍ରିକେଟ୍ ଗଲ୍‌ଫ କ୍ରୀଡ଼ାରେ ତାଙ୍କର ନୈପୁଣ୍ୟତା ଥିଲା। ସେ ଚଣ୍ଡିଗଡ଼ ଆଇନଜୀବୀ ସ୍ପୋର୍ଟ୍ସ ଆସୋସିଏଶନର ସଭାପତି ଥିଲେ। ୨୦୦୭ ଡିସେମ୍ବର ୫ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ହୋଇଥିଲେ। ସେଠାରୁ ବଦଳି ହୋଇ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ୨୦୨୧ ଅକ୍ଟୋବର ୮ରେ ନିଯୁକ୍ତି ପାଇଥିଲେ।

### ଆଜିଠୁ ୫ଜି...

କରାଯାଉଛି। ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଉଥିବା ୫ଜି ଭାରତରେ ଅନେକ ନୂଆ ଆର୍ଥିକ ସୁଯୋଗ ଓ ସାମାଜିକ ସୁବିଧା ଆଣିଦେବ। ୪ ଦିନ ଧରି ଚାଲିବାକୁ ଥିବା ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଉଦ୍‌ଘାଟନୀ ସମାରୋହରେ ଶନିବାର ନୂଆଦିଲ୍ଲୀର ପ୍ରଗତି ମଇଦାନରେ ପ୍ରଧାନମନ୍ତ୍ରୀ ମୋଦି ୫ଜି ସେବାର ଲୋକାର୍ପଣ କରିବେ।

# ବୁମ୍‌ରାଙ୍କ ସ୍ଥାନରେ ସିରାଜ

**ନୂଆଦିଲ୍ଲୀ, ୩୦।୯ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଭାରତର ଅବଶିଷ୍ଟ ଦୁଇ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ମହମ୍ମଦ ସିରାଜ ଖେଳିବେ। ପିଠିରେ ଇଞ୍ଜୁରି ଯୋଗୁ ବୁମ୍‌ରା ଆଗାମୀ ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ସର୍ବଭାରତୀୟ ସିନିୟର ସିଲେକ୍ସନ କମିଟି ତାଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ମନୋନୀତ କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶୁକ୍ରବାର ପ୍ରକାଶ କରିଛନ୍ତି। ବୁମ୍‌ରା ବର୍ତ୍ତମାନ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ୨୮ ବର୍ଷୀୟ ଡାହାଣହାତୀ ପେସ୍ ବୋଲର ସିରାଜ ୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି ଏବଂ ୫ ଉଇକେଟ ଅକ୍ତିଆର କରିଛନ୍ତି। ଚଳିତବର୍ଷ ଫେବୃୟାରୀରେ ସେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିଥିଲେ। ବୁଧବାର ଥିରୁଭାନନ୍ତପୁରମଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୮ ଉଇକେଟରେ ବିଜୟ ପରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ ଅଗ୍ରଣୀ ଲାଭ କରିଛି। ସିରିଜର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଯଥାକ୍ରମେ ଗୁଆହାଟୀ (ଅକ୍ଟୋବର ୨) ଓ ଇନ୍ଦୋର (ଅକ୍ଟୋବର ୪)ରେ ଖେଳାଯିବ। **ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ପାଇଁ ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), କେ.ଏଲ. ରାହୁଲ (ଉପଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ଦୀନେଶ କାର୍ତ୍ତିକ (ଉଇକେଟକିପର), ଆର. ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ହର୍ଷଲ ପଟେଲ, ଦୀପକ ଚହର, ଉମେଶ ଯାଦବ, ଶ୍ରେୟସ ଆୟାର, ଶାହବାଜ ଅହମ୍ମଦ, ମହମ୍ମଦ ସିରାଜ।



ମହମ୍ମଦ ସିରାଜ




DSPL-204

**ନବୀନ ପଟ୍ଟନାୟକ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଲୋକସେବା ଭବନ
ଭୁବନେଶ୍ୱର

**ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ସାରା ଦେଶରେ ଅକ୍ଟୋବର ୧ ତାରିଖଟିକୁ ‘‘ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ’’ ରୂପେ ପାଳନ କରାଯାଉଛି । ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଏ କ୍ଷେତ୍ରରେ ସମସ୍ତ କାର୍ଯ୍ୟରତ ଅନୁଷ୍ଠାନ ତଥା ଏଥିସହ ସଂପୃକ୍ତ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ବିଜ୍ଞାନର ଉନ୍ନତି ସତ୍ତ୍ୱେ ଅଦ୍ୟାବଧି ରକ୍ତର କୌଣସି ବିକଳ୍ପ ବ୍ୟବସ୍ଥା ହୋଇପାରିନାହିଁ । ତେଣୁ ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ମେଣ୍ଟାଇବା ପାଇଁ ତଥା ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ବହୁମୂଲ୍ୟ ଜୀବନ ବଞ୍ଚାଇ ନୂତନ ଜୀବନ ଦାନ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ବଢିଯାଇଛି । ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଲୋକପ୍ରିୟ କରିବା ପାଇଁ ଜନସଚେତନତା ଜରୁରୀ । ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ନୂତନ ଜୀବନ ଦାନ କରିବା ଏକ ମହାନ କାର୍ଯ୍ୟ ।

ଆସନ୍ତୁ, ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ରକ୍ତ ଅଭାବଜନିତ ସଙ୍କଟକୁ ଦୂରୀଭୂତ କରିବା ପାଇଁ ନିୟମିତ ସମୟ ବ୍ୟବଧାନରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଏ ବର୍ଷର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସର ମହତ୍ତ୍ୱକୁ ସାର୍ଥକ କରିବା ।

(ନବୀନ ପଟ୍ଟନାୟକ)

**ନବ କିଶୋର ଦାସ**
**ମନ୍ତ୍ରୀ**
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା**

**ବାର୍ତ୍ତା**

‘‘ରକ୍ତଦାନ ମହତ ଦାନ’’ । ରକ୍ତ ସଂଚାରଣ କ୍ଷେତ୍ରରେ ସ୍ୱେଚ୍ଛାକୃତ ରକ୍ତଦାତାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ଦାନ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥାନ୍ତି । ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଅଧିକରୁ ଅଧିକ ଅନୁପ୍ରାଣିତ କରିବା ପାଇଁ ତଥା ରକ୍ତଦାନ ଶିବିର ଆୟୋଜକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲା ଦିନଟିକୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ରୂପେ ପାଳନ କରାଯାଉଅଛି ।

ଚିକିତ୍ସା କ୍ଷେତ୍ରରେ ରକ୍ତର ଚାହିଦାକୁ ଭରଣା କରିବା ପାଇଁ ଆସନ୍ତୁ, ଆମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ନୂଆ ଜୀବନ ଦାନ କରିବା ଏବଂ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିୟମିତ ବ୍ୟବଧାନରେ ରକ୍ତଦାନ କେନ୍ଦ୍ର କିମ୍ବା ଶିବିରରେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ।

ଆଜିର ଦିନରେ ମୁଁ ସ୍ୱେଚ୍ଛାକୃତ ରକ୍ତଦାତା, ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କରୁଥିବା ଅନୁଷ୍ଠାନ ତଥା ଯୁବଗୋଷ୍ଠୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇବା ସହିତ ଆମର ଆବଶ୍ୟକ ପଡୁଥିବା ରକ୍ତର ଚାହିଦା ପୂରଣ କରିବା ଦିଗରେ ଆନ୍ତରିକ ସହଯୋଗ ପାଇଁ ନିବେଦନ କରୁଛି ।

(ନବ କିଶୋର ଦାସ)

OIPR-10080/13/0005/2223



ଗୁଜରାଟରେ ଚାଲିଥିବା ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ଓଡ଼ିଶା ମହିଳା ହକି ଦଳ।

# ଗେଲ୍, ଯଶପାଲଙ୍କ ଅର୍ଦ୍ଧଶତକ

**ଯୋଧପୁର, ୩୦।୯**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ଓ ଭିଲୱାରା କିଙ୍ଗ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। କ୍ରିସ୍ ଗେଲ୍ ଓ ଯଶପାଲ ସିଂଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଛି। ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜାଏଣ୍ଟ୍ସର ଆରମ୍ଭ ଭଲ ହୋଇଥିଲା। ଲେଣ୍ଡଲ ସିମନ୍ସ ଓ କ୍ରିସ୍ ଗେଲ୍ ଓପନିଂ ଯୋଡ଼ିରେ ୨୮ ବଲ୍‌ରୁ ୪୦ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ସିମନ୍ସ ୨୨

**ଲିଜେଣ୍ଡ୍ସ ଲିଗ୍**

ରନରେ ଆଉଟ ହୋଇ ଯାଇଥିଲେ ହେଁ ଗେଲ୍ ୪୦ ବଲ୍‌ରୁ ୬୮ (୯ ଚୌକା, ୩ ଛକା) ରନ ସଂଗ୍ରହ କରି ଇନିଂସକୁ ଆଗେଇ ନେଇଥିଲେ। ମିଡିଲ ଅର୍ଡରରେ ଯଶପାଲ ସିଂ (୫୮ ରନ, ୩୭ ବଲ, ୬ ଚୌକା, ୨ ଛକା) ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। ଫଳରେ ଅଧିନାୟକ ପାର୍ଥିବ ପଟେଲ (୧), କେଭିନ ଓ’ବ୍ରାଏନ (୪), ଥିସାରା ପେରେରା (୧୯) ଓ ଗ୍ରେମ୍ ସ୍ୱାନ (୨) ଶୀଘ୍ର ଆଉଟ ହୋଇଯାଇଥିଲେ ହେଁ ବିଶେଷ ଫରକ ପଡ଼ି ନ ଥିଲା। ଭିଲୱାରା କିଙ୍ଗ୍ସ ପକ୍ଷରୁ ୟୁସୁଫ ପଠାନ ୨ଟି ଏବଂ ଏସ. ଶ୍ରୀସନ୍ଥ, ସୁଦୀପ ତ୍ୟାଗୀ, ଜେସଲ କାରିଆ ଓ ଶେନ ୱାଟସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୮୬/୭ (କ୍ରିସ୍ ଗେଲ୍-୬୮, ଯଶପାଲ ସିଂ-୫୮, ଲେଣ୍ଡଲ ସିମନ୍ସ, ୟୁସୁଫ ପଠାନ-୨/୩୪, ଏସ. ଶ୍ରୀସନ୍ଥ-୧/୩୨, ସୁଦୀପ ତ୍ୟାଗୀ-୧/୩୯, ଜେସଲ କାରିଆ-୧/୩୨, ଶେନ ୱାଟସନ-୧/୨୧)।

# ବିଜେତା ପାଇବ ୧.୬ ନିୟୁତ ଡଲାର

**ଦୁବାଇ,୩୦।୯(ପି.ଟି.)**

**ଟି୨୦ ବିଶ୍ୱକପ୍**



ଅଷ୍ଟ୍ରେଲିଆରେ ହେବାକୁଥିବା ଆଗାମୀ ଟି୨୦ ବିଶ୍ୱକପ୍‌ର ବିଜେତା ଦଳକୁ ୧.୬ ନିୟୁତ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ରନରଅପ୍ ଦଳ ବିଜୟୀ ଦଳ ପୁରସ୍କାର ରାଶିର ଅଧା ପାଇବ। ୧୬ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟର ପ୍ରତ୍ୟେକ ଲୁଜିଂ ସେମିଫାଇନାଲିଷ୍ଟ ମୋଟ ୫.୬ ନିୟୁତ ଡଲାର ପୁରସ୍କାର ରାଶିରୁ ୪,୦୦,୦୦୦ ଡଲାର ଲେଖାଏ ପାଇବେ। ସୁପର ୧୨ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ୮ଟି ଦଳ ପ୍ରତ୍ୟେକ ୭୦,୦୦୦ ଡଲାର ଲେଖାଏ ପାଇବେ। ଗତବର୍ଷ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଭଳି ସୁପର ୧୨ରେ ଖେଳାଯିବାକୁଥିବା ୩୦ଟି ଗେମ୍ ଅନ୍ତର୍ଗତ ପ୍ରତିଟି ମ୍ୟାଚର ବିଜେତାକୁ ୪୦,୦୦୦ ଡଲାର ଲେଖାଏ ଦିଆଯିବ। ୮ଟି ଦଳ ସିଧାସଳଖ ସୁପର ୧୨ ପର୍ଯ୍ୟାୟରେ ପ୍ରବେଶ କରିବେ। ଏହି ଦଳଗୁଡ଼ିକ ହେଲେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା। ଅନ୍ୟ ୮ଟି ଦଳ ଦୁଇ ଭାଗରେ ବିଭକ୍ତ ହୋଇ ପ୍ରଥମ ରାଉଣ୍ଡ ମ୍ୟାଚ ଖେଳିବେ। ଗ୍ରୁପ୍ ଏ’ରେ ନାମ୍ବିଆ, ଶ୍ରୀଲଙ୍କା, ନେଦରଲାଣ୍ଡ୍ସ ଓ ୟୁଏଇ ରହିଥିବା ବେଳେ ଗ୍ରୁପ୍ ବି’ରେ ୱେଷ୍ଟଇଣ୍ଡିଜ, ସ୍କଟଲାଣ୍ଡ, ଆୟର୍ଲାଣ୍ଡ ଓ ଜିମ୍ବାୱେ ସ୍ଥାନ ପାଇଛନ୍ତି। ପ୍ରଥମ ରାଉଣ୍ଡରେ ପ୍ରତିଟି ବିଜୟ ପାଇଁ ୪୦,୦୦୦ ଡଲାର ପୁରସ୍କାର ବ୍ୟବସ୍ଥା କରାଯାଇଛି। ୧୨ଟି ମ୍ୟାଚ ପାଇଁ ମୋଟ ୪,୮୦,୦୦୦ ଡଲାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମ ରାଉଣ୍ଡରୁ ଯେଉଁ ୪ଟି ଦଳ ବିଦାୟ ନେବେ ସେମାନେ ପ୍ରତ୍ୟେକ ୪୦,୦୦୦ ଡଲାର ଲେଖାଏ ପାଇବେ। ଟି୨୦ ବିଶ୍ୱକପ୍ ଅକ୍ଟୋବର ୧୬ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ଏସିଆ କପ୍ ମହିଳା ଟି୨୦**

## ଭାରତ ଆଜି ଶ୍ରୀଲଙ୍କାକୁ ଭେଟିବ

ସିଲ୍‌ହେଟ୍ (ବାଂଲାଦେଶ), ୩୦।୯ (ପି.ଟି.): ଏସିଆ କପ୍ ମହିଳା ଟି୨୦ କ୍ରିକେଟ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦିବସରେ ଦୁଇଟି ମ୍ୟାଚ ଖେଳାଯିବ। ଗୋଟିଏ ମ୍ୟାଚରେ ଭାରତ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବାକୁଥିବା ବେଳେ ଅନ୍ୟଟି ଆୟୋଜକ ବାଂଲାଦେଶ ଓ ଥାଇଲାଣ୍ଡ ମହିଳା ଦଳ ମଧ୍ୟରେ ଖେଳାଯିବ। ନିକଟରେ ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଥିବା ଭାରତ ଏବେ ଭଲ ଫର୍ମରେ ରହିଛି। ଭାରତକୁ ଟୁର୍ନାମେଣ୍ଟର ଫେଭରାଇଟ୍ ବିବେଚନା କରାଯାଉଛି। ଏସିଆ କପ୍‌ର ଗତ ସଂସ୍କରଣ ଛାଡ଼ିଦେଲେ ୨୦୦୪ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଅନ୍ୟ ସମସ୍ତ ଟାଇଟଲ ଭାରତ ହାସଲ କରିଛି।

# ବିସିସିଆଇ ସିନିୟର ମହିଳା ଟି୨୦ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩୦।୯**
**(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ପ୍ରତିଯୋଗିତା ବେଙ୍ଗାଲୁରୁଠାରେ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ମାଧୁରୀ ମେହେଟା ଅଧିନାୟିକା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳ: ମାଧୁରୀ ମେହେଟା (ଅଧିନାୟିକା), ସୁଶ୍ରୀ ଦିବ୍ୟଦର୍ଶିନୀ (ଉପ-ଅଧିନାୟିକା), ପ୍ରଜ୍ଞା ପାରମିତା ମହାନ୍ତି (ଉଇକେଟ କିପର), ରଶ୍ମିତା ଚିନାରା (ଉଇକେଟ କିପର), କାଜଲ ଜେନା, ସରିତା ମେହେର, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ରସନାରା ପରବିନ, ସୁଜାତା ମଲିକ, ରାମେଶ୍ୱରୀ ନାୟକ, ଶିଳ୍ପା ସ୍ୱାଇଁ, ଇନ୍ଦ୍ରାଣୀ ଛତ୍ରିଆ, ଲକ୍ଷ୍ମିପ୍ରୀୟା ନାୟକ, ବନଲତା ମଲିକ, ରୀମାଲକ୍ଷ୍ମୀ ଏକ୍କା।

## ଭରତ ଭୂଷଣ ପୁନଃନିର୍ବାଚିତ

**ଚେନ୍ନାଇ,୩୦।୯(ପି.ଟି.):** ସିନିୟର କ୍ରୀଡ଼ା ପ୍ରଶାସକ ଭରତ ଭୂଷଣ ଚୌହାନ ଏସିଆନ ଚେସ୍ ମହାସଂଘ (ଏସିଏଫ୍)ର ଡେପୁଟି ପ୍ରେସିଡେଣ୍ଟ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ସଭାପତି ଶେଖ ସୁଲ୍‌ତାନ ବିନ୍ ଖଲିଫା ଅଲ୍ ନାହ୍ୟାନଙ୍କ ସମର୍ଥିତ ୬୪ ବର୍ଷୀୟ ଚୌହାନ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଫଳରେ ସେ ତୃତୀୟ ଥର ପାଇଁ ଏସିଏଫ୍ ଉପସଭାପତି ହୋଇଛନ୍ତି। ଦିଲ୍ଲୀର ଚୌହାନ ଖେଳାଳିରୁ ପ୍ରଶାସକ ହୋଇଛନ୍ତି। ସେ ୪୪ତମ ଚେସ୍ ଅଲିମ୍ପିଆଡ୍‌ର ଇଭେଣ୍ଟ ନିର୍ଦ୍ଦେଶକ ଥିଲେ। ଏଥିରେ ଉଭୟ ଓପନ ଓ ମହିଳା ବିଭାଗରେ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୟୁଏଇର ହିଶାମ ଅଲ୍ ତାହିର, ଥାଇଲାଣ୍ଡର ସାହାପୋଲ ନାକ୍‌ଭାନିଚ୍ ଓ ଚାଇନାର ଜୁ ୟୁହୁଆ ଯଥାକ୍ରମେ ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଓ ଭାଇସ୍ ପ୍ରେସିଡେଣ୍ଟ ଭାବେ ନିର୍ବାଚିତ ହୋଇଛନ୍ତି।

# ଭିନୁ ମଙ୍କଡ ଟ୍ରଫି ଲାଗି ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୩୦।୯**
**(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ପୁଣେଠାରେ ଅକ୍ଟୋବର ୭ରୁ ଆରମ୍ଭ ହେବାକୁ ଯାଉଥିବା ଭିନୁ ମଙ୍କଡ ଟ୍ରଫି (୧୯ ବର୍ଷରୁ କମ୍) ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏଥିପାଇଁ ଜୁନିୟର ଚୟନ କମିଟି ବୈଠକ ବସି ୧୫ ଜଣିଆ ଦଳ ଚୟନ କରାଯାଇଛି। ସାଇଦୀପ ମହାପାତ୍ର ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳ: ସାଇଦୀପ ମହାପାତ୍ର (ଅଧିନାୟକ), ପ୍ରିନ୍ସ ଏସ. ବେହେରା, ଶ୍ରେଷ୍ଠ ସିଂ, ଏସ. ଇଜାରୁଦ୍ଦିନ, ଶ୍ରେୟାଂଶ ଭରଦ୍ୱାଜ, ଅଂଶୁମାନ ସାହୁ, ଦିବ୍ୟଜ୍ୟୋତି ପଟ୍ଟନାୟକ (ଉଇକେଟ କିପର), ସ୍ୱୟମ ଏସ. ରାଉତରାୟ, ରୀତେଶ ପ୍ରୀୟରଞ୍ଜନ, ଆୟୁଷ ବାରିକ, ସୁପ ଏସ. ଭୂୟାଁ, ଶୁଭମ୍ ସିଂ, ସାଇ ପ୍ରସାଦ ପଟ୍ଟନାୟକ, ଆଦିତ୍ୟ ଜୟସିଂ, ଆକାଶ ସେଖ୍।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ଜବରଦଖଲ ଜମି ହସ୍ତାନ୍ତର ପାଇଁ ଦାବିପତ୍ର**

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖଡିଆଳଠାରେ ଥିବା ଧର୍ମଶାଳା ସମତା ଭବନ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଉକ୍ତ ଜବରଦଖଲ ଜମିକୁ ମୁକ୍ତ କରି ସମାଜକୁ ଦେବା ପାଇଁ ଅଙ୍କୁର ଜୈନ ନୂଆପଡା ହେମାକାନ୍ତ ସାଏଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଧର୍ମଶାଳା ସମତା ଭବନ ନିର୍ମାଣ କରିବା ପାଇଁ ଅଶୋକ ଜୈନ ପ୍ରାୟ ୮.୫୦ ଡିସମିଲ ଜମି ପ୍ରଦାନ କରିବା ସହ ୧୩ ଡିସମିଲ ଜମି ରାସ୍ତା ପାଇଁ ପ୍ରଦାନ କରିଥିଲେ । କିନ୍ତୁ ଧର୍ମଶାଳା ସମତା ଭବନ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିବା ଜମିକୁ ପ୍ରାୟ ୧୨ ବର୍ଷ ହେବ ରମେଶ ଜୈନ ଅକ୍ତିଆରରେ ରଖିଛନ୍ତି। ଏହାର ତଦନ୍ତ କରି ସମାଜକୁ ହସ୍ତାନ୍ତର ପାଇଁ ଅଙ୍କୁର ଦାବି କରିଛନ୍ତି।

# ମନମୋହୁଛି ରାଷ୍ଟ୍ରପତି ଭବନ ତୋରଣ

ଭବାନୀପାଟଣା,୩୦।୯(ସ୍ୱ.ପ୍ର.)



ରାଷ୍ଟ୍ରପତି ଭବନର ତୋରଣ।

## ୧୨ ବର୍ଷରେ ନକଟିଗୁଡା ସାର୍ବଜନୀନ ଦୁର୍ଗାପୂଜା

■ଦେଶ ଭକ୍ତି ସହ ଦେବୀ ଭକ୍ତିର ମିଶ୍ରଣ

ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଥିବାବେଳେ ଚଳିତବର୍ଷ କଳାହାଣ୍ଡି ଜିଲା ଭବାନୀପାଟଣା ସହର ନକଟିଗୁଡା ପୂଜା କମିଟି ପକ୍ଷରୁ ଭାରତର ରାଷ୍ଟ୍ରପତି ଭବନ ଆକୃତିର ତୋରଣ କରାଯିବା ସହ ମହାତ୍ମା ଗାନ୍ଧୀଙ୍କ ଦାଣ୍ଡି ଯାତ୍ରାର ଦୃଶ୍ୟମାନ କରାଯାଇଛି। ଫଳରେ ଏଠାରେ ଦେଶ ଭକ୍ତି ସହ ଦେବୀ ଭକ୍ତିର ମିଶ୍ରଣରେ ପୂଜା ମଣ୍ଡପ ଝଲସୁଛି। ଚଳିତବର୍ଷ ଭବାନୀପାଟଣା ସହରରେ ୮ଟି ସ୍ଥାନରେ ଦୁର୍ଗାପୂଜା ହେଉଛି। ହେଲେ ସହରର ନକଟିଗୁଡାଠାରେ ହେଉଥିବା ଦୁର୍ଗାପୂଜା ବେଶ ନିଆରା। ପ୍ରତିବର୍ଷ ଏଠାକାର ପୂଜା କମିଟି ପକ୍ଷରୁ ନିଆରା ମଣ୍ଡପ ତିଆରି କରି ପଶ୍ଚିମ ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଥର ନକଟିଗୁଡା ସାର୍ବଜନୀନ ଦୁର୍ଗାପୂଜା ୧୨ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଓଡିଶାର ଗୌରବ ଦ୍ରୋପଦୀ ମୁର୍ମୁ ଭାରତ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାକୁ ସ୍ମରଣୀୟ କରିବା ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଭବନର ପ୍ରତିକୃତିରେ ମଣ୍ଡପ ନିର୍ମାଣ କରାଯାଇଛି। କୋଲକତାର ଶିଳ୍ପୀଙ୍କ ଦ୍ୱାରା ଦୁର୍ଗାମୂର୍ତ୍ତି ଓ ମଣ୍ଡପ ନିର୍ମାଣ କରାଯାଇଛି। ୨୦୧୧ରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବାବେଳେ ଚଳିତବର୍ଷ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରାଯାଇଛି। ମୁଖ୍ୟ ଫାଟକ ତ୍ରିରଙ୍ଗା ଆଲୁଅରେ ଝଲସୁଛି। ଆସନ୍ତା ବିଜୟା ଦଶମୀ ଦିନ ଏଠାରେ ରାବଣ ପୋଡି ଉତ୍ସବ ହେବ। ସେହିପରି ଆସନ୍ତା ୪ ତାରିଖ ଏଠାରେ ଲାଖମରା ପର୍ବ ଆୟୋଜିତ ହେବ। ପୂଜା କମିଟି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ସେହିପରି ମଣ୍ଡପ ପରିସରରେ ମୀନାବଜାର ମଧ ଖୋଲାଯାଇଛି। ଏଠାରେ ପୂଜକ ଭାବେ ସମ୍ବଲପୁରର ଗିରୀଶ ଚନ୍ଦ୍ର ହୋତା ଓ ତାଙ୍କ ସାଥି ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟି ସଭାପତି ସାମନ୍ତ ଖମାରୀ, ଉପସଭାପତି ଅକ୍ରୁର ବାଗ, ସମ୍ପାଦକ ସୁକାନ୍ତ ବିଶି, କୋଷାଧ୍ୟକ୍ଷ ବିରେନ୍ଦ୍ର ଖମାରୀ ପ୍ରମୁଖ ରହିଛନ୍ତି। ୨ ବର୍ଷ କୋଭିଡ୍ ଯୋଗୁ ପର୍ବ ଫିକା ପଡିଥିବାବେଳେ ଏଥର କଟକଣା ନ ଥିବାରୁ ଭକ୍ତଙ୍କ ମଧରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ନକଟିଗୁଡାରେ ପ୍ରତିବର୍ଷ ଜିଲା ସମେତ ଜିଲା ବାହାରର ଲକ୍ଷାଧିକ ଭକ୍ତ ପୂଜା ମଣ୍ଡପକୁ ଆସିଥାନ୍ତି। ଚଳିତବର୍ଷ ଏହି ନିଆରା ତଥା ଆକର୍ଷଣୀୟ ମଣ୍ଡପକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ମା'ଙ୍କ ପୂଜା ଆରମ୍ଭ ହୋଇଯାଇଥିବା ବେଳେ ଆସନ୍ତା ବୁଧବାର ଏହାର ଉଦ୍‌ଯାପନୀ ହେବ।

**ରିପୋର୍ଟ–ଉତ୍ତମ କୁମାର ଦାଶ**

# କେନାଲରୁ ଜବତ ମହିଳାଙ୍କ ପରିଚୟ ମିଳିଲା

କୋକସରା,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଗୁରୁବାର ସନ୍ଧ୍ୟାରେ ଜବତ ମୃତ ମହିଳାଙ୍କ ପରିଚୟ ଜଣାପଡ଼ିଛି। ମୃତ ମହିଳା ଜଣକ ହେଉଛନ୍ତି ଜୟପାଟଣା ବ୍ଲକ ସର୍ଗିଗୁଡା ପଞ୍ଚାୟତ ସାନପୁଝାରିଗୁଡା ଗ୍ରାମର ନୀଳ ଯାନୀଙ୍କ ସ୍ତ୍ରୀ ଶନିବାରି ଯାନୀ (୪୫)। ଗୁରୁବାର ସକାଳେ ଶୌଚ ପାଇଁ ଗାଁ ନିକଟରେ ଥିବା କେନାଲକୁ ଯାଇଥିଲେ। କେନାଲର ପ୍ରବଳ ସ୍ରୋତରେ ପ୍ରାୟ ୩୦ କି.ମି. ଭାସିଯାଇ ମେଗାଲିଫ୍ଟ କେନାଲର ଶେଷ ମୁଣ୍ଡ ନେଗିଗୁଡା ନିକଟ ଚେନାଲ ଗେଟରେ ଲାଗିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ କୋକସରା ଦମକଳ କର୍ମଚାରୀ ଉଦ୍ଧାର କରିଥିଲେ। କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାରଙ୍କୁ ହସ୍ତାନ୍ତର କରିଛି।

MAHANADI AQUA FRESH LLP
FRESH TILAPIA FISH HIRAKUD DAM
- GOOD FOR THE BONES
- GOOD FOR THE BRAIN
- PROTECT THE HEART
- GREAT SOURCE OF VITAMIN-D
- HIGH PROTEIN AND LOW FAT
- ହାଡ଼ ପାଇଁ ଭଲ
- ମସ୍ତିଷ୍କ ପାଇଁ ଭଲ
- ହୃଦ୍‌ଘାତରୁ ସୁରକ୍ଷା
- ପ୍ରଚୁର ପରିମାଣରେ ଭିଟାମିନ୍ D ଥାଏ
- ଅଧିକ ପ୍ରୋଟିନ ଏବଂ ମୋଟାପାରୁ ସୁରକ୍ଷା
Special Rate for Trader
Contact No.: 9348459748, 8554917617


# ୩୫ ଲିଟର ଦେଶୀ ରନ୍ଧାମଦ, ବାଇକ୍ ଜବତ, ୨ ଗିରଫ

ଲାଞ୍ଜିଗଡ,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ପୋଲିସ ୩୫ ଲିଟର ଦେଶୀ ରନ୍ଧାମଦ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ୨ଜଣ ହେଲେ ଭବାନୀପାଟଣା ସଦର ବ୍ଲକ ଡଙ୍ଗରିଗୁଡା ଗାଁର ଜୟନ୍ତ ନିଆଲ ଓ ବିଶ୍ୱନାଥପୁର ରାଣୀବନ୍ଧ ପଡାର ଅଶ୍ୱିନୀ ଭୋଇ। ସୂଚନାନୁଯାୟୀ, ବିଶ୍ୱନାଥପୁର ପୋଲିସ ଏବଂ ଜବାନମାନଙ୍କୁ ନେଇ ୬ ନମ୍ବର ରାଜ୍ୟ ରାଜପଥର ପୋଖରୀବନ୍ଧ ଛକରେ ପାଟ୍ରୋଲିଂ କରୁଥିଲେ। ସେହି ରାସ୍ତା ଦେଇ ଯାଉଥିବା ଏକ ବାଇକ୍ ପୋଲିସକୁ ଦେଖି ଦ୍ରୁତଗତିରେ ପଳାଇଥିଲା। ସନ୍ଦେହରେ ପୋଲିସ ପାଟ୍ରୋଲିଂ ଟିମ ସେମାନଙ୍କ ପିଛା କରି ୨ଜଣଙ୍କୁ ଅଟକାଇ ତାଙ୍କ ନିକଟରୁ ୩୫ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୬୫/୨୦୨୨) ରୁଜୁ କରି ଜୟନ୍ତ ଓ ଅଶ୍ୱିନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ଯିବାକୁ ପଡିଛି।

# ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବ୍ଲକ ଘେରାଉ


ଦାବିପତ୍ର ପ୍ରଦାନ କରାଯାଉଛି।

ଗୋଲାମୁଣ୍ଡା,୩୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଗୋଲାମୁଣ୍ଡା କିଷାନ ସଂଘ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ବ୍ଲକର କିଛି ପଞ୍ଚାୟତକୁ ୨୦୨୧ରେ ମରୁଡି ଘୋଷଣା କରାଯାଇଥିଲା। କିନ୍ତୁ ୨୦୨୧ରେ ଶସ୍ୟ ବୀମା କରିଥିବା ଚାଷୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କା ମିଳି ନ ଥିବାରୁ ସେମାନଙ୍କୁ ତୁରନ୍ତ ଶସ୍ୟ ବୀମା ଟଙ୍କା ପ୍ରଦାନ, ୨୦୨୧ର ମୁଗ ଚାଷୀର ଶସ୍ୟ ବୀମା ପ୍ରଦାନ, ପ୍ରିମିୟମ ଦାଖଲ କରିଥିବା ଚାଷୀଙ୍କ ଫର୍ମକୁ ଇନ୍ସୁରାନ୍ସ କମ୍ପାନୀ ଆପରୋଭ କରି ନ ଥିବାରୁ, ଶୀଘ୍ର ଆପ୍ରରୋଭ କରି ଚାଷୀଙ୍କୁ ଶୀଘ୍ର ବୀମା ଟଙ୍କା ପ୍ରଦାନ, ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର ପ୍ରଭାସ ବୋଡ଼େକଙ୍କ ଡେପୁଟେଶନ ବାତିଲ କରି ତୁରନ୍ତ ଗୋଲାମୁଣ୍ଡା ତହସିଲରେ ନିଯୁକ୍ତି ଭଳି ବିଭିନ୍ନ ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଗୋଲାମୁଣ୍ଡା କିଷାନ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଗୋଲାମୁଣ୍ଡା ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ପ୍ରସନ୍ନ ରାଉତ, ସୁବାଷ ରାଉତ, ଅନିଲ ମଲ୍ଲିକ, ଲମ୍ବୋଦର ସାହୁ, ଦେବରାଜ ଭାଟି, ରମେଶ ଅଗ୍ରୱାଲ, ମନୋଜ ବିଶିଙ୍କ ସମେତ ଶତାଧିକ ମହିଳା ଓ ଚାଷୀମାନଙ୍କ ଘେରାରେ ସାମିଲ ହୋଇଥିଲେ।

# ସ୍ନାତକ, ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ

ଖଡ଼ିଆଳ,୩୦।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସ୍ନାତକ ଏବଂ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ ପାଇଛି। ସ୍ନାତକ ପ୍ରଥମ ସେମିଷ୍ଟାର ଏବଂ ତୃତୀୟ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ହୋଇଛି। ସ୍ନାତକ ପ୍ରଥମ ସେମିଷ୍ଟାରରେ ୫୭.୯% ପାସ ହାର ରହିଥିବା ବେଳେ ୪୫୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୬୧ଜଣ ପାସ ହୋଇଛନ୍ତି। ସ୍ନାତକ ତୃତୀୟ ସେମିଷ୍ଟାର ପରୀକ୍ଷା ଫଳ ୭୬.୫ ପ୍ରତିଶତ ପାସ ରହିଛି। ୪୨୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୨୬ଜଣ ପାସ ହୋଇଛନ୍ତି। ସେହିପରି ସ୍ନାତକତ୍ତୋର ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳ ୮୮.୩ % ପ୍ରତିଶତ ପାସ ହାର ରହିଛି। ମୋଟ ୯୪ଜଣ ପରୀକ୍ଷା ଦେଇଥିବା ବେଳେ ୮୩ ଜଣ ପାସ ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ସମୟରେ କଲେଜ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଡା. ପଦ୍ମଲୋଚନ ବର୍ମା, ଅଧାପକ ପ୍ରଶାନ୍ତ ପଣ୍ଡା, ଡ. ବିଷ୍ଣୁଦେବ ମଲ୍ଲିକ, ସୂର୍ଯ୍ୟକାନ୍ତ ଠାକୁର, ସୁଘୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ଭାରତ ଯେତେବେଳେ ବଡ଼ ସଂକଳ୍ପ ନେଇଥାଏ, ତାହାକୁ ସାକାର କରି ଦେଖାଇଥାଏ । ସ୍ୱାଧୀନତାର ଅମୃତକାଳରେ ଦେଶ ବିକଶିତ ଭାରତ ନିର୍ମାଣ ପାଇଁ ସଂକଳ୍ପ ନେଉଛି ।
— ନରେନ୍ଦ୍ର ମୋଦୀ —

ବିକଶିତ ଭାରତ ପାଇଁ ବିରାଟ ସଂକଳ୍ପ

ଭାରତରେ ଆଜି ଡିଜିଟାଲ କନେକ୍ଟିଭିଟୀର ନୂଆ ଯୁଗ ଆରମ୍ଭ ହୋଇଛି
5ଜି ସେବାର ଶୁଭାରମ୍ଭ
5G
ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା
ଇଣ୍ଡିଆ ମୋବାଇଲ କଂଗ୍ରେସ, ପ୍ରଗତି ମୈଦାନ, ନୂଆଦିଲ୍ଲୀ
— ସକାଳ ୧୦ଟାରୁ —

ବିକଶିତ ଭାରତ ପାଇଁ ଆଧୁନିକ ଭିତ୍ତିଭୂମି
- ପିଏମ୍ ଗତିଶକ୍ତି ଅଧୀନରେ ଦେଶରେ ବହୁମୁଖୀ ଭିତ୍ତିଭୂମି ବିକାଶ
- ବିମାନ ବନ୍ଦର ସଂଖ୍ୟା ୭୪ରୁ ବୃଦ୍ଧି ପାଇ ୧୪୨ ହେଲା ଏବଂ ମେଟ୍ରୋ ସେବା ଥିବା ସହର ସଂଖ୍ୟା ୫ରୁ ୨୦ରେ ପହଞ୍ଚିଲା

ବିକଶିତ ଭାରତ ପାଇଁ ବ୍ୟାପକ ସଂସ୍କାର
- ଜିଏସ୍‌ଟି ଅନୁପାଳନ ବୋଝ ଏବଂ ଲୋକଙ୍କ ଉପରେ ଟିକସ ବୋଝ କମିଲା, ପାରଦର୍ଶିତା ଏବଂ ଟିକସ ସଂଗ୍ରହରେ ବୃଦ୍ଧି
- ଦେବାଳିଆ ଓ ଦେବାଳିଆପଣ ସଂହିତା ଜରିଆରେ ବ୍ୟାଙ୍କ ଏବଂ ବ୍ୟବସାୟ, ଉଭୟଙ୍କୁ ମିଳିଲା ଲାଭ

ବିକଶିତ ଭାରତ ପାଇଁ ଡିଜିଟାଲ ପ୍ରଗତି
- ଗାଁରେ ପ୍ରତିଷ୍ଠା ହେଲା ୫.୩୩ ଲକ୍ଷ ଜନ ସେବା କେନ୍ଦ୍ର, ୧.୮୧ ଲକ୍ଷ ଗାଁ ଅପ୍ଟିକାଲ ଫାଇବର ନେଟ୍‌ୱର୍କ ସହ ଯୋଡ଼ିହେଲା
- ଡିଜିଟାଲ ନେଣଦେଣରେ ଭାରତ ବିଶ୍ୱରେ ସବୁଠୁ ଅଗ୍ରଣୀ, ୟୁପିଆଇ ଜରିଆରେ ଏବେ ସୁଦ୍ଧା ୨୦୮ ଲକ୍ଷ କୋଟି ଟଙ୍କାର କାରବାର

ବିକଶିତ ଭାରତ ପାଇଁ ନାଗରିକଙ୍କ ସଶକ୍ତୀକରଣ
- ସବୁ ଲୋକଙ୍କ ଆକାଂକ୍ଷା ପୂରଣ କରିବାର ସଂକଳ୍ପ, ୧୦୦% ଦେଶବାସୀଙ୍କୁ ଘର, ଶୌଚାଳୟ, ପାଣି, ବିଦ୍ୟୁତ୍ ସଂଯୋଗ ଭଳି ମୌଳିକ ସୁବିଧାର ଲାଭ ଉପରେ ଗୁରୁତ୍ୱ
- ଚାଷୀଙ୍କୁ ଜମିରୁ ବଜାର ପର୍ଯ୍ୟନ୍ତ ମିଳୁଛି ବିଭିନ୍ନ ଯୋଜନାର ଲାଭ
- କୌଶଳ ବିକାଶ ଜରିଆରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ

cbc 22201/13/0121/2223

## ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ତରଭା,(ଡି.ଏନ.ଏ.): ପାଣିରେ ବୁଡିଯାଇ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଡଭୋଇଁରୋ ପଞ୍ଚାୟତ ରଥପାଲି ଗ୍ରାମର କଇଁରୁ ଦଳବେହେରା (୬୫)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଶୁକ୍ରବାର ସକାଳେ କଇଁରୁ ଶୌଚ ପାଇଁ ନୂଆଁପାଲି ଆମ୍ବ ବୁରେଇ ବନ୍ଧକୁ ଯାଇଥିଲେ। ତେବେ ଗୋଡ଼ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ତରଭା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। କଇଁରୁଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ବଡ଼ ଭଇଁରୋ ସରପଞ୍ଚ ଲୋକନାଥ ଦଳ ବେହେରା ଓ ଗ୍ରାମବାସୀ ଦାବି କରିଛନ୍ତି।

# ଜିରା ବ୍ରିଜ୍ ପାଇଁ ରାସ୍ତାରୋକୋ

- ୪ବର୍ଷ ପରେ ସରିନାହିଁ ନିର୍ମାଣ କାର୍ଯ୍ୟ
- ନିର୍ବାହୀ ଯନ୍ତ୍ରୀ ଦେଲେ ଲିଖିତ ପ୍ରତିଶ୍ରୁତି
- ମାର୍ଚ୍ଚ ସୁଦ୍ଧା ସରିବ ବ୍ରିଜ୍ ନିର୍ମାଣ କାର୍ଯ୍ୟ

**ବରଗଡ଼ ଅଫିସ୍,୩୦।୯**

ବରଗଡ଼-ଅମ୍ବାପାଲିକୁ ସଂଯୋଗ ପାଇଁ ଚାଲିଥିବା ନୂତନ ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟ ୪ବର୍ଷ ପରେ ମଧ୍ୟ ସରିନାହିଁ। ଏହି ନଦୀ ଉପରେ ନିର୍ମିତ ଫେୟାରୱେଦର ରାସ୍ତା ଅଞ୍ଚଳବାସୀଙ୍କ ଭରସା ପାଲଟିଛି। ମାତ୍ର ସାମାନ୍ୟ ବର୍ଷାରେ ତାହା ଥରକୁ ଥର ଧୋଇ ହୋଇ ଯାଉଥିବା ଯୋଗୁ ବରଗଡ଼ ସହରଠାରୁ ଅମ୍ବାପାଲି ଅଧିକାଂଶ ସମୟ ବିଚ୍ଛିନ୍ନ ହୋଇରହୁଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ଶୁକ୍ରବାର ଅମ୍ବାପାଲି ମୁଖ୍ୟଛକରେ ସ୍ଥାନୀୟ ଲୋକେ ସକାଳ ୮ଟାରୁ ବରଗଡ଼-ବଲାଙ୍ଗୀର ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିବା ସହିତ ଯାତାୟାତ ବନ୍ଦ ରହିଥିଲା। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏ. କେ ନାଏକ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଜିରା ବ୍ରିଜ ନିର୍ମାଣ କାର୍ଯ୍ୟ ସାରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ସହିତ ନିର୍ମାଣାଧୀନ ବ୍ରିଜ୍ ପରିଦର୍ଶନ କରିଥିଲେ। ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାସ୍ତାରୋକୋ ଆନ୍ଦୋଳନ ହଟିଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା।



ଜିରା ବ୍ରିଜ ନିର୍ମାଣ ସମ୍ପୂର୍ଣ୍ଣ ଦାବିରେ ଅମ୍ବାପାଲି ଛକରେ ରାସ୍ତାରୋକୋ।

ଅମ୍ବାପାଲି ବରଗଡ଼ ପୌର ପରିଷଦର ୱାର୍ଡ ନଂ-୧୭ରେ ରହିଛି। ବରଗଡ଼ ସହର-ଅମ୍ବାପାଲି ମଧ୍ୟରେ ଜିରା ନଦୀ ବହି ଯାଇଛି। ଫଳରେ ଅନ୍ୟ ୱାର୍ଡଠାରୁ ଜିରା ନଦୀ ଅମ୍ବାପାଲିକୁ ବିଭାଜନ କରିଛି। ଅମ୍ବାପାଲିକୁ ସଂଯୋଗ କରିବା ପାଇଁ ବ୍ରିଟିଶ ଅମଳରୁ ଏକ ପୋଲ ରହିଥିଲା। ବିପଦଶଙ୍କୁଳ ଅବସ୍ଥା ଯୋଗୁ ସେହି ପୁରୁଣା ବ୍ରିଜ୍‌କୁ ଭାଙ୍ଗି ଦିଆଯାଇଥିଲା ଏବଂ ସେଠାରେ ଆଉ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ୨୦୧୮ରୁ ପୋଲ କାମ ଆରମ୍ଭ ହୋଇ ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବ୍ରିଜ ନିର୍ମାଣ କାର୍ଯ୍ୟ ଶିଥିଳ ଗତିରେ ଚାଲିଥିବାରୁ ଏହାର ପ୍ରତିବାଦରେ ଅମ୍ବାପାଲିବାସୀ ରାସ୍ତାରୋକୋ ଆନ୍ଦୋଳନକୁ ଓହ୍ଲାଇଥିଲେ। ସ୍ଥାନୀୟ କାଉନସିଲର ଦୀପାଞ୍ଜଳି ବାଗ, ଈଶ୍ୱର ବାଗ, ସୁରେଶ ମହାପାତ୍ର, ସୁନିଲ ଶର୍ମା, ସୁବ୍ରତ ବିର୍ଡିଆ, ଯୁଧିଷ୍ଠିର ପ୍ରଧାନ, ରବିନ୍ଦ୍ର ପୂଜାରୀଙ୍କ ସମେତ ଶତାଧିକ ଲୋକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆମ୍ ଆଦ୍‌ମୀ ପାର୍ଟିର ଭବାନୀ ପ୍ରସାଦ ସାହୁ, ସମ୍ବିଧାନ ସୁରକ୍ଷା ମଞ୍ଚର ବିରବଲ ମହାକୁଡ଼, ଭାଜପାର ପ୍ରୀତମ ସିଂ, ଅକ୍ରୂର ମଲ୍ଲିକ ପ୍ରମୁଖ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

ସୂଚନାଯୋଗ୍ୟ, ବରଗଡ଼ ସହରରୁ ଜିରା ନଦୀ ଦେଇ ଯାଇଥିବା ରାସ୍ତା ଅମ୍ବାପାଲିଠାରେ ବରଗଡ଼-ବଲାଙ୍ଗୀର ରାସ୍ତାକୁ ସଂଯୋଗ କରୁଛି। ସେହିପରି ଅମ୍ବାପାଲିରୁ ହଳଦୀପାଲି ଛକ ଦେଇ ସୋହେଲା ରାସ୍ତାକୁ ସଂଯୋଗ ହୋଇଛି। ଦୂରତା କମ୍ ଦୃଷ୍ଟିରୁ ଏହି ରାସ୍ତା ଉପରେ କେବଳ ବରଗଡ଼ କିମ୍ବା ଅମ୍ବାପାଲି ନୁହେଁ, ଅନେକ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ପୁରୁଣା ବ୍ରିଜ୍‌କୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିବାବେଳେ ନୂତନ ବ୍ରିଜ ନିର୍ମାଣ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଥିବାରୁ ଯାତାୟାତରେ ବାଧା ଉପୁଜୁଛି। ଏହି ଦୃଷ୍ଟିରୁ ଉକ୍ତ ବ୍ରିଜ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମତପ୍ରକାଶ ପାଇଛି।

# ନବରାତ୍ର ପୂଜାରେ ଗୋଡ଼ଭଗା ଉତ୍ସବମୁଖର

**ଅତାବିରା,୩୦।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ମାଁ ସମଲେଶ୍ୱରୀ ମନ୍ଦିର ନବରାତ୍ର ପୂଜାରେ ଉତ୍ସବ ମୁଖର ହୋଇଛି। ମନ୍ଦିର ପୂଜକ ଅଭି ଭୁଏ ପୂଜାର୍ଚ୍ଚନା କରୁଛନ୍ତି। ସୁଶିଲ ସିଂ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପଣ୍ଡିତ ପ୍ରଭାକର ଶତପଥି ହୋମଯଜ୍ଞ, ମନ୍ତ୍ରପାଠ କରୁଛନ୍ତି। ଶୁକ୍ରବାର ଦେବୀପୂଜା, ଚଣ୍ଡୀପାଠ, ବିଲ୍ୱବରଣ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତା ଅକ୍ଟୋବର ୫ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା ରହିଥିବାବେଳେ ମନ୍ଦିର କମିଟିର ଶାଲେଗ୍ରାମ ଅଗ୍ରୱାଲ, ଲକ୍ଷ୍ମଣ ଭୋଇ, କୁଳମଣି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।






# ୨ ଲକ୍ଷ ଟଙ୍କା ଜବତ: ଲୁଟେରା ଗ୍ୟାଙ୍ଗ୍‌ର ଜଣେ ଗିରଫ

**ବୌଦ୍ଧ,୩୦।୯(ସ୍ୱପ୍ର)**

ବୌଦ୍ଧ ସହରରେ ବାରମ୍ବାର ବାଇକ ଡିକ୍କି ଭାଙ୍ଗି ଟଙ୍କା ଲୁଟ ଘଟଣା ଘଟୁଥିଲେ ମଧ୍ୟ ଲୁଟେରାମାନେ ଟଙ୍କା ନେଇ ଫେରାର ହେବାରେ ସଫଳ ହୋଇଆସୁଥିଲେ। ବାରମ୍ବାର ଏପରି ଘଟୁଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ସମ୍ପର୍କରେ କୌଣସି ଟେର ପାଇପାରୁ ନ ଥିଲା। ଟଙ୍କା ଲୁଟ ପରେ ପୋଲିସ ଏକ ମାମଲା କରି ଚୁପ ହୋଇବସିଯାଉଥିଲା । ସିସିଟିଭି ଯୋଗୁଁ ଦୀର୍ଘଦିନ ପରେ ବୌଦ୍ଧ ପୋଲିସ ଟଙ୍କା ଲୁଟେରା ଗ୍ୟାଙ୍ଗର ଜଣେ ସଦସ୍ୟକୁ ଗିରଫ କରିଛି। ଜିଲାରେ ନୂତନ ଏସପି ଭାବରେ ଯୁବ ଆଇପିଏସ ଅଧିକାରୀ ପ୍ରହଲ୍ଲାଦ ସହାୟ ମିନା ଯୋଗଦେବା ପରେ ବିଭାଗୀୟ ଅଧିକାରୀମାନେ ଅଧିକ ତତ୍ପର ହୋଇଥିବା ଦେଖାଯାଇଛି। ନିକଟରେ ଜଣେ ବ୍ୟବସାୟୀଙ୍କଠାରୁ ହୋଇଥିବା ଟଙ୍କା ଲୁଟ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ମିଳିଥିବା ସୂଚନା ମୁତାବକ ଗତ ୨୧ ତାରିଖ ବୌଦ୍ଧଜିଲା ବିଶ୍ୱନାଥପୁର ଗ୍ରାମର ବ୍ୟବସାୟୀ ଅଶୋକ କୁମାର ଅଗ୍ରୱାଲା ବୌଦ୍ଧରୁ ୪ ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ରଖିବା ପରେ ପରିବାର ସହିତ କାର ଯୋଗେ ମହାନଦୀ ବ୍ରିଜଛକ ଆଡକୁ ଯାଉଥିଲେ। ଗାଡିରେ ଟଙ୍କା ବ୍ୟାଗ ସହିତ ତାଙ୍କ ସ୍ତ୍ରୀ ଓ ପୁଅ ଝିଅ ମଧ୍ୟ ବସିଥିଲେ। ଏହି ସମୟରେ ତାଙ୍କୁ ଏକ କଳା ପଲସର ଗାଡିରେ ପିଛା କରୁଥିବା ଦୁଇଜଣ ଯୁବକ ଟଙ୍କା ବ୍ୟାଗ୍‌କୁ ଟାଣି ନେଇ ଫେରାର୍ ହୋଇଯାଇଥିଲେ। ଏନେଇ ଅଗ୍ରୱାଲାଙ୍କ ଅଭିଯୋଗକ୍ରମେ ବୌଦ୍ଧ ପୋଲିସ ମୋକଦ୍ଦମା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗର ସୂଚନାକୁ ଆଧାର କରି ଲୁଟେରାମାନେ ଫେରାର ହୋଇଥିବା ରାସ୍ତାର ସିସିଟିଭି ଫୁଟେଜ୍ ପୋଲିସ ପକ୍ଷରୁ ସଂଗ୍ରହ କରାଯାଇଥିଲା। ସେଥିରୁ ଲୁଟେରାମାନଙ୍କ ଫଟୋ ପୋଲିସର ହସ୍ତଗତ ହୋଇଥିଲେ ମଧ୍ୟ ସେମାନଙ୍କ ପରିଚୟ ମିଳିପାରି ନ ଥିଲା। ଲୁଟେରାମାନଙ୍କ ଫଟୋକୁ ବିଭିନ୍ନ ଥାନାକୁ ପ୍ରେରଣ କରାଯିବା ପରେ ଗଞ୍ଜମ ଜିଲା ଆସିକାରୁ ଲୁଟେରାଙ୍କ ଚିହ୍ନଟ କରାଯିବା ସମ୍ପର୍କରେ ସୂଚନା ମିଳିଥିଲା। ଏସ୍‌ପି ମିନାଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦନ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଆସିକାରେ ପହଞ୍ଚି ସେଠାକାର ପୋଲିସ ସହାୟତାରେ ଜଣେ ଲୁଟେରାକୁ ଧରିବାରେ ସଫଳ ହେବା ସହିତ ତା ନିକଟରୁ ୨ ଲକ୍ଷ ଟଙ୍କା ଜବତ କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ରହିଥିବା ଜଣାଯାଇଛି। ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି ବୌଦ୍ଧ ଆଣିବା ପରେ ପୋଲିସ ପୁଣିଥରେ ପଚରାଉଚୁରା କରିଥିଲା। ପୋଲିସ ପକ୍ଷରୁ ଏନେଇ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ ସମ୍ପୃକ୍ତ ଅଭିଯୁକ୍ତ ଗ୍ୟାଙ୍ଗ ପୂର୍ବରୁ ବୌଦ୍ଧ ସରସରାର ବିଦ୍ୟାଳୟ ପରିସରରୁ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ଡିକିରୁ ମଧ୍ୟ ଟଙ୍କା ଚୋରି କରିଥିଲେ। ଏସ୍‌ପି ଶ୍ରୀମିନାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ଆନନ୍ଦବର୍ଦ୍ଧନ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକଙ୍କ ନେତୃତ୍ୱରେ ଏହି ତଦନ୍ତ କରି ପୋଲିସ ଲୁଟେରା ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହେବା ସହିତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଶିକ୍ଷଣ ପରିପୂରଣ ତାଲିମ ଶିବିର

**ବରଗଡ଼ ଅଫିସ୍,୩୦।୯**

ବରଗଡ଼ ଜିଲା ବିଜେପୁର ବ୍ଲକରେ ଶିକ୍ଷଣ ପରିପୂରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପେଡ଼ାଗୋଜି କୋଅର୍ଡ଼ିନେଟର ପୁଷ୍ପାଞ୍ଜଳି ଦାଶ, ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶ କୁମାର ରାଉତରାୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କରୋନା ସମୟରେ ଶିକ୍ଷାର୍ଥୀଙ୍କ ଯେଉଁ ୨ବର୍ଷର ପାଠପଢ଼ା କ୍ଷତି ହୋଇଛି, ତାକୁ ପୂରଣ କରିବା ପାଇଁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଶିକ୍ଷକମାନଙ୍କୁ ତାଲିମପ୍ରାପ୍ତ କରିବା ଶିବିରର ଉଦ୍ଦେଶ୍ୟ ବୋଲି ଅଧିକାରୀବୃନ୍ଦ କହିଥିଲେ। ଶିବିରରେ ବିଜେପୁର, ଜାରିଂ, ପଡ଼ା କ୍ଲଷ୍ଟରର ୧୦୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ୨ଟି ପର୍ଯ୍ୟାୟରେ ତାଲିମ ନେଇଥିଲେ। ବ୍ଲକ ସଂଯୋଜକ ସୋମନାଥ ବୁଧିଆଙ୍କ ସଂଯୋଜନାରେ ଅଙ୍କିତ ପ୍ରଧାନ, ଉତ୍ତମ ସାହୁ, ଜ୍ୟୋତ୍ସ୍ନାମୟୀ ଶିକା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସିଆର୍‌ସିସି ସୁଧାଂଶୁ ଶେଖର ଜାଲ, ନବୀନ କୁମାର ସାହୁ, ରାଜେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ତାଳପଦର ହାଇସ୍କୁଲରେ ୮୪, ଲାଉମୁଣ୍ଡା ହାଇସ୍କୁଲ ୯୩, ଖରମୁଣ୍ଡା ବାପୁଜୀ ହାଇସ୍କୁଲରେ ୧୦୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ନେଇଥିଲେ।





ଭାରତ ଯେତେବେଳେ ବଡ଼ ସଂକଳ୍ପ ନେଇଥାଏ, ତାହାକୁ ସାକାର କରି ଦେଖାଇଥାଏ ।
ସ୍ୱାଧୀନତାର ଅମୃତକାଳରେ ଦେଶ ବିକଶିତ ଭାରତ ନିର୍ମାଣ ପାଇଁ ସଂକଳ୍ପ ନେଉଛି ।
— ନରେନ୍ଦ୍ର ମୋଦୀ —

ବିକଶିତ ଭାରତ
ପାଇଁ ବିରାଟ ସଂକଳ୍ପ

ଭାରତରେ ଆଜି ଡିଜିଟାଲ କନେକ୍ଟିଭିଟୀର ନୂଆ ଯୁଗ ଆରମ୍ଭ ହୋଇଛି
5ଜି ସେବାର ଶୁଭାରମ୍ଭ
5G
ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା
ଇଣ୍ଡିଆ ମୋବାଇଲ କଂଗ୍ରେସ, ପ୍ରଗତି ମୈଦାନ, ନୂଆଦିଲ୍ଲୀ
ସକାଳ ୧୦ଟାରୁ




ବିକଶିତ ଭାରତ ପାଇଁ ଆଧୁନିକ ଭିତ୍ତିଭୂମି
- ପିଏମ୍ ଗତିଶକ୍ତି ଅଧୀନରେ ଦେଶରେ ବହୁମୁଖୀ ଭିତ୍ତିଭୂମି ବିକାଶ
- ବିମାନ ବନ୍ଦର ସଂଖ୍ୟା ୭୪ରୁ ବୃଦ୍ଧି ପାଇ ୧୪୨ ହେଲା ଏବଂ ମେଟ୍ରୋ ସେବା ଥିବା ସହର ସଂଖ୍ୟା ୫ରୁ ୨୦ରେ ପହଞ୍ଚିଲା

ବିକଶିତ ଭାରତ ପାଇଁ ବ୍ୟାପକ ସଂସ୍କାର
- ଜିଏସ୍‌ଟି ଅନୁପାଳନ ବୋଝ ଏବଂ ଲୋକଙ୍କ ଉପରେ ଟିକସ ବୋଝ କମିଲା, ପାରଦର୍ଶିତା ଏବଂ ଟିକସ ସଂଗ୍ରହରେ ବୃଦ୍ଧି
- ଦେବାଳିଆ ଓ ଦେବାଳିଆପଣ ସଂହିତା ଜରିଆରେ ବ୍ୟାଙ୍କ ଏବଂ ବ୍ୟବସାୟ, ଉଭୟଙ୍କୁ ମିଳିଲା ଲାଭ

ବିକଶିତ ଭାରତ ପାଇଁ ଡିଜିଟାଲ ପ୍ରଗତି
- ଗାଁରେ ପ୍ରତିଷ୍ଠା ହେଲା **୫.୩୩ ଲକ୍ଷ** ଜନ ସେବା କେନ୍ଦ୍ର, **୧.୮୧ ଲକ୍ଷ** ଗାଁ ଅପ୍ଟିକାଲ ଫାଇବର ନେଟ୍‌ୱର୍କ ସହ ଯୋଡ଼ିହେଲା
- ଡିଜିଟାଲ ନେଣଦେଣରେ ଭାରତ ବିଶ୍ୱରେ ସବୁଠୁ ଅଗ୍ରଣୀ, ୟୁପିଆଇ ଜରିଆରେ ଏବେ ସୁଦ୍ଧା **୨୦୮ ଲକ୍ଷ କୋଟି ଟଙ୍କାର** କାରବାର

ବିକଶିତ ଭାରତ ପାଇଁ ନାଗରିକଙ୍କ ସଶକ୍ତୀକରଣ
- ସବୁ ଲୋକଙ୍କ ଆକାଂକ୍ଷା ପୂରଣ କରିବାର ସଂକଳ୍ପ, ୧୦୦% ଦେଶବାସୀଙ୍କୁ ଘର, ଶୌଚାଳୟ, ପାଣି, ବିଦ୍ୟୁତ୍ ସଂଯୋଗ ଭଳି ମୌଳିକ ସୁବିଧାର ଲାଭ ଉପରେ ଗୁରୁତ୍ୱ
- ଚାଷୀଙ୍କୁ ଜମିରୁ ବଜାର ପର୍ଯ୍ୟନ୍ତ ମିଳୁଛି ବିଭିନ୍ନ ଯୋଜନାର ଲାଭ
- କୌଶଳ ବିକାଶ ଜରିଆରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ

cbc 22201/13/0121/2223

## ସଂକ୍ଷେପରେ

### ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**କୋକସରା,୩୦।୯(ଡି.ଏନ.ଏ.):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟରେ କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ମାଧମିକ ଉଚ୍ଚ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ନେହେରୁ ଯୁବ କେନ୍ଦ୍ର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ ଓ ମୁଖ୍ୟବକ୍ତା ଅଧାପକ ଦେବେନ୍ଦ୍ର ମେହେର, ଜ୍ୟୋର୍ତିମୟୀ ପାଣିଗ୍ରାହୀ, ଲିପ୍ସା ଦାସ, ଅନିଲ ବାଗ, ଯୌତିମିତ୍ର ମେହେରଙ୍କ ସହିତ ନେହେରୁ ଯୁବ କେନ୍ଦ୍ର ଦୁଇ ସ୍ୱେଚ୍ଛାସେବୀ ଦୁର୍ମାନ୍ୟ ଶବର ଓ ଚରଣ ସିଂ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଖେଳ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ଫୋଟୋଗ୍ରାଫି ପ୍ରତିଯୋଗିତା କରାଯାଇଥିଲା। ଆଗକୁ ରକ୍ତଦାନ ଏବଂ ସ୍ୱଚ୍ଛତା ଅଭିଯାନରେ କିଭଳି ଛାତ୍ରୀଛାତ୍ରମାନେ ଯୋଡି ହେବେ ସେ ନେଇ ସଚେତନ କରାଯାଇଛି।

### ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ସ୍ୱାସ୍ଥ୍ୟ ଶିବିର

**ନୂଆପଡ଼ା ଅଫିସ,୩୦।୯:** ନୂଆପଡା ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହଯୋଗକ୍ରମେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ସମସ୍ତ ବିଚାରପତି, କର୍ମଚାରୀ, ଜିଲା ଓକିଲ ସଂଘ, ନୂଆପଡା ବାରର ସମସ୍ତ ଓକିଲ ତଥା କୋର୍ଟକୁ ଆସିଥିବା ବାଦି, ପ୍ରତିବାଦିମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟ ଡା. ବିଭୁତି ଭୁଷଣ ମହନ୍ତ, ଡା. ଜୟ ପ୍ରକାଶ ସାହୁ ପ୍ରମୁଖ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋର୍ଟ ପରିସରରେ ପ୍ରଥମ ଥର ପାଇଁ ଦୌରାଜଜ୍‌ଙ୍କ ଅଭିନବ ପ୍ରୟାସ, ଜିଲାପାଳ ଏଥିପାଇଁ ଅନୁମତି ପ୍ରଦାନ କରିଥିବା ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ସୋଭାରାଣୀ ମିଶ୍ରଙ୍କ ସହଯୋଗ ପାଇଁ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ, ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ବାଗ ଧନ୍ୟବାଦ ଦେଇଛନ୍ତି।

# ବନ୍ଧହୁଡ଼ା କାଟିଦେଲେ ଲୋକେ

## ପାଣି ବିନା ଜମି ଫାଟି ଆଁ, ଚାଷୀ ହତାଶ

**ଲାଞ୍ଜିଗଡ଼,୩୦।୯(ଡି.ଏନ.ଏ.)**



ପାଣି ଅଭାବରୁ ଜମି ଫାଟି ଆଁ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ଏରୋଡ୍ରମ ନିକଟରେ ଥିବା ଶହେ ଏକରରୁ ଅଧିକ ଜମିରେ ପାଣି ମାଡ଼ି ପାରୁନାହିଁ। ବନ୍ଧରୁ ପାଣି ନେଇ ଚାଷୀମାନେ ଜମିରେ ଜଳସେଚନ କରୁଥିଲେ। ଜମି ନିକଟରେ ଥିବା ଛୋଟ ବନ୍ଧ ଯୋଗୁ ଶହେ ଏକରରୁ ଅଧିକ ଜମିରେ ଧାନ ଫସଲ ହେଉଥିଲା। କିନ୍ତୁ ବିନା କାରଣରେ ହିଂସା ପରାୟଣ ହୋଇ କିଛି ଲୋକେ ବନ୍ଧହୁଡ଼ା କାଟିଦେବାରୁ ଚାଷ ଜମିରେ ପାଣି ମାଡ଼ିପାରୁନାହିଁ। ବନ୍ଧ ହୁଡ଼ାକୁ କିଛି ଲୋକେ କାଟିଦେବା ସହିତ ନଦୀରେ ସିନା ପାଣି ଛାଡ଼ିଦେଲେ ଚାଷ ଜମିରେ ଜଳସେଚନ କରାଇ ଦେଲେନାହିଁ। ଏପରି ପରିସ୍ଥିତି ଯୋଗୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ଗାଁର ୨୦ରୁ ଅଧିକ ଚାଷୀ ଏବେ ହତାଶ ହୋଇ ପଡ଼ିଛନ୍ତି। ଏହାକୁ ନେଇ ଚାଷୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଅପରପକ୍ଷରେ ଚଳିତ ଖରିଫ ଋତୁରେ ବିକ୍ଷିପ୍ତ ବର୍ଷା ଯୋଗୁ ଶତାଧିକ ଏକର ଜମିରେ ମାଟି ଫାଟି ଆଁ କରିଥିବାବେଳେ ଧାନ ଫସଲ ନଷ୍ଟ ହେବାକୁ ବସିଲାଣି। ଧାରକରଜ କରି ଗରିବ ଚାଷୀମାନେ ଧାନ ଚାଷ କରିଥିବାବେଳେ ପାଣି ଅଭାବରୁ ସେମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ବୋରିଂଝୋଲି ଗାଁର ଲୋକଙ୍କ ଭୁଲ ବୁଝାମଣାର ଯୋଗୁ ନିରୀହ ଚାଷୀମାନେ ଫଳ ଭୋଗୁଛନ୍ତି। ଏହାର ବିଚାର କରିବା ସହିତ ବିନା କାରଣରେ ବଂଶଧାରା ନଦୀକୁ ବହି ଯାଉଥିବା ପାଣିକୁ ଅଟକାଇ ଜଳସେଚନ କାର୍ଯ୍ୟରେ ଲଗାଇବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଛତ୍ରପୁର ଗାଁର ବନ ହରିଜନ, ଗଣ୍ୟାସୀ ହରିଜନ, ଭୈରବ ଲୋହରା, ଟିକାନା ଲୋହରା, ସିରିଂଜଲ ଲୋହରାଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି।

# ପାର୍ବଣ ପରିଚାଳନା ପାଇଁ ପ୍ରଶାସନିକ ବୈଠକ

**ଦେଓଗାଁ,୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଚଳିତବର୍ଷର ସାର୍ବଜନୀନ ଦୁର୍ଗାପୂଜା ତଥା ଜିଲାର ପ୍ରସିଦ୍ଧ ଜରାସିଂହା ପାଟଖଣ୍ଡା ଯାତ୍ରା ପରିଚାଳନା ପାଇଁ ଶୁକ୍ରବାର ସନ୍ଧ୍ୟାରେ ଦେଓଗାଁ ଥାନା ପରିସରରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଏସଆଇ ମନୋଜ କୁମାର ମୁଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଥାନାଧିକାରୀ ତାରାବତୀ ପ୍ରଧାନ, ଏଏସଆଇ ଜଗତଜୀବନ ସା ପ୍ରମୁଖ ଉପସ୍ଥିତ ରହି କେମିତି ଶାନ୍ତିଶୃଙ୍ଖଳାରେ ଯାତ୍ରା ସମାପନ ହୋଇପାରିବ ସେ ନେଇ ପୂଜା ପରିଚାଳନା କମିଟି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପାଟଖଣ୍ଡା ଯାତ୍ରାରେ କିପରି ଟ୍ରାଫିକ ସମସ୍ୟା ନ ଉପୁଜିବ ସେଉପରେ କମିଟି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ନିଶାଦ୍ରବ୍ୟ ବିକ୍ରୟ ଏବଂ ଜୁଆଖେଳ କିପରି ବନ୍ଦ ରହିବ ସେଦିଗରେ କମିଟି ସଜାଗ ହେବା ପାଇଁ ଥାନାଧିକାରୀ ପ୍ରଧାନ ଅନୁରୋଧ କରିଥିଲେ। ବୈଠକରେ ଦେଓଗାଁ, ହାତିସରା, ଜରାସିଂହା, ଉପରଝର, ସାଗରପାଲି, ମହଲାଇ ଆଦି ପଞ୍ଚାୟତ ର ପୂଜାକମିଟି ସଭାପତି, ସମ୍ପାଦକ ତଥା ସକ୍ରିୟ କର୍ମକର୍ତ୍ତା ଯୋଗ ଦେଇଥିଲେ

# ରକ୍ତତୀର୍ଥ ସାଲିହାଗଡ଼ଠାରେ କ୍ରାନ୍ତି ଦିବସ



ସାଲିହାଗଡ଼ ସ୍ମୃତିସ୍ତମ୍ଭରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

**ନୂଆପଡ଼ା ଅଫିସ,୩୦।୯**

ନୂଆପଡା ସଦର ମହକୁମାଠାରୁ ୭ କି.ମି. ଦୂର ରକ୍ତତୀର୍ଥ ସାଲିହାଗଡ ସ୍ମୃତିସ୍ତମ୍ଭଠାରେ ଶୁକ୍ରବାର ସାଲିହାଗଡ ଶହୀଦ ସ୍ମୃତି ପରିଷଦ ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଖାମସିଂ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା ମୁଖ୍ୟବକ୍ତା, ନୂଆପଡ଼ା ବିଡିଓ ସୁବେଦାର ପ୍ରଧାନ, ଜିଲା କ୍ରିକେଟ ସଂଘ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ(ଭୈରବ), ଅଶୋକ ଦେବାଙ୍ଗନ, ସାଲିହା ସରପଞ୍ଚ ଶାମୁଲାଲ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରିଟଶ ଶାସନ କାଳରେ ସରକାରଙ୍କ ଅହେତୁକ ଟିକସକୁ ବିରୋଧ କରିବାରୁ ଅଞ୍ଚଳର ଆଦିବାସୀ ମହିଳାପୁରୁଷମାନଙ୍କୁ ଆକ୍ରମଣ କରିବା ସହ ଲାଠି ଓ ଗୁଳି ଚାଳନାରେ ଅନେକ ନୀରିହ ଲୋକ ସେଠାରେ ବଳି ପଡିଥିଲେ। ଏହାକୁ ମନେ ପକାଇବା ପାଇଁ ସେପ୍ଟେମ୍ବର ୩୦କୁ କ୍ରାନ୍ତି ଦିବସ ରୂପେ ପାଳନ କରାଯାଇଛି।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଲୋଇସିଂହା,୩୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଭାଗୃହରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା ଅଧକ୍ଷତା କରିଥିଲେ। ଏଥିରେ ସିଡିପିଓ ଜ୍ୟୋତିମୟୀ ନାଏକ, ଆଦିତ୍ୟ କୁମାର ବନଛୋର,ଜିପିଓ ସୋଭାଗ୍ୟ ପଧାନ ଏବଂ ପଲ୍ଲୀ ଆଲୋକ ପାଠାଗାରର ସ୍ୱେଚ୍ଛାସେବୀ ଗୋବିନ୍ଦଚନ୍ଦ୍ର ବିଶି ଯୋଗ ଦେଇଥିଲେ। ଯୌନ ଅପରାଧ ଦମନ କରିବା ଏବଂ ଶିଶୁମାନଙ୍କ ଅଧିକାର ନେଇ ଲୋକଙ୍କୁ ସଚେତନ କରିବାକୁ ଉପସ୍ଥିତ ଅଙ୍ଗନବାଡି କର୍ମୀ,ଏସଏଚଜି ମହିଳାଙ୍କୁ ପରାମର୍ଶ ଇେଥିଲେ। ପ୍ରାରମ୍ଭରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକ ଶିଶୁମାନଙ୍କ ଅଧିକାର ଉପରେ ଶପଥ ପାଠ କରାଇଥିଲେ। ପିଣ୍ଟୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ହାଇସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା

**ସିନାପାଲି,୩୦।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ତରୀୟ ହାଇସ୍କୁଲ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ନିଲଜି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ହାଇସ୍କୁଲ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଆୟୋଜିତ ଉଦ୍‌ଘାଟନୀ ସଭାରେ ଗୋଷ୍ଠି ଶିକ୍ଷାଧିକାରୀ ଚୈତନ୍ୟ ହୋତା ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନିଲଜି ସରପଞ୍ଚ ଲକ୍ଷ୍ମଣ ପ୍ରଧାନ ଓ ମୁଖ୍ୟବକ୍ତା ସିନାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖର୍ସେଲ ସରପଞ୍ଚ ବିରେନ୍ଦ୍ର ଖମାରୀ ଏବଂ ଆୟୋଜକ କମିଟି ସମ୍ପାଦକ ନିଳମଣୀ ମେହେର ମଞ୍ଚାସୀନ ରହିଥିଲେ। ଛାତ୍ରୀଛାତ୍ରଙ୍କ ବିକାଶ ନିମନ୍ତେ ଶ୍ରେଣୀ ଶିକ୍ଷାଦାନ ସହ କ୍ରିଡ଼ା ମହତ୍ୱପୂର୍ଣ୍ଣ ଭୂମିକା ରହିଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ନିଲଜି ହାଇସ୍କୁଲ ସମେତ ବ୍ଲକର ଅନ୍ୟ ହାଇସ୍କୁଲ କ୍ରିଡ଼ାମାନେ ସହଯୋଗ କରିଥିଲେ।


## ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

### ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS)

No. n-52: ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଆସନ୍ତା ୦୪।୧୨।୨୦୨୨ରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଚଳିତ ଶିକ୍ଷାବର୍ଷରେ (୨୦୨୨-୨୦୨୩) ଅଷ୍ଟମ ଶ୍ରେଣୀରେ ପଢୁଥିବା ସମସ୍ତ ଉଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS) ନିମନ୍ତେ ଆବେଦନ କରିପାରିବେ।

ଏଥିପାଇଁ ଛାତ୍ରଛାତ୍ରୀମାନେ ତା୨୨।୧୦।୨୦୨୨ରିଖ ସୁଦ୍ଧା ଅନଲାଇନ (Online) ଆବେଦନ କରିପାରିବେ। ବିଜ୍ଞାପନ ଓ ସବିଶେଷ ବିବରଣୀ TE & SCERT ୱେବସାଇଟ୍ **www.ntse.scertodisha.nic.in**ରେ ଉପଲବ୍ଧ ହୋଇଅଛି।

ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
OIPR-27006/11/0004/2223


# ବୁଣାକାରଙ୍କୁ ପରିଚୟ ପତ୍ର, ଆର୍ଥିକ ସହାୟତା ପ୍ରଦାନ

## ଚନ୍ଦନଭାଟିରେ ବୁଣାକାର ସମ୍ମିଳନୀ

**ବଲାଙ୍ଗୀର ଅଫିସ,୩୦।୯**



ବିଧାୟକ ନରସିଂହ ମିଶ୍ର ବୁଣାକାରମାନଙ୍କୁ ଚେକ୍ ଓ ପରିଚୟ ପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ବ୍ଲକସ୍ଥିତ ଚନ୍ଦନଭାଟି କଲ୍ୟାଣ ମଣ୍ଡପଠାରେ ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଏକ ବୁଣାକାର ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର ବୁଣାକାରମାନଙ୍କୁ ପରିଚୟପତ୍ର ଏବଂ ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବୟନ ଶିଳ୍ପ ବିଭାଗ ଉପନିର୍ଦ୍ଦେଶକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଧାୟକ ମିଶ୍ର ୬ ଜଣ ବୁଣାକାରଙ୍କୁ ବୁଣାକାର ସହାୟତା ରାଶି ବାବଦ ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଚନ୍ଦନଭାଟି ଠାରେ ନୂଆ କରି ଗଠନ କରାଯାଇଥିବା ହରିଁ ବୁଣାକାର ସମବାୟ ସମିତିରେ ପଞ୍ଜୀକୃତ ୧୯୨ ଜଣ ସଭ୍ୟମାନଙ୍କୁ ମିଶ୍ର ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ସ୍ମାର୍ଟ ପରିଚୟ ପତ୍ର ମାଧ୍ୟମରେ ବୁଣାକାରମାନେ ବିଭିନ୍ନ ଯୋଜନା ସକାଶେ ଆବେଦନ କରିପାରିବେ ଓ ଯୋଜନାର ଲାଭ ଉଠାଇ ପାରିବେ ବୋଲି ବିଧାୟକ କହିଥିଲେ। ସମିତି ଗଠନ ପରେ ବୁଣାକାରମାନେ ଆଉ ଅନ୍ୟ ଅଞ୍ଚଳ ଉପରେ ନିର୍ଭର ନ କରି ନିଜ ଅଞ୍ଚଳରେ ଉନ୍ନତମାନର ଲୁଗା ତିଆରି କରି ନିଜ ପାଇଁ ନିଜେ ବଜାର ତିଆରି କରି ସ୍ୱାବଲମ୍ବୀ ହେବେ ବୋଲି କହିଥିଲେ। ବୁଣାକାର କଙ୍ଗାଲୁ ମେହେର, ହାଡୁ ମେହେର, ତୁଳସୀ ପ୍ରସାଦ ମେହେର, ଦୁର୍ବାଦଳ ମେହେର, ଶେଷଦେବ ମେହେର ଓ ପୁରନ୍ଦର ମେହେରଙ୍କୁ ୨୦ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ଟେକ୍ସଟାଇଲ ନିରୀକ୍ଷକ ଏସ. ସାହୁ, ଟେକ୍ନିକାଲ ଏସିଷ୍ଟ ଦିଲୀପ ଭୋଇ, ୱେଭିଂ ସୁପରଭାଜର ଜେବି ବିଶ୍ୱାଳ ଏବଂ ସୁଦର୍ଶନ ବିଶ୍ୱାଳ ଉପସ୍ଥିତ ଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ହରିଁ ବୁଣାକାର ସମବାୟ ସମିତି ସମ୍ପାଦକ ଦିଗାମ୍ବର ମେହେର ଏବଂ ନରେନ୍ଦ୍ର ମେହେର ପରିଚାଳନା କରିଥିଲେ। ଏହା ପୂର୍ବରୁ ବିଧାୟକ ମିଶ୍ର ନିଜ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ଚନ୍ଦନଭାଟି ହାଇସ୍କୁଲ ପରିଦର୍ଶନ କରି ସେଠାରେ ଥିବା ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ।


## ଜିଲ୍ଲା ପରିଷଦ, ପୁରୀ

ପତ୍ର ସଂଖ୍ୟା: 1263, ତା.23.09.2022

### ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ସର୍ବସାଧାରଣ ସୂଚନା

ଏତଦ୍ୱାରା ପୁରୀ ଜିଲ୍ଲାର ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ନିମ୍ନ କାର୍ଯ୍ୟସୂଚୀ ମତେ ୧୧ (ଏଗାର) ଗୋଟି ପଞ୍ଚାୟତସମିତି ପରିସରଠାରେ ଅନୁଷ୍ଠିତ ହେବ। ଏଥିରେ ବହୁଳ ପରିମାଣରେ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ନିବେଦନ।

| କ୍ର.ସଂଖ୍ୟା | ତାରିଖ ଓ ସମୟ | ବ୍ଲକର ନାମ | ସ୍ଥାନ |
|---|---|---|---|
| 1 | 11.10.2022/10.30 AM | ଡେଲାଙ୍ଗ,ଗୋପ,କଣାସ | ପଞ୍ଚାୟତ ସମିତି ପରିସର |
| 2 | 13.10.2022/10.30 AM | ଅସ୍ତରଙ୍ଗ,ପିପିଲି,ପୁରୀ ସଦର | |
| 3 | 15.10.2022/10.30 AM | ବ୍ରହ୍ମଗିରି,କାକଟପୁର,ସତ୍ୟବାଦୀ | |
| 4 | 18.10.2022/10.30 AM | କୃଷ୍ଣ ପ୍ରସାଦ, ନିମାପଡା | |

ଏହି ଜନଶୁଣାଣି ବୈଠକରେ ନିମ୍ନଲିଖିତ ବିଷୟମାନ ଆଲୋଚନା ହେବ।
ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଯୋଜନାର କାର୍ଯ୍ୟକାରିତା ତଥା ଫଳାଫଳ, ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷାର ଫଳାଫଳ, ଅନ୍ୟାନ୍ୟ ବିଭାଗ (Line Dept) ର କାର୍ଯ୍ୟକଳାପ, ଜନଶୁଣାଣି କମିଟି ଓ ସରକାରୀ କର୍ମକର୍ତ୍ତାମାନଙ୍କର ମନ୍ତବ୍ୟ ଓ ଏହି ମନ୍ତବ୍ୟ ଉପରେ ଆବଶ୍ୟକୀୟ ଉତ୍ତର/ମତାମତ ପ୍ରଦାନ।

ଆପଣଙ୍କ ବିଶ୍ୱସ୍ତ
ଶ୍ରୀଯୁକ୍ତ ସମର୍ଥ ବର୍ମା
ଜିଲ୍ଲାପାଳ, ପୁରୀ



GOVERNMENT OF ODISHA
OFFICE OF THE SUPERINTENDING ENGINEER
PANIKOILI (R&B)DIVISION, PANIKOILI

**INVITATION FOR BIDS (IFB)**

Email ID:- eepwd.pkl@rediffmail.com
**1st Corrigendum to e-Procurement**
Notice No. SE PKL (R&B) 16/2022-23
Letter No.4684, Dt.29.09.2022

**No.B-665:**The last date of availability of tender and receipt online extended to 5:00 P:M of dt.17.10.2022 and date of opening shifted to dt.18.10.2022 at 11:30 A:M due to unavoidable circumstances.
All other terms and conditions remain unchanged.

Sd./- Superintending Engineer
Panikoili (R&B) Division
OIPR-34067/11/0011/2223


# ଆଇନ ଅନୁସାରେ ତର୍ଜମା କରି ପଦକ୍ଷେପ ନିଆଯିବ

- ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳ
- କପିଲବାହାଲ ଗ୍ରାମରେ ଜନଶୁଣାଣି

**ବଲାଙ୍ଗୀର ଅଫିସ,୩୦।୯**

ଶୁକ୍ରବାର ପୂର୍ବାହ୍ନରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋଇସିଂହା ବ୍ଲକର ରେଙ୍ଗାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କପିଲବାହାଲ ଗ୍ରାମଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମହାପାତ୍ର, ବଲାଙ୍ଗୀର ଉପଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ ଯୋଗ ଦେଇଥିଲେ। ଏହାଛଡା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ତୋଫାନ ବାଗ, ଜୋନ ଅଫିସର ମନୋଜ ପାଣିଗ୍ରାହୀ, ସୁଶୀଲ କୁଅଁର, ଭଗବାନ ଦଣ୍ଡସେନା, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଅନ୍ୟାନ୍ୟ ଅଧିକାରୀ, ସରପଞ୍ଚ ଶୋଭାଗିନୀ ରାଉତଙ୍କ ସମେତ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ କପିଲବାହାଲ ଗ୍ରାମର ଚିହ୍ନଟ ହୋଇଥିବା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଗ୍ରାମବାସୀ ତଥା ଅନ୍ୟ ଗ୍ରାମବାସୀ ଯୋଗ ଦେଇଥିଲେ। ଜମି ଅଧିଗ୍ରହଣ, କ୍ଷତିପୂରଣ ରାଶି ପ୍ରଦାନ ଇତ୍ୟାଦି ସମ୍ପର୍କରେ ଅତିରିକ୍ତ ଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହାପାତ୍ର ଗ୍ରାମବାସୀଙ୍କୁ ସବିଶେଷ ବୁଝାଇଥିଲେ। ଜନଶୁଣାଣିରେ ଗ୍ରାମବାସୀ ସେମାନଙ୍କର ବ୍ୟକ୍ତିଗତ ତଥା ସାମୁହିକ ଆପତ୍ତି ଅଭିଯୋଗ ଦାଖଲ କରିଥିଲେ। ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗଗୁଡିକର ଶୁଣାଣି କରିବା ସହ ଆଇନ ଅନୁସାରେ ତର୍ଜମା କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଗ୍ରାମର ସର୍ବାଙ୍ଗୀନ ବିକାଶ ନିମନ୍ତେ ଗ୍ରାମବାସୀ ଉପସ୍ଥାପନ କରିଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଆଇନ ସମ୍ମତ ଦାବିଗୁଡିକ ସମ୍ପର୍କରେ ବିଚାର କରି ସମାଧାନ କରାଯିବ ଓ ଆଲୋଚାନା ଜରିଆରେ ସମସ୍ୟାଗୁଡିକର ସମାଧାନ ହୋଇପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସର୍ଭେ ଓ ଜନଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରି ଯଥାଶୀଘ୍ର ନିଜ ନିଜର ପ୍ରାପ୍ୟ ଗ୍ରହଣ କରିବାକୁ ଜିଲାପାଳ କହିଥିଲେ। ଶେଷରେ ସରପଞ୍ଚ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ଢେଙ୍କାନାଳ ଉପଖଣ୍ଡ
OFFICE OF THE DIVISIONAL FOREST OFFICER
DHENKANAL FOREST DIVISION
Tele Fax No-06762226717, e-mail ld-dfo.dhenkanal@odisha.gov.in

**SHORT TENDER CALL NOTICE**

**No.MM-193:**Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Firms/Supplier/Individual having valid GSTIN and PAN Registration No. for making meeting arrangements in different Villages in different scheme of Dhenkanal Forest Division . The arrangements include supply of Tent, Chairs, Mikes and Snacks etc. for 50 to 200 persons in the villages as mentioned in the tender paper during the year, 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs. 100/- (One Hundred) only in shape cash in person during office hours from 01.10.2022 to 06.10.2022. The Tender documents will be received though person/Post till 12Noon of 07.10.2022 and the date of opening of the tender is fixed to 07.10.2022 at 4.00PM in the Office.

Sd./- Divisional Forest Officer,
Dhenkanal Division
OIPR-08037/11/0015/2223



WORKS DEPARTMENT
OFFICE OF THE CHIEF CONSTRUCTION ENGINEER
EASTERN CIRCLE (R&B), BALASORE
e-mail: - seec_bls@rediffmail.com

**Government of Odisha "e" Procurement Notice**

No.B-660: Bid Identification No.CCEEC-13/2022-23
No.4756/Dt.22.09.2022

| | |
|---|---|
| Nature of work:- | Building & Road Works |
| Number of works: | 1 (One) No.Building & 2 (Two) Nos.Road Work |
| Amount put to Tender:- | Rs.166.24 Lakh to Rs. 822.18 Lakh |
| Class of Contractor:- | "B" Class / "A" Class / "Special" Class |
| Date & Time of availability:- of bid document in the portal | Dt.01. 10.2022 at 10:00 AM |
| Last Date / Time of receipt:- of bid in the portal | Dt.15.10.2022 up to 05:00 PM |
| Date of opening of bid:- | Dt.17.10.2022 at 11:00 AM |
| Name & address of the:- Office inviting bid | Chief Construction Engineer Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B), Balasore
OIPR-34026/11/0016/2223



GOVERNMENT OF ODISHA
OFFICE OF THE SUPERINTENDING ENGINEER
SONEPUR (R&B) DIVISION, SONEPUR

**E-Procurement Notice**

**BID IDENTIFICATION No: SE/R&B/SNPR/ 15 / 2022-23**
E-mail - eepwdsnpr@gmail.com, Phone -06654-221081
No.3938//Dt.22.9.22

**No.B-662:**1.The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single & Double Cover System in Online Mode for construction of Road & Building works detailed in the DTCN from the eligible Class of Contractors. 2. No. of work : **07 (Seven)**. 3. Tender Cost : **Rs.10,000/-** for Serial No.1, **Rs.6,000/- for Serial No.2 to 7**. 4. Class of Contractor : "B" Class Contractor for Serial No.1 to 5, "C" & "B" Class Contractor for Serial No.6 & 7. 5. Date and time Available in Website & receipt of Bids: From 10.00 A.M. of 01.10.2022 to 5.00 P.M. of 14.10.2022. 6. Date of Opening of Tender: 15.10.2022 at 11.30 A.M. 7. The Bidders have to participate in Online bidding only. Further details can be seen from the Website. 8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0006/2223



OFFICE OF THE ENGINEER-IN-CHIEF (CIVIL),
ODISHA, NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
File No-B-I-Tourism-Puri-07/2021 Lr. No.37448/ Bhubaneswar, dtd.30th Sept.2021
E-mail ID: cebuildings_orissa@yahoo.co.in, cebuildings@rediffmail.com,
Tel:(0674) 2391523

**Invitation for Bids 2nd Corrigendum**

Tender Reference No. OSD-C.E. (B) - 23/2022-23

**No.B-667:Name of the Work -** Development of Puri-Konark Beachfront Chandrabhaga Beach, Konark on Turnkey Basis in the state of Odisha. The following changes have been made in Bid Identification No. OSD-C.E. (B) - 23 / 2022-23. Bid documents can be seen / downloaded from the Govt. Website i.e. www.tendersorissa.gov.in, during the period dt. 17.10.2022 to 17.30 hours of dt.30.11.2022 instead of dt.28.09.2022 to 17.30 Hours of dt.11.11.2022 for ONLINE BIDDING respectively. 1.A pre-bid meeting shall be held on dt.09.11.2022 at 11:00 AM at the Conference Hall of Office of the E.I.C. (Buildings), Odisha, Nirman Soudh, Unit-V, Bhubaneswar instead of dt.18.10.2022. 2.Online bids shall be received till 17.30 Hours of dt.30.11.2022 instead of dt.11.11.2022. 3. Hardcopy shall be received on or before dt.07.12.2022 up to 17.30 Hours by this office instead of dt.18.11.2022. 4. The technical bids will be opened at 11.30 A.M. of dt.08.12.2022 instead of dt.19.11.2022. All other terms and conditions remain unchanged.

Sd./-OSD-Chief Engineer (Buildings),Odisha,Bhubaneswar
OIPR-34117/11/0057/2223

# ତୋରଣ, ରାବଣ ଦରବାର ଏଥର ଆକର୍ଷଣ




ରଥପୁର ଦୁର୍ଗାପୂଜା ପାଇଁ ନିର୍ମିତ ତୋରଣ ଓ ରାବଣ ଦରବାର ମଞ୍ଚ।

**ଅମରପାଲି,୩୦।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ରଥପୁରରେ ହେଉଥିବା ଦୁର୍ଗାପୂଜା ଚଳିତବର୍ଷ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ପୂଜା ପାଇଁ ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ୧ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭ ତାରିଖରେ ସମ୍ପୂର୍ଣ୍ଣ ହେବ। ଚଳିତବର୍ଷ ସୁଉଚ୍ଚ ମେଢ ସାଙ୍ଗକୁ ଆକର୍ଷଣୀୟ ତୋରଣ ଏବଂ ରଙ୍ଗବେରଙ୍ଗର ଚିକ ମିକ ଆଲୋକରେ ସମଗ୍ର ଅଞ୍ଚଳ ସୁସଜ୍ଜିତ କରାଯାଉଛି। ଏହାସହିତ ମୀନାବଜାର ,ପ୍ରତ୍ୟହ ଆଧାତ୍ମିକ ଓ ଆଧୁନିକ ସାଂସ୍କୃତିକ କାର୍ଯ୍ୟକ୍ରମ,ସନ୍ଧ୍ୟାରେ ରାବଣ ଦରବାର ଓ ମେଲୋଡି କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ସବୁ ବର୍ଗର ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସର୍ବୋପରି ପୂଜାକୁ ଧୂମଧାମରେ ପାଳନ ଓ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ପୂଜା କମିଟିର ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ଲାଗି ପଡିଛନ୍ତି। ଶନିବାର କଳସ ଯାତ୍ରା ହେବ। ଆସନ୍ତା ୨ତାରିଖ ରବିବାର ଦିନ ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା ,୩ ତାରିଖ ସୋମବାର ମହାଷ୍ଟମୀ ପୂଜା,୪ତାରିଖ ମହାନବମୀ ପୂଜା,୫ ତାରିଖ ବୁଧବାର ବିଜୟା ଦଶମୀ ପୂଜା ହେବାକୁ ସ୍ଥିର ହୋଇଛି।

### ରଥପୁର ଦୁର୍ଗାପୂଜା କମିଟି



ପୂଜାର ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ସ୍ୱାଧୀନ ଖଟୁଆଙ୍କୁ ମୁଖ୍ୟ ଉପଦେଷ୍ଟା, ରାଜୀବ ଖେତି ଙ୍କୁ କାର୍ଯ୍ୟକାରୀ ସଭାପତି,ମଳୟ କୁମାର ଅମାତଙ୍କୁ ସମ୍ପାଦକ ଓ ପ୍ରଫୁଲ୍ଲ ଗାଇଗରିଆ ଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ପ୍ରତ୍ୟହ ସକାଳୁ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ,ପୁଷ୍ପାଞ୍ଜଳି ଦିଆଯିବ। ସନ୍ଧ୍ୟା ବେଳେ ସନ୍ଧ୍ୟା ଆଳତି ସହିତ ସାଧାରଣ ଦର୍ଶନର ବ୍ୟବସ୍ଥା ରହିବ। ଶ୍ରଦ୍ଧାଳୁ ଯେପରି ଶାନ୍ତିଶୃଙ୍ଖଳାରେ ଦର୍ଶନ କରିବେ ସେନେଇ ପୋଲିସ ଓ କମିଟିର ସଦସ୍ୟ ସଜାଗ ରହିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶନିବାର ଦିନ ଭକ୍ତି ଆରଧନା ଗ୍ରୁପ ଦ୍ୱାରା ଭଜନ ସମାରୋହ ଏବଂ ରାବଣ ଦରବାରର ଶୁଭାରମ୍ଭ ହେବ।ଏଥିରେ ଦେବେନ୍ଦ୍ର କନ୍ଧେର ରାବଣ ଭୂମିକାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୟ କରିବେ। ୫ ତାରିଖ ବୁଧବାର ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ରାବଣ ଦରବାର ହେବ। ରବିବାର ଦିନ ଡଭଲା(ବିନିକା)ର ବନ୍ଦିତା ନାୟକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହେବ। ଏହାସହିତ ସନ୍ଧ୍ୟାରେ ଯୁଗିପାଲି ଓ ପଣ୍ଡକିଟାଲ ମଧ୍ୟରେ ସଂକୀର୍ତ୍ତନ ବୈଠକୀ ପରିବେଷଣ ହେବ। ସୋମବାର ଶାନ୍ତନୁ ସାହୁ ଓ ସାଥୀଙ୍କ ହରିଁ ମେଲୋଡି ଦ୍ୱାରା ସମ୍ବଲପୁରୀ ଆର୍କେଷ୍ଟ୍ରା, ମଙ୍ଗଳବାର ରୁକୁ ସୁନା ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ମେଲୋଡି, ୫ତାରିଖ ବୁଧୁବାର କୃଷ୍ଣଗୁରୁ ଓ ରାବଣପୋଡି କାର୍ଯ୍ୟକ୍ରମ ହେବ। ୬ ତାରିଖ ଗୁରୁବାର ବୀରମହାରାଜପୁର ସୁର ମେଲୋଡି ଦ୍ୱାରା ଅର୍କେଷ୍ଟ୍ରା ହେବ। ୭ତାରିଖରେ ଭସାଣି ହେବ। ଏଥିରେ ଦୁଲଦୁଲି ,ଡିଜେ ସହିତ ପାରମ୍ପରିକ ନୃତ୍ୟ ଦଳ ସାମିଲ ହେବେ।

### ସେମାନେ କୁହନ୍ତି...



“ଏଠାକାର ପୂଜା ଖୁବ କମ୍ ଦିନରେ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଛି। ଏଥର କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ଓ ସଫଳ କରିବା ପାଇଁ ସମସ୍ତ ସଦସ୍ୟ, କର୍ମକର୍ତ୍ତା ଓ ଗ୍ରାମବାସୀ ଖୁବ ପରିଶ୍ରମ କରୁଛନ୍ତି।

**ସ୍ୱାଧୀନ ଖଟୁଆ, ମୁଖ୍ୟ ଉପଦେଷ୍ଟା,ପୂଜା କମିଟି**



“ଚଳିତବର୍ଷ ଉଭୟ ଦିନ ବେଳା ଓ ସନ୍ଧ୍ୟାରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପାରାୟଣ, ଭଜନ କାର୍ଯ୍ୟକ୍ରମ,ମୁକ୍ତାକାଶ ରଙ୍ଗମଞ୍ଚରେ ରାବଣ ଦରବାର ଓ ରାବଣ ପୋଡି, ମେଲୋଡି, କୃଷ୍ଣଗୁରୁ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

**ରାଜୀବ ଖେତି, କାର୍ଯ୍ୟକାରୀ ସଭାପତି,ପୂଜା କମିଟି**



“ଚଳିତବର୍ଷ ପୂଜା ଦ୍ୱିତୀୟ ବର୍ଷରେ ପହଞ୍ଚିଛି।ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ପ୍ରକାର କାର୍ଯ୍ୟକ୍ରମ କରାଯାଉଛି।ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କାର ବଜେଟ କରାଯାଇଛି।

**ପ୍ରଫୁଲ୍ଲ ଗାଇଗରିଆ,କୋଷାଧ୍ୟକ୍ଷ,ପୂଜା କମିଟି**



“ସନ୍ଧ୍ୟା ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା କରାଯାଉଛି। ଏଣୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ପୂଜା କମିଟିର ସଦସ୍ୟ ସଜାଗ ରହିବେ ।

**ମଳୟ କୁମାର ଅମାତ,ସମ୍ପାଦକ,ପୂଜାକମିଟି**

# ୫୯ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତଦାତା ରକ୍ତଦାନ କରୁଛନ୍ତି ।

**ବିନିକା,୩୦।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ମୁକ୍ତିତୀର୍ଥ ପାପକ୍ଷୟ ଘାଟରେ ରହିଲା ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ନାରାୟଣ ହୋତାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଓ ହୋତା ପରିବାର ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରକୁ ପୁରୀର ବଂଶୀଧର ରାମଜୀ ମହାରାଜ ଉଦଘାଟନ କରିଥିଲେ । ଏଥିରେ ମୋଟ ୫୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ରକ୍ତ ସଂଗ୍ରହ କାର୍ଯ୍ୟରେ ବୁର୍ଲା ଭୀମସାର ରକ୍ତଭଣ୍ଡାରର ଡା .ଶୁଭ ଶଙ୍କିତ ପରିଡା,ଦେବାଶିଷ ମିଶ୍ର, ମଣ୍ଟୁ ପଧାନ, ପାଇନୁ ଭୋଇ ଯୋଗ ଦେଇଥିଲେ। ଭରସା ପରିବାର ବୁର୍ଲାର ପ୍ରତିଷ୍ଠାତା ନିହାଲ ସିଂ, ବିନାୟକ ବାରିକ, ସଦସ୍ୟ ଲକ୍ଷଣ ପାତ୍ର, ସଦାନନ୍ଦ ପଧାନ, ମୁକେଶ ବଗର୍ତ୍ତି, ଶମ୍ଭୁ ପ୍ରସାଦ ଖମାରି, ଜୟକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହାଛଡା ଶ୍ରାଦ୍ଧ ଦିବସ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ମହା ଜଳଶାୟୀ ଆଦି କାର୍ଯ୍ୟକ୍ରମ କରାଯାଇଥିଲା।


**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**

**ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS)**

No. n-52: ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଆସନ୍ତା ୦୪।୧୨।୨୦୨୨ରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଚଳିତ ଶିକ୍ଷାବର୍ଷରେ (୨୦୨୨-୨୦୨୩) ଅଷ୍ଟମ ଶ୍ରେଣୀରେ ପଢୁଥିବା ସମସ୍ତ ଉଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS) ନିମନ୍ତେ ଆବେଦନ କରିପାରିବେ।

ଏଥିପାଇଁ ଛାତ୍ରଛାତ୍ରୀମାନେ ତା୨୨।୧୦।୨୦୨୨ରିଖ ସୁଦ୍ଧା ଅନଲାଇନ (Online) ଆବେଦନ କରିପାରିବେ। ବିଜ୍ଞାପନ ଓ ସବିଶେଷ ବିବରଣୀ TE & SCERT ୱେବସାଇଟ୍ **www.ntse.scertodisha.nic.in**ରେ ଉପଲବ୍ଧ ହୋଇଅଛି।

ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା
ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
OIPR-27006/11/0004/2223


# ବିକାଶରେ ସଫଳ ଅସ୍ତ୍ରୋପଚାର

**ବରଗଡ଼ ଅଫିସ୍, ୩୦।୯**




ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର କର୍ମକର୍ତ୍ତା, ଡାକ୍ତର ଏବଂ ରୋଗୀଙ୍କ ସମ୍ପର୍କୀୟ ।

ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ବାଙ୍ଗଲାଦେଶର ଜଣେ ରୋଗୀଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର ହୋଇଛି। ଏହି କ୍ରମରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା କହିଛନ୍ତି, ବିକାଶ ହସ୍ପିଟାଲ ମାଧ୍ୟମରେ ବରଗଡ଼କୁ ଦେଶର ମେଡ଼ିକାଲ ଟୁରିଜିମ ମ୍ୟାପ୍‌ରେ ରଖିବାର ପ୍ରୟାସ ଆରମ୍ଭ ହୋଇଛି। ସେ କହିଥିଲେ, ବାଙ୍ଗଲାଦେଶର ଚଟ୍ଟୋ ଗ୍ରାମର ଜନୈକା ୫୦ବର୍ଷ ବୟସ୍କା ମହିଳା କିଛିବର୍ଷ ହେବ ଆଣ୍ଠୁ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କଠାରୁ ସୂଚନା ପାଇ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ସ୍ୱଳ୍ପ ଖର୍ଚ୍ଚରେ ଗୁରୁତର ରୋଗର ସଫଳ ଚିକିତ୍ସା ହେଉଥିବା ଜାଣିବାକୁ ପାଇଥିଲେ ଏବଂ ଉକ୍ତ ହସ୍ପିଟାଲର ହାଡ଼ ଓ ଗଣ୍ଠିରୋଗ ବିଶେଷଜ୍ଞ ଡା. ଚନ୍ଦ୍ରକାନ୍ତ ନାୟକଙ୍କ ପରାମର୍ଶ ନେଇଥିଲେ। ବିଭିନ୍ନ କର୍ପୋରେଟ୍ ହସ୍ପିଟାଲ ଅପେକ୍ଷା ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଚିକିତ୍ସାର ଉଚ୍ଚମାନ ଏବଂ କମ୍ ଖର୍ଚ୍ଚ ହେଉଥିବା ଜାଣିବା ପରେ ଏଠାରେ ସେ ଚିକିତ୍ସା ହେବାକୁ ନିଷ୍ପତ୍ତି ନେଇ ଭର୍ତ୍ତି ହୋଇଥିଲେ।

ଗତ ୨୬ତାରିଖରେ ସେ ବିକାଶ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ୨୮ତାରିଖରେ ଡା. ଚନ୍ଦ୍ରକାନ୍ତ ନାୟକ ସମ୍ପୃକ୍ତ ରୋଗୀଙ୍କ ସଫଳ ଆଣ୍ଠୁ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର କରିଥିଲେ। ଡାକ୍ତରଙ୍କ କହିବା ଅନୁଯାୟୀ, ରୋଗୀ ଭଲ ଅଛନ୍ତି ଏବଂ ଆଶାବାଡ଼ି ଦ୍ୱାରା ଚାଲିପାରୁଛନ୍ତି। ୪ ସପ୍ତାହ ପର୍ଯ୍ୟନ୍ତ ନିଜ ଘରେ ସେ ଉପଯୁକ୍ତ ବ୍ୟାୟାମ କରିବେ ଏବଂ ଏହାପରେ ସେ ସାଧାରଣ ଜୀବନଯାପନ କରିପାରିବେ ବୋଲି ଡାକ୍ତର ଆଶାବାଦୀ ଅଛନ୍ତି। ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଏପର୍ଯ୍ୟନ୍ତ ୧୫୦ରୁ ଉର୍ଦ୍ଧ୍ୱ ଆଣ୍ଠୁ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ହୋଇସାରିଥିବା ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ଉକ୍ତ ଡାକ୍ତରଖାନାରେ ହିତାଧିକାରୀମାନେ ଉପକୃତ ହେଉଛନ୍ତି ଏବଂ ବିଭିନ୍ନ ଗୁରୁତର ରୋଗୀଙ୍କ ସଫଳ ଚିକିତ୍ସା ହେଉଥିବା ବିକାଶ ହସ୍ପିଟାଲର ମୁଖ୍ୟ ପ୍ରଶାସନିକ ଅଧିକାରୀ (ସିଏଓ) ଡା. ରବି କୁମାର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ରୋଗୀଙ୍କ ସମ୍ପର୍କୀୟ ଲିଜା ଅଖତର୍, ଅବଦୁଲ ହୋସୈନ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଚାରାରୋପଣ ପାଇଁ ମୃତ୍ତିକା, ଜଳ ସଂଗ୍ରହ

**ବାଉଁଶୁଣୀ, ୩୦।୯(ଡି.ଏନ.ଏ.)**



ମୃର୍ତ୍ତିକା ଓ ଜଳ ସଂଗ୍ରହ କରାଯାଉଛି।

ଆଜାଦି କା ଅମୃତ ମହୋତ୍ସବ ଏବଂ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଶୁକ୍ରବାର ସକାଳ ୮ଟାରେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ଐତିହାସିକ ତଥା ଆଧାତ୍ମିକ ସ୍ଥାନ ଗନ୍ଧରାଡି (ଚାରିଶମ୍ଭୁ) ପିଠରୁ ମୃର୍ତ୍ତିକା ଓ ହନୁମାନ ପୋଖରୀରୁ ଜଳ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପଜିଲାପାଳ ସନତ କୁମାର ନାଏକ, ବିଡ଼ିଓ ଅବିନାଶ ପାଣ୍ଡିଆ,ଉପାଧକ୍ଷା ବୌଦ୍ଧ ବ୍ଲକ ପ୍ରାଣେଶ୍ୱରୀ ଦେହୁରୀ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା, ତେଲିବନ୍ଧ ସମିତି ସଭ୍ୟ ସୁନୀଲ ସେଠୀ, ପୂର୍ବତନ ଭାଇସ ଚେୟାରମ୍ୟାନ ମନୋରଞ୍ଜନ ପୁରୋହିତ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାବୃନ୍ଦ, କଳାକାରବୃନ୍ଦ, ପୂଜକ ସୁଶୀଲ କୁମାର ପାଣିଗ୍ରାହୀ, ଯୋଗାଣ ସହାୟକ ଚିତ୍ତରଞ୍ଜନ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀପ୍ରସାଦ ପଙ୍କଜିନୀ ତାଣ୍ଡି, ଅଙ୍ଗନୱାଡି କର୍ମୀ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ସିଆରପି ସଭ୍ୟାବୃନ୍ଦ, ଜନସାଧାରଣ ଶୋଭାଯାତ୍ରାରେ ଯୋଗଦେଇ ଏହି ପବିତ୍ର ପୀଠକୁ ପରିକ୍ରମା କରିଥିଲେ। ଶ୍ରୀଗୁଣ୍ଡିଚା କୀର୍ତ୍ତନ୍ୟ ମଣ୍ଡଳୀ, ଜଗତି, କୃଷ୍ଣଗୁରୁ କୀର୍ତ୍ତନ୍ୟ ମଣ୍ଡଳୀ ଓ ନମଗୁରୁଦଳ ଲକ୍ଷ୍ମୀପ୍ରଶାଦ ବାଦ୍ୟ, ଘଣ୍ଟ ବଜାଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଡ଼ିଓ ବୌଦ୍ଧ ବ୍ଲକ ଅବିନାଶ ପାଣ୍ଡିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କୁ ଏହି ପବିତ୍ର ପୀଠର ମାଟି ଓ ପାଣି ହସ୍ତାନ୍ତର କରିଥିଲେ। ଏହି ଅବସରରେ ଗନ୍ଧରାଡି ମନ୍ଦିର ପରିସରରେ ଏକ ସଭା ସରପଞ୍ଚ ଭାରତୀ ପୁରୋହିତ ଅଧକ୍ଷତାରେ ଆୟୋଜନ କରାଯାଇଥିଲା । ସଭାରେ ମଞ୍ଚାସୀନ ସମସ୍ତ ଅତିଥି ବୃନ୍ଦ ଏହି କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ବୌଦ୍ଧଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ବୌଦ୍ଧର କର୍ମଚାରୀ ମଣ୍ଟୁ ପାଣ୍ଡେ, ଯୁଧିଷ୍ଠିର ପ୍ରଧାନୀ, ଅକ୍ଷୟ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଡିଆଇପିଆରଓ ସୁଶ୍ରୀ ସିଂହ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


**ଜିଲ୍ଲା ପରିଷଦ, ପୁରୀ**

ପତ୍ର ସଂଖ୍ୟା: 1263, ତା.23.09.2022

**ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ସର୍ବସାଧାରଣ ସୂଚନା**

ଏତଦ୍ୱାରା ପୁରୀ ଜିଲ୍ଲାର ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ନିମ୍ନ କାର୍ଯ୍ୟସୂଚୀ ମତେ ୧୧ (ଏଗାର) ଗୋଟି ପଞ୍ଚାୟତସମିତି ପରିସରଠାରେ ଅନୁଷ୍ଠିତ ହେବ । ଏଥିରେ ବହୁଳ ପରିମାଣରେ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ନିବେଦନ ।

| କ୍ର.ସଂଖ୍ୟା | ତାରିଖ ଓ ସମୟ | ବ୍ଲକର ନାମ | ସ୍ଥାନ |
|---|---|---|---|
| 1 | 11.10.2022/10.30 AM | ଡେଲାଙ୍ଗ,ଗୋପ,କଣାସ | ପଞ୍ଚାୟତ ସମିତି ପରିସର |
| 2 | 13.10.2022/10.30 AM | ଅସ୍ତରଙ୍ଗ,ପିପିଲି,ପୁରୀ ସଦର | |
| 3 | 15.10.2022/10.30 AM | ବ୍ରହ୍ମଗିରି,କାକଟପୁର,ସତ୍ୟବାଦୀ | |
| 4 | 18.10.2022/10.30 AM | କୃଷ୍ଣ ପ୍ରସାଦ, ନିମାପଡା | |

ଏହି ଜନଶୁଣାଣି ବୈଠକରେ ନିମ୍ନଲିଖିତ ବିଷୟମାନ ଆଲୋଚନା ହେବ । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଯୋଜନାର କାର୍ଯ୍ୟକାରିତା ତଥା ଫଳାଫଳ, ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷାର ଫଳାଫଳ, ଅନ୍ୟାନ୍ୟ ବିଭାଗ (Line Dept) ର କାର୍ଯ୍ୟକଳାପ, ଜନଶୁଣାଣି କମିଟି ଓ ସରକାରୀ କର୍ମକର୍ତ୍ତାମାନଙ୍କର ମନ୍ତବ୍ୟ ଓ ଏହି ମନ୍ତବ୍ୟ ଉପରେ ଆବଶ୍ୟକୀୟ ଉତ୍ତର/ମତାମତ ପ୍ରଦାନ ।

ଆପଣଙ୍କ ବିଶ୍ୱସ୍ତ
ଶ୍ରୀଯୁକ୍ତ ସମର୍ଥ ବର୍ମା
ଜିଲ୍ଲାପାଳ, ପୁରୀ



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PANIKOILI (R&B)DIVISION, PANIKOILI**
**INVITATION FOR BIDS (IFB)**
Email ID:- eepwd.pkl@rediffmail.com
**1st Corrigendum to e-Procurement**
Notice No. SE PKL (R&B) 16/2022-23
Letter No.4684, Dt.29.09.2022

**No.B-665:**The last date of availability of tender and receipt online extended to 5:00 P:M of dt.17.10.2022 and date of opening shifted to dt.18.10.2022 at 11:30 A:M due to unavoidable circumstances.
All other terms and conditions remain unchanged.

Sd./- Superintending Engineer
Panikoili (R&B) Division
OIPR-34067/11/0011/2223



**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ଢେଙ୍କାନାଳ ଉପଖଣ୍ଡ**
**OFFICE OF THE DIVISIONAL FOREST OFFICER**
**DHENKANAL FOREST DIVISION**
Tele Fax No-06762226717, e-mail ld-dfo.dhenkanal@odisha.gov.in
**SHORT TENDER CALL NOTICE**

**No.MM-193:**Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Firms/Supplier/Individual having valid GSTIN and PAN Registration No. for making meeting arrangements in different Villages in different scheme of Dhenkanal Forest Division . The arrangements include supply of Tent, Chairs, Mikes and Snacks etc. for 50 to 200 persons in the villages as mentioned in the tender paper during the year, 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs. 100/- (One Hundred) only in shape cash in person during office hours from 01.10.2022 to 06.10.2022. The Tender documents will be received though person/Post till 12Noon of 07.10.2022 and the date of opening of the tender is fixed to 07.10.2022 at 4.00PM in the Office.

Sd./- Divisional Forest Officer,
Dhenkanal Division
OIPR-08037/11/0015/2223



**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER**
**EASTERN CIRCLE (R&B), BALASORE**
e-mail: - seec_bls@rediffmail.com
**Government of Odisha "e" Procurement Notice**
**No.B-660:** Bid Identification No.CCEEC-13/2022-23
No.4756/Dt.22.09.2022

| | |
|---|---|
| Nature of work:- | Building & Road Works |
| Number of works: | 1 (One) No.Building & 2 (Two) Nos.Road Work |
| Amount put to Tender:- | Rs.166.24 Lakh to Rs. 822.18 Lakh |
| Class of Contractor:- | "B" Class / "A" Class / "Special" Class |
| Date & Time of availability:- of bid document in the portal | Dt.01. 10.2022 at 10:00 AM |
| Last Date / Time of receipt:- of bid in the portal | Dt.15.10.2022 up to 05:00 PM |
| Date of opening of bid:- | Dt.17.10.2022 at 11:00 AM |
| Name & address of the:- Office inviting bid | Chief Construction Engineer Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B), Balasore
OIPR-34026/11/0016/2223



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SONEPUR (R&B) DIVISION, SONEPUR**
**E-Procurement Notice**
**BID IDENTIFICATION No: SE/R&B/SNPR/ 15 / 2022-23**
E-mail - eepwdsnpr@gmail.com, Phone -06654-221081
No.3938//Dt.22.9.22

**No.B-662:**1.The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single & Double Cover System in Online Mode for construction of Road & Building works detailed in the DTCN from the eligible Class of Contractors. 2. No. of work : **07 (Seven)**. 3. Tender Cost : **Rs.10,000/-** for Serial No.1, **Rs.6,000/- for Serial No.2 to 7**. 4. Class of Contractor : "B" Class Contractor for Serial No.1 to 5, "C" & "B" Class Contractor for Serial No.6 & 7. 5. Date and time Available in Website & receipt of Bids: From 10.00 A.M. of 01.10.2022 to 5.00 P.M. of 14.10.2022. 6. Date of Opening of Tender: 15.10.2022 at 11.30 A.M. 7. The Bidders have to participate in Online bidding only. Further details can be seen from the Website. 8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0006/2223



**OFFICE OF THE ENGINEER-IN-CHIEF (CIVIL),**
**ODISHA, NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
File No-B-I-Tourism-Puri-07/2021 Lr. No.37448/ Bhubaneswar, dtd.30th Sept.2021
E-mail ID: cebuildings_orissa@yahoo.co.in, cebuildings@rediffmail.com,
Tel:(0674) 2391523

**Invitation for Bids 2nd Corrigendum**

Tender Reference No. OSD-C.E. (B) - 23/2022-23

**No.B-667:Name of the Work -** Development of Puri-Konark Beachfront Chandrabhaga Beach, Konark on Turnkey Basis in the state of Odisha. The following changes have been made in Bid Identification No. OSD-C.E. (B) - 23 / 2022-23. Bid documents can be seen / downloaded from the Govt. Website i.e. www.tendersorissa.gov.in, during the period dt. 17.10.2022 to 17.30 hours of dt.30.11.2022 instead of dt.28.09.2022 to 17.30 Hours of dt.11.11.2022 for ONLINE BIDDING respectively. 1.A pre-bid meeting shall be held on dt.09.11.2022 at 11:00 AM at the Conference Hall of Office of the E.I.C. (Buildings), Odisha, Nirman Soudh, Unit-V, Bhubaneswar instead of dt.18.10.2022. 2.Online bids shall be received till 17.30 Hours of dt.30.11.2022 instead of dt.11.11.2022. 3. Hardcopy shall be received on or before dt.07.12.2022 up to 17.30 Hours by this office instead of dt.18.11.2022. 4. The technical bids will be opened at 11.30 A.M. of dt.08.12.2022 instead of dt.19.11.2022. All other terms and conditions remain unchanged.

Sd./-OSD-Chief Engineer (Buildings),Odisha,Bhubaneswar
OIPR-34117/11/0057/2223

